

‘ରାଧେ ଶ୍ୟାମ’ ଯୋଡ଼ିଙ୍କ ମଧ୍ୟରେ ଫାଟ
ପୃଷ୍ଠା ୨

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR

VOLUME- 19 ◆ ISSUE- 90 ◆ BHUBANESWAR ◆ THURSDAY ◆ 23 SEPTEMBER 2021 ◆ PAGE- 16 ◆ ₹ 5.00

◆ବର୍ଷ-୧୯ ◆ସଂଖ୍ୟା- ୯୦ ◆ଭୁବନେଶ୍ୱର ◆ଗୁରୁବାର ◆୨୩ ସେପ୍ଟେମ୍ବର ୨୦୨୧ ◆ପୃଷ୍ଠା- ୧୬ ◆ଟ.୫.୦୦

## ମା’ ଓ ଦୁଇ ଝିଅଙ୍କୁ ହତ୍ୟା
### ଘର ଭିତରୁ ମୃତଦେହ ଉଦ୍ଧାର

■ **ବ୍ରଜରାଜନଗର, ୨୨।୯ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗଙ୍ଗାନଗର ଫାଟକପଡ଼ାରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି । ଏକ ଘର ଭିତରୁ ମା’ ଓ ୨ ଝିଅଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ । ମୃତକ ୩ ଜଣ ହେଲେ ୨୮ ବର୍ଷୀୟା ସୋନି ପୋଦାର, ଝିଅ ମୁସ୍କାନ (୫) ଓ ରାଧିକା (୩) । ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ । ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ପୋଦାର ଫେରାର ଥିବାରୁ ପରିବାରର ୩ ଜଣଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ଦୃଢୀଭୂତ ହୋଇଛି । ମୃତ ମହିଳାଙ୍କ ମାଆଙ୍କ ଏତଲା କ୍ରମେ

- ସ୍ୱାମୀ ଫେରାର୍
- ହତ୍ୟା ଅଭିଯୋଗ ଆଣିଲେ ମୃତ ମହିଳାଙ୍କ ମାଆ

ପୁଲିସ ଥାନା କେସ୍ ନମ୍ବର ୨୬୯/୨୧, ଭାରତୀୟ ପିଙ୍ଗଳ କୋଡ୍ ଧାରା ୩୦୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ନାରାୟଣ ଓ ସୋନି ନିଜ ୨ ଝିଅଙ୍କ ସହ ଗଙ୍ଗାନଗର ଫାଟକପଡ଼ାରେ ରହୁଥିଲେ । ନାରାୟଣ ଦିନମଜୁରିଆ ଭାବେ କାମ କରୁଥିବା ବେଳେ ସୋନି ଘରେ ରହି ଦୁଇ ସନ୍ତାନଙ୍କ ଯତ୍ନ ନେଉଥିଲେ । ଗତ ରାତି ୯ଟାରେ ଏହି ପରିବାରର ସମସ୍ତ ସଦସ୍ୟ ଖାଇପିଇ ଶୋଇଥିଲେ । ଆଜି ସକାଳେ ଆଜି କ୍ଷୀରବାଲା ଆସି କ୍ଷୀର ନେବାକୁ ଡାକ ପକାଇଥିଲା କିନ୍ତୁ ଘର ଭିତରୁ ▶ପୃଷ୍ଠା-୧୦

## ଦିନକରେ ୫୦୦ ଧନୀ ହରାଇଲେ ୧୩୫ ବିଲିୟନ୍ ଡଲାର

■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** ଚାଇନାର ଦ୍ୱିତୀୟ ବୃହତ୍ ରିଏଲ୍ ଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଦେବାଳିଆ ପରିସ୍ଥିତିକୁ ଆସିଯାଇଥିବାରୁ ସମଗ୍ର ବିଶ୍ୱ ଉପରେ ଏବେ ଆଉ ଏକ ଆର୍ଥିକ ମାନ୍ଦାବସ୍ଥା ମାଡ଼ିଆସିଛି । କମ୍ପାନୀ ଉପରେ ଏବେ ପ୍ରାୟ ୩୦୦ ବିଲିୟନ ଡଲାରର ଋଣ ବୋଝ । ଏଭରଗ୍ରାଣ୍ଡ ଏହି ଋଣ ପରିଶୋଧ କରିବା ସ୍ଥିତିରେ ନାହିଁ । ଏଭରଗ୍ରାଣ୍ଡ ସଙ୍କଟର ପ୍ରଭାବ ବିଶ୍ୱର ପୁଞ୍ଜି ବଜାରଗୁଡିକ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି । ଆର୍ଥିକ ବିଶେଷଜ୍ଞମାନଙ୍କ ଆଶଙ୍କା ଯେ, ଏଭରଗ୍ରାଣ୍ଡ ସଙ୍କଟ ୨୦୦୮ରେ ବିଶ୍ୱରେ ଆମେରିକାର ଲେହମାନ ବ୍ରଦର୍ସ ଯୋଗୁ ସୃଷ୍ଟି ହୋଇଥିବା ମାନ୍ଦାବସ୍ଥା ପରିସ୍ଥିତି ସୃଷ୍ଟି କରିପାରେ । ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏଭରଗ୍ରାଣ୍ଡ ସଙ୍କଟ ଯୋଗୁ ସୋମବାର ଦିନ ସାରା ବିଶ୍ୱରେ ଷ୍ଟକ୍ ବଜାର କାରବାରରେ ହ୍ରାସ ଘଟିଛି । ଏମିତିକି ମାତ୍ର ଦିନକର କାରବାରରେ ୫୦୦ ଧନୀ ହରାଇଛନ୍ତି ୧୫୦ କୋଟି ଡଲାର ମୂଲ୍ୟର ସମ୍ପତ୍ତି । ଏହି ଧନୀମାନେ ହରାଇଥିବା ସମ୍ପତ୍ତି ପରିମାଣ ଏସିଆର ସବୁଠୁ ଧନୀ ଭାରତର କୁବେରପତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ । ଏହାର ପରିମାଣ ପ୍ରାୟ ୧୩୫ ବିଲିୟନ୍ ଡଲାର ହେବ ।

ତେବେ ଧନୀମାନଙ୍କ ମଧ୍ୟରେ ସର୍ବାଧିକ କ୍ଷତି ସହିଛନ୍ତି ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ । ଅନ୍ୟପକ୍ଷରେ ପୁଞ୍ଜି ବଜାରର ଏହି ଘାଟାରୁ ବାଦ୍ ପଡ଼ିନାହାନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ।

### ଉପରମୁଣ୍ଡରେ ପ୍ରବଳ ବର୍ଷା
# କୂଳ ଲଂଘିଲା ଜଳକା, ସୁବର୍ଣ୍ଣରେଖା

■ **ବାଲେଶ୍ୱର, ୨୨।୯ (ସମିସ):** ବାଲେଶ୍ୱର ଜିଲ୍ଲା ଦେଇ ପ୍ରବାହିତ ଜଳକା ଓ ସୁବର୍ଣ୍ଣରେଖା ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ପୁଣି ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଗତକାଲି

- ପୁଣି ବନ୍ୟାପାଣି ମାଡ଼ିଲା, ବ୍ୟାପକ ଅଞ୍ଚଳ ଜଳମଗ୍ନ
- ବସ୍ତା ଥାନା ଓ ଅବକାରୀ ଥାନା ଭିତରେ ବନ୍ୟା ପାଣିର ସୁଅ
- ବନ୍ୟାଞ୍ଚଳ ପରିଦର୍ଶନ କଲେ ଜିଲ୍ଲାପାଳ
- ଗାନ୍ଧିଛକ-ବାଲିଆପାଳ ରାସ୍ତାରେ ବନ୍ୟାପାଣି
- ବାଲିଆପାଳକୁ ଯୋଗାଯୋଗ ବିଚ୍ଛିନ୍ନ

ରାତିରୁ ଅକସ୍ମାତ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇ ଆଜି ଅପରାହ୍ନ ୩ଟା ସୁଦ୍ଧା ମଥାନିଠାରେ ବିପଦ ସଙ୍କେତ ଉପରେ ଅର୍ଥାତ ୭.୧୮ ମିଟରରେ ପ୍ରବାହିତ ହେଉଛି । ଏଠାରେ ବିପଦ ସଂକେତ ୫.୫୦ମିଟର ରହିଛି । ଫଳରେ ବସ୍ତା ଏବଂ ସଦର ବ୍ଲକର ୧୨ ଟି ପଞ୍ଚାୟତ ଜଳମଗ୍ନ ହୋଇଛି । ଗାନ୍ଧିଛକ- ବାଲିଆପାଳ ରାସ୍ତା ଉପରେ ୪ ଫୁଟ ଉଚ୍ଚତାରେ ବନ୍ୟାପାଣିର ସୁଅ ଚାଲିଥିବାରୁ ବାଲିଆପାଳ ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

ସେହିପରି ବିଭିନ୍ନ ଗ୍ରାମ୍ୟ ରାସ୍ତା ମଧ୍ୟ ବନ୍ୟା ପାଣିରେ ବୁଡି ରହିଥିବାରୁ ଲୋକେ ଯାତାୟତରେ ସମସ୍ୟା ଭୋଗୁଛନ୍ତି । ବସ୍ତା ଥାନା, ବସ୍ତା ଅବକାରୀ ଥାନା, ବସ୍ତା ତହସିଲ ଭିତରେ ବର୍ଷା ପାଣିରେ ସୁଅ ପଡ଼ିଥିବାର ଦେଖିବାକୁ ମିଳିଛି । ଫଳରେ ଆଜି ଦିନ ତମାମ ଏହି ୩ ଅଫିସର ସରକାରୀ କାମ ଠପ ହୋଇଯାଇଛି । ଥାନା ଓ ଅବକାରୀ ଥାନା ଭିତରେ ଥିବା ବିଭିନ୍ନ ରେକର୍ଡ ପତ୍ର ତଥା ଆସବାବପତ୍ରର ସୁରକ୍ଷା ପାଇଁ ଥାନାର କର୍ମଚାରୀମାନଙ୍କୁ ନାକେଦମ ହେବାକୁ ପଡ଼ିଛି । ଜଳକା ବନ୍ୟା ଯୋଗୁଁ ଉପରୋକ୍ତ ଦୁଇ ବ୍ଲକର ଶହେରୁ ଉର୍ଦ୍ଧ୍ୱ ଗାଁ ଏକ ପ୍ରକାରର ଜଳବନ୍ଦୀ ହୋଇଯାଇଛି । ଜଳକା ନଦୀର ବନ୍ୟା ସ୍ଥିତିର ସମୀକ୍ଷା ପାଇଁ ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଆଜି ବସ୍ତା ଓ ସଦର ବ୍ଲକର ବିଭିନ୍ନ ▶ପୃଷ୍ଠା-୧୦



### ■ ଉତ୍ତର ଓଡ଼ିଶାରୁ ଟଳୁନି ବନ୍ୟା ଭୟ
## ୨୪ରେ ସୃଷ୍ଟି ହେବ ଆଉ ଏକ ଲଘୁଚାପ

■ **ଭୁବନେଶ୍ୱର, ୨୨।୯ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି । ଏହାପ୍ରଭାବରେ ଝାଡ଼ଖଣ୍ଡ ସମେତ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ରହିଛି । ଉପରମୁଣ୍ଡରେ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ବୈତରଣୀ ନଦୀ ମଧ୍ୟ ପୁଣି ସତର୍କ ସଙ୍କେତ ପାର କରିଛି । ଆଖୁଆପଦା ନିକଟରେ ବୈତରଣୀ ସତର୍କ ସଙ୍କେତ ଟପି ୧୭.୩୪ ମିଟର ଉପରେ ପ୍ରବାହିତ ହେଉଛି । ଏବେ ନଦୀରେ ଜଳସ୍ତର ବଢୁଥିବାରୁ ନଦୀକୁଳିଆ ଲୋକେ ଆତଙ୍କିତ ଅଛନ୍ତି । ଅନ୍ୟପଟେ ୨୪ ତାରିଖରେ ପୁଣି ଏକ ଲଘୁଚାପ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏହା ପ୍ରଭାବରେ ୨୬ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ହେବ । ଫଳରେ ଉତ୍ତର ଓଡ଼ିଶା ସମେତ ସାରା ରାଜ୍ୟରେ ସ୍ଥିତି ଉଦବେଗଜନକ ହେବାର ▶ପୃଷ୍ଠା-୧୦

### ■ ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର
## କରୋନା ମୃତକଙ୍କ ପରିବାରକୁ ମିଳିବ ୫୦ ହଜାର ଟଙ୍କା

■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା ପରେ କରୋନା ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି । ସରକାର ସୁପ୍ରିମକୋର୍ଟରେ ଜବାବ ଦାଖଲ କରି ଏହି ସୂଚନା ଦେଇଛନ୍ତି । ତେବେ ଏହି ଅର୍ଥ ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠି(ଏସଡିଆରଏଫ)ରୁ ଦିଆଯିବ ଏବଂ ରାଜ୍ୟ ସରକାର ଏହାକୁ ବହନ କରିବେ । ଉଦ୍ଧାରକାର୍ଯ୍ୟରେ ସାମିଲ ଥିବା ଲୋକଙ୍କ ପରିଜନଙ୍କୁ ମଧ୍ୟ ଏହି ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ । ପୂର୍ବରୁ ମୃତ୍ୟୁବରଣ କରିଥିବା ଏବଂ ଭବିଷ୍ୟତରେ ମୃତ୍ୟୁ ପାଇଁ ମଧ୍ୟ ଏହି ଅର୍ଥ ଦିଆଯିବ ବୋଲି କୁହାଯାଇଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଏନଡିଏମଏ ଅନୁକମ୍ପାମୂଳକ ସହାୟତା ନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି । ସୂଚନାଯୋଗ୍ୟ ଯେ କରୋନାରେ ଏ ପର୍ଯ୍ୟନ୍ତ ୪୪୫୭୬୮ ଲୋକ ପ୍ରାଣ ହରାଇଲେଣି । ଏହି ଲୋକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ଦେବା ଲାଗି ଦୀର୍ଘଦିନରୁ ଦାବି କରାଯାଉଛି । ପରିଶେଷରେ କେନ୍ଦ୍ର ଏ ନେଇ ରାଜି ହୋଇଛି । ଗତ ଶୁଣାଣିରେ କରୋନା ମୃତକଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ଦେବାକୁ ସରକାର ମନା କରିଦେଇଥିଲେ । ଏହାକୁ କୋର୍ଟ ମଧ୍ୟ ସ୍ୱୀକାର କରିନେଇଥିଲେ । କିନ୍ତୁ ବିପର୍ଯ୍ୟୟ ପ୍ରଶମନ ଆଇନ ଅନୁଯାୟୀ କ୍ଷତିପୂରଣ ଦେବା ନିମନ୍ତେ କି ପଦକ୍ଷେପ ନିଆଯାଇଛି ଜଣାଇବାକୁ କୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ । ଏହା ଉପରେ ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା କୋର୍ଟଙ୍କୁ ତଥ୍ୟ ଦିଆଯିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ । ସେହିପରି ଗତ ସୋମବାର କରୋନାରେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନା ମୃତ୍ୟୁ ଧରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ । ଏ ନେଇ ରାଜ୍ୟସରକାରମାନଙ୍କୁ ନୂଆ ମାର୍ଗଦର୍ଶିକା ଜାରି କରାଯାଉ । କରୋନା ଯୋଗୁଁ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନାଜନିତ ନ ମାନିବା ଗ୍ରହଣଯୋଗ୍ୟ ନୁହେଁ । ସେମାନଙ୍କୁ କରୋନା ମୃତ୍ୟୁ ପ୍ରମାଣପତ୍ର ମିଳିବା ଉଚିତ ।

ଚଳିତ ବର୍ଷ ଜୁନ ମାସରେ କରୋନା ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବା ସମ୍ଭବ ନୁହେଁ ବୋଲି କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲା । କାରଣ ବିପର୍ଯ୍ୟୟ ପ୍ରଶମନ ଆଇନରେ କେବଳ ଭୂକମ୍ପ, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନୁକମ୍ପାମୂଳକ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି । ଏପରି ସ୍ଥିତିରେ ରୋଗରେ ମୃତ୍ୟୁ ଯୋଗୁଁ କ୍ଷତିପୂରଣ ଦିଆଗଲେ ଏବଂ ଅନ୍ୟ କ୍ଷେତ୍ରରେ ଏହା ଦିଆ ନଗଲେ ଭୁଲ ହେବ ବୋଲି କେନ୍ଦ୍ର କହିଥିଲା ।

**ଭିତର ପୃଷ୍ଠାରେ...**
ବୁଥ୍‌ରେ ନୁହେଁ; ବ୍ଲକ୍‌ରେ ଗଣତି




### ଭିଜିଲାନ୍ସ ଜାଲରେ ମୋଟୁ ଥାନା ଆଇଆଇସି
## କାର୍‌ରୁ ୨.୮ ଲକ୍ଷ ଟଙ୍କା ଜବତ

■ **କଟକ, ୨୨।୯ (ସମିସ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମାଲକାନଗିରି ଜିଲ୍ଲା ମୋଟୁ ଥାନାଧିକାରୀ ସୁଶାନ୍ତ ସାହୁ । ବୁଧବାର ସନ୍ଧ୍ୟାରେ ଶ୍ରୀ ସାହୁ ମୋଟୁରୁ ଏକ କାର୍ ଯୋଗେ କଟକ ଫୁଲନଖରାସ୍ଥିତ ନିଜ ବାସଭବନକୁ ଆସୁଥିବା ବେଳେ ଖୋର୍ଦ୍ଧା ନିକଟରେ



**ଖୋର୍ଦ୍ଧାରେ ମଧ୍ୟ ଚଢ଼ଉ**

ଭିଜିଲାନ୍ସ ଟିମ ତାଙ୍କୁ ଅଟକାଇଥିଲା । ଶ୍ରୀ ସାହୁ ବିପୁଳ ଅର୍ଥ ନେଇଆସୁଥିବା ସମ୍ପର୍କରେ ଭିଜିଲାନ୍ସ ପୂର୍ବରୁ ସୂଚନା ପାଇଥିଲା । ଭିଜିଲାନ୍ସ ଟିମ କାର୍‌କୁ ତଲାସି କରିବା ପରେ ସେଥିରେ ୨.୮ ଲକ୍ଷ ଟଙ୍କା ଥିବା ଜଣାପଡ଼ିଥିଲା । ଏହି ଟଙ୍କା ସମ୍ପର୍କରେ ଶ୍ରୀ ସାହୁ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଉକ୍ତ ଟଙ୍କାକୁ ଜବତ କରାଯାଇଛି । ଏଥିସହ ଶ୍ରୀ ସାହୁଙ୍କୁ ଭିଜିଲାନ୍ସ ପଚରାଉଚରା ଚଳାଇଥିବା ବେଳେ ତାଙ୍କ କଟକସ୍ଥିତ ବାସଭବନ ସହ ମୋଟୁ ଓ ମାଲକାନଗିରିର ଦୁଇଟି ସ୍ଥାନରେ ଚଢ଼ଉ ଜାରି ରଖିଛି ଭିଜିଲାନ୍ସ ।

# ବଲାଙ୍ଗିରରେ ବିକାଶର ସୂର୍ଯ୍ୟୋଦୟ

- ସ୍ମାର୍ଟ ହେଲ୍‌ଥ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଜିଲ୍ଲାରେ ସାଢ଼େ ଚାରି ଲକ୍ଷ ପରିବାର ପାଇବେ ହେଲ୍‌ଥ କାର୍ଡ
- ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ
- ୬୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଅନ୍ୟ ବିଶ୍ୱବିଦ୍ୟାଳୟ ଲାଗି ଆଦର୍ଶ ହେବ ରାଜେନ୍ଦ୍ର




■ **ଭୁବନେଶ୍ୱର, ୨୨।୯ (ସମିସ):** ମାଲକାନଗିରି ଏବଂ ରାଉରକେଲା ପରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀରବାସୀଙ୍କୁ ଉପହାର ଦେଇଛନ୍ତି ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ଼ । ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ଼ ବଣ୍ଟନ କରିଛନ୍ତି । ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବରେ ସରୋଜିନୀ ବହିଦାର ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱାସ୍ଥ୍ୟ କାର୍ଡ଼ଗ୍ରହଣ କରିଥିଲେ । ଅନୁରୂପ ଭାବରେ ଟିଟିଲାଗଡ଼, ପାଟଣାଗଡ଼ରେ ମଧ୍ୟ ▶ପୃଷ୍ଠା-୧୦


### ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ ନରସିଂହ-ସାଲୁଜା

■ **ବଲାଙ୍ଗିର, ୨୨।୯ (ସମିସ):** କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ଆୟୁଷ୍ମାନ ଯୋଜନାଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବହୁତ ଭଲ । ରାଜ୍ୟବାସୀଙ୍କ ହିତ ଲାଗି

**ଆୟୁଷ୍ମାନଠାରୁ ଭଲ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**

ମୁଖ୍ୟମନ୍ତ୍ରୀ ଯେଉଁ ସ୍ମାର୍ଟ ହେଲ୍‌ଥ କାର୍ଡ଼ ପ୍ରଚଳନ କରିଛନ୍ତି ତାହା ସାଧାରଣ ଲୋକଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି କହିଛନ୍ତି ବଲଙ୍ଗିରର ଦୁଇ ବିଧାୟକ ନରସିଂହ ମିଶ୍ର ଓ ସନ୍ତୋଷ ସିଂହ ସାଲୁଜା । ▶ପୃଷ୍ଠା-୧୦

### ଲୋକକଥା



ବନ୍ୟା, ବାତ୍ୟା, ବଢ଼ି ମରୁଡ଼ିରେ ରାଜ୍ୟ
କଲବଲ ହଉଥାଇ,
କେନ୍ଦ୍ର ସରକାର ଦେଖି ଶୁଣି ସବୁ
ବଲବଲ ଛନ୍ତି ଚାହିଁ ।
ଆମର ପ୍ରାପ୍ୟ ନ ଦେଇ
ହଟ ଦେଖୁଛନ୍ତି କୁଟ କପଟିଆ,
ପଦୁଅଁ ଫୁଲିଆ ସାଇଁ... ॥

# ମଉଳିଯିବ କି ଶୀତଳାପଲ୍ଲୀ ରେଳ ୱାଗନ କାରଖାନା ଆଶା!

■ **ବ୍ରହ୍ମପୁର, ୨୨।୯ (ସମିସ):** ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀଠାରେ ନିର୍ମାଣ ହେବାକୁ ଥିବା ୱାଗନ କାରଖାନା ଆଶା ମଉଳିବ । ଏଠାରେ ବିକଳ୍ପ କାରଖାନା ପାଇଁ ଚିନ୍ତା କରୁଛି ରେଳବିଭାଗ । ଆଜି ଖୋର୍ଦ୍ଧାରୋଡ୍ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଶୀତଳାପଲ୍ଲୀ ଆସି ପରିଦର୍ଶନ କରିଛନ୍ତି । ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆସି ଜଗନ୍ନାଥପୁରଠାରେ ଓହ୍ଲାଇବା ସହ ସେଠାରୁ ଶୀତଳାପଲ୍ଲୀ ଯାତ୍ରା କରିଥିଲେ । ତାଙ୍କ ସହିତ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ସାମିଲ ଥିଲେ । ସେ ଏଠାକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଶୀତଳାପଲ୍ଲୀ ଠାରେ ୱାଗନ ଫେକ୍ଟ୍ରି ତିଆରି କରିବା ପାଇଁ ବହୁବର୍ଷ



ପୂର୍ବରୁ ଓଡ଼ିଶା ସରକାରଙ୍କୁ ଜାଗା ମାଗିଥିଲା ରେଳ ବିଭାଗ । ସେତେବେଳର ଚିନ୍ତାଧାରାକୁ ଦୃଷ୍ଟିରେ ରଖି ୱାଗନ୍ ଫେକ୍ଟ୍ରି କରିବା ପାଇଁ ନିଷ୍ପତି ହୋଇଥିଲା । ଯେ କୌଣସି ଘରୋଇ ଅନୁଷ୍ଠାନକୁ ଧରି ୱାଗନ୍ ଏଠାରେ ତିଆରି କରିବାକୁ ପ୍ରସ୍ତୁତି କରାଯାଇଥିଲା । ବର୍ତ୍ତମାନ ରେଳ ବିଭାଗର

- ବିକଳ୍ପ ପାଇଁ ଚିନ୍ତା କରୁଛି ରେଳ ବିଭାଗ
- ପରିଦର୍ଶନ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ
- ଲକ୍ଷ୍ୟ ରଖି ଭଲ ଯାଗା ଦେଇଛନ୍ତି ରାଜ୍ୟ ସରକାର

ସମସ୍ତ ୱାଗନ ଘରୋଇ କମ୍ପାନୀମାନଙ୍କ ଠାରୁ ହିଁ କିଣାଯାଉଛି । କିନ୍ତୁ ଉକ୍ତ ମଡ଼େଲ୍ କାର୍ଯ୍ୟ ନ କରିବା ଫଳରେ ଏଠାରେ କେଉଁ ଘରୋଇ କମ୍ପାନୀ କାମ କରିବାକୁ ପ୍ରସ୍ତୁତ ହୋଇ ନ ଥିଲେ ▶ପୃଷ୍ଠା-୧୦

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ କାର୍ ଅଟକାଇ ଲୁଟ୍
## ଝାମ୍ପିନେଲେ ୩.୫୦ ଲକ୍ଷ

■ **ଉଦଳା, ୨୨।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ପୁଣି ରାହାଜାନି । ଉଦଳା ଥାନା ଅଞ୍ଚଳର ଧାନଘେରା ରାସ୍ତାରେ ଦୁର୍ବୃତ୍ତମାନେ ଲୁଟିନେଇଛନ୍ତି ୩ ଲକ୍ଷ ୫୦ ହଜାର ଟଙ୍କା । ଧାନଘେରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା (୭୩) ବୁଧବାର ମଧ୍ୟାହ୍ନ ପ୍ରାୟ ସାଢେ ବାରଟାରେ ଉଦଳା ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ନିଜ ଜମା ଅର୍ଥରୁ ୩ଲକ୍ଷ ୫୦ ହଜାର ଟଙ୍କା ଉଠାଣ କରି ନିଜ ଗ୍ରାମକୁ ଏକ କାର ଯୋଗେ ପତ୍ନୀଙ୍କ ସହ ଫେରୁଥିଲେ । ବି.ସି.ପୁର-ଧାନଘେରା ରାସ୍ତାର ଏକ ନିଛାଟିଆ ସ୍ଥାନରେ ଏକ ବାଇକରେ ଆସି ଦୁଇଜଣ ଯୁବକ ସାମ୍ନାରେ ଗାଡି ରଖି ରାସ୍ତା ପଚାରିବା ବାହାନାରେ ପଛପଟୁ ଅନ୍ୟ ଜଣେ ସହଯୋଗୀ ଲୁଟେରା ଆସି ରତିକାନ୍ତଙ୍କ ପତ୍ନୀଙ୍କ ହାତରେ ଥିବା ଟଙ୍କା ବ୍ୟାଗ୍‌ଟିକୁ ଝାମ୍ପି ନେଇ ବିସିପୁର ଆଡ଼କୁ ଦ୍ରୁତଗତିରେ ଚମ୍ପଟ ମାରିଥିଲେ । ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଟଙ୍କା ଉଠାଣର ସମୟ ଓ ବ୍ୟାଙ୍କ ସମ୍ମୁଖସ୍ଥ ସମସ୍ତ ସିସିଟିଭି ଫୁଟେଜ୍‌କୁ ପୁଲିସ ତଦନ୍ତ ପରିସରକୁ ନେଇଛି ।

# 'ରାଧେ ଶ୍ୟାମ' ଯୋଡ଼ିଙ୍କ ମଧ୍ୟରେ ଫାଟ



ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଓ ପୂଜା ହେଗଡ଼େ ବହୁତ ଜଲ୍‌ଦି ରୋମାଣ୍ଟିକ୍ ଡ୍ରାମା 'ରାଧେ ଶ୍ୟାମ'ରେ ନଜର ଆସିବେ। 'ରାଧେ ଶ୍ୟାମ'ର ଏହି ଯୋଡ଼ିଙ୍କ ମଧ୍ୟରେ ସୁସମ୍ପର୍କ ନାହିଁ ବୋଲି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ପ୍ରଭାସ, ପୂଜାଙ୍କ ଅଣ ପେସାଦାର ମନୋବୃତ୍ତିକୁ ନେଇ କ୍ଷୁବ୍ଧ ଥିବା ଜଣାପଡିଛି। ପ୍ରତିଦିନ ସେଟ୍‌କୁ ପୂଜା ବିଳମ୍ବରେ ଆସିବା ନୀତିକୁ ମଧ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି ପ୍ରଭାସ। ସେ ପୂଜାଙ୍କ ସହିତ କଥାବାର୍ତ୍ତା ମଧ୍ୟ ବନ୍ଦ କରି ଦେଇଥିବା ଖବର ପ୍ରକାଶ ପାଇଛି। ଏଭଳି ଖବର ପ୍ରକାଶ ପାଇବା ପରେ ପ୍ରଯୋଜନା ସଂସ୍ଥା 'ୟୁଭି କ୍ରିଏସନ୍' ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

ୟୁଭି କ୍ରିଏସନ୍ ପକ୍ଷରୁ କୁହାଯାଇଛି ଯେ, 'ଏସବୁ ଖବରରେ କୌଣସି ସତ୍ୟତା ନାହିଁ। ପ୍ରଭାସ ଓ ପୂଜା ପରସ୍ପରକୁ ବହୁତ ସମ୍ମାନ ଦିଅନ୍ତି। ପରଦା ପଛରେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି। ଯେଉଁଥିପାଇଁ ସେମାନେ ପରଦା ଉପରେ ବେଶ୍ ଭଲ ଅଭିନୟ କରିପାରିଛନ୍ତି। ପୂଜା ଠିକ୍ ସମୟରେ ସେଟ୍‌କୁ ଆସନ୍ତି। ଏଭଳି ଖବର କେବଳ କାହାରି କାଳ୍ପନିକ ଚିନ୍ତାଧାରା। ଫିଲ୍ମର ନାୟକ ନାୟିକାଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଛି। ପୂରା ଟିମ୍ ଏହି ଫିଲ୍ମକୁ ଦର୍ଶକଙ୍କ ନିକଟକୁ ଆଣିବାକୁ ଆଶାବାଦୀ।'

ରାଧାକୃଷ୍ଣ କୁମାରଙ୍କ ନିର୍ଦ୍ଦେଶିତ ଏହି ପ୍ରେମ କାହାଣୀ ହିନ୍ଦୀ, ତେଲୁଗୁ, ତାମିଲ ଓ ମାଲାୟାଲାମ ଭାଷାରେ ରିଲିଜ୍ ହେବ।


# ଦୁଇଟି ଚେହେରା ଥିବା ବ୍ୟକ୍ତି



କେବେକେବେ ଆମେ କଥା ଛଳରେ କହିଥାଉ ଯେ, ସବୁ ମଣିଷଙ୍କର ଦୁଇଟି ଚେହେରା। ମନ ଭିତରେ କିଛି ଥାଏ ଓ ବାହାରକୁ କିଛି ଦେଖାନ୍ତି। କିନ୍ତୁ ଏହି ଉକ୍ତିଟି ଏକଦା ବାସ୍ତବ ରୂପ ନେଇଥିଲା। ୧୮୦୦ ଶତାବ୍ଦୀରେ ଏଡୱାର୍ଡ ମୋର୍‌ଡ୍ରାକେ ନାମକ ଜଣେ ବ୍ୟକ୍ତିଙ୍କର ବାସ୍ତବରେ ଦୁଇଟି ଚେହେରା ଥିଲା। ସାମନାରେ ଗୋଟିଏ ଚେହେରା ଓ ମୁଣ୍ଡ ପଛପଟେ ଆଉ ଏକ ଚେହେରା। ଇଂଲଣ୍ଡର ଅଧିବାସୀ ଏଡୱାର୍ଡ ଏକ୍ଷେତ୍ରରେ ବିଶ୍ୱର ଏକମାତ୍ର ବିରଳ ବ୍ୟକ୍ତି, ଯାହାଙ୍କର ଦୁଇଟି ଚେହେରା ଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ତାଙ୍କର ପଛ ପାଖ ଚେହେରାଟି ଦିନସାରା ନିଷ୍କ୍ରିୟ ଥାଏ। କିନ୍ତୁ ଯେତେବେଳେ ସେ ଶୋଇବାକୁ ଚେଷ୍ଟା କରନ୍ତି ଏହା ସକ୍ରିୟ ହୋଇଉଠେ ଏବଂ ରାତିସାରା ସେହି ପଛପାଖ ଚେହେରାଟି ଗୁଣୁଗୁଣୁ ହୋଇ କିଛି କହିଥାଏ। ଏହି କାରଣରୁ ଏଡୱାର୍ଡ ଅନେକ ଦିନ ପର୍ଯ୍ୟନ୍ତ ଶୋଇ ପାରୁନଥିଲେ। ସେ ଏହାକୁ ନେଇ ଅତ୍ୟନ୍ତ ଚିନ୍ତିତ ହୋଇ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇଥିଲେ। କିନ୍ତୁ ସେ ସମୟରେ ବିଜ୍ଞାନର ଏତେଟା ଅଗ୍ରଗତି ହୋଇ ନଥିବାରୁ ତାଙ୍କର ଚିକିତ୍ସା ହୋଇପାରିନଥିଲା। ତେଣୁ ସେ ଅସହାୟ ହୋଇ ଆତ୍ମହତ୍ୟା କରିଥିଲେ।

## ଜଣା ଅଜଣା

- ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଚେହେରା ମନେ ରଖିପାରନ୍ତି।
- ବିଶ୍ୱରେ ଶରଣାର୍ଥୀ ଓ ବିସ୍ଥାପିତଙ୍କ ମଧ୍ୟରେ ୮୦% ମହିଳା ଅଛନ୍ତି।
- ଡଲଫିନ୍ ଖାଦ୍ୟକୁ ନ ଚୋବାଇ ସିଧା ଗିଳି ଦେଇଥାଏ।



# ପେଣ୍ଠାଏ ଅଙ୍ଗୁରର ଦାମ୍ ୩୩ ହଜାର !



ଭାରତୀୟ ବଜାରରେ ବିକ୍ରି ହେଉଥିବା ଅଙ୍ଗୁର କେଜି ପ୍ରତି ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ହୋଇଥାଏ। କିନ୍ତୁ ପେଣ୍ଠାଏ ଅଙ୍ଗୁରର ଦାମ୍ ୩୩ ହଜାର ଟଙ୍କା ଶୁଣି ଯେକେହି ଆଶ୍ଚର୍ଯ୍ୟ ହେବେ। 'ରୁବି ରୋମାନ' ନାମକ ଏହି ପ୍ରଜାତିର ଅଙ୍ଗୁର ପେଣ୍ଠାର ଦାମ୍ ୩୩ ହଜାର ଟଙ୍କା। ଏହି ଅଙ୍ଗୁର କେବଳ ଜାପାନରେ ହିଁ ଚାଷ କରାଯାଏ। ସାଧାରଣ ଅଙ୍ଗୁର ତୁଳନାରେ ରୁବି ରୋମାନର ଆକାର ଚାରିଗୁଣ ବଡ଼ ଓ ସ୍ୱାଦ ମଧ୍ୟ ପୂରାପୂରି ନିଆରା। ଅବଶ୍ୟ ଅଙ୍ଗୁରର ଏଭଳି ଆକାଶଛୁଆଁ ଦରକୁ ସହଜରେ କେହି ଗ୍ରହଣ କରିପାରୁ ନାହାନ୍ତି। ଏହାକୁ ବିଶ୍ୱର ସବୁଠୁ ବଡ଼ ତଥା ନାଲି ରଙ୍ଗର ଅଙ୍ଗୁର ବୋଲି କହିଛନ୍ତି ଜାପାନର ଜଣେ ଗବେଷକ। ରୁବି ରୋମାନ ଅଙ୍ଗୁରକୁ ପ୍ରଥମଥର ପାଇଁ ୧୯୯୫ ମସିହାରେ ବିକଶିତ କରାଯାଇଥିଲା। ପ୍ରତ୍ୟେକ ବର୍ଷ ରୁବି ରୋମାନ ଅଙ୍ଗୁରର ମାତ୍ର ୨୪୦୦ ଗୁଚ୍ଛା ଉତ୍ପନ୍ନ କରାଯାଇଥିଲା। ଏହାର ଆକାର ଓ ରଙ୍ଗ ଯୋଗୁଁ ଦାମ୍ ଅଧିକ ହୋଇଥିବା କୁହାଯାଉଛି। ଅନ୍ୟପଟେ ଏହି ଅଙ୍ଗୁରଗୁଡ଼ିକ ଟମାଟୋ ଆକୃତିର ହୋଇଥାନ୍ତି। ସାଧାରଣ ଅଙ୍ଗୁର ତୁଳନାରେ ଏହାର ସ୍ୱାଦ ୧୮ ଗୁଣ ଅଧିକ। ସୁପରିୟର, ସ୍ପେସାଲ ସୁପରିୟର ଓ ପ୍ରିମିୟମ୍ ତିନିଟି ଶ୍ରେଣୀରେ ଏହାକୁ ବିଭକ୍ତ କରାଯାଇଛି। ଏହି ଅଙ୍ଗୁରଗୁଡ଼ିକ ବଜାରରେ ଉପଲବ୍ଧ ହୋଇନଥାଏ। ଏହା କେବଳ ନିଲାମ ପାଇଁ ଉଦ୍ଦିଷ୍ଟ। ଏହି ଅଙ୍ଗୁରର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ଏବେ ସଭିଁଙ୍କ ଦୃଷ୍ଟି ଆକର୍ଷଣ କରୁଛି।

## ଅଜବ ବିଶ୍ୱାସ

# ବିବାହ ପାଇଁ ଅଶୁଭ ନଭେମ୍ବର

ଜାତି- ବର୍ଣ୍ଣ-ଧର୍ମକୁ ନେଇ ବିବାହ ପରମ୍ପରାରେ ଭିନ୍ନତା ଦେଖିବାକୁ ମିଳିଥାଏ। ପୁଣି ଅନେକ ବିଶ୍ୱାସ-ଅନ୍ଧବିଶ୍ୱାସ କଥା ମଧ୍ୟ ରହିଛି। କିନ୍ତୁ ଜିମ୍ବାୱେରେ ଏହାକୁ ନେଇ ଏକ ଅଜବ ବିଶ୍ୱାସ ରହିଛି। ଏଠାରେ ନଭେମ୍ବର ମାସରେ କେହି ମଧ୍ୟ ବିବାହ କରନ୍ତି ନାହିଁ। ନଭେମ୍ବର ମାସରେ ବିବାହ କଲେ ବିବାହ ବିଚ୍ଛେଦ ସହ ଗର୍ଭଧାରଣ କ୍ଷେତ୍ରରେ ନାନା ସମସ୍ୟା ଦେଖାଯାଇଥାଏ ବୋଲି ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସ ରହିଛି। ତେଣୁ ଜିମ୍ବାୱେରେ ନଭେମ୍ବର ମାସରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇନଥାଏ। ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକାରେ ରହୁଥିବା ସୋନା ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ କାହିଁ କେତେକାଳରୁ ଏଭଳି ଏକ ବିଶ୍ୱାସ ପ୍ରଚଳିତ । କିଛି ଲୋକଙ୍କର ମତାନୁସାରେ, ନଭେମ୍ବର ମାସରେ ଏଠାରେ ଅଧିକ ବର୍ଷା ହୋଇଥାଏ , ଯାହାକି ଜୀବଜନ୍ତୁ ଓ ବନସ୍ପତିର ବିକାଶ ଦିଗରେ ସହାୟକ ହୋଇଥାଏ। ତେଣୁ ଏହି ମାସ ଅତ୍ୟନ୍ତ ପବିତ୍ର ମାସ। ଏହି ସମୟରେ ହୋହାଲ୍ଲା କଲା ଭଳି କିଛି ସାମାଜିକ ସମାରୋହର ଆୟୋଜନ କରାଯିବା ଅନୁଚିତ। କିଛି ବ୍ୟକ୍ତି ଏହି ପ୍ରତିବନ୍ଧକକୁ ମାନୁ ନଥିବାବେଳେ ଏଠାକାର ରଢ଼ିବାଦୀ ଲୋକେ ଏହାକୁ 'କଳା ନଭେମ୍ବର'ର ଆଖ୍ୟା ଦେଇ ପରମ୍ପରାକୁ ଜାବୁଡ଼ି ଧରିଛନ୍ତି। ପ୍ରକୃତି ବିରୋଧରେ ଯାଇ ବିବାହ କଲେ ଅନିଷ୍ଟ ଘଟେ ବୋଲି ସେମାନେ ବିଶ୍ୱାସ କରନ୍ତି।



# 'ଭାଇରସ୍' ଚରିତ୍ରକୁ ନକଲ କରୁଛନ୍ତି ଛାତ୍ରୀ

ପ୍ରତିଭାଧାରୀ ବ୍ୟକ୍ତିମାନେ ତାଙ୍କର ଅନନ୍ୟ କଳା ନୈପୁଣ୍ୟରେ ଅନ୍ୟମାନଙ୍କୁ ପ୍ରଭାବିତ କରିଥାନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଛତିଶଗଡ଼ର ରାଜଧାନୀ ରାୟପୁରରେ। କାବ୍ୟା ଚାୱଡ଼ା ନାମକ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀ ବଲିଉଡ୍‌ର ବ୍ଲକ୍‌ବଷ୍ଟର୍ ଚଳଚ୍ଚିତ୍ର 'ଥ୍ରି ଇଡିଅଟସ୍'ର 'ଭାଇରସ୍' ଚରିତ୍ରରୁ ପ୍ରେରଣା ପାଇ ଦୁଇ ହାତରେ ଏକା ସାଙ୍ଗରେ ଲେଖିବାର ଏକ ନିଆରା କୌଶଳକୁ ଆପଣାଇ ନେଇଛନ୍ତି। ସେ ଡାହାଣ ହାତରେ ଯେଉଁ ଶବ୍ଦ ଲେଖନ୍ତି ବାମ ହାତରେ ତାକୁ ଓଲଟା କରି ଲେଖିଥାନ୍ତି (ମିରର୍ ଇମେଜ୍ ଭଳି)। କାବ୍ୟା ପ୍ରାୟ ୩-୪ ବର୍ଷ ହେଲା ଏହିଭଳି ଲେଖା ଅଭ୍ୟାସ କରୁଛନ୍ତି। ଏ ସମ୍ପର୍କରେ କାବ୍ୟାଙ୍କ ମା' ନେହା ଚାୱାଡା କହିଛନ୍ତି ଯେ, ପାଠପଢା ସରିବା ପରେ ସେ କାୟାଙ୍କୁ ଆରାମ କରିବାକୁ କହନ୍ତି। କିନ୍ତୁ ସେ ଆରାମ ନ କରି ତାଙ୍କର ଲେଖା ଅଭ୍ୟାସ କଳାରେ ଲାଗିଯାନ୍ତି। ସେ ନିଜେ ଛଅମାସ ପୂର୍ବରୁ ତାଙ୍କ ଝିଅର ଏହି ପ୍ରତିଭା ବିଷୟରେ ଅବଗତ ହୋଇଥିବା କଥା କହିଛନ୍ତି।




## ଆଜିର ଇତିହାସ

- ୧୯୨୯- ବାଲ୍ୟ ବିବାହ ନିରୋଧ ବିଧେୟକ ପାରିତ।
- ୧୯୫୫- ପାକିସ୍ତାନ ବାଗଦାଦ୍ ଚୁକ୍ତିରେ ସ୍ୱାକ୍ଷର କଲା।
- ୧୯୭୯- ସୋମାଲିଆ ସମ୍ବିଧାନକୁ ରାଷ୍ଟ୍ରପତି ମଞ୍ଜୁରୀ ଦେଲେ।
- ୨୦୦୨- ମୋଜିଲା ଫାୟାର ଫକ୍ସ ତା'ର ପ୍ରଥମ ଭର୍ସନ୍ ଲଞ୍ଚ କଲା।
- ୨୦୦୪- ହାଇତିରେ ତୋଫାନ ପରେ ଆସିଥିବା ବନ୍ୟା ଯୋଗୁଁ ପାଖାପାଖି ୧୦୭୦ ଜଣଙ୍କ ମୃତ୍ୟୁ।

# ମଝି ରାସ୍ତାରେ ପାହାଚ

ଆଜିକାଲି ସୋସିଆଲ୍ ମିଡିଆରେ ପ୍ରାଙ୍କ୍ ଭିଡିଓ ଅଧିକ ଟ୍ରେଣ୍ଡରେ ଅଛି। ବିଭିନ୍ନ ପ୍ରକାର ମନୋରଞ୍ଜନ ଭିତ୍ତିକ କୌଶଳରେ ଲୋକମାନଙ୍କୁ ସହଜରେ ବୋକା ବନାଇ ଦିଆଯାଇପାରୁଛି। ଏବେ ସେଭଳି ଏକ ଭିଡିଓ ଭାଇରାଲ୍ ହୋଇଛି, ଯେଉଁଥିରେ ଜଣେ ବ୍ୟକ୍ତି ରାସ୍ତା ଉପରେ ଥ୍ରୀ-ଡି ପେଣ୍ଟିଙ୍ଗ୍ ସାହାଯ୍ୟରେ ପାହାଚ ଭଳି ଏକ ଚିତ୍ରକଳା ତିଆରି କରିଛନ୍ତି। ଏହା ରାସ୍ତା ଉପରେ ପାହାଚ ତିଆରି ହୋଇଥିବା ଭଳି ମନେ ହେଉଛି। ରାସ୍ତାରେ ଯାଉଥିବା ଲୋକ ଦୁର୍ଘଟଣା ଆଶଙ୍କାରେ ଏଠାରେ ଅଟକି ଯାଉଛନ୍ତି। ସେମାନଙ୍କ ମନରେ କ୍ଷଣକ ପାଇଁ ଭୟ ମଧ୍ୟ ଉଦ୍ରେକ ହେଉଛି। ଏହି ଭିଡିଓ ହେପଗୁଲ୍ ୫ ନାମକ ଏକ ଇନଷ୍ଟାଗ୍ରାମ୍ ମାଧ୍ୟମରେ ସେୟାର୍ ହୋଇଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ପ୍ରଥମେ ଜଣେ ବାଇକ୍ ରାଇଡର୍ ରାସ୍ତା ଉପରେ ଥ୍ରିଡି ଆର୍ଟକୁ ଦେଖିବା ପରେ ଏହାକୁ ପାହାଚ ବୋଲି ଭାବି ରାସ୍ତା କଡ଼ରେ କଡ଼ରେ ବାଇକ୍ ଚଳାଇ ଯାଇଥିଲେ। ଏହାପରେ ସ୍କୁଟି ଚଳାଇ ଆସୁଥିବା ଦୁଇଜଣ ବ୍ୟକ୍ତି ମଧ୍ୟ ଠିକ୍ ଏଭଳି କରିଥିଲେ। ଶେଷରେ କାର୍‌ଟିଏ ଆସି ଏହି ସ୍ଥାନରେ ଅଟକି ଯାଉଛି। ଏହି ଭିଡିଓ ଦେଖିବାକୁ ବେଶ୍ ମଜାଦାର ଲାଗୁଛି ଏବଂ ଏହାକୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖି ସାରିଛନ୍ତି।



# ରିଅଲ୍ ଲାଇଫ୍‌ର 'ପିକେ'

ଲୋକକଳା ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସମୟକ୍ରମରେ ଏହି ଲୋକକଳା ଲୋପ ପାଇବାରେ ଲାଗିଛି। ଲୋପ ପାଇ ଯାଉଥିବା ଲୋକକଳା ମଧ୍ୟରୁ ଗୋଟିଏ ହେଉଛି ବହୁରୂପିଆ। ଏହା ବିହାରର ମୁଜଫରପୁରରେ ବହୁଳ ଭାବେ ପ୍ରଚଳିତ। ବିଭିନ୍ନ ପର୍ବପର୍ବାଣି ଅନୁଯାୟୀ, ଏହି ବହୁରୁପୀମାନେ ନିଜକୁ ସଜେଇ ଲୋକମାନଙ୍କୁ ଘରଘର ବୁଲି ହସାନ୍ତି ଏବଂ ମନୋରଞ୍ଜନ କରନ୍ତି। ଏହାର ପ୍ରତିବଦଳରେ ତାଙ୍କୁ କିଛି ଟଙ୍କା ମଧ୍ୟ ଦିଆଯାଇଥାଏ। ଲୋପ ପାଇଯାଉଥିବା ଏହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି ମୁଜଫରପୁର ଜଣେ ବହୁରୂପୀଆ। ମଧୁବାଣୀ ଅଞ୍ଚଳରେ ଏହି ବହୁରୂପୀଆ ଜଣକ ପି.କେ. ଚଳଚ୍ଚିତ୍ରର ପି.କେ. ଚରିତ୍ରକୁ ଧାରଣ କରିଛନ୍ତି। ମୁଣ୍ଡରେ ହଳଦିଆ ହେଲମେଟ୍, ଗଳାରେ ରେଡ଼ିଓ ଓ ମାଳା ଆଦି ପିନ୍ଧି ମନୋରଞ୍ଜନ କରୁଛନ୍ତି। ଲୋକମାନଙ୍କୁ ସେ ଏହି ଚଳଚ୍ଚିତ୍ରର ଡାଇଲଗ୍ କହି ମଧ୍ୟ ହସାଉଛନ୍ତି। ଏହାପୂର୍ବରୁ ସେ ନାରଦ ମୁନି, ଭଗବାନ ଶିବ ଶଙ୍କର, ବିଭିନ୍ନ ବଲିଉଡ୍ ଅଭିନେତାଙ୍କ ବେଶ ଧାରଣ କରୁଥିଲେ। ଏହି ବହୁରୂପୀଆ ଜଣକ କହିଛନ୍ତି ଯେ, ପୂର୍ବପୁରୁଷଙ୍କ ପରମ୍ପରାକୁ ବଜାୟ ରଖିବା ପାଇଁ ସେ ଏପରି ବହୁରୂପିଆ ବେଶ ଧାରଣ କରୁଛନ୍ତି।



## ଆଜିର ରାଶିଫଳ

**ମେଷ:** କିଛିଟା ଟେନସନ୍ ଭିତରେ ଆଗେଇ ଚାଲିବେ। ଚାକିରିରେ ଚଳଚଞ୍ଚଳ ରହିବେ। ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ କ୍ରମପ୍ରିୟ ହେବେ। **ଶୁଭ ଅଙ୍କ-୯, ଶୁଭ ରଙ୍ଗ-ମେରୁନ୍**

**ବୃଷ:** ଅନେକ ଚେଷ୍ଟା କରି ସଫଳ ପାଇବେ। ଚାକିରିରେ ବ୍ୟସ୍ତତା ଭିତରେ କଟିବ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ସ୍ୱଳ୍ପ ଲାଭ ମିଳିବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ଧଳା**

**ମିଥୁନ:** ଦିନଟି ସୁଖସମୃଦ୍ଧି ପ୍ରାପ୍ତି ହେବ। ଉଭୟ ପ୍ରେମ ଓ ଦାମ୍ପତ୍ୟ ସୁଖମୟ ରହିବ। ପ୍ରଶାସନିକ ସକ୍ରିୟ ରହିବେ। ବାଣିଜ୍ୟରେ ଉତ୍ତମ ଲାଭ ହେବ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ଆକାଶୀ**

**କର୍କଟ:** ଦିନଟିରେ ଆବଶ୍ୟକତା ପୂରଣ ହେବ। କୌଣସି ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଚାକିରିରେ ଧନସମ୍ମାନ ମିଳିବ। ବାଣିଜ୍ୟରେ ଉନ୍ନତି ହେବ। ଶିକ୍ଷାର୍ଥୀ ଅଧ୍ୟୟନପ୍ରିୟ ହେବେ। **ଶୁଭ ଅଙ୍କ-୨, ଶୁଭ ରଙ୍ଗ-ପିଙ୍କ୍**

**ସିଂହ:** ଦିନଟି ଅସ୍ତବ୍ୟସ୍ତ ଭିତରେ କଟିବ। ଚାକିରିରେ ଅବହେଳା ରହିବ। ପ୍ରଶାସନିକ ଅବହେଳା ଦେଖାଯିବ। ପରିବହନ ଓ ବାଣିଜ୍ୟ ମନ୍ଥର ରହିବ। ଶିକ୍ଷାର୍ଥୀ ଆଳସ୍ୟ ରହିବେ। **ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ**

**କନ୍ୟା:** ଯେକୌଣସି ସମସ୍ୟାକୁ ନେଇ ବିବ୍ରତ ରହିବେ। ଚାକିରିରେ ସ୍ଥାନାନ୍ତର ହୋଇପାରେ। ରାଜନୀତିରେ ଜଟିଳସ୍ଥିତି ରହିବ। ବାଣିଜ୍ୟରେ ହାନି ହୋଇପାରେ। ଶିକ୍ଷାର୍ଥୀ କ୍ରମରେ ପଡ଼ିବେ। **ଶୁଭ ଅଙ୍କ-୭, ଶୁଭ ରଙ୍ଗ-ସିଲଭର୍**

**ତୁଳା:** ବନ୍ଧୁ ସହଯୋଗ ପାଇ ଆଗେଇବେ। ମହିଳାମାନେ ସୁଖୀ ରହିବେ। ରାଜନୀତିରେ ସୁନାମ ପାଇବେ। ବାଣିଜ୍ୟ ଉତ୍ସାହଜନକ ରହିବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍**

**ବିଛା:** ଦିନଟି କର୍ମତତ୍ପର ରହିବେ। ଚାକିରିରେ ନିଷ୍ଠାପର ରହିବେ। ପରିବହନ ଓ ବାଣିଜ୍ୟରେ ଲାଭାନ୍ୱିତ ହେବେ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। **ଶୁଭ ଅଙ୍କ-୭, ଶୁଭ ରଙ୍ଗ-କପି**

**ଧନୁ:** କୌଣସି ବିଷୟକୁ ନେଇ ଚିନ୍ତାରେ ରହିବେ। ସନ୍ତାନସନ୍ତତିମାନେ ଅବାଧ୍ୟ ହୋଇପାରନ୍ତି। ଚାକିରିରେ ଚାପ ରହିବ। ବାଣିଜ୍ୟରେ ମନ୍ଥର ରହିବ। ଶିକ୍ଷାର୍ଥୀ ଅନ୍ୟମନସ୍କ ରହିବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ବାଇଗଣୀ**

**ମକର:** ପରିଶ୍ରମର ଫଳ ପାଇବେ। ମହିଳାମାନେ ଚଳଚଞ୍ଚଳ ରହିବେ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ଚଞ୍ଚଳ ରହିବେ। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-ହଳଦିଆ**

**କୁମ୍ଭ:** ପ୍ରତିଟି କାର୍ଯ୍ୟରେ ସଫଳତା ପାଇବେ। ମହିଳାମାନେ ଆଦର ସମ୍ମାନ ପାଇବେ। ଚାକିରିରେ ନିଷ୍ଠା ରହିବ। ବାଣିଜ୍ୟରେ ଉତ୍ତମ ହେବ। ଶିକ୍ଷାର୍ଥୀ ପରିଶ୍ରମୀ ହେବେ। **ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍**

**ମୀନ:** ଆର୍ଥିକ କଥାକୁ କେନ୍ଦ୍ର କରି ଅଶାନ୍ତି ଉପୁଜିପାରେ। ଚାକିରିରେ କାର୍ଯ୍ୟ ବହୁଳ ରହିବ। ରାଜନୀତିରେ ବିରୋଧ ବୃଦ୍ଧି ପାଇବେ। ବାଣିଜ୍ୟ ମାନ୍ଦା ରହିବ। ଶିକ୍ଷାର୍ଥୀ ଆଳସ୍ୟ ହେବେ। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-କ୍ରିମ୍**

ପଣ୍ଡିତ ଅଭିମନ୍ୟୁ ଦୀକ୍ଷିତ, ବାଲେଶ୍ୱର, ମୋ -୯୭୭୭୭୬୬୬୨୦

■ ଚାନ୍ଦିପୁର ପ୍ରତିରକ୍ଷା ଘାଟି ଗୁପ୍ତଚରୀ

# ଚାଳକବିହୀନ ବିମାନ ଡାଟା ଚୋରି ସନ୍ଦେହ

ଭୁବନେଶ୍ୱର/କଟକ,୨୨।୯ (ସମିସ): ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ ଗୁପ୍ତଚରୀ ଘଟଣାରେ ପଦାକୁ ଆସିଛି ଆଉ କିଛି ସଂଘାତିକ ତଥ୍ୟ। ପାଇଲଟ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ସଂକ୍ରାନ୍ତ ତଥ୍ୟ ଶତ୍ରୁ ରାଷ୍ଟ୍ରକୁ ଲିକ୍ ହୋଇଥିବା ସନ୍ଦେହରେ ତନାଘନା କରୁଛି ଏୟାରଫୋର୍ସର ଏକ ସ୍ୱତନ୍ତ୍ର ଟିମ୍। ୫ ଅଭିଯୁକ୍ତଙ୍କୁ ଏୟାରଫୋର୍ସର ଦୁଇ ଜଣିଆ ତଦନ୍ତକାରୀ ଟିମ୍ ଜେରା କରୁଛନ୍ତି। ଅଭିଯୁକ୍ତଙ୍କୁ ଗୁଡେଇ ତୁଡେଇ ପଚରାଉଚରା କରାଯାଉଛି। କାରଣ ପାଇଲଟ୍ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ନିମନ୍ତେ ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ କାର୍ଯ୍ୟକ୍ରମ ଚାଲୁଥିଲା। ଯଦି ଏଭଳି ସୁରାକ୍ ଶତ୍ରୁ ରାଷ୍ଟ୍ରର ଗୁଇନ୍ଦା ହାତରେ ପଡ଼ିଲେ, ଭାରତୀୟ ବାୟୁସେନା ଏୟାରକ୍ରାଫ୍ଟର ସୂଚନା ପ୍ରଘଟ ହେବାର ଆଶଙ୍କା ରହିଛି। ତେଣୁ ବାୟୁସେନାର ତଦନ୍ତକାରୀ ଟିମ୍ ଅଧିକ ଖୋଳତାଡ କରୁଛି।

ସେହିପରି ଅଭିଯୁକ୍ତଙ୍କ 'ହନିଟ୍ରାପ' ଗୁମର ଧିରେ ଧିରେ ଫିଟୁଛି। ୨୦୨୦ ଫେବୃଆରୀ ମାସରୁ ଜଣେ ଅଭିଯୁକ୍ତ ସୁନ୍ଦରୀ ଯୁବତୀଙ୍କ ଯୋଗସୂତ୍ରରେ ଆସିଥିଲେ। ଏହାପରେ ଫେସ୍‌ବୁକ୍ ଓ ହ୍ୱାଟ୍ସଆପରେ ଆଉ ୪ ଅଭିଯୁକ୍ତ ଯୁବତୀଙ୍କ ଜାଲରେ ପଡ଼ିଥିଲେ। ଏଭଳି ଭାବେ ପ୍ରାୟ ଦେଢ଼ବର୍ଷ ହେବ ସୁନ୍ଦରୀ ଯୁବତୀଙ୍କ ସହ ୫ ଅଭିଯୁକ୍ତ ସମ୍ପର୍କରେ ରହିଥିଲେ। ସେମାନଙ୍କ ବିଭିନ୍ନ ପରିଚୟ ଦେଇ ଯୋଗାଯୋଗରେ ରହୁଥିଲେ ସୁନ୍ଦରୀ ଯୁବତୀ। କେତେବେଳେ ସୁନ୍ଦରୀ ତରୁଣୀ ଜଣକ ନିଜକୁ ରାଜସ୍ଥାନର ପ୍ରେସ ଟ୍ରଷ୍ଟ ବ୍ୟୁରୋରେ କର୍ମଚାରୀ ତ ଆଉ କାହାକୁ ପୋର୍ଟବ୍ଲେୟାରରେ ନର୍ସ ଭାବରେ କାର୍ଯ୍ୟ କରୁଥିବା କହୁଥିଲେ। ଅନ୍ୟମାନଙ୍କୁ ସେ ଯଥାକ୍ରମେ ବିଟ୍ରେନ ଲିଭରପୁଲରେ ମିଜାଇଲର ରିସର୍ଚ କରୁଥିବା, ଚଣ୍ଡିଗଡ଼ର ସେନାର ଲୋୟର ଡିଭିଜନ କ୍ଲର୍କ କାମ କରୁଥିବା କହି ବାର୍ତ୍ତାଳାପ କରୁଥିଲେ। ସବୁଠାରୁ ବଡ଼ କଥା ହେଲା ଯୁବତୀ ଜଣକ ୫ଜଣଙ୍କ ସହ ସମ୍ପର୍କ ରଖୁଥିଲେ ମଧ ପରସ୍ପର ଜାଣିପାରୁନଥିଲେ। ଏଭଳିଭାବେ ଯୁବତୀ ମାୟାଜାଲ ବିଛାଇ ଅଭିଯୁକ୍ତଙ୍କ ଠାରୁ ଗୋପନୀୟ ତଥ୍ୟ ନେଉଥିଲେ। ସେପଟେ ନିୟମିତ ସୁନ୍ଦରୀ ଯୁବତୀ ଅଭିଯୁକ୍ତଙ୍କ ସହ ସମ୍ପର୍କରେ ରଖିବା ସହ ବାରମ୍ବାର କଥା ହେଉଥିଲେ। ଦିନରେ ଜଣେ ଅଭିଯୁକ୍ତଙ୍କୁ ୧୦ରୁ ଊର୍ଦ୍ଧ୍ୱ ଥର ଫେସ୍‌ବୁକ୍ କଲ, ଭିଡ଼ିଓ କଲ, ମେସେଜ ଓ ମେସେଞ୍ଜର ଜରିଆରେ କରି କଥା ହେଉଥିଲେ। ଏମିତିକି ଯୁବତୀ ଜଣକ ହିନ୍ଦୀ ଓ ଇଂରାଜୀ ଭାଷାରେ ଅଭିଯୁକ୍ତଙ୍କ ସହ କଥା ହେଉଥିଲେ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପଟେ ଯୁବତୀ ଜଣକ ଅଭିଯୁକ୍ତଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଅଭିଯୁକ୍ତଙ୍କ ସହ ଯୁବତୀ ଅଶ୍ଳୀଳ ଭିଡ଼ିଓ ଚାଟିଂ କରୁଥିଲେ। ଟଙ୍କା ଲୋଭ, ବିବାହ ପ୍ରଲୋଭନ ଓ ଲଙ୍ଗଳା ଦେହ ଦେଖାଇ ଏହି କର୍ମଚାରୀମାନଙ୍କୁ ଚକ୍ରବ୍ୟୁହରେ ଫସାଇଥିଲେ ମାୟାବିନୀ ଯୁବତୀ। ଯୁବତୀଜଣକ ଇଂଲଣ୍ଡର ଫୋନ୍ ନମ୍ବର ବ୍ୟବହାର କରୁଥିଲେ। ତେଣୁ ୟୁକେ ସରକାରଙ୍କୁ ହ୍ୱାଟ୍ସଆପ୍ ନମ୍ବରର ଡିଟେଲ୍ସ ମଗାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ସେହିପରି କେଉଁଠାରୁ ଆଇପି ଆଡ୍ରେସ୍ ବ୍ୟବହାର ହେଉଥିଲା ସେନେଇ ଖୋଳତାଡ କରାଯାଉଛି। ଏଥିସହି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌ରେ ଅଭିଯୁକ୍ତମାନେ କି ତଥ୍ୟ ଦେଇଛନ୍ତି। ସେସବୁକୁ ଜାଣିବା ଲାଗି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌କୁ ଚିଠି ଲେଖିବ କ୍ରାଇମ୍‌ବ୍ରାଞ୍ଚ୍।

ଅନ୍ୟପକ୍ଷରେ ଦୁବାଇରୁ ଜଣେ ଅଭିଯୁକ୍ତର ଜମାଖାତାକୁ ୨ଟି କିସ୍ତିରେ ଦୁବାଇରୁ ୩୮ ହଜାର ଟଙ୍କା ଆସୁଛି। ତେଣୁ ଉକ୍ତ ଟଙ୍କା କିଏ ପଠାଇଛି ଖୋଳତାଡ କରୁଛି କ୍ରାଇମ୍‌ବ୍ରାଞ୍ଚ। ଏଥିସହ ଜଣେ ଯୁବତୀ ଏହାକୁ ଅପରେଟ୍ କରୁଥିଲେ ନା ଏଥିରେ ଆଉ କିଛି ଯୁବତୀଙ୍କ ସମ୍ପୃକ୍ତି ରହିଛି, ଏସବୁକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତନାଘନା କରୁଛି। ସେଭଳି ରିମାଣ୍ଡର ୪ର୍ଥ ଦିନରେ ଅଭିଯୁକ୍ତଙ୍କ ଠାରୁ ଏସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାତେଇଛି। ୭ଦିନିଆ ରିମାଣ୍ଡର ଆଉ ୩ଦିନ ବାକି ଥିବାରୁ ଅଭିଯୁକ୍ତଙ୍କ ଠାରୁ ଆଉ କିଛି ରୋଚକତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାସଲ କରିବ ବୋଲି ଆଶା ରଖିଛି। ଆବଶ୍ୟକ ପଡ଼ିଲେ ପୁଣି ଥରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

● ମାୟାବିନୀ ସୁନ୍ଦରୀଙ୍କ ସମ୍ପର୍କରେ ଥିଲେ ସମସ୍ତ ଅଭିଯୁକ୍ତ
● ବିବାହର ପ୍ରଲୋଭନ ଦେଇ ଅଭିଯୁକ୍ତଙ୍କୁ ଫସାଇଥିଲେ

# ଧୋକାଦେଲା ଛତିଶଗଡ଼; ସମ୍ଭାଳିନେଲା ଓଡ଼ିଶା

ସମ୍ବଲପୁର,୨୨।୯ (ସମିସ) : ଏଥର ବେଶ୍ ସତର୍କତାର ସହ ମହାନଦୀ ବନ୍ୟାକୁ ରାଜ୍ୟ ସରକାର ପରିଚାଳନା କରିଛନ୍ତି। ଛତିଶଗଡ଼ ସରକାର ରୁଲ୍ କର୍ଭକୁ ବେଖାତିର କରି ହଠାତ ପାଣି ଛାଡ଼ିଦେଇଥିବାରୁ ଓଡ଼ିଶା ପାଇଁ ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଆଗୁଆ ପ୍ରସ୍ତୁତି ଓ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କ ଠିକ୍ ସମୟରେ ପଦକ୍ଷେପ ଯୋଗୁ ମହାନଦୀରେ ବଡ଼ ବନ୍ୟା ଆଶଙ୍କାକୁ ଟାଳିଦିଆଯାଇପାରିଛି।

ଗତ କିଛି ଦିନ ପୂର୍ବରୁ ଓଡ଼ିଶାରେ ଲଘୁଚାପ ଜନିତ ଲଗାଣ ବର୍ଷା ହୋଇଥିଲା। ଏପରିକି ଡ୍ୟାମର ଉପରମୁଣ୍ଡ ଅର୍ଥାତ୍ ଛତିଶଗଡ଼ରେ ମଧ ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଥିଲା। ତେବେ ବିନା ଆଗୁଆ ସୂଚନାରେ ଛତିଶଗଡ଼ ତିଆରି କରିଥିବା ବ୍ୟାରେଜର ଗେଟ୍ ଖୋଲି ଥିଲା। ଏହା ଫଳରେ ଏକ ସଙ୍ଗରେ ବନ୍ୟା ପାଣି ହୀରାକୁଦ ଡ୍ୟାମ ମଧ୍ୟକୁ ପ୍ରବେଶ କରିଥିଲା। ଲକ୍ଷାଧିକ କ୍ୟୁସେକ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବେଳେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ବିଚଳିତ ନ ହୋଇ ସୁପରିଚାଳନା କରିଥିଲେ। ଫଳରେ ଏକ ବଡ ଧରଣର ବନ୍ୟା ଟଳିଥିଲା। ପୂର୍ବରୁ ଏସଆରସି ଏକ ମଧ୍ୟମ ଧରଣର ବନ୍ୟା ହେବ ବୋଲି ସୂଚନା ଦେଇଥିଲେ।

ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ଆଇଏମଡି ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା; ମାତ୍ର ଅଗଷ୍ଟ ଶେଷ ସୁଦ୍ଧା ଭଲ ବର୍ଷା ହେଲା ନାହିଁ। ରୁଲ କର୍ଭ ଅନୁଯାୟୀ ହୀରାକୁଦ ଜଳସ୍ତର ତଳେ ରହିଥିଲା। ତେବେ ସେପ୍ଟେମ୍ବର ମଧ ଭାଗରେ ଭଲ ବର୍ଷା ହେବାରୁ ଜଳସ୍ତର ବୃଦ୍ଧି ପାଇଥିଲା। ଅଗଷ୍ଟ ମାସରେ ୭୦ ପ୍ରତିଶତ ବର୍ଷା ହୋଇଥିଲେ ସୁଦ୍ଧା ଉପରମୁଣ୍ଡରୁ ମାତ୍ର ୩୧ ପ୍ରତିଶତ ପାଣି ଜଳଭଣ୍ଡାରରେ ପ୍ରବେଶ କରିଥିଲା। ଶେଷ ସମୟରେ ଜଳଭଣ୍ଡାରକୁ ଉପରମୁଣ୍ଡରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ କରିଥିଲା। ଗତ ୧୯ ତାରିଖ ମଧ୍ୟାହ୍ନ ୧୨ଟାରେ ସର୍ବାଧିକ ୩ ଲକ୍ଷ ୧୯ ହଜାର ୧୩୯ ଘନଫୁଟ ଜଳ ପ୍ରବେଶ କରିଥିଲା। ରୁଲ କର୍ଭ ଅନୁଯାୟୀ ଗେଟ୍ ଖୋଲା ଯାଇଥିଲା। ଚଳିତ ବର୍ଷ ୟୁନିକ ହାଇଡ୍ରୋ ମେଟ୍ରୋଲିଜିକାଲ ଇୟର ଭାବେ ବିବେଚନା କରାଯାଇଛି। ହୀରାକୁଦ ନଦୀବନ୍ଧର ଜଳକୁ ନିୟନ୍ତ୍ରଣ କରାଯାଇ ପାରୁଛି। ତେଲ ନଦୀର ଜଳକୁ ନିୟନ୍ତ୍ରଣ ପାଇଁ ସେଭଳି ବ୍ୟବସ୍ଥା ରହିନାହିଁ। ତେଲ ନଦୀ ଅବବାହିକାରେ ବର୍ଷା ହେଲେ ଜଳସ୍ତର ବୃଦ୍ଧି ପାଇଥାଏ। ଏଭଳି ସ୍ଥଳେ ତେଲ ନଦୀରେ ଭଲ ବର୍ଷା ହୋଇଥିଲା। ସେହି ବର୍ଷା ଜଳ ନିଷ୍କାସନ ପରେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ତଳ ମୁଣ୍ଡରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ କରିଥିଲେ ବୋଲି ମହାନଦୀ ଅବବାହିକା ମୁଖ୍ୟ ଯନ୍ତ୍ରୀ ଇଂ. ଆନନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

● ରୁଲ୍ କର୍ଭକୁ ବେଖାତିର
● ଏକାଥରକେ ଖୋଲିଦେଲା ଗେଟ୍



ପଞ୍ଚାୟତ ନିର୍ବାଚନ

# ବୁଥ୍‌ରେ ନୁହେଁ; ବ୍ଲକରେ ଗଣତି

ଭୁବନେଶ୍ୱର,୨୨।୯ (ସମିସ): ପଞ୍ଚାୟତ ନିର୍ବାଚନ ଠିକ୍ ସମୟରେ କରିବା ଲାଗି ରାଜ୍ୟ ସରକାର ପାଗ ଭିଡିଛନ୍ତି। ଏଥିପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ପଞ୍ଚାୟତିରାଜ ବିଭାଗ ନେଇଚାଲିଛି। କେତେ ଶୀଘ୍ର ରାଜ୍ୟ ନିର୍ବାଚନ କମିସନଙ୍କୁ ନିର୍ବାଚନ ପାଇଁ ସରକାର ସଙ୍କେତ ଦେବେ ସେଥିଲାଗି ବିଭାଗରେ ଏବେ ଜୋରଦାର କସରତ ଚାଲିଛି। ଏହି କ୍ରମରେ ଆଜି ବିଭାଗ ଆଉ ପାଦେ ଆଗେଇଛି।

ଭୋଟ ଗଣତି ଏଣିକି ବୁଥ୍‌ରେ ନୁହେଁ ବରଂ ବ୍ଲକ କାର୍ଯ୍ୟାଳୟରେ କରାଯିବ। ଏ ସଂକ୍ରାନ୍ତରେ ଆଇନରେ ସଂଶୋଧନ ପରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ପରେ ଭୋଟ ବାକ୍ସକୁ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ତୁରନ୍ତ ସିଲ୍ କରାଯିବ



ଓ ଏହାକୁ ଅଧିକାରୀମାନେ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ। ନିର୍ଦ୍ଧାରିତ ଭୋଟ ଗଣତି ଦିନ ଏହା ଖୋଲାଯିବ। ସେହିଦିନ ଭୋଟଗଣତି କେନ୍ଦ୍ରରେ ସିଲ୍ ଖୋଲାଯିବା ପୂର୍ବରୁ କେତେ ବ୍ୟକ୍ତି ଭୋଟ ଦେଇଛନ୍ତି ଓ ବାକ୍ସରେ କେତେ ବାଲଟ୍ ଅଛି, ତାହାର ମେଳ ହେବ। ଏହା ପରେ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ଗଣତି ଆରମ୍ଭ ହେବ। ଯଦି ଗଣତି ବେଳେ କୌଣସି ବିବାଦ ନ ଥାଏ, ତେବେ ସର୍ବାଧିକ ଭୋଟ ପାଇଥିବା ୱାର୍ଡମେମ୍ବର, ସରପଞ୍ଚ,ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ନାମ ଘୋଷଣା କରିଦିଆଯିବ।

ଅନ୍ୟପଟରେ ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ସଂକ୍ରାନ୍ତ ବିଲ୍ ବିଧାନସଭାରେ ଅନୁମୋଦନ ପରେ ଏହା ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରିଛି। ଗେଜେଟ୍ ବିଜ୍ଞପ୍ତି ଏଯାଏ ପ୍ରକାଶ ପାଇନାହିଁ। ଖୁବ୍ ଶୀଘ୍ର ଏ ସଂକ୍ରାନ୍ତ ପ୍ରକ୍ରିୟା ଶେଷ ହେବ। ଏହା ପରେ ନିର୍ବାଚନ ପାଇଁ ଆସନ ସଂରକ୍ଷଣ ପ୍ରକ୍ରିୟା ତତ୍କାଳ ପଞ୍ଚାୟତିରାଜ ବିଭାଗ ପଦକ୍ଷେପ ନେବେ। ସରକାର ଜିଲ୍ଲା ପରିଷଦ ଆସନ ସଂରକ୍ଷଣ କରିବେ ଓ ଅନ୍ୟ ସବୁ ପଦବି ଲାଗି ଜିଲ୍ଲାସ୍ତରରେ ସଂରକ୍ଷଣ ପାଇଁ ଜିଲ୍ଲାପାଳ ପଦକ୍ଷେପ ନେବ। ଏସବୁ ସରିବା ପରେ ନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ କମିସନଙ୍କୁ ସରକାର ଜଣାଇଦେବେ।

ସଂଶୋଧନ ପରେ ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି

# ଆଇଏଏସ୍ ଚାକିରି ଛାଡୁଛନ୍ତି ମନୀଷ

ଭୁବନେଶ୍ୱର,୨୨।୯ (ସମିସ): ୨୦୦୦ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ମନୀଷ କୁମାର ବର୍ମା ସରକାରୀ ଚାକିରିକୁ ବାଏ ବାଏ କରିବାକୁ ଯାଉଛନ୍ତି। ସେ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ତିନିମାସିଆ ନୋଟିସ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ଅତି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ରାଜ୍ୟ ସରକାର ଏହି ସମୟ ସୀମା ମଧ୍ୟରେ ଶ୍ରୀ ବର୍ମାଙ୍କ ଆବେଦନ ଉପରେ ବିଚାର କରି ଆବଶ୍ୟକ ପଦକ୍ଷେପ ନେବେ। ସରକାରଙ୍କ ଅନୁମତି ପରେ ତାଙ୍କୁ ସରକାରୀ ଚାକିରିରୁ ଅବ୍ୟାହତି ମିଳିବ।



ମାଲକାନଗିରି, ବାଲେଶ୍ୱର ଆଦି ଜିଲ୍ଲାରେ ଜିଲ୍ଲାପାଳ ଥିବା ଶ୍ରୀ ବର୍ମା ପରବର୍ତ୍ତୀ ସମୟରେ ଆନ୍ତଃ ରାଜ୍ୟ ଡେପୁଟେସନରେ ନିଜ ରାଜ୍ୟ ବିହାରକୁ ଯାଇଥଲେ। ସେଠାରେ ସେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଆସ୍ଥାଭାଜନ ହେବା ସହିତ ଢେର୍ ସମୟ ଧରି ତାଙ୍କର ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନୀତିଶଙ୍କ ସହିତ ତାଙ୍କର ଘନିଷ୍ଠତା ନେଇ ଅନେକ ଖବର ପୂର୍ବରୁ ଆସିଛି। ଏପରିକି ଶ୍ରୀ ବର୍ମାଙ୍କର ଡେପୁଟେସନ ମିଆଦ ପୂରିଯାଇଥିଲେ ବି କେନ୍ଦ୍ର ସରକାର ନିୟମ କୋହଳ କରି ତାଙ୍କୁ ବିହାରରେ କାମ କରିବା ଲାଗି ସୁଯୋଗ ଦେଇଥିଲେ।

ଇତିମଧ୍ୟରେ ଶ୍ରୀ ବର୍ମା ଓଡ଼ିଶାକୁ ଫେରି କାର୍ଯ୍ୟରେ ଯୋଗ ଦେଇଥିଲେ ହେଁ କୌଣସି ଗୁରୁ ଦାୟିତ୍ୱ ହାତେଇବା ପୂର୍ବରୁ ଗତ ମେ' ୨୧ ତାରିଖରୁ ଛୁଟିରେ ଚାଲିଯାଇଥିଲେ। ମିଳିଥିବା ଖବର ଅନୁସାରେ, ଶ୍ରୀ ବର୍ମା ଓଡ଼ିଶା ଆସିଛନ୍ତି। ହେଲେ ଏଥର ପୂରା ଛୁଟିରେ ଯିବା ପାଇଁ। ଅର୍ଥାତ୍ ସେ ଆଇଏଏସ୍ ଚାକିରି ଛାଡି ଚାଲିଯାଉଥିବା ସୂଚନା ମିଳିଛି। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କୁ ସେ ଭେଟି ସାରିଲେଣି ଓ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ସେ ବିହାରରେ ସକ୍ରିୟ ରାଜନୀତିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଓଡ଼ିଶା କ୍ୟାଡରରୁ ଅତିରିକ୍ତ ମୁଖ୍ୟସଚିବ ପାହ୍ୟାର ଅଫିସର ଡ. ୟୁ ଶରତଚନ୍ଦ୍ରନ୍, ଗଗନ ଧଳ ଏବଂ ଅଶ୍ୱିନୀ ବୈଷ୍ଣବ, ଅପରାଜିତା ଷଡଙ୍ଗୀ, ଡିଏନ୍ ଗୁପ୍ତା ଚାକିରି ଥାଇ ଅବ୍ୟାହତି ନେଇଥିଲେ। ସେମାନଙ୍କ ପୂର୍ବରୁ ଜେ ପି ଦାଶ ମଧ ଆଇଏଏସ ଚାକିରି ମୋହ ତୁଟାଇ ଛାଡି ଚାଲିଯାଇଥିଲେ। ଏମାନଙ୍କ ମଧ୍ୟରୁ ଶ୍ରୀ ବୈଷ୍ଣବ ନିକଟରେ ଓଡ଼ିଶାରୁ ରାଜ୍ୟସଭାକୁ ଓ ଅପରାଜିତା ଭୁବନେଶ୍ୱର ସାଂସଦ ଭାବେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି।

# ଆଦିବାସୀ ଅଞ୍ଚଳର ଲୋକଙ୍କୁ ମିଳିବ ଶୀତଳ ଗୃହ

● ମିଳିବ ୮.୨୫ ଲକ୍ଷ ଓ ୧୦.୫୦ ଲକ୍ଷ ଟଙ୍କାର ସବ୍‌ସିଡି
● କୃଷି ଓ ଜଙ୍ଗଲ ଉତ୍ପାଦ ସଂରକ୍ଷଣ ହେବ ସହଜ

ଭୁବନେଶ୍ୱର,୨୨।୯ (ସମିସ): ଆଦିବାସୀ ଅଞ୍ଚଳର ବାସିନ୍ଦା ନିଜ କୃଷି ଏବଂ ଅନ୍ୟ ଉତ୍ପାଦ ସଂରକ୍ଷିତ ରଖିବା ପାଇଁ ସମର୍ଥ ହେବେ। ସେମାନଙ୍କୁ ସୌର ଏବଂ ବିଦ୍ୟୁତ ଚାଳିତ ଶୀତଳ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ୍ (ଓଟିଇଏଲ୍‌ପି) ଅଧୀନରେ ଥିବା ୭ଟି ଆଦିବାସୀ ବହୁଳ ଜିଲ୍ଲାର ଚାଷୀଙ୍କୁ ଏହି ସୁବିଧା ମିଳିବ। ଆଠ ମେଟ୍ରିକ୍ ଟନ୍ କ୍ଷମତାର ଶୀଳ ଗୃହ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରିବେ। ସେହିପରି ଉକ୍ତ ଅଞ୍ଚଳରେ ଥିବା ସରକାରୀ ଅନୁଷ୍ଠାନ ମଧ ନିଜ ଭାଗର ଖର୍ଚ୍ଚ ବହନ ସର୍ତ୍ତରେ ଏହି ସୁବିଧା ପାଇପାରିବେ। ଉଭୟ ସାଧାରଣ ଓ ଅନୁସୂଚିତ ଅଞ୍ଚଳର ବାସିନ୍ଦାଙ୍କୁ ଏହାର ଲାଭ ମିଳିବ। ତେବେ ସବ୍‌ସିଡି ପରିମାଣ ଭିନ୍ନ ହେବ। ଜିଲ୍ଲା କୃଷି ଅଧିକାରୀଙ୍କୁ ଏ ନେଇ ପ୍ରସ୍ତାବ ପଠାଇବା ପାଇଁ ଓଟିଇଏଲ୍‌ପି କାର୍ଯ୍ୟକ୍ରମ ନିର୍ଦ୍ଦେଶକଙ୍କୁ କୁହାଯାଇଛି।

ହସ୍ତଗତ ସୂଚନା ଅନୁସାରେ ମିଶନ୍ ଫର୍ ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ଅଫ୍ ହର୍ଟିକଲ୍‌ଚର୍ (ଏମ୍‌ଆଇଡିଏଚ୍) ଅଧୀନସ୍ଥ ହିତାଧିକାରୀଙ୍କୁ ଶୀଳତ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ସାଧାରଣ ଅଞ୍ଚଳରେ ଶୀତଳ ଗୃହ ସ୍ଥାପନ କରିବା ପାଇଁ ବ୍ୟକ୍ତିଗତ ଭାବେ ୫୫ ପ୍ରତିଶତ ଅବା ସର୍ବାଧିକ ୮ ଲକ୍ଷ ୨୫ ହଜାର ଟଙ୍କା ଏବଂ ଅନୁସୂଚିତ ଅଞ୍ଚଳ ପାଇଁ ୭୦ ପ୍ରତିଶତ ସବ୍‌ସିଡି ଅବା ୧୦ ଲକ୍ଷ ୫୦ ହଜାର ଟଙ୍କା ମିଳିବ। ସରକାରୀ ପ୍ରତିଷ୍ଠାନ ମଧ ଏହି ସବ୍‌ସିଡି ସୁବିଧା ପାଇପାରିବେ। କିନ୍ତୁ ସେମାନେ ପ୍ରକଳ୍ପର ମୂଲ୍ୟର ନିଜ ଭାଗର ଖର୍ଚ୍ଚ ବହନ କରିବା ଜରୁରୀ। ଏ ନେଇ ଏମ୍‌ଆଇଡିଏଚ୍ ଅନୁଯାୟୀ ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା କୃଷି ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଓଟିଇଏଲ୍‌ପିକୁ କୁହାଯାଇଛି। ଏହି ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା ମିଶନ କମିଟି (ଡିଏମ୍‌ସି)ର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ ଏବଂ ଏହା ପରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟକୁ ପଠାଯିବ। ତେଣୁ ଜିଲ୍ଲା ସ୍ତରରେ ପ୍ରସ୍ତାବ ପ୍ରସ୍ତୁତ କରି ଦାଖଲ କରିବା ପାଇଁ କୁହାଯାଇଛି। ଓଟିଇଏଲ୍‌ପି ଅଧୀନରେ ଏବେ ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୩୦ଟି ପଛୁଆ ଆଦିବାସୀ ବ୍ଲକକୁ ଅନ୍ତର୍ଭୁକ୍ତ କରାଯାଇଛି।

ରାଷ୍ଟ୍ରାୟତ୍ତ ବୀମା କମ୍ପାନୀରେ ପ୍ରଥମ ଓଡ଼ିଆ ସିଏମ୍‌ଡି

# ସତ୍ୟଜିତ ତ୍ରିପାଠୀ ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ ମୁଖ୍ୟ

ଭୁବନେଶ୍ୱର,୨୨।୯ (ସମିସ): ଦେଶର ରାଷ୍ଟ୍ରାୟତ୍ତ ବୀମା କମ୍ପାନୀର ମୁଖିଆ ପଦରେ ବସିଛନ୍ତି ଜଣେ ଓଡ଼ିଆ ପୁଅ। ଦେଶର ଦ୍ୱିତୀୟ ବୃହତ୍ ସାଧାରଣ ବୀମା କମ୍ପାନୀ ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ କମ୍ପାନୀ ଲିମିଟେଡ଼ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବରେ ନିଯୁକ୍ତି ପାଇଛନ୍ତି ସତ୍ୟଜିତ ତ୍ରିପାଠୀ। ଶ୍ରୀ ତ୍ରିପାଠୀ ହେଉଛନ୍ତି ପ୍ରଥମ ଓଡିଆ ଅଧିକାରୀ ଯିଏକି ଏଭଳି ଏକ ଉଚ୍ଚ ପଦରେ ଅଭିଷିକ୍ତ ହୋଇଛନ୍ତି। ଶ୍ରୀ ତ୍ରିପାଠୀ କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ସିଏମ୍‌ଓ ତଥା ପୂର୍ବତନ ନିର୍ଦ୍ଦେଶକ ଇଏସ୍‌ଆଇ ସ୍ୱର୍ଗତ ଡ଼ ସୁରେନ୍ଦ୍ର ପ୍ରସାଦ ତ୍ରିପାଠୀ ଏବଂ ସୁନାମଧନ୍ୟା କ୍ଷୁଦ୍ରଗଳ୍ପ ଲେଖିକା ଭାରତୀ ତ୍ରିପାଠୀଙ୍କ ସୁପୁତ୍ର। ସେ ଏନ୍‌ଆଇଟି ରାଉରକେଲା ସିଭିଲ୍ ଇଞ୍ଜିନିୟରିଂ ବିଭାଗର ପୂର୍ବତନ ପ୍ରଫେସର ଡକ୍ଟର ପି କେ ଦାସ ଏବଂ ସ୍ୱର୍ଗତ ଜ୍ୟୋତି ଦାସଙ୍କ ଜାମାତା।



ଶ୍ରୀ ତ୍ରିପାଠୀଙ୍କ ନିଯୁକ୍ତିରେ ଓଡ଼ିଶା ତଥା ଭାରତବର୍ଷର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀଙ୍କ ମହଲରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଛି। ସେ ଓୟୁଏଟିରୁ ସ୍ନାତକ ଏବଂ ଏକ୍ସଆଇଏମ୍‌ବିରୁ ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୮୮ ରେ ଜେନେରାଲ୍ ଇନସ୍ୟୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଜିଆଇସି) ରେ ପ୍ରତ୍ୟକ୍ଷ ଅଧିକାରୀ ଭାବରେ ଯୋଗ ଦେଇଥିଲେ। ଶ୍ରୀ ତ୍ରିପାଠୀ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ଜିଆଇସିରେ ମୁଖ୍ୟ ବିନିଯୋଗ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ଏବଂ ଚଳିତବର୍ଷ ଅଗଷ୍ଟରେ ଦି ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀ ଲିମିଟେଡ଼ର ନିର୍ଦ୍ଦେଶକ ତଥା ଜେନେରାଲ ମ୍ୟାନେଜର ଭାବରେ ନିଯୁକ୍ତ ହୋଇଥିଲେ। ସେ ତାଙ୍କର ୩୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଦେଶର ପୂର୍ବ, ଉତ୍ତର ଏବଂ ପଶ୍ଚିମ ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ଓଏଏସ୍‌ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୨।୯ (ସମିସ): ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ସୀତାରାମ ପଟେଲଙ୍କୁ ଅତିରିକ୍ତ ଆଇ.ଜି ପ୍ରିଜନ୍ ଭାବେ ନିଯୁକ୍ତି ଦିଆଯାଇଛି। ସେ ଭୁବନେଶ୍ୱରସ୍ଥିତ କାରାଗାର ନିର୍ଦ୍ଦେଶାଳୟରେ ଅବସ୍ଥାପିତ ହେବେ। ସେହିପରି ଅନିରୁଦ୍ଧ ପ୍ରଧାନଙ୍କୁ ସମ୍ବଲପୁରସ୍ଥିତ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରାର, ଏଲଏଆର ଏଣ୍ଡ ଆର ଭାବେ କାର୍ଯ୍ୟ କରିବେ। ଅନୁରୂପ ଭାବେ ଡକ୍ଟର ବିଜୟାନନ୍ଦ ସେଠୀଙ୍କୁ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ମାଲକାନଗିରି ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ଉପରୋକ୍ତ ସମସ୍ତ ନିଯୁକ୍ତି ନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଇଏସ୍‌ଏଲ୍ ହାତେଇଲା ଦ୍ୱିତୀୟ ଖଣି

ଭୁବନେଶ୍ୱର,୨୨।୯ (ସମିସ): ଇଏସ୍‌ଏଲ ଷ୍ଟିଲ୍ ଲିଃ ଲଗାତାର ଦ୍ୱିତୀୟ ଖଣି ହାତେଇଛି। ଲୁହାପଥର ଓ ମାଙ୍ଗାନିଜ୍ ଥିବା ନାଦିଡିହ (ଫ୍ରିଗ୍ରେଜ) ଖଣିକୁ ଇଏସ୍‌ଏଲ୍ ୯୨.୩% ପ୍ରିମିୟମ୍ ମୂଲ୍ୟରେ ହାତେଇଛି। ଏହା ପୂର୍ବରୁ ଏହି କମ୍ପାନୀ ନାଦିଡିହ ଲୁହାପଥର ବ୍ଲକ (ବିକୋ)କୁ ମଧ ୯୫.୬% ପ୍ରିମିୟମ୍ ମୂଲ୍ୟରେ ହାତେଇସାରିଛି। ନାଦିଡିହ(ଫ୍ରିଗ୍ରେଡ୍) ଲୁହାପଥର ଓ ମାଙ୍ଗାନିଜ୍ ଖଣି ପ୍ରାୟ ୧୫.୦୬ ମିଲିୟନ୍ ଟନ୍ ଲୁହାପଥର ଏବଂ ୦.୦୫୯ ମିଲିୟନ୍ ଟନ୍ ମାଙ୍ଗାନିଜ୍ ରହିଥିବା କୁହାଯାଉଛି। ଅପରପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ସ୍ଥିତ କର୍ଲାପାଟ ବକ୍ସାଇଟ୍ ବ୍ଲକ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି।

ସୀମା ବିବାଦ ନେଇ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

# ପଦକ୍ଷେପ ସ୍ୱାଗତଯୋଗ୍ୟ; ସନ୍ତୋଷଜନକ ନୁହେଁ

ଭୁବନେଶ୍ୱର,୨୨।୯ (ସମିସ): ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦ ସମାଧାନ ପରିବର୍ତ୍ତେ ଅଧିକ ବିବାଦୀୟ ହୋଇପଡ଼ିଛି। ଏପରିକି ସୀମାନ୍ତବର୍ତ୍ତୀ ଗଞ୍ଜେଇପଦର, ଫଗୁଣସେନେରୀ ଓ ଫାଟୁସେନେରୀରେ ପୂର୍ବରୁ ଆନ୍ଧ୍ର ନିର୍ବାଚନ କରାଇଥିବା ବେଳେ ଗତ ୧୯ ତାରିଖରେ ଫଳାଫଳ ଆସିଥିବା ନେଇ ଖବର ଆସିଥିଲା। ତେବେ କୋରାପୁଟ ଜିଲ୍ଲାପାଳ ଖବରକୁ ଖଣ୍ଡନ କରିବା ସହ ଆନ୍ଧ୍ର ନିଜ ସୀମାରେ ନିର୍ବାଚନ କରିଥିବା ନେଇ ସ୍ପଷ୍ଟ କରିବା ପରେ ଓଡ଼ିଶାବାସୀ ଆଶ୍ୱସ୍ତ ହୋଇଥିଲେ। ଏପରିକି ଆଗାମୀ ଦିନରେ ଉପରୋକ୍ତ ସ୍ଥାନଗୁଡ଼ିକରେ ଓଡ଼ିଶା ପକ୍ଷରୁ ତ୍ରୀ-ସ୍ତରୀୟ ପଞ୍ଚାୟତ ନିର୍ବାଚନ କରାଯିବ ବୋଲି ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାର୍ କହିଥିଲେ। ତେବେ ନିକଟ ଅତୀତରେ ଆନ୍ଧ୍ରର ବାରମ୍ବାର ଓଡ଼ିଶା ସୀମା ଅତିକ୍ରମଣ ଏବଂ ବେଆଇନ ନିର୍ମାଣ କାର୍ଯ୍ୟ କରିବାର ମସୁଧା ଦୁଇରାଜ୍ୟ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଛି। କୋରାପୁଟ ଜିଲ୍ଲା ପ୍ରଶାସନ ପରିସ୍ଥିତିର ଧୈର୍ଯ୍ୟପୂର୍ଣ୍ଣ ମୁକାବିଲା କରୁଥିବା ବେଳେ କୋଟିଆ ପ୍ରସଙ୍ଗକୁ ନେଇ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ। ଗତ ଅଗଷ୍ଟରେ ସୁପ୍ରିମକୋର୍ଟର ଦୁଇଜଣିଆ ଖଣ୍ଡପୀଠ ମାମଲାର ଶୁଣାଣୀ କରି ରାଜନୈତିକ ସ୍ତରରେ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏପରିକି ଏଥିପାଇଁ ସୁପ୍ରିମକୋର୍ଟ ଦୁଇରାଜ୍ୟକୁ ୬ ସପ୍ତାହର ମହଲତ୍ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ରାଜନୈତିକ ସ୍ତରରେ ବିବାଦର ସମାଧାନ ପାଇଁ ପରାମର୍ଶ ଦେଇଥିବା ବେଳେ ଠିକ୍ ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ. ଏସ ଜଗନମୋହନ ରେଡ୍ଡୀଙ୍କୁ ଚିଠି ଲେଖିବା ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ଧର୍ମେନ୍ଦ୍ର ଦୁଇରାଜ୍ୟ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ନେଇ ରାଜନୈତିକ ମହଲରେ ସରଗରମ୍ ଆଲୋଚନା ଆରମ୍ଭ ହୋଇଛି। ଧର୍ମେନ୍ଦ୍ରଙ୍କ ଜଗନଙ୍କୁ ଲେଖିଥିବା ଚିଠି ସ୍ୱାଗତଯୋଗ୍ୟ; କିନ୍ତୁ ସମସ୍ୟାର ସମାଧାନ ପାଇଁ ଏହା ଯଥେଷ୍ଟ ନୁହେଁ। କେନ୍ଦ୍ରମନ୍ତ୍ରୀ ଉକ୍ତ ପ୍ରସଙ୍ଗକୁ ପ୍ରସଙ୍ଗକୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିକଟକୁ ନିଅନ୍ତୁ। କାରଣ କେନ୍ଦ୍ର ସରକାର ଦୁଇରାଜ୍ୟ ମଧ୍ୟରେ ଉପୁଯିଥିବା ବିବୌଦର ସମାଧାନ ପାଇଁ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ଏପରିସ୍ଥଳରେ ଘଟଣାରେ କେନ୍ଦ୍ର ଗୃହମନ୍ତ୍ରାଳୟ ଯଦି ମଧ୍ୟସ୍ଥତା କରି ଆପୋଷ ବୁଝାମଣା ପାଇଁ ଆଗଭର ହେବ ତାହେଲେ ମାମଲାର ସହଜରେ ସମାଧାନ ହେବାର ସମ୍ଭାବନା ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ମୌସୁମୀ ଅଧିବେଶନରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆନ୍ତଃରାଜ୍ୟ ସୀମା ବିବାଦକୁ ନେଇ ଲୋକସଭାରେ ଏକ ଉତ୍ତର ରଖିଥିଲେ। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଦେଶରେ ରାଜ୍ୟ ରାଜ୍ୟ ମଧ୍ୟରେ ସୀମା ବିବାଦ ସମ୍ପର୍କିତ ମୋଟ ୭ଟି ବିବାଦ ରହିଛି। ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ମାତ୍ର ମନ୍ତ୍ରୀ ପ୍ରଦତ୍ତ ତାଲିକାରେ ଓଡ଼ିଶା ସହ ପଡ଼ୋଶୀଙ୍କ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ କିଛି ଉଲ୍ଲେଖ ନଥିଲା। ଦୀର୍ଘଦିନ ହେବ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶା ପଡ଼ୋଶୀ ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଛତିଶଗଡ଼ ସହ ସୀମା ବିବାଦକୁ ନେଇ ସନ୍ତୁଳି ହେଉଛି। ଏହାର ନିରାକରଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ତାଙ୍କ ନିକଟରେ ଏନେଇ ତଥ୍ୟ ଉପଲବ୍ଧ ନଥିବା କଥା କହିବାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଅନ୍ୟ ୭ଟି ବିବାଦର ସମାଧାନ ପାଇଁ ଯଦି କେନ୍ଦ୍ର ଗୃହ ମନ୍ତ୍ରାଳୟ ନିଜଆଡ଼ୁ ପଦକ୍ଷେପ ନେଇପାରୁଛି ତାହେଲେ ଓଡ଼ିଶାର କ୍ଷେତ୍ରରେ କେନ୍ଦ୍ର କାହିଁକି ପଛଘୁଞ୍ଚା ଦେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେଣୁ ଧର୍ମେନ୍ଦ୍ର ଯଦି ପ୍ରକୃତରେ ବିବାଦର ସମାଧାନ ପାଇଁ ଉତ୍ସୁକ ଅଛନ୍ତି ତେବେ ଏହି ପ୍ରସଙ୍ଗକୁ ନିଜ ଆଡ଼ୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ନିକଟରେ ଉପସ୍ଥାପିତ କରନ୍ତୁ। କେନ୍ଦ୍ର ଗୃହମନ୍ତ୍ରୀ ଘଟଣାରେ ଦୁଇରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଡାକି ଆଲୋଚନା କରି ଯଦି ଆପୋସ ବୁଝାମଣା କରନ୍ତି ତାହେଲେ ସମାଧାନର ରାସ୍ତା ବାହାରିପାରିବାର ସମ୍ଭାବନା ରହିଛି। ଓଡ଼ିଶା ସରକାର ଏବଂ କୋରାପୁଟ ଜିଲ୍ଲା ପ୍ରଶାସନ ନିଜ ନିଜ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଧର୍ମେନ୍ଦ୍ର ଠିକଣା ସମୟରେ ଚିଠି ଲେଖି ଦ୍ୱିପାକ୍ଷିକ ଆଲୋଚନା ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ବ୍ୟକ୍ତିଗତ ସ୍ତରରେ କେନ୍ଦ୍ର ସରକାରଙ୍କ ତରଫରୁ ସମର୍ଥନ ଦେବା ନେଇ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଧର୍ମେନ୍ଦ୍ର ନିଜଆଡ଼ୁ ଏହା କରିପାରନ୍ତି ତାହା ଅଧିକ ଫଳପ୍ରଦ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

● ଗୃହମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ଧର୍ମେନ୍ଦ୍ର

## ଧର୍ମେନ୍ଦ୍ରଙ୍କ ୪ ସୂତ୍ରୀ ପ୍ରସ୍ତାବ

ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଚିଠି ଲେଖି ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଉପରେ ଜୋର୍ ଦେଇଛନ୍ତି। ପ୍ରଥମତଃ ବିବାଦୀୟ ଗ୍ରାମ ଗୁଡ଼ିକରୁ ସଶସ୍ତ୍ର ସୁରକ୍ଷା ବଳକୁ ଅପସାରଣ କରାଯାଉ ଏବଂ ସ୍ଥାନୀୟ ଜନପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରାଯାଉ। ଦ୍ୱିତୀୟତଃ ଗ୍ରାମାଞ୍ଚଳର ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମୌଳିକ ସୁବିଧାକୁ ବାଦ୍ ଦେଇ ନୂତନ ଢାଞ୍ଚାଗତ ନିର୍ମାଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ। ତୃତୀୟ ପ୍ରସ୍ତାବ ସ୍ୱରୂପ ଏହି ବିବାଦରେ ଆଗାମୀ ଦିନର ରୋଡମ୍ୟାପ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଚତୁର୍ଥତଃ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଜଏଣ୍ଟ ଓର୍କିଂ କମିଟି ବା ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରାଯାଉ ବୋଲି ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି।

## ସମସ୍ୟା ଘେରରେ ବାଲିଘାଇ ବ୍ରଜସୁନା ଉଚ୍ଚବିଦ୍ୟାଳୟ

# ସଂସ୍କୃତ, ହିନ୍ଦୀ ଶିକ୍ଷକ ପଦ ଖାଲି, ଶ୍ରେଣୀଗୃହ ସମସ୍ୟା

ମାର୍ଶାଘାଇ,୨୨।୯ (ସମିସ)



ନଦୀନାଳ ଘେରା ଅଞ୍ଚଳରେ ଶିକ୍ଷାର ବିକାଶ ନିମନ୍ତେ ଗ୍ରାମାବାସୀଙ୍କ ଉଦ୍ୟମ ଓ ଅବଦାନରେ ବ୍ରଜସୁନା ଉଚ୍ଚବିଦ୍ୟାଳୟ ଗଡ଼ିଉଠିଥିଲା। ଅଞ୍ଚଳବାସୀଙ୍କ ଇଚ୍ଛାଶକ୍ତି ଯୋଗୁଁ ଅର୍ଥ ପ୍ରତିବନ୍ଧକ ସୃଷ୍ଟି କରି ନ ଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ କଚ୍ଚାଛପର ଶ୍ରେଣୀକକ୍ଷ ନିର୍ମାଣ କରାଯାଇ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରାଯାଇଥିଲା। ଅର୍ଥାଭାବରୁ ଅଧାରୁ ଯେପରି କେହି ପାଠପଢ଼ା ନ ଛାଡ଼ିବେ, ତା'ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ନ ହେବେ, ସେହି ଲକ୍ଷ୍ୟ ନେଇ ମାର୍ଶାଘାଇ ବ୍ଲକ ଅନ୍ତେଇ ପଞ୍ଚାୟତ ବାଲିଘାଇରେ ୧୯୯୨ ମସିହାରେ ବ୍ରଜସୁନା ଉଚ୍ଚବିଦ୍ୟାଳୟ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୦୪ ମସିହାରେ ରାଜ୍ୟ ସରକାର ଏହି ସ୍କୁଲକୁ ବ୍ଲକଗ୍ରାଣ୍ଟ ମାନ୍ୟତା ପ୍ରଦାନ କରି ହାତକୁ ନେଇଥିଲେ। ୨୦୧୮ରେ ଉକ୍ତ ବିଦ୍ୟାଳୟକୁ ସରକାର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମାନ୍ୟତା ପ୍ରଦାନ କରିଥିଲେ। ସବୁକିଛି ମଧ୍ୟରେ ବିଦ୍ୟାଳୟ ଭିତ୍ତିଭୂମି ବିକାଶରେ ସେଭଳି କିଛି ସୁଧାର ଆସୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ଶ୍ରେଣୀଗୃହ, ପାଠାଗାର ଗୃହ, ବିଜ୍ଞାନାଗାର କକ୍ଷ, ରୋଷେଇ ଘର ଅଭାବ ରହିଛି। ଏଥିସହ ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ପଦବୀ ଖାଲିପଡ଼ିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

୨୦୧୭ ମସିହା ଅଗଷ୍ଟ ମାସରେ ବିଦ୍ୟାଳୟର ହିନ୍ଦୀର ଶିକ୍ଷକ ଅକ୍ଷୟ କୁମାର ନାୟକଙ୍କ ଅବସର ପରେ ଏହି ପଦବୀ ଖାଲିପଡ଼ିଛି। ସେହିପରି ୨୦୧୮ ସେପ୍ଟେମ୍ବର ୫ ତାରିଖରେ ଦୁର୍ଘଟଣାରେ ସଂସ୍କୃତ ଶିକ୍ଷକ ପରୀକ୍ଷିତ ଶତପଥୀଙ୍କ ମୃତ୍ୟୁ ପରେ ସଂସ୍କୃତ ଶିକ୍ଷକ ପଦବୀ ଖାଲିରହିଛି। ସଂସ୍କୃତ ଶିକ୍ଷକ ପଦରେ ମହୁବୁଦା ଉଚ୍ଚବିଦ୍ୟାଳୟ ଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତିଙ୍କୁ ୩ ଦିନିଆ ଡେପୁଟେସନରେ ସଂସ୍କୃତ ବିଷୟ ପାଠପଢ଼ା କରାଯାଉଛି। ବଜ୍ରସୁନା ଉଚ୍ଚ ବିଦ୍ୟାଳୟ ଉନ୍ନତ ଶିକ୍ଷା ବ୍ୟବସ୍ଥା ଯୋଗୁଁ ସ୍ଥାନୀୟ ୪ଟି ପଞ୍ଚାୟତର ୧୩୦ ବିଦ୍ୟାର୍ଥୀ ଅଷ୍ଟମ, ନବମ ଦଶମ ଶ୍ରେଣୀରେ ନାମଲେଖାଇ ଅଧ୍ୟୟନ କରୁଛନ୍ତି। କ୍ରମାଗତ ଭାବେ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଦଶମ ପରୀକ୍ଷାରେ ବ୍ଲକ ସ୍ତରରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି। ଦୁଇବର୍ଷ ହେବ ଏ-୧ରେ ଛାତ୍ର ସଫଳ ହୋଇଆସୁଛନ୍ତି। ଏଭଳି ପରିସ୍ଥିତରେ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ନ ହେବା ଓ ହିନ୍ଦୀ, ସଂସ୍କୃତ ବିଭାଗରେ ସ୍ଥାୟୀ ଶିକ୍ଷକ ନିଯୁକ୍ତ କରାଯାଉ ନ ଥିବାରୁ ଛାତ୍ରଛାତ୍ରୀ, ଅବିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ଗ୍ରାମବାସୀଙ୍କ ଉଦ୍ୟମରେ ନିର୍ମିତ ଆଜବେଷ୍ଟସ ଶ୍ରେଣୀ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଉକ୍ତ ଶ୍ରେଣୀକକ୍ଷରେ ଶିକ୍ଷାଦାନ କରାଯାଉନାହିଁ। ଏନେଇ ବିଦ୍ୟାଳୟ ସମସ୍ୟା ସୁଧାରିବାକୁ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରଧାନ ଶିକ୍ଷକ ଭାନୁ ଚନ୍ଦ୍ର ସ୍ୱାଇଁ ବିଦ୍ୟାଳୟର ସୁନାମ ଆଣିବାକୁ ସବୁପ୍ରକାର ଉଦ୍ୟମ କରୁଥିବା କହିଛନ୍ତି। ବିଦ୍ୟାଳୟ ସମସ୍ୟା ସୁଧାରିବାକୁ ମାନ୍ୟବର ବିଧାୟକ ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଥିବା ସ୍କୁଲ ପରିଚାଳନା ବୋର୍ଡ ସଭାପତି ତପନ କୁମାର ମହାରଣା ପ୍ରକାଶ କରିଛନ୍ତି।

## ଦିବ୍ୟାଙ୍ଗ ମହିଳାଙ୍କୁ ହୁଇଲଚେୟାର ପ୍ରଦାନ

**କେନ୍ଦ୍ରାପଡ଼ା, ୨୨।୯ (ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଧୂମାତ ପଞ୍ଚାୟତ ମଠସାହି ଗ୍ରାମର ଦିବ୍ୟାଙ୍ଗ ଭାରତୀ ଦାସଙ୍କୁ ତୁଳସୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟ ମାଧ୍ୟମରେ ହୁଇଲଚେୟାର ପ୍ରଦାନ କରିଛନ୍ତି ସମାଜସେବୀ ଖଗେଶ୍ୱର ସ୍ୱାଇଁ। ମଠସାହି ଗ୍ରାମର ଭାରତୀ ଦାସ ଏକ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇବା ପରେ ଘର ଭିତରେ ଗୋଟିଏ ଜାଗାରେ ବସି ରହୁଥିଲେ। ବାପା ବିଷ୍ଣୁ ଦାସ ବୟସର ଶେଷ ପାହାଚରେ ପାଦ ଦେଇଥିବାବେଳେ ଦିବ୍ୟାଙ୍ଗ ଝିଅ ଭାରତୀଙ୍କୁ ନେଇ ବହୁତ ଦୁଃଖକଷ୍ଟରେ ଜୀବନ ଅତିବାହିତ ହେଉଥିଲା। ତୁଳସୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟ ଏହି ଦୁଃଖଦ ଖବର ଜାଣିବା ପରେ ସହାୟତା ଯୋଗେଇ ଦେବା ସହିତ ସାମାଜିକ ଗଣମାଧ୍ୟମରେ ଖବର ପ୍ରସାରଣ କରିଥିଲେ। ପରେ ଖବର ପାଇ ସମାଜସେବୀ ଖଗେଶ୍ୱର ସ୍ୱାଇଁ ସହାୟତାର ହାତ ବଢ଼ାଇଥିଲେ। ଆଜି ଦିବ୍ୟାଙ୍ଗ ଭାରତୀ ଦାସଙ୍କୁ ଏକ ହୁଇଲଚେୟାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ତୁଳସୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟର ସ୍ଥାୟୀ ସଦସ୍ୟ ବାପି ଗୋଛାୟତ, ମୃତ୍ୟୁଞ୍ଜୟ ମହାନ୍ତି, ସୌମ୍ୟରଞ୍ଜନ ସାହୁ, ନିରୁପମା ଦାସ, ଧୂମାତ ସମିତି ସଭ୍ୟା ରେଣୁଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଆବାସ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଗୁହାରି କଲେ ଜୟନ୍ତୀ



**କେନ୍ଦ୍ରାପଡ଼ା, ୨୨।୯ (ସମିସ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜଣେ ଦିନମଜୁରିଆ ମହିଳା ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନ ପାଇ ଶେଷରେ ନିରାଶ ହୋଇ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗାପ୍ରସାଦ ମହାରଣାଙ୍କ ନିକଟରେ ଗୁହାରୀ କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଆଳିଜଙ୍ଗା ଗ୍ରାମର ଜୟଦେବ ଦାସଙ୍କ ପତ୍ନୀ ଜୟନ୍ତୀ ଦାସ ଜଣେ ଦିନମଜୁରିଆ ଅଟନ୍ତି। ଦୈନିକ ମୂଲଲାଗି ପତିପତ୍ନୀ ତାଙ୍କ ଗରିବ ପରିବାରର ଭରଣପୋଷଣ କରିଥା'ନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ପାଇବାକୁ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଶେଷରେ ସେ ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଏଥିପାଇଁ ନିବେଦନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତାଙ୍କ ଆବେଦନକୁ କେନ୍ଦ୍ରାପଡ଼ା ବିଡିଓଙ୍କ ପାଖକୁ ପଠାଇ ଦେଇ ଜୟନ୍ତୀଙ୍କୁ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଓଡ଼ିଶା ଜୀବିକା ମିଶନ ପ୍ରୟାସରେ ଦୁଇଟି ପ୍ରଡକ୍ସନ ୟୁନିଟ ଉଦ୍‌ଘାଟିତ

**ଆଳି, ୨୨।୯ (ସମିସ):** ଓଡ଼ିଶା ଜୀବିକା ମିଶନ ପକ୍ଷରୁ ନିଆଳ ପଞ୍ଚାୟତର ଗୌଡ଼ପଟଣାଠାରେ ଦୁଇଟି ପ୍ରଡକ୍ସନ ୟୁନିଟ ଉଦଘାଟିତ ହୋଇଯାଇଛି। ବିଡିଓ ଦ୍ୱିବେନ୍ଦୁ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋଟିଏ ଅଟାକଳ ଓ ଗୋଟିଏ ମୁଢି ପ୍ରସ୍ତୁତ ମେସିନକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ନିଆଳ ପଞ୍ଚାୟତ ସ୍ତରୀୟ ସଂଘ ପକ୍ଷରୁ ଜୟ ଜଗନ୍ନାଥ ଓ ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଥିବା ଋଣ ଅର୍ଥରେ ସ୍ଥାପିତ ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳର ମାଆମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଉପସ୍ଥିତ ଅତିଥି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିଏମ୍ ହିମାଂଶୁ ଭଦ୍ର, ବିପିସି ମୋନାଲିସା ନାୟକ, ଗ୍ରାମ ଉତଥାନର ନିହାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଗୋଷ୍ଠୀ ପକ୍ଷରୁ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଦାସ, ସମ୍ପାଦିକା ସ୍ୱର୍ଣ୍ଣଲତା ବେହେରା, କବିତା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସିଆରପି ମଧୁସ୍ମିତା ସାମଲ, ତିଳୋତ୍ତମା ଜେନା, ଛଇଳା ପ୍ରଧାନ, ମିନତୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ନିଆଳ ଏମବିକେ ତିଳୋତ୍ତମା ମହାନ୍ତି ଓ ସିଆରପି ରଙ୍ଗଲତା ସାହୁ ସଂଯୋଜନା କରିଥିଲେ।




## ବଢୁଛି ନିଶା ବେପାରୀଙ୍କ ସଂଖ୍ୟା; ଚିନ୍ତାରେ ପୁଲିସ

ପାରାଦୀପ, ୨୨।୯ (ସମିସ)

ପାରାଦୀପରୁ ପ୍ରତିଦିନ ନିଶା ବେପାରୀଙ୍କୁ ଉଠାଇ ପୁଲିସ ହାଜତକୁ ପଠାଉଛି। ନିଶା ବେପାରୀଙ୍କୁ ମୂଳୋତ୍ପାଟନ କରିବାକୁ ପୁଲିସ ଲଗାତର ଉଦ୍ୟମ ଚଳାଇ ବ୍ରାଉନସୁଗର, ଗଞ୍ଜେଇ ଓ ମଦ ବେପାରୀଙ୍କୁ ବାନ୍ଧୁଛି। ସେମାନଙ୍କଠାରୁ ନିଶାଦ୍ରବ୍ୟ ଜବତ କରିବା ସହ ଲକ୍ଷାଧିକ ଟଙ୍କା, କାର, ବାଇକ, ପିସ୍ତଲ, ଗୁଳି, ମୋବାଇଲ ମଧ୍ୟ ଜବତ କରୁଛି। କିନ୍ତୁ ଗିରଫ ଅଭିଯୁକ୍ତ ଜାମିନିରେ ଆସି ପୁନର୍ବାର ସେହି ବେପାରକୁ ଆପଣାଉଛନ୍ତି। ମାତ୍ର ଦୁଇଚାରି ଦିନ ମଧ୍ୟରେ ଜେଲରୁ ବାହାରି ଏହି ବେପାରୀମାନେ ପୁଣି ବେପାର ଚଳାଇବା ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ଅଭିଯୁକ୍ତଙ୍କ ପାଇଁ ଜେଲକୁ ଯିବା ଆସିବା ଦେହସୁହା ହୋଇଯାଇଛି। ଏଣେ ପୁଲିସ ଚୋରା ବେପାରୀଙ୍କୁ ଧରିବାକୁ ରୀତିମତ କସରତ କରିବାରୁ ସେମାନେ ଧରା ଦେବାକୁ ଉଚିତ ମଣୁନାହାନ୍ତି। ପୁଲିସ ଗିରଫ କରି ଜେଲକୁ ପଠାଉଥିବା ନିଶା ବେପାରୀ କେଉଁ ସମୟରେ ଜେଲରୁ ବାହାରି ପୁଣି ବେପାର କରୁଛନ୍ତି, ପୁଲିସ ତାହା ଜାଣିବା ମୁସ୍କିଲ ହେଉଛି।

ପାରାଦୀପରେ ୫ଟି ଥାନା ରହିଛି। ସେଥିରୁ ପାରାଦୀପ ଆଦର୍ଶ ଥାନା ଓ ପାରାଦୀପ ଲକ ଥାନା ସର୍ବାଧିକ ଚୋରା ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ବଡ଼ପଡ଼ିଆ ପାରାଦୀପ ସହରରେ ଏକ ଜନଗହଳିପୂର୍ଣ୍ଣ ସ୍ଥାନ। ଯେଉଁଠି ଗଞ୍ଜେଇ ଓ ମଦ ଚୋରା ବେପାରୀଙ୍କ ସଂଖ୍ୟା ଅଧିକ। ଗଞ୍ଜେଇ ପ୍ରତ୍ୟେକ ପାନ ଦୋକାନ ପାଖରେ ମିଳୁଥିବାବେଳେ ମଦ ପ୍ରତ୍ୟେକ ହୋଟେଲ ଓ ଫାଷ୍ଟଫୁଡ଼ ଦୋକାନରେ ସହଜରେ ମିଳୁଛି। ବ୍ରାଉନସୁଗର ପ୍ରତ୍ୟେକ ବସ୍ତି ଅଞ୍ଚଳରେ ମିଳୁଥିବା ଅଭିଯୋଗ ହେଉଛି। ସାଧାରଣତଃ ଏସବୁ ନିଶାଦ୍ରବ୍ୟ ଯେଉଁମାନେ ବ୍ୟବସାୟ କରୁଛନ୍ତି ସେମାନେ ଅଲଗା ବ୍ୟବସାୟ ସହିତ ଏହି ନିଶାଦ୍ରବ୍ୟକୁ ଲୁଚାଇ ରଖିଥା'ନ୍ତି। ବ୍ୟବସାୟ ଆଳରେ କାରବାର କରିଥା'ନ୍ତି। ପୁଲିସ ତା'ର ଟେର ପାଇବା କଷ୍ଟକର ହୋଇପଡ଼େ। ବର୍ଷ ବର୍ଷ ଧରି ଏହି ଅଞ୍ଚଳରେ ଏମିତି ବ୍ୟବସାୟ ଚାଲୁଥିବାବେଳେ ପୂର୍ବରୁ ପୁଲିସ କେମିତି ତାହା ଜାଣି ପାରୁ ନ ଥିଲା ବୋଲି ସାଧାରଣରେ ବେଶ ଚର୍ଚ୍ଚା ହେଉଛି।

## ମୁନ୍ଦ୍ରା ପୋର୍ଟରୁ ହେରୋଇନ ଜବତ ପରେ ସନ୍ଦେହରେ ଧାମରା ବନ୍ଦର

**ରାଜକନିକା, ୨୨।୯ (ସମିସ):** ଆଦାନୀଙ୍କ ମାଲିକାନାରେ ଚାଲିଥିବା ବିଭିନ୍ନ ବନ୍ଦରରେ ନିଶାଦ୍ରବ୍ୟର ଚୋରାଚାଲାଣ ଘଟଣା ସାମ୍ନାକୁ ଆସିବା ପରେ ଧାମରା ବନ୍ଦରରେ ଏଭଳି କାରବାର ଚାଲିଥିବା ନେଇ ସନ୍ଦେହ ଦେଖାଦେଇଛି।

ଗତ ଶନିବାର ଅପରାହ୍ନରେ ଗୁଜରାଟର କଚ୍ଛ ସହରର ମୁନ୍ଦ୍ରା ପୋର୍ଟରୁ ଦୁଇଟି କଣ୍ଟେନରରେ ୩ ହଜାର କେଜି ହେରୋଇନ ଜବତ ହେବା ଖବର ସାରା ଭାରତକୁ ଚିନ୍ତାଗ୍ରସ୍ତ କରିଦେଇଥିଲା। ଧରାପଡ଼ିଥିବା ଏହି ୯ହଜାର କୋଟି ଟଙ୍କାର ହେରୋଇନ ଆଫଗାନସ୍ତାନରୁ ଆସିଥିବା ସୂଚନା ମିଳିଛି। ଡିଆରଆଇ, କଷ୍ଟମ ଓ ଗୁଜୁରାଟ ପୁଲିସର ମିଳିତ ସର୍ଚ୍ଚ ଅରେସନରେ ଧରାପଡ଼ିଥିବା ଏହି ବଡ଼ଧରଣର ନିଶାଦ୍ରବ୍ୟ ଚୋରାଚାଲାଣରେ ଯେ ଧାମରା ପୋର୍ଟ ସାମିଲ ନ ଥିବ, ତାହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ସମୁଦ୍ର ପଥରେ ବିଦେଶରୁ ନିଶାଦ୍ରବ୍ୟ ଚୋରା ଚାଲାଣର ବଡ଼ ଖୁଲାସା ପରେ ଏହାର ଚେର ଧାମରା ବନ୍ଦର ଯାଏ ଲମ୍ବିଥିବା ଅସମ୍ଭବ ହୋଇ ନ ଥିବାରୁ ବୁଦ୍ଧଜୀବୀ ଏଭଳି ଘଟଣାରେ ସନ୍ଦେହ ପ୍ରକାଶ କରିଛନ୍ତି। ପୂରା ଟିମର ଖୋଳତାଡ ପରେ ଏହା ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯିବାକୁ ଥିବାବେଳେ ଓଡ଼ିଶାର କିଛି ଦିନ ଧରି ବେଧଡକ ଚୋରାଚାଲାଣ ଚାଲିବା ସହ ବିଭିନ୍ନ ସ୍ଥାନରେ ବହୁ କୋଟି ଟଙ୍କାର ହେରୋଇନ ଜବତ ମଧ୍ୟ ହୋଇଛି।

ଓଡ଼ିଶାର ଜଳେଶ୍ୱର, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ଭୁବନେଶ୍ୱର ବସଷ୍ଟାଣ୍ଡରୁ କୋଟି କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ହେରୋଇନ ଜବତ ହେବା ପରେ ଏହାର ଧାମରା ବନ୍ଦର ଲିଙ୍କ ନେଇ ସନ୍ଦେହ ବଢ଼ିଛି। ଗତ କିଛିଦିନ ପୂର୍ବରୁ ପଟ୍ଟାମୁଣ୍ଡାଇ ତହସିଲର ଜଣେ ଡ୍ରାଇଭରଙ୍କ ସମ୍ପୃକ୍ତି ଜିଲ୍ଲାରେ ନିଶାଦ୍ରବ୍ୟ ରାକେଟର ଚର୍ଚ୍ଚା ବଢ଼ାଇଥିବାରୁ ପଡ଼ୋଶୀ ଭଦ୍ରକ ଜିଲ୍ଲାର ଧାମରା ବନ୍ଦର ମଧ୍ୟ ଚୋରାଚାଲାଣର ସନ୍ଦେହକୁ ଦୃଢ଼ୀଭୂତ କରିଛି। ତେବେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଗତ ଦୁଇମାସ ମଧ୍ୟରେ ଜବତ ହୋଇଥିବା ନିଶାଦ୍ରବ୍ୟର ଚୋରାଚାଲାଣକୁ ନିରେଖି ଦେଖିଲେ ଏହା ବିଶେଷ କରି ଉପକୂଳ ଅଞ୍ଚଳରେ ପ୍ରଭାବ ବିସ୍ତାର କରିଥିବାରୁ ଧାମରା ପୋର୍ଟର ଲିଙ୍କରୁ ଏହା ଯୋଗାଣ ହେଉଥିବା ସ୍ପଷ୍ଟ ଅନୁମେୟ।

## ଗୋ-ଖାଦ୍ୟ ବଣ୍ଟନ

**ନାଉଗାଁ,୨୨।୯ (ସମିସ):** ଲଘୁଚାପଜନିତ ବର୍ଷାରେ ନାଉଗାଁ ବ୍ଲକ ସମ୍ପୂର୍ଣ୍ଣ ଜଳମଗ୍ନ ଅବସ୍ଥାରେ ରହିଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏହି ବ୍ଲକରେ ରହିଥିବା ଗୃହପାଳିତ ପଶୁଙ୍କ ପାଇଁ ମଧ୍ୟ ସମସ୍ୟା ଉପୁଜିଛି। ବିଲବାଡି ସବୁ ପାଣିରେ ବୁଡ଼ି ରହିଥିବାରୁ ଗାଈଗୋରୁ, ଛେଳି, ମେଣ୍ଢାଙ୍କ ଚରିବା ପାଇଁ କୌଣସି ସ୍ଥାନ ନାହିଁ। ଯାହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ନାଉଗାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାଜା ଉଦୟଭାନୁ ରାଉତଙ୍କ ତତ୍ତ୍ୱାବଧାନରେ ଉକ୍ତ ବ୍ଲକର ୧୬ଟି ପଞ୍ଚାୟତରେ ଗୃହପାଳିତ ପଶୁଙ୍କ ପାଇଁ ମୋଟ ୮୮ ମେଟ୍ରିକ୍ ଟନ ଗୋ-ଖାଦ୍ୟ ବଣ୍ଟନ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ଓ ପ୍ରାଣୀଧନ ନିରୀକ୍ଷକ ସହଯୋଗ କରିଥିଲେ।

## ଜୋସା ପକ୍ଷରୁ ଡେଙ୍ଗୁ ସଚେତନତା

**ବାଲିକୁଦା, ୨୨।୯ (ସମିସ):** ବାଲିକୁଦା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜୋସା ପକ୍ଷରୁ ବାଲିକୁଦା ବ୍ଲକର ବିଭିନ୍ନ ସ୍ଥାନରେ ଡେଙ୍ଗୁ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ପକ୍ଷରୁ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇ ଚିକିତ୍ସା ଦାୟିତ୍ୱ ଗ୍ରହଣ କରାଯାଇଛି। ଏହି ଅନୁଷ୍ଠାନର ସଦସ୍ୟ ବିଭିନ୍ନ ଗ୍ରାମକୁ ଯାଇ ସ୍ଥାନୀୟ ଆଶା, ଅଙ୍ଗନବାଡ଼ି, ସ୍ୱାସ୍ଥ୍ୟକର୍ମୀଙ୍କ ସହାୟତାରେ ଡେଙ୍ଗୁ ଓ ଚିକେନ ଗୁନିଆ ରୋଗ ବିଷୟରେ ସଚେତନ କରାଇବା ସହ ଏହାର ପ୍ରତିକାର ପାଇଁ ପରିବେଶ ସଫା ରଖିବା, ଘରେ ମଶାରି ଟାଙ୍ଗି ଶୋଇବା, ଆଖପାଖରେ ଥିବା ଆବର୍ଜନା ପାଣିକୁ ନିଷ୍କାସନ କରିବା ଓ ଅଳିଆ ଆବର୍ଜନା ପରିଷ୍କାର କରିବାକୁ ପରାମର୍ଶ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଅବସରରେ ୮ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ କରାଇ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ଚିକିତ୍ସା ପାଇଁ ପଠାଯାଇଛି। ଏଥିରେ ଜିଲ୍ଲା ମେଲେରିଆ ସେଲର ସଦସ୍ୟ କିଶୋର କୁମାର ସ୍ୱାଇଁ ଉପସ୍ଥିତ ରହି ଏହି ଅଭିଯାନରେ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ।



## ସଂକ୍ଷେପରେ...

### ଗୋବରୀ ନଦୀରେ କୁମ୍ଭୀର, ଲୋକେ ଆତଙ୍କିତ

**କେନ୍ଦ୍ରାପଡ଼ା,୨୨।୯ (ସମିସ):** ବାରୋ ଗ୍ରାମ ପଞ୍ଚାୟତର ନୀଳିକଣା ଗ୍ରାମ ଦେଇ ପ୍ରବାହିତ ଗୋବରୀ ନଦୀରେ ଏକ ବଉଳା କୁମ୍ଭୀର ଦେଖିବାକୁ ମିଳିଥିଲା। ଏହାକୁ ନେଇ ନଦୀକୂଳ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ସ୍ଥାନୀୟ ଲୋକେ ଏ ନେଇ ବନ ବିଭାଗକୁ ଖବର ଦେବା ପରେ ବନ ବିଭାଗ ପହଞ୍ଚି ଜାଲ ଦ୍ୱାରା କୁମ୍ଭୀରକୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲା। କିନ୍ତୁ କୁମ୍ଭୀରଟି ଉଦ୍ଧାର ହୋଇପାରି ନ ଥିବା ସୂଚନା ମିଳିଛି। ନଦୀରେ ବନ୍ୟା ପାଣି ଆସିଥିବାରୁ ଭିତରକନିକାରୁ କୁମ୍ଭୀର ପଳାଇ ଆସିଥିବା ଅନୁମାନ କରାଯାଉଛି।

### ତାରିଣୀ ମନ୍ଦିରରୁ ଚୋରି

**ଡେରାବିଶ,୨୨।୯ (ସମିସ):** ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଭାଣଗାଁ ଗ୍ରାମର ତାରିଣୀ ମନ୍ଦିରରୁ ମା'ଙ୍କ ଗହଣା ଚୋରି ହୋଇଥିବା ନେଇ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ ହୋଇଛି। ଭଣଗାଁ କେନାଲ୍ ବନ୍ଧରେ ଥିବା ମା' ତାରିଣୀଙ୍କ ମନ୍ଦିରରୁ ଗତ ରାତିରେ ମନ୍ଦିର ଗ୍ରୀଲ୍ ଭାଙ୍ଗି ଠାକୁରାଣୀଙ୍କ ରୁପା ମୁକୁଟ, କାନଫୁଲ, ଚିତା, ଦୁଇଟି ଘଣ୍ଟି ଓ ନୀତି ପାଇଁ ବ୍ୟବହାର ହେଉଥିବା ବାସନକୁ କେହି ଦୁର୍ବୃତ୍ତ ଚୋରି କରିନେଇଛନ୍ତି। ଏ ସମ୍ପର୍କରେ ମନ୍ଦିର କମିଟି ଉପଦେଷ୍ଟା ଜୟନ୍ତ କୁମାର ଶତପଥୀ ଅଭିଯୋଗ କରିବା ପରେ ଫାଣ୍ଡି ପୁଲସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଭକ୍ତି ବିନୋଦଙ୍କ ଜୟନ୍ତୀ ପାଳିତ

**ଡେରାବିଶ,୨୨।୯ (ସମିସ):** ଛୋଟି ଗ୍ରାମରେ ଜନ୍ମିତ ଠାକୁର ଭକ୍ତି ବିନୋଦଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ଉତ୍ସବରେ ସରପଞ୍ଚ କୁମାର ଚନ୍ଦ୍ର ବଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାଧୁ ଅନାଥବନ୍ଧୁ ଦାସ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ପ୍ରଦୀପ ଦାସ ଓ ସମ୍ମାନିତ ଅତିଥି ଭାବେ ନିରଞ୍ଜନ ପରିଡ଼ା, ସଞ୍ଜୀବ ସାହୁ, ସମର ମହାନ୍ତି ଓ ଦୋଳଗୋବିନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଠାକୁର ଭକ୍ତି ବିନୋଦଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଅବକ୍ଷୟମୁଖୀ ସମାଜକୁ ସୁସ୍ଥ ସମାଜରେ ଗଢ଼ିତୋଳି ଧର୍ମ ଭାବନା ଜାଗ୍ରତ କରିବାରେ ଭକ୍ତି ବିନୋଦଙ୍କ ଉଦ୍ୟମକୁ ବକ୍ତାମାନେ ପ୍ରଶଂସା କରିଥିଲେ।

### ସେକ ଅମୀର କେନ୍ଦ୍ରାପଡ଼ା ନଗର କଂଗ୍ରେସ ସଭାପତି

**କେନ୍ଦ୍ରାପଡ଼ା,୨୨।୯ (ସମିସ):** ଯୁବନେତା ସେକ ଅମୀର ଅହମ୍ମଦଙ୍କୁ କେନ୍ଦ୍ରାପଡ଼ା ନଗର କଂଗ୍ରେସ ସଭାପତି ଭାବେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ନିଯୁକ୍ତ କରିଛନ୍ତି। ଏଭଳି ଏକ ମହତ୍ୱପୂର୍ଣ୍ଣ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିବାରୁ ସେ ଏହାକୁ ନିଷ୍ଠାର ସହ ସମ୍ପାଦନ କରିବେ ବୋଲି କହିଛନ୍ତି ଅମୀର। ଏଥିପାଇଁ ସେ ସମସ୍ତଙ୍କ ସାହାଯ୍ୟ ଓ ଆଶୀର୍ବାଦ କାମନା କରିଛନ୍ତି। ଅମୀର ଏହି ନିଯୁକ୍ତି ପାଇଁ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ପୌର କାଉନସିଲର ହିବଜୁର ରହେମାନ, ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ରାଜ୍ୟ ଯୁବ କଂଗ୍ରେସ ସଭାପତି ଡଃ. ଲେଙ୍କା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ରତିକାନ୍ତ ସାମଲ, ଜିଲ୍ଲା ସାଧାରଣ ସମ୍ପାଦକ ସମ୍ବିତ ଶ୍ରୀଚନ୍ଦନ ଓ ଅଭିଷେକ ବିଶ୍ୱାଳ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।


## ବନ୍ୟାଞ୍ଚଳ ଘୋଷଣା ଦାବିରେ ସିପିଆଇର ବିକ୍ଷୋଭ

ଏରସମା, ୨୨।୯ (ସମିସ)

ଆଜି ଏରସମା ବ୍ଲକ୍ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କମିଟି ପକ୍ଷରୁ ଏରସମାକୁ ସମ୍ପୂର୍ଣ୍ଣ ବନ୍ୟାଞ୍ଚଳ ଘୋଷଣା ସହିତ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, କ୍ଷୟକ୍ଷତିର ତୁରନ୍ତ ଆକଳନ ଓ କ୍ଷତିପୂରଣ ପ୍ରଦାନ, କୃଷିଋଣ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ଋଣ ଛାଡ଼ ଦାବିରେ ଏରସମା ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ବିଡିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ପାର୍ଟିର ଜୋନ୍ ସମ୍ପାଦକ ସାଥି ବଂଶୀଧର ବେହେରା, ପିତାମ୍ବର ଦାସ, ପ୍ରଫୁଲ୍ଲ ଦାସ, ଦାମୋଦର ବେହେରା ଓ ସର୍ବେଶ୍ୱର ବେହେରାଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ରମାକାନ୍ତ ଭବନରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଏରସମା ବଜାର ପରିକ୍ରମା କରିବା ପରେ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ସାଥି ଦାମୋଦର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ସିପିଆଇର ଜିଲ୍ଲା ସମ୍ପାଦକ ଅଭିଜିତ ସାହୁ, ବରିଷ୍ଠ ସିପିଆଇ ନେତା ତଥା କୃଷକସଭା ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ ଓ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି ପ୍ରମୁଖ ବକ୍ତବ୍ୟରଖି ଏରସମା ବ୍ଲକ ପ୍ରଶାସନ ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନର ବିଫଳତା ଓ ଖାମଖିଆଲି ନୀତିର ତୀବ୍ର ସମାଲୋଚନା କରିଥିଲେ। ଗତ ୧୧ତାରିଖ ଠାରୁ ଲଘୁଚାପ ଜନିତ ଲଗାଣବର୍ଷା ଓ ସରକାରୀ ଅଦୂରଦର୍ଶୀତା ପାଇଁ ପାଣିଘେରରେ ହଜାର ହଜାର ଲୋକ ଜଳବନ୍ଦୀ ଭାବେ ଜୀବନ ବିତାଉଛନ୍ତି। ପ୍ରଶାସନିକ ସାହାଯ୍ୟ ଏପର୍ଯ୍ୟନ୍ତ ଅପହଞ୍ଚ। କିଛି ପଞ୍ଚାୟତରେ ମୁଣ୍ଡପିଛା ୧୦୦ ଗ୍ରାମ ଚୁଡା, ୨୦ରୁ ୪୦ ଗ୍ରାମ ଚିନି ଓ ସମୁଦ୍ରକୁ ଶଙ୍ଖେ ଭଳି ଗୋଖାଦ୍ୟ ଦିଆଯାଇଛି। ଅପରପକ୍ଷେ ସରକାରୀ ବିଫଳତା ଓ ଉଦାସୀନତା ପାଇଁ ହଂଶୁଆ ନଦୀବନ୍ଧ ଭାଙ୍ଗି ଘାଇ ହେଲାଣି, ଯାହା ବନ୍ୟା ପରିସ୍ଥିତିକୁ ଆହୁରି ସାଙ୍ଘାତିକ କରିବ। ହଂସୁଆ ନଦୀ ଖନନ ଓ ପୁନରୁଦ୍ଧାର ନାମରେ ୧୯୨୦-୨୧ ମସିହାରେ ୧୧ ଜଣ ଠିକାଦାର, ସରକାରୀ ଅଧିକାରୀ ୭୦ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ସିପିଆଇ ନେତା ଶ୍ରୀ ସାହୁ ଅଭିଯୋଗ କରିବା ସହ ତୁରନ୍ତ ଏରସମା ବିଡିଓଙ୍କ ବଦଳି ଦାବି କରିଛନ୍ତି। ସିପିଆଇର କଣ୍ଟ୍ରୋଲ କମିଶନ ସଭ୍ୟ ଶଶିଭୂଷଣ ସ୍ୱାଇଁ ତୁରନ୍ତ ପଞ୍ଚାୟତ ସ୍ତରୀୟ କମିଟି ଗଠନକରି ଚାଷୀଙ୍କ କ୍ଷୟକ୍ଷତିର ଆକଳନ ପୂର୍ବକ ଏକର ପିଛା ୨୦,୦୦୦ ଟଙ୍କା ଓ ଭାଙ୍ଗି ଯାଇଥିବା କଚାଘରକୁ ପଲିଥିନ ଯୋଗାଇଦେବା ସହିତ ପ୍ରତି ଘର ପିଛା ୨୦,୦୦୦ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ଓ କୃଷିଋଣ ସମେତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ଋଣ ଛାଡ଼ ଓ ଇନ୍ସୁରାନ୍ସ ପ୍ରଦାନ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଥି ବାସୁଦେବ ଖଣ୍ଡୁଆଳ, ସମରେଶ ମୁଦୁଲି, ରବୀନ୍ଦ୍ର ପାଇଟାଳ, ଅଜୟ ଗାଉଁଣିଆ, ନଟବର ବାରିକ, ବିଶ୍ୱଜିତ ସାହୁ, କୈଳାଶ ଦାସ, ଦେବଦତ୍ତ ଦାସ, ବିଜୟ ବେହେରା, କାହ୍ନୁ ଚରଣ ସେନାପତି, ଶ୍ରୀକାନ୍ତ ସ୍ୱାଇଁ, ବାମର ଗୁରୁ, ଅମୁଲ୍ୟ ଦାସ, ନାରୁ ନାୟକ, ସୁରେନ୍ଦ୍ର ସ୍ୱାଇଁ, ହରିପଦ ସାହୁ, ଉତ୍ତମ ପାଇଟାଳ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଇ-ଶ୍ରମ କାର୍ଡ ବଢ଼ାଇପାରେ କରୋନା

**ଆଳି, ୨୨।୯ (ସମିସ):** ଆଳିର ବିଭିନ୍ନ ଜନସେବା କେନ୍ଦ୍ରରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ସକାଳ ୭ଟାରୁ ରାତି ୧୨ଟା ଯାଏ ମହିଳାମାନେ ଘେରି ରହୁଛନ୍ତି। ଇ-ଶ୍ରମ କାର୍ଡ କରିବା ପାଇଁ ଏହି ଭିଡ଼ ହେଉଛି। ଏହି କାର୍ଡରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ପ୍ରଦାନ ସହିତ ଆଧାର ଓ ଆକାଉଣ୍ଟ ନମ୍ବର ଲିଙ୍କ କରି ଏହି କାର୍ଡ ଡାଉନଲୋଡ କରିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ତୁରନ୍ତ ଦେଢ଼ ହଜାର ଟଙ୍କା ଆସୁଥିବା ଗୁଜବ ପ୍ରଚାର ହୋଇଯିବା ପରେ ଅସମ୍ଭାଳ ଭିଡ଼ ହେଉଛି। ମହିଳାମାନେ ଏହି କାର୍ଡ ପାଇବା ପାଇଁ ଘଣ୍ଟା ଘଣ୍ଟା ଜନସେବା କେନ୍ଦ୍ରରେ ଅପେକ୍ଷା କରୁଛନ୍ତି। ନା ମୁହଁରେ ଅଛି ମାସ୍କ ନା ସାମାଜିକ ଦୂରତା। କରୋନାର ତୃତୀୟ ଲହର ଆଶଙ୍କା ସମସ୍ତଙ୍କୁ ବିବ୍ରତ କରି ରଖିଥିବାବେଳେ ଏଭଳି ପରିସ୍ଥିତ ପୁନର୍ବାର କରୋନାକୁ ନିମନ୍ତ୍ରଣ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଇ-ଶ୍ରମ କାର୍ଡ କ'ଣ ପାଇଁ ହେଉଛି, ସେ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ନାହିଁ। ସେଥି ପାଇଁ ଦିଆଯାଇଥିବା ଟୋଲଫ୍ରି ନମ୍ବରକୁ ଯେତେ ଚେଷ୍ଟା କଲେ ମଧ୍ୟ ଏହା ସଂଯୋଗ ହେଉ ନାହିଁ। ଏହି କାର୍ଡ କରିବା ପାଇଁ ସ୍ଥଳବିଶେଷରେ ୬୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ନିଆଯାଉଛି। ଏ ସମ୍ପର୍କରେ ଜିଲ୍ଲା ଶ୍ରମ ବିଭାଗ କିମ୍ବା ବ୍ଲକ ପ୍ରଶାସନ ପାଖରେ କୌଣସି ସୂଚନା ନାହିଁ। କେନ୍ଦ୍ରାପଡ଼ା ଜିଲ୍ଲା ଚାର୍ଜରେ ଥିବା ଶ୍ରମ କମିସନର ମହେଶ୍ୱର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ସମ୍ପର୍କରେ ସରକାରୀ ଭାବେ ଆମ ପାଖରେ କୌଣସି ସୂଚନା ନାହିଁ। ଲୋକ କାର୍ଡ ଆଣି ଦେଖାଇବାରୁ ଏଭଳି କାର୍ଯ୍ୟକ୍ରମ ଚାଲିଛି ବୋଲି ଆମେ ଜାଣିବାକୁ ପାଇଲୁ। ଏ ଦିଗରେ ପ୍ରଶାସନ ହସ୍ତକ୍ଷେପ କରି ଏହାକୁ ସୁବ୍ୟବସ୍ଥିତ କରିବାକୁ ସାଧାରଣରେ ଦାବି ହୋଇଛି।



# ସବୁଠି ଅଧପନ୍ତରିଆ ପାନୀୟ ଜଳ ପ୍ରକଳ୍ପ

ଧର୍ମଶାଳା,୨୨।୯ (ସମିସ)



## ୨୦୨୨ ସୁଦ୍ଧା ପ୍ରକଳ୍ପ ଶେଷନେଇ ସନ୍ଦେହ

ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଖରେ ପହଞ୍ଚିବ ଶୁଦ୍ଧ ପାନୀୟ ଜଳ। ଏ ନେଇ କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କର ବସୁଧା, ଡିଏମଏଫ୍ ଓ ବୃହତ ଜଳ ଯୋଗାଣ ଆଦି ପ୍ରକଳ୍ପ କାର୍ଯ୍ୟ କରୁଛି। କିନ୍ତୁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀମାନଙ୍କ ଅବହେଳାରୁ ବହୁ ପଞ୍ଚାୟତରେ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ଆଶାନୁରୂପକ ହୋଇପାରି ନାହିଁ। ନିର୍ମାଣଧିନ ଜଳ ଯୋଗାଣ ପ୍ରକଳ୍ପଗୁଡିକର ଆରମ୍ଭ ଓ ଶେଷର ବର୍ଷକିଆ ଅବଧି ଶେଷ ପରେ ମଧ କେଉଁଠି ୨୫ ପ୍ରତିଶତ ତ କେଉଁଠି ୬୦ ପ୍ରତିଶତରେ ନିର୍ମାଣ କାମ ଅଟକିଛି। ବ୍ଲକର ଅରେଇକଣା, ଚହଟା, ଚକ୍ରଧରପୁର, କ୍ଷେତ୍ରପାଳ, ନେଉଳପୁର, ପାଖର, ପାଟପୁର, ରେଖିଦେଇପୁର, ସମ୍ପାରୁ, ସୁନ୍ଦରିଆ ଓ ତରଞ୍ଜିଆ ଆଦି ୧୧ ପଞ୍ଚାୟତର ୧୪ ଗ୍ରାମର ୨୩୫୨ ପରିବାରକୁ ଟ୍ୟାପ୍ ଯୋଗେ ପାନୀୟ ଜଳ ଶତ ପ୍ରତିଶତ ଯୋଗାଇ ଦିଆଯାଇଛି। ସେହିପରି ୭୦ ପ୍ରତିଶତ ତଳକୁ ୯୦୮ଟି ଗାଁକୁ ପ୍ରତି ପରିବାରକୁ ଟ୍ୟାପ ସଂଯୋଗ ଦିଆଯାଇଛି ବୋଲି ସରକାରୀ ତଥ୍ୟ କହୁଛି। କିନ୍ତୁ ବାସ୍ତବତା ଭିନ୍ନ। ଏହି ବ୍ଲକ ବୃନ୍ଦାଦେଇପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ। ଦୀର୍ଘ ଦିନ ହେବ ଏହି ଅଞ୍ଚଳର ପାନୀୟ ଜଳ ସଙ୍କଟ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ୨୦୧୯ ମସିହା ମାର୍ଚ୍ଚ ୧୨ତାରିଖରେ ଏଠାରେ ୮୯ ଲକ୍ଷ ୪୪ ହଜାର ୨ଶହ ଟଙ୍କା ବ୍ୟୟରେ ଏକ ବସୁଧା ଯୋଜନାରେ ନିର୍ମାଣ କରାଯାଇଥିଲା। ଏହାକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଶିଳାନ୍ୟାସ କରିଥିଲେ। ଠିକାଦାର ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି। କିନ୍ତୁ ବିଦ୍ୟୁତ ସଂଯୋଗ ନଥିବାରୁ ୪ ଗୋଟି ଗ୍ରାମର ଲୋକମାନେ ସ୍ୱଚ୍ଛପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ ବିଭାଗୀୟ ଅଧିକାରୀ ମାନେ କର୍ଣ୍ଣପାତ କରୁନାହାନ୍ତି। ସେମାନଙ୍କର ଖାମଖିଆଲି ମନୋଭାବ ଯୋଗୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ପାନୀୟ ଜଳ ଯୋଗାଣ ନିମନ୍ତେ ପାଇପ ଲାଇନ ବିଛାକାର୍ଯ୍ୟ କେତେକାଂଶରେ ଶେଷ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ଟ୍ୟାପ୍ ଷ୍ଟାଣ୍ଡ ତିଆରି ହୋଇ ବନ୍ଦ ଅଛି। କିଛି ଦିନ ତଳେ ବିଭାଗୀୟ ଅଧିକାରୀ ମାନେ ଲୋକ ଦେଖାଣିଆ ଭାବେ ବୁଲି ପଳାଇଯାଆନ୍ତି ବୋଲି ଗ୍ରାମବାସୀଙ୍କ ଠାରୁ ଶୁଣିବାକୁ ମିଳିଛି। ସୂଚନା ଯୋଗ୍ୟ ଯେ, ଧର୍ମଶାଳା ବ୍ଲକରେ ୫୦ଟି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କରୁଛି ବୋଲି ଜଣାଯାଏ। କିନ୍ତୁ ବିଭାଗୀୟ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୫-୧୬ ଠାରୁ ୨୦୨୦-୨୧ଜାନୁଆରୀ ମାସ ସୁଦ୍ଧା ପାଇପ ଜଳଯୋଗାଣ ନିମନ୍ତେ ୨୯ଟି ପ୍ରକଳ୍ପ ନିର୍ମାଣ ପାଇଁ ବିଭାଗୀୟ ଟେଣ୍ଡର ହୋଇଛି। ସେଥି ମଧ୍ୟରୁ ବସୁଧା ଯୋଜନାରେ ଅରଙ୍ଗାବାଦ, ପୁରୁଣାବଉଳମାଳ, ସୋରେଇ, ଚକ୍ରଧରପୁର, ରାଇଛନ୍ଦା, ପାଟପୁର, ଅରଖପଦା, ଗେଙ୍ଗୁଟିଆ ସ୍ଥାନରେ ଥିବା ଆଦି ୮ଟି ପ୍ରକଳ୍ପ ଗୁଡିକ ଶେଷ ହୋଇଛି। ଏହି ପ୍ରକଳ୍ପ ଗୁଡିକରୁ ପାଇପ୍ ଜଳ ଯୋଗାଣ ଆରମ୍ଭ ହୋଇଛି। ଅନ୍ୟ ୨୧ଟି ସ୍ଥାନରେ କାର୍ଯ୍ୟ ଚାଲିଥିବା ସୂଚନା ମିଳିଛି। ପଞ୍ଚାୟତର ଜନସଂଖ୍ୟା ଆଧାରରେ ୫୦ ହଜାରଠାରୁ ଆରମ୍ଭ କରି ୨ ଲକ୍ଷ ଲିଟର ପର୍ଯ୍ୟନ୍ତ ଜଳ ସଂରକ୍ଷଣ କ୍ଷମତା ବିଶିଷ୍ଟ ଓଭର ହେଡ୍ ପାଣି ଟାଙ୍କି ଗୁଡିକ ନିର୍ମାଣ ହୋଇଥାଏ। ଗୋଟିଏ ଗୋଟିଏ ପ୍ରକଳ୍ପରେ ୬୦ ଲକ୍ଷ ଠାରୁ ଆରମ୍ଭ କରି ଦୁଇ କୋଟି ଟଙ୍କା ପର୍ଯ୍ୟନ୍ତ ବିନିଯୋଗ ହୋଇଛି।

ସେହିପରି ୧୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ବ୍ଲକରେ ବୃହତ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଆରମ୍ଭ ହୋଇଛି। ରାଇଛନ୍ଦା ପଞ୍ଚାୟତର ବାଲିକୁଦିଆ ନିକଟରୁ ବ୍ରାହ୍ମଣୀ ନଦୀରୁ ପାଣି ଉଠାଯାଇ ସେଠାରେ ଫିଲଟର କରାଯିବା ପରେ ଶୁଦ୍ଧ ପାନୀୟ ଜଳ ପାଇପ ଯୋଗେ ବ୍ଲକର ୪୦ଟି ପଞ୍ଚାୟତରେ ହେବାକୁ ଥିବା ଓଭର ହେଡ୍ ଟ୍ୟାଙ୍କକୁ ଯୋଗାଣ ହେବ। ସେଠାରୁ ପ୍ରତ୍ୟେକ ଲୋକଙ୍କ ଘରେ ପାନୀୟ ଜଳ ପହଞ୍ଚିବ ବୋଲି ଯୋଜନା ରହିଛି। ବର୍ତ୍ତମାନ ସୁଦ୍ଧା କୁମାରୀ, ଥାନୁଆଳ, ତରଞ୍ଜିଆ, ମହିଶରା, ସୁନ୍ଦରିଆ, ମିର୍ଜାପୁର, ପଟୁଣିଆ, କଦମପାଳ, ସମ୍ପାରୁ ଓ ମଧୁପୁରଗଡ଼ ଆଦି ପଞ୍ଚାୟତରେ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ସେହିପରି ଅନେକ ପଞ୍ଚାୟତରେ ମାଟି ତଳେ ପାଇପ୍ ବିଛା କାମ ଆରମ୍ଭ ହୋଇଛି। ୭ ହଜାର କିଲୋମିଟର ପର୍ଯ୍ୟନ୍ତ ପାଇପ ବିଛା ଯିବାର ଯୋଜନା ରହିଛି। ହାଇଦ୍ରାବାଦର ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକଚର ଏହି ଟେଣ୍ଡର ନେଇଥିବା ଜଣାଯାଇଛି। ୨୦୧୯ ରୁ ୨୦୨୧ ମଧ୍ୟରେ ଏହି ପ୍ରକଳ୍ପର କାର୍ଯ୍ୟ ଶେଷ ହେବା କଥା। ମାତ୍ର ବର୍ତ୍ତମାନ ସୁଦ୍ଧା ୧୧ଟି ସ୍ଥାନରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅନ୍ୟ ୨୯ଟି ସ୍ଥାନରେ ଭୂଇଁରୁ ଉଠିପାରିନାହିଁ ପ୍ରକଳ୍ପ। ଫଳରେ ୨୦୨୨ ସୁଦ୍ଧା ଏହି ପ୍ରକଳ୍ପର ସୁଫଳ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ବ୍ୟାସନଗର ପ୍ରଶାସନର ବିଫଳତା ପ୍ରକାଶ କରିବା ପରେ...

# ଚିହିଁକି ଉଠିଲେ ପୌର ନିର୍ବାହୀ ଅଧିକାରୀ

**ବ୍ୟାସନଗର,୨୨।୯ (ସମିସ):** ବ୍ୟାସନଗର ସହରରେ ଗତ ଲଗାଣ ବର୍ଷାରେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁଁ ଅନେକ ଲୋକଙ୍କ ଘରେ ପାଣି ପଶିବା ସହିତ ରାସ୍ତାଘାଟ ଜଳାର୍ଣ୍ଣବ ହୋଇଥିଲା। ସହରର ପନାସିଆ ଠାରେ ଥିବା ନୁନା ଟୁଡୁଙ୍କ ଘର ଏହି ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିଲା। ଘର ଭାଙ୍ଗିବାର ଦୀର୍ଘ ୬ ଦିନ ପରେ ପ୍ରଶାସନିକ ଅଧିକାରୀ ଏହି ବ୍ୟକ୍ତିଙ୍କ ନିକଟରେ ପହଞ୍ଚି ନପାରିବା ଏବଂ ସାମାନ୍ୟତମ ବିଧି ବ୍ୟବସ୍ଥା ଭାବେ ଜରି ପାଲ,ଶୁଖିଲା ଖାଦ୍ୟ ଆଦି ଯୋଗାଇ ନଦେବାରୁ ଏହି ନିରାଶ୍ରୟ ପରିବାରର ୩ ଜଣ ସଦସ୍ୟ ଗ୍ରାମବାସୀଙ୍କ ସହଯୋଗରେ ଅନ୍ୟ ଜଣଙ୍କ ଘରେ ରହୁଥିବା ଖବର ରବିବାର ଦୈନିକ ସକାଳ ଖବରକାଗଜରେ ପ୍ରକାଶନ ପରେ ଏହାକୁ ନେଇ ଚିହିଁକି ଉଠିଛନ୍ତି ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଯେନା। ପ୍ରଥମେ ମାନବିକତା ଭୁଲି ଏହା ପୌରପରିଷଦର କାର୍ଯ୍ୟ ନୁହେଁ ତହସିଲର କାର୍ଯ୍ୟ କହି ଆମ ପ୍ରତିନିଧିଙ୍କୁ ଟାର୍ଗେଟ କରିବା ସହିତ ଏହି ବର୍ଷାରେ ସାରା ଓଡ଼ିଶା କ୍ଷତିଗ୍ରସ୍ତ ହୋଇଥିଲା ବେଳେ ୬୩ ବର୍ଷର ରେକର୍ଡ ଭାଙ୍ଗିଛି।ତେଣୁ ଆମେ କାହିଁକି ବିପଯ୍ୟସ୍ତ ପାଇଁ ଦାୟୀ ବୋଲି ଓଲଟି ପ୍ରଶ୍ନ କରିଥିଲେ।

# ନିଆରା ଢଙ୍ଗରେ ପାଳିଲେ ଜନ୍ମଦିନ

**ଦଶରଥପୁର,୨୨।୯ (ସମିସ) :** ଦଶରଥପୁର ବ୍ଲକ ଛାତ୍ର ବିଜେଡି ନେତା ଶୁଭମ୍ ନାୟକ ନିଜ ଜନ୍ମ ଦିବସକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଅହିୟାସସ୍ଥିତ ବୃଦ୍ଧା ଆଶ୍ରମରେ ରହୁଥିବା ବୃଦ୍ଧ ବୃଦ୍ଧା ଏବଂ ବିଂଝାରପୁର ବ୍ଲକ ମାଙ୍ଗଡାସ୍ଥିତ ପ୍ରମିଳାଦେବୀ ସ୍ୱତନ୍ତ୍ର ଆଶ୍ରମରେ ରହୁଥିବା ଦିବ୍ୟାଙ୍ଗମାନଙ୍କୁ ଶୁଖିଲା ଖାଦ୍ୟ ଏବଂ ଅର୍ଥ ପ୍ରଦାନ କରି ସେମାନଙ୍କ ପାଖରେ କିଛି ସମୟ ଅତିବାହିତ କରିବା ସହିତ ଆର୍ଶିବାଦ ଭିକ୍ଷା କରିଥିଲେ ଶୁଭମ୍। ଏହି ଅବସରରେ ଛାତ୍ରନେତା ଚିନ୍ମୟ ମାହୁନ୍ତ, ହିମାଂଶୁ ଶେଖର ନାୟକ, ପ୍ରଭାତ କୁମାର ଦାସ, ପ୍ରକାଶ ସାହୁ, ଦୀପକ କୁମାର ଜେନା, ତପନ ରାଉତ, ଜିତେଶ ଦାସ, ସୂର୍ଯ୍ୟକାନ୍ତ ବେହେରା, ସତ୍ୟଜିତ ସାହୁ ପ୍ରମୁଖ ଉପସ୍ଥିତଥିଲେ।



# ଅସହାୟ ମହିଳାଙ୍କୁ ବଞ୍ଚିବାର ରାହା ଦେଖାଇଲା 'ଅସହାୟର ବନ୍ଧୁ'



**ଧର୍ମଶାଳା,୨୨।୯ (ସମିସ):** ନିଜ ଗୋଡରେ ନିଜେ ଠିଆ ହେବ ଗୀତାଞ୍ଜଳି। ଏ ବୟସରେ ଆଉ କାହା ପାଖରେ ଦୟାର ପାତ୍ର ହେବନି। ପର ଦୁଆରକୁ ଯିବନି। ଦୁଇ ଝିଅଙ୍କୁ ଭଲରେ ଦି ଗୁଣ୍ଡା ଖାଇବାକୁ ପିନ୍ଧିବାକୁ ଦେବ, ପାଠଶାଠ ପଢ଼ାଇ ଭଲ ମଣିଷ କରିବ। ଗୀତାଞ୍ଜଳିର ଏମିତି ସ୍ୱପ୍ନ ସାକାର କରିବା ପାଇଁ ଆଗେଇ ଆସିଛି 'ଅସହାୟର ବନ୍ଧୁ'। ଧର୍ମଶାଳା ଅଞ୍ଚଳରେ ଗରିବ ଓ ଅସହାୟ ମଣିଷମାନଙ୍କ ପାଇଁ କାର୍ଯ୍ୟ କରିଆସୁଥିବା ଅଗ୍ରଣୀ ସାମାଜିକ ସେବା ଅନୁଷ୍ଠାନ 'ଅସହାୟର ବନ୍ଧୁ' ଜଣେ ଅସହାୟ ମହିଳା ଓ ତାଙ୍କ ପିଲାଙ୍କୁ ଆତ୍ମନିର୍ଭରଶୀଳ ସହ ବଞ୍ଚିବା ପାଇଁ ବ୍ୟବସ୍ଥା ଗ୍ରହଣ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଜେନାପୁର ଥାନା ମଧୁସୂଦନପୁର ଗ୍ରାମରେ ବାପ ଘରେ ରୁହନ୍ତି ଗୀତାଞ୍ଜଳି ଓଝା। କୌଣସି କାରଣରୁ ସ୍ୱାମୀ ତାଙ୍କୁ ବିଦା କରିଦେବା ପରେ ବାପଘରେ ବାପା-ମାଆଙ୍କ ପାଖରେ ଦୀର୍ଘ ବର୍ଷ ହେଲା ଆଶ୍ରୟ ନେଇଛନ୍ତି। ତାଙ୍କର ୨ଟି ଝିଅ ମଧ ଅଛନ୍ତି। କେତେଦିନ ବାପାମାଙ୍କ କାନ୍ଧରେ ବୋଝ ହେବେ। ଦୁଇ ବଢ଼ିଲା ଝିଅଙ୍କୁ କିପରି ମଣିଷ କରିବେ ସେହି କଥା ତାଙ୍କୁ ବାରମ୍ବାର ଚିନ୍ତାଗ୍ରସ୍ତ କରୁଥିଲା। ଏହି ଖବର 'ଅସହାୟର ବନ୍ଧୁ' ନିକଟରେ ପହଞ୍ଚିବା ପରେ ସଦସ୍ୟମାନେ ୫୦ ହଜାର ଟଙ୍କା ଅର୍ଥ ଯୋଗାଡ କରି ଗୀତାଞ୍ଜଳିଙ୍କ ନିମନ୍ତେ ଏକ ଛୋଟିଆ ଭୁଷାମାଲ ଦୋକାନ ଖୋଲି ଦେଇଛନ୍ତି। ବ୍ୟବସାୟର ଲାଭାଂଶରେ ପରିବାର ଚଳାଇବା ପାଇଁ ଗୀତାଞ୍ଜଳିଙ୍କୁ ନିବେଦନ କରିଛନ୍ତି। ତେବେ ଗୀତାଞ୍ଜଳି ଆଗାମୀ ଦିନରେ ଏହି ବ୍ୟବସାୟକୁ ପୁଞ୍ଜି କରି ପରିବାର ପ୍ରତିପୋଷଣ କରିବେ ଓ ସ୍ୱପ୍ନକୁ ସାକାର କରିବେ ଏହି ଆଶା ରଖିଛନ୍ତି ଅନୁଷ୍ଠାନର ସଦସ୍ୟମାନେ।

# ଜୋନ୍ ସଭାପତି ଭାବେ କାର୍ତ୍ତିକ ଓ ସମ୍ପାଦକ ଭାବେ ପ୍ରତାପ ମନୋନୀତ

**ବଡଚଣା,୨୨।୯ (ସମିସ):** ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଲୋକାଭିମୁଖୀ କାର୍ଯ୍ୟକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ ୧୦ ନଂ ଜୋନ୍ ସଭାପତି ଭାବେ କାର୍ତ୍ତିକ ଚନ୍ଦ୍ର ମହାନ୍ତି ଓ ସମ୍ପାଦକ ଭାବେ ଆଇନଜୀବୀ ପ୍ରତାପ ଚନ୍ଦ୍ର ନାୟକଙ୍କୁ ମନୋନୀତ କରାଯାଇଛି। ପତରାଜପୁର ପଞ୍ଚାୟତରେ ସରପଞ୍ଚ ଅରୁନ୍ଧତୀ ଖୁଣ୍ଟିଆଙ୍କ ସଭାପତିତ୍ୱରେ ପତରାଜପୁର ପଞ୍ଚାୟତର ବିଜୁ ଜନତା ଦଳର ଛାମୁଆ କର୍ମୀମାନେ ଜୋନ ସଭାପତି ଶ୍ରୀ ମହାନ୍ତି ଓ ସମ୍ପାଦକ ଶ୍ରୀ ନାୟକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବୟୋଜ୍ୟେଷ୍ଠ ସମାଜସେବୀ ଗଦାଧର ଦାସ, ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ସେନାପତି, ଉଦୟନାଥ ନାୟକ, ସତ୍ୟଜିତ ବଳ ପ୍ରମୁଖ ଭାଗ ନେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଆଲୋଚନା କରିଥିଲେ।

# ରାସ୍ତା ମରାମତି କଲେ ଜେନାପୁର ଯୁବ ବିଜେଡି କର୍ମୀ




**ଜେନାପୁର,୨୨।୯ (ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧିନ ଖଣ୍ଡିଆବନ୍ଧ ପୋଲ ରାସ୍ତାକୁ ମରାମତି କଲେ ଜେନାପୁର ଯୁବ ବିଜେଡି କର୍ମୀ। ଗତ ଲଗାଣ ବର୍ଷା ରେ ଜେନାପୁର ଅଞ୍ଚଳର ଏହି ରାସ୍ତା ଟି କ୍ଷତିଗ୍ରସ୍ତ ହୋଇଯାଇଥିଲା।ଏହି ରାସ୍ତାଟି ଜେନାପୁର ରେଳ ଷ୍ଟେସନ ଠାରୁ ଆରମ୍ଭ ହୋଇ ୫୩ନମ୍ବର ଜାତୀୟ ରାଜପଥର ତାରିଣୀ ଛକରେ ମିଶିଥିବାରୁ ଜେନାପୁର ଅଞ୍ଚଳରେ ଏ ରାସ୍ତା ର ଗୁରୁତ୍ୱ ଅଧିକ ମାତ୍ରାରେ ରହିଛି। ରାସ୍ତା ଖରାପ ହୋଇଯିବା ଫଳରେ ଜେନାପୁର ସମେତ ଆଖପାଖ ଅଞ୍ଚଳର ଲୋକେ ଯିବାଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଥିଲେ। ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହେବା ଦେଖି ଜେନାପୁର ଗ୍ରାମପଞ୍ଚାୟତର ଯୁବ ବିଜେଡି ସଭାପତି ଜୀବନ କରଣ,ଧର୍ମଶାଳା ବ୍ଲକ ସମ୍ପାଦକ ପ୍ରହଲ୍ଲାଦ ପାତ୍ର, ସଭ୍ୟ ସୁଧାଂଶୁ ମହାନ୍ତି, ସନ୍ତୋଷ ସାମଲ,ଧନେଶ୍ୱର ରାଉତ,ଠୁରା ରାଉତ,ଚଗଲି ଦାସ ପ୍ରମୁଖ ଏହି ରାସ୍ତା ମରାମତି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ।

# ସଚେତନତା ଶିବିର

**ଦଶରଥପୁର,୨୨।୯ (ସମିସ) :** ଅକାଳ ବାର୍ଦ୍ଧକ୍ୟ ଘଟାଉଥିବା ମସ୍ତିଷ୍କ ରୋଗ (ଆଲଜାଇମର) ଡେ ଅବସରରେ ଦଶରଥପୁର ବ୍ଲକ ଅହିୟାସସ୍ଥ ଲକ୍ଷ୍ମୀନାରାୟଣ ସେବା ଆଶ୍ରମରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଟକସ୍ଥ ଟାଙ୍ଗି ଡ୍ରିମ କଲେଜ ଏବଂ ଲକ୍ଷ୍ମୀ ନାରାୟଣ ସେବାଶ୍ରମ ମିଳିତ ଉଦ୍ୟମରେ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସମାଜସେବୀ ପରେଶ ମଲ୍ଲିକ, ମୁଖ୍ୟବକ୍ତା ସମାଜସେବୀ ଶ୍ୟାମ ସୁନ୍ଦର କର, ସମ୍ମାନୀତ ଅତିଥି ଡ୍ରିମ ସ୍କୁଲର ଅଧକ୍ଷ ଡ. କଙ୍ଗେଶ୍ୱରୀ, ଡ୍ରିମ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ସ୍ମୃତିଶ୍ରୀ ଦଳାଇ, ଏଚଓଡି ସନ୍ତୋଷ କୁମାର ଜେନା, ପିଆରଓ ନିରାକାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଲୋକେ କିପରି ଭାବେ ମାନସିକ ରୋଗରେ ପୀଡିତ ହୋଇ ଶୀଘ୍ର ବାର୍ଦ୍ଧକ୍ୟ ସମ୍ମୁଖିନ ହେଉଛନ୍ତି ଏହାକୁ ରୋକିବା ପାଇଁ ସଚେତନ କରାଯାଇଥିଲା। ଗୀତ ଏବଂ ଅଭିନୟ ମାଧମରେ ଡ୍ରିମ ସ୍କୁଲ ଏବଂ କଲେଜର ଛାତ୍ରୀମାନଙ୍କ ଦ୍ୱାରା ସଚେତନ କରାଯାଇଥିଲା।

# ଭଙ୍ଗା ସ୍ଲାବ୍ ମରାମତି କଲା ଲକ୍ଷ୍ମୀନାରାୟଣ ପୂଜା କମିଟି





**ରସୁଲପୁର,୨୨।୯ (ସମିସ):** କୁଆଖିଆ -ଯାଜପୁର ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଷ୍ଟେଟ୍ ବ୍ୟାଙ୍କ୍ ସମ୍ମୁଖରେ ସ୍ଲାବ୍ ଭାଙ୍ଗି ଗଳି ପଡ଼ିଥିବା ସ୍ଲାବ୍‌କୁ ଲକ୍ଷ୍ମୀନାରାୟଣ ପୂଜା କମିଟି ମରାମତି କରିଛି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ଏହା ମରାମତି କରାନଯିବାରୁ ଲକ୍ଷ୍ମୀନାରାୟଣ ପୂଜା କମିଟି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

କୁଆଖିଆ-ଯାଜପୁର ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବର୍ଷାଦିନେ ଗଚ୍ଛିତ ରହୁଥିବା ବର୍ଷା ଜଳ ଡ୍ରେନେଜ୍ ମାଧମରେ ନିଷ୍କାସନ ପାଇଁ ବିଭାଗ ପକ୍ଷରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ପାଖାପାଖି ୩ ଶହ ମିଟର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଡ୍ରେନେଜ୍ ନିର୍ମାଣ କରାଯାଇଛି। ତାହା ଉପରେ ସ୍ଲାବ୍ ବିଛା ଯାଇଛି। ଏହି ନିର୍ମାଣ କାର୍ଯ୍ୟ ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଘନ ଘନ ତଦାରଖ ସାଙ୍ଗକୁ ଠିକାଦାରଙ୍କ ସୁପରଭାଇଜରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ନିର୍ମାଣ ବେଳେ ବଜାରବାସୀ ଆଶା ପ୍ରକଟ କରିଥିଲେ ଯେ ଏହାର ସ୍ଥାୟିତ୍ୱ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ରହିବ। ତେବେ ପରିତାପର ବିଷୟ ମାତ୍ର ୩ ମାସ ନପୂରୁଣୁ ଅସରାଏ ବର୍ଷାରେ ଅତ୍ୟନ୍ତ ବ୍ୟସ୍ତ ବହୁଳ ସ୍ଥାନ ଷ୍ଟେଟ୍ ବ୍ୟାଙ୍କ୍ ସମ୍ମୁଖ ସ୍ଲାବ୍ ଭାଙ୍ଗି ଗଳି ପଡ଼ିଛି। ଏହା ସହ ଭିତରର ରଡ୍ ସବୁ ବାହାରକୁ ଦେଖା ଦେବାରୁ ଏହାର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ବୋଲି ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ବିଛାଯାଇଥିବା ଅନ୍ୟ ସବୁ ସ୍ଲାବ୍‌ର ସ୍ଥାୟିତ୍ୱ କେତେ ଦିନ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଚଳିତ ମାସ ୧ ତାରିଖ ଦିନ "ସକାଳ"ରେ "ଭାଙ୍ଗିଲା କୁଆଖିଆ ଷ୍ଟେଟ୍ ବ୍ୟାଙ୍କ୍ ସମ୍ମୁଖ ସ୍ଲାବ୍" ଶୀର୍ଷକ ଖବର ମଧ ପ୍ରକାଶିତ ହୋଇଥିଲା। ତେବେ ଦୀର୍ଘ ଦିନ ବିତିଯାଇଥିଲେ ମଧ ଏହାର ମରାମତି ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। କାଳେ କୌଣସି ଅଘଟଣ ହେବ ସେଥିପାଇଁ ଯାତାୟତ କରୁଥିବା ଜନସାଧାରଣ ଆତଙ୍କିତ ଅବସ୍ଥାରେ ଥିଲେ। ନିକଟରେ ଭୁବନେଶ୍ୱରର ମୁକୁଳା ଡ୍ରେନ୍‌ରେ ଭାସିଯାଇ ଜଣେ ଛାତ୍ରର ଶୋଚନୀୟ ମୃତ୍ୟୁ ଘଟଣାକୁ ହୃଦୟଙ୍ଗମ କରି କାଳେ ଏହି ସ୍ଥାନରେ ସେପରି କିଛି ଅଘଟଣ ଘଟି ବଜାରର ମାନ ତଳକୁ ଯିବା ଆଶଙ୍କାରେ କମିଟିର ସଭାପତି ବନୋଜ କୁମାର ସ୍ୱାଇଁ, ବରିଷ୍ଠ ସଭ୍ୟ ପିତାମ୍ବର ସାମଲ, ଷ୍ଟେଟ୍ ବ୍ୟାଙ୍କ୍ ଅବସ୍ଥିତ ସାହାଣୀ ମାର୍କେଟ୍ କମ୍ପ୍ଲେକ୍ସର ସ୍ୱତାଧିକାରୀ ପଙ୍କଜ କୁମାର ସାହାଣୀ, ତଳ ମହଲାରେ ଥିବା ଗ୍ରାହକ ସେବା କେନ୍ଦ୍ରର ସନ୍ତୋଷ କୁମାର ନନ୍ଦ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ସ୍ଲାବ୍ ମରାମତି କାର୍ଯ୍ୟ କରାଯାଇଛି। ଏହି ପଦକ୍ଷେପକୁ ବଜାରବାସୀ ପ୍ରଶଂସା କରିଛନ୍ତି।

# ଅମରାବତୀ ପୀଠରେ ସୁନିଆ ଭେଟି

**ବଡଚଣା,୨୨।୯ (ସମିସ):** ନୂତନ ସାଲ ୧୪୨୯ ଏବଂ ଦେବ ଅଙ୍କ ୬୪ ପ୍ରଚଳନ ଅବସରରେ ଐତିହାସିକ ପୀଠ ଛତିଆ ଅମରାବତୀ ପୀଠରେ ସୁନିଆ ଭେଟି ଅନୁଷ୍ଠିତ ହୋଇଯାଇଛି। ଭୂବନାନନ୍ଦ ରାଉତଙ୍କ ଆବାହକତ୍ୱରେ ମଠର ପୀଠାଧିଶ ଶୈଳେନ୍ଦ୍ର ଦାସ ଏହାର ଆୟୋଜନ କରିଥିଲେ। କୁଜଙ୍ଗ ମୁନି ଗୋସାଇଁ ପୀଠାଧୀଶ ସାଧୁ ଧନେଶ୍ୱର ଦାସ, କେନ୍ଦୁଝରର ବାୟାମଠର ପୀଠାଧିଶ ସାଧୁ, ପ୍ରଫୁଲ୍ଲ ଗିରି ମହାରାଜ, ଯାଜପୁର ମଲ୍ଲିକାପୁର ଦୀନକୃଷ୍ଣ ଦାସ ଆଶ୍ରମର ବାବା ରବି ନାରାୟଣ ଦାସ ଓ ବ୍ରହ୍ମବରଦା ବଦରିକା ଆଶ୍ରମର ପୀଠାଧିଶ ଧିରେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। କମିଟି ପକ୍ଷରୁ ବିପିନ ବିଶ୍ୱାଳ, ଦିଲ୍ଲୀପ ରାଉତ, ନୀଳଚକ୍ର ସେବା ସମିତି ଟ୍ରଷ୍ଟର ଟ୍ରଷ୍ଟି ଧିରେନ୍ଦ୍ର ନାୟକ, ଶ୍ରମିକ ନେତା ବସନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜଳବନ୍ଦି ପରିବାରଙ୍କ ନିକଟରେ ପହଞ୍ଚୁନି ସ୍ୱାସ୍ଥ୍ୟସେବା

**ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା**

**ବଡଚଣା,୨୨।୯ (ସମିସ):** ଲଘୁଚାପଜନିତ ବର୍ଷା ଯୋଗୁ ବଡଚଣା ବ୍ଲକ ଅଞ୍ଚଳରେ ବିରୂପା ନଦୀର ବନ୍ୟାଜଳ ପ୍ରବେଶ କରିବା ଦ୍ୱାରା ୭ରୁ ଉର୍ଦ୍ଧ୍ୱ ପଞ୍ଚାୟତର ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ପ୍ରଭାବିତ ଗାଁରେ ନଳକୂପଠାରୁ ଆରମ୍ଭ କରି କୂପ ଓ ଭୂତଳ ପାନୀୟଜଳ ଟ୍ୟାପଗୁଡିକ ଅଧିକାଂଶ ସ୍ଥାନରେ ବନ୍ୟାଜଳରେ ବୁଡି ରହିଥିଲା। ତେବେ ବଡଚଣା ସ୍ୱାସ୍ଥ୍ୟ ବିଭାଗର ସ୍ଥାଣୁତା ଯୋଗୁ ବନ୍ୟାପ୍ଲାବିତ ଗାଁ ଗୁଡିକରେ ଥିବା ପାନୀୟଜଳ ପ୍ରକଳ୍ପଗୁଡିକୁ ବିଶୋଧନ କରାଯାଇନଥିବାରୁ ସଂକ୍ରାମକ ରୋଗ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବର୍ଷାଋତୁରେ କୂପ, ନଳକୂପ, ପୋଖରୀ ପାଣି ଜମି ରହିଥିବା ସ୍ଥାନମାନଙ୍କରେ ବ୍ଲିଚିଙ୍ଗ ପକାଇ ବିଶୋଧନ କରାଯିବାର ନିୟମ ରହିଥିବାବେଳେ ତାହା ସଠିକ୍ ଭାବରେ କରାଯାଇନଥିବା ଅଭିଯୋଗ ହୋଇଛି। ଏପରିକି ବନ୍ୟାର ୮ ଦିନ ପରେ ବି ଜଳବନ୍ଦୀ ଗାଁରେ ପ୍ରଭାବିତ ବିପନ୍ନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇନଥିବା ଅଭିଯୋଗ କରିଛନ୍ତି ବନ୍ୟା ପୀଡିତ ଲୋକେ। ଜଳ ବିଶୋଧନ କରିବା ପାଇଁ ମେଡିକାଲର କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ଏହି କାର୍ଯ୍ୟ ଆଶାକର୍ମୀମାନଙ୍କ ଦ୍ୱାରା କରାଯାଉଛି। ବନ୍ୟା ଯୋଗୁ ପାନୀୟଜଳ ଦୂଷିତ ହୋଇ ଯାଇଥିବାବେଳେ ଏହାକୁ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ସଂକ୍ରାମକ ରୋଗ ଥଣ୍ଡା,ଝାଡା ଓ ଚର୍ମ ରୋଗ ଆଦି ହେଉଥିବା ଜଣାଯାଇଛି। ତେଣୁ ତୁରନ୍ତ ଜଳବନ୍ଦୀ ଗାଁ ଗୁଡିକରେ ଜଳ ବିଶୋଧନ କରିବା ସହ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ପଶାୟତଙ୍କୁ ଯୋଗାଯୋଗ କରିବାରୁ ଅଧିକ ପ୍ରଭାବିତ ପଞ୍ଚାୟତରେ ହାଲୋଜେନ ବଟିକା ବଣ୍ଟନ କରାଯିବା ସହ ଆଶାକର୍ମୀଙ୍କ ମାଧମରେ ଥଣ୍ଡା, ଜ୍ୱର ଓ ଝାଡା ଔଷଧ ରୋଗୀଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିବା କହିଥିଲେ।

■ ସରକାରୀ ନିୟମକୁ ଅଣଦେଖା


# ସରକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ପିନ୍ଧୁ ନାହାନ୍ତି ମାସ୍କ

**ଯାଜପୁର, ୨୨।୯ (ସମିସ):** ଜିଲ୍ଲାରେ ମାତ୍ର କିଛିଦିନ ତଳେ ୫ ଶହରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଜିଲ୍ଲା ପ୍ରଶାସନ ସହିତ ଜନସାଧାରଣଙ୍କୁ ଆତଙ୍କିତ କରିଥିଲା। ସମୟ ବଦଳିବା ସହିତ ସଂକ୍ରମିତଙ୍କ ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହୋଇ ଦୈନିକ ହରାହାରି ୨୫ ଜଣ ନୂତନ କରୋନା ଆକ୍ରାନ୍ତ ଜିଲ୍ଲାରେ ଚିହ୍ନଟ ହେଉଛନ୍ତି। ଆଗକୁ ତୃତୀୟ ଲହର ଆସିବାର ସମ୍ଭାବନା ରହିଥିବା ବେଳେ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ମାନ ମଧ ଗ୍ରହଣ କରାଯାଉଛି। ଏହି ସମୟରେ ତୃତୀୟ ଲହରକୁ ପ୍ରତିହତ କରିବାକୁ ସାମାଜିକ ଦୂରତା ସହିତ ମାସ୍କ ପିନ୍ଧିବାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ତେବେ କରୋନା କମିବାରୁ ଯାଜପୁର ଜିଲ୍ଲାରେ ସାମାଜିକ ଦୂରତା ଆଦୌ ନାହିଁ କହିଲେ ଚଳେ। ତେବେ ମାସ୍କ ପିନ୍ଧିବା ନିହାତି ଜରୁରୀ ହୋଇଥିଲାବେଳେ ବହୁ ଲୋକ ମାସ୍କ ପିନ୍ଧିବା ଏକ ପ୍ରକାର ଛାଡି ଦେଲେଣି। ହେଲେ ବିଡମ୍ବନାର ବିଷୟ ସରକାର କରିଥିବା ନିୟମକୁ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଅଣଦେଖା କରାଯାଉଥିବା ଦେଖିବାକୁ ମିଳୁଛି। ସରକାରୀ କର୍ମଚାରୀ ମାନେ ମାସ୍କ ନପିନ୍ଧି କାର୍ଯ୍ୟ କରୁଥିଲାବେଳେ ଏହା ଆଗାମୀ ଦିନରେ ସଂକ୍ରମଣ ବଢ଼ାଇବାରେ ସହାୟକ ହେବାର ଆଶଙ୍କା ସୃଷ୍ଟି କରିଛି। ଏ ନେଇ ବିଭାଗୀୟ ଅଧିକାରୀ ମାନେ କଡା ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଦେଶୀ ମଦ କାରବାରର ଭୂସ୍ୱର୍ଗ ରାଧାକାନ୍ତପୁର

## ପୁଲିସ ଓ ଅବକାରୀ ବିଭାଗ ନଜରରେ ନା ନଜର ଆଢୁଆଳରେ

ଜେନାପୁର, ୨୨।୯ (ସମିସ)



ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ଏଣ୍ଡଲବା ପଞ୍ଚାୟତର ରାଧାକାନ୍ତପୁର। ଏହି ଗ୍ରାମଟି ଏବେ ଚୋରା ଦେଶୀ ମଦ ବ୍ୟବସାୟର ଭୂସ୍ୱର୍ଗ ପାଲଟି ଯାଇଛି। ଆଜକୁ ବେଶ କିଛିଦିନ ହେଲା ଏହି ଗ୍ରାମରେ ଚୋରା ଦେଶୀ ମଦ ବ୍ୟବସାୟ ବ୍ୟାପକ ଭାବେ ଚାଲିଥିଲାବେଳେ ଜନୈକ ମହିଳା ଏହି ଚୋରା ଦେଶୀ ମଦ କାରବାରର ରାଣୀ ପାଲଟିଥିବା ଆଲୋଚନା ହେଉଛି। ସୂଚନା ଅନୁଯାୟୀ ରାଧାକାନ୍ତପୁର ଗ୍ରାମ୍ୟ ରାସ୍ତା ଏହି ପଞ୍ଚାୟତର ମୁଖ୍ୟ ରାସ୍ତା। ଫଳରେ ଏହି ଗ୍ରାମ୍ୟ ରାସ୍ତା ଦେଇ ପ୍ରତିଦିନ ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀ, ସାଧାରଣ ଲୋକ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଗତାଗତ କରନ୍ତି। ଏହି ଗ୍ରାମରେ ଦେଶୀ ମହୁଲି ମଦର ବ୍ୟାପକ ବ୍ୟବସାୟ ଚାଲିଥିବାରୁ ବହୁ ଲୋକ ଗ୍ରାମକୁ ଆସି ମଦ୍ୟପାନ କରି ମାତାଲ ହେଉଛନ୍ତି। ବହୁ ସମୟରେ ମଦ୍ୟପମାନେ ମାତାଲ ହୋଇ ରାସ୍ତାରେ ଗଣ୍ଡଗୋଳ କରିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଫଳରେ ଏହି ରାସ୍ତାରେ ଯାଉଥିବା ପଥଚାରୀ ଗତାଗତ ବେଳେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବିଶେଷ କରି ମହିଳା ଓ ଯୁବତୀ ଏ ହି ରାସ୍ତାରେ ଯିବା ପାଇଁ ଭୟ କରୁଛନ୍ତି। କମ ମୂଲ୍ୟରେ ଏହି ଦେଶି ମଦ ବିକ୍ରୟ ହେଉଥିବାରୁ ଏହାକୁ ପିଇବା ଦ୍ୱାରା ବହୁ ଯୁବକ ବିପଥଗାମୀ ହେଉଛନ୍ତି। ପ୍ରତିଦିନ ମଦ୍ୟପ ମାନେ ନିଜ ପରିବାରରେ ଅଶାନ୍ତି ସୃଷ୍ଟି କରିବାରୁ ବହୁ ପରିବାର ଉଜୁଡିବା ସ୍ଥିତିକୁ ଆସିଲାଣି। ଆଜକୁ ଦୀର୍ଘ ଦିନ ହେଲା ଏହି ଗ୍ରାମରେ ବ୍ୟାପକ ଚୋରା ଦେଶୀ ମଦ କାରବାର ହେଉଥିବା ନେଇ ଜନସାଧାରଣ ଚର୍ଚ୍ଚା ଆଲୋଚନା କରୁଥିଲାବେଳେ ପୁଲିସ କିମ୍ବା ଅବକାରୀ ବିଭାଗ ଦୃଷ୍ଟିକୁ ଏହା କିଭଳି ଆସୁନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମର ଏହି ଚୋରା ମଦ ବେପାର ପୁଲିସ ଓ ଅବକାରୀ ବିଭାଗର ନଜରରେ ନା ନଜର ଉହାଡରେ ଚାଲିଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲାବେଳେ ଗ୍ରାମର ବହୁ ବୁଦ୍ଧିଜୀବୀ କିନ୍ତୁ ଏହା ପୁଲିସ ଓ ଅବକାରୀ ବିଭାଗର ନଜରରେ ଚାଲିଥିବା କହି ଉଚ୍ଚ ଅଧିକାରୀ ଏ ନେଇ ଦୃଢ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ସକାଳ THE SAKALA

# ଆମ ଜିଲ୍ଲା

## ପୂର୍ବତନ ଏବିଡିଓ ଓ ଏମଆଇଙ୍କୁ ଜରିମାନା ଦେବାକୁ ରାଜ୍ୟ ସୂଚନା କମିସନରଙ୍କ ନିର୍ଦ୍ଦେଶ

**ଗରଦପୁର,୨୨।୯ (ସମିସ):** ସୂଚନା ଅଧିକାର କର୍ମୀଙ୍କୁ ସଠିକ୍ ସମୟରେ ସୂଚନା ନ ଦେବା ମହଙ୍ଗା ପଡ଼ିଛି। ଗରଦପୁର ବ୍ଲକର ପୂର୍ବତନ ଏବିଡିଓ ଓ ଏମଆଇଙ୍କୁ ଜରିମାନା ଦେବାକୁ ରାଜ୍ୟ ସୂଚନା କମିସନର ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ସୂଚନା ଅଧିକାର ଆଇନରେ ସଠିକ ସମୟରେ ସୂଚନା ପ୍ରଦାନ ନ କରିବା ଓ ଆବେଦନକାରୀଙ୍କ ପ୍ରତି ଅବହେଳା କରିଥିବାରୁ ରାଜ୍ୟ ସୂଚନା କମିସନର କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକର ପୂର୍ବତନ ଏବିଡିଓ ଓ ଏମଆଇଙ୍କୁ ୫ ହଜାର ଟଙ୍କା ଲେଖାଁଏ ଜରିମାନା ଏକମାସ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗରଦପୁର ବ୍ଲକ ଅନ୍ତର୍ଗତ ନାଗଣପୁର ଗ୍ରାମର ଶୁଭ୍ରାନ୍ତ କୁମାର ମହାନ୍ତି ଗତ ୨୦୧୭ରେ ସୂଚନା ଅଧିକାର ଆଇନରେ ଗରଦପୁର ବ୍ଲକର ଜନ ସୂଚନା ଅଧିକାରୀଙ୍କୁ ରେସନ ସାମଗ୍ରୀ ଓ ଖାଉଟି ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ମାଗିଥିଲେ। କିନ୍ତୁ ତତ୍କାଳୀନ ଏବିଡିଓ ଦେବେନ୍ଦ୍ରନାଥ ସ୍ୱାଇଁ ଓ ଏମଆଇ ପ୍ରଦୀପ କୁମାର ଭଟ୍ଟ ଆବେଦନକାରୀ ଶ୍ରୀ ମହାନ୍ତିଙ୍କୁ ସେହି ସୂଚନା ପ୍ରଦାନରେ ସହଯୋଗ କରି ନ ଥିଲେ। ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହେବା ପରେ ଶୁଭ୍ରାନ୍ତ ରାଜ୍ୟ ସୂଚନା କମିସନରଙ୍କ ନିକଟରେ ଏ ସମ୍ପର୍କରେ ଆବେଦନ କରିଥିଲେ। ସେହି ଆବେଦନର ବିଚାର କରି ରାଜ୍ୟ ସୂଚନା କମିସନର ପୂର୍ବତନ ଗରଦପୁର ବ୍ଲକ ଏବିଡିଓ ଶ୍ରୀ ସ୍ୱାଇଁ ଓ ଏମଆଇ ଶ୍ରୀ ଭଟ୍ଟଙ୍କୁ ଏକମାସ ମଧ୍ୟରେ ୫ ହଜାର ଟଙ୍କା ଲେଖାଏଁ ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଯଦି ଉଭୟ ଜରିମାନା ଅର୍ଥ ସରକାରୀ ତହବିଲରେ ଜମା ନ କରନ୍ତି, ତେବେ ଗରଦପୁର ବିଡିଓ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଉଭୟଙ୍କ ଦରମା କିମ୍ବା ପେନସନରୁ ଜରିମାନା ଅର୍ଥ କାଟି ସରକାରୀ ତହବିଲରେ ଜମାଦେବାକୁ କମିସନ ନିର୍ଦ୍ଦେଶ ଦେଇଛନ୍ତି।

## ଛାତରୁ ପଡ଼ି ଶିକ୍ଷୟିତ୍ରୀ ମୃତ



**କେନ୍ଦ୍ରାପଡ଼ା,୨୨।୯ (ସମିସ):** ମୋବାଇଲ ମାଧ୍ୟମରେ ନିଜ ଅଫିସ ଷ୍ଟାଫଙ୍କୁ ମେସେଜ ପଠାଉଥିବାବେଳେ ଅସାବଧାନତା ଯୋଗୁଁ ଛାତରୁ ପଡ଼ି ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ୍ୟୁବରଣ କରିଥିବା ଶିକ୍ଷୟିତ୍ରୀ ଜଣକ ହେଲେ ଶୁଭ୍ରକାନ୍ତି ନାୟକ। ସୂଚନା ମୁତାବକ, କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଦୁତିଆଳ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ତଥା ସିଆରସିସି ଶୁଭ୍ରକାନ୍ତି ନାୟକ ବୁଧବାର ସକାଳ ପ୍ରାୟ ସାଢେ ୭ଟା ସମୟରେ କଳପଡ଼ା ଗ୍ରାମସ୍ଥ ଘରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଙ୍କ ନିକଟକୁ ମୋବାଇଲରୁ ମେସେଜ ପଠାଉଥିଲେ। ଘର ଭିତରେ ନେଟ ସମସ୍ୟା ଦେଖାଦେବାରୁ ସେ ଛାତ ଉପରକୁ ଯାଇ ମେସେଜ ପଠାଉଥିଲେ। ଅସାବଧାନତାବଶତଃ ସେ ଛାତ ଉପରୁ ତଳକୁ ଖସିପଡ଼ିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜିଲ୍ଲା କମିଟି ଘୋଷଣା କଲା ଛାତ୍ର କଂଗ୍ରେସ

**ଦଶରଥପୁର,୨୨।୯ (ସମିସ):** ଯାଜପୁର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ରନେତାଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ସଭାପତି ୟାସିର ନୱାଜ ଏହି କମିଟିକୁ ସ୍ୱିକୃତି ପ୍ରଦାନ କରିବା ପରେ ନାମ ଘୋଷଣା କରାଯାଇଛି। ପୂର୍ବରୁ ଛାତ୍ର କଂଗ୍ରେସ ସଭାପତି ଭାବେ ଦଶରଥପୁର ବ୍ଲକର ଛାତ୍ରନେତା ଅନନ୍ତ କୁମାର ଦାସଙ୍କୁ ଜିଲ୍ଲା ସଭାପତି ଭାବେ ମନୋନୀତ କରାଯାଇଥିବାବେଳେ ଏବେ ସମ୍ପୂର୍ଣ୍ଣ କମିଟି ଘୋଷଣା କରାଯାଇଛି। ଜିଲ୍ଲା ଉପସଭାପତି ଭାବେ ସତ୍ୟବ୍ରତ ଗୁରୁ, ଯଯାତି କେଶରୀ ନାୟକ, ସୌମ୍ୟରଞ୍ଜନ ବଳ, ରାକେଶ ନାଟିଆ, ସାଧାରଣ ସମ୍ପାଦକ ଭାବେ ଉତ୍କଳ କେଶରୀ ପାଣିଗ୍ରାହୀ, ସୌମ୍ୟରଞ୍ଜନ ସ୍ୱାଇଁ, ସମୀର କୁମାର ବେହେରା, ଭାଗବତ ଦାସ, ସମ୍ବିତ କୁମାର ନାଥ, ସୁନିଲ ସାମଲ, ସ୍ମୃତିରଞ୍ଜନ ଭୂୟାଁ, ସମୀର ଦାସ, ବିକାଶ ବେହୁରିଆ, ରାକେଶ ସେନାପତି, ଲିପୁ ରଞ୍ଜନ ସାହୁ, ଅମର କୁମାର ବେହେରା, ସୁଭାଶୀଷ ତ୍ରିପାଠୀ, ଯଶୋବନ୍ତ ମଲ୍ଲିକ, ସମ୍ପାଦକ ଭାବେ ଆଶୁତୋଷ ପୃଷ୍ଟି, ସନ୍ତୋଷ କୁମାର ଓଝା, ପ୍ରଶାନ୍ତ କୁମାର ଦାସ, ଅଭିରାମ ଜେନା, ବାଦଲ ରାଉତ, ମନୋଜ ଖଟୁଆ, ବିନୋଦ କୁମାର ମଲ୍ଲିକ, ଦେବାଶୀଷ ଦାସ, ତ୍ରିଲୋଚନ ମହନ୍ତ, ଧନଞ୍ଜୟ ଦୀକ୍ଷିତ, ସରୋଜ କୁମାର ଜେନା, ସଞ୍ଜିବ କୁମାର ଦାସ, ପ୍ରକାଶ କୁମାର ନାୟକ, ଚିନ୍ମୟଘଡାଇ, ବାବୁ ସ୍ୱାଧୀନ ପ୍ରସାଦ ସାମଲଙ୍କୁ ମନୋନୀତ କରାଯାଇଛି। ସେହିଭଳି ବରୀ ନିର୍ବାଚନ ମଣ୍ଡଳୀର ସଭାପତି ଭାବେ ଶବଚ୍ଛ କୁମାର ଦାସ, ବଡଚଣା ନିର୍ବାଚନ ମଣ୍ଡଳୀ ସଭାପତି ଭାବେ ସଞ୍ଜିବ କୁମାର ସାମଲ, ବିଂଝାରପୁର ନିର୍ବାଚନ ମଣ୍ଡଳୀ ସଭାପତି ଭାବେ ପ୍ରକାଶ ବେହୁରିଆ, କୋରେଇ ନିର୍ବାଚନ ମଣ୍ଡଳୀ ସବାପତି ଭାବେ ସତୀଶ ଶିବ ସୁନ୍ଦର ମଲ୍ଲିକ, ସୁକିନ୍ଦା ନିର୍ବାଚନ ମଣ୍ଡଳୀ ସଭାପତି ଭାବେ ସୋମ୍ୟରଞ୍ଜନ ମିଶ୍ର, ଯାଜପୁର ନିର୍ବାଚନ ମଣ୍ଡଳୀ ସଭାପତି ଭାବେ ସତ୍ୟବ୍ରତ ନାୟକଙ୍କୁ ମନୋନୀତ କରାଯାଇଛି।

## ଜଟାଧାର ମୁହାଣରୁ ମୃତ ହରିଣ ଜବତ

**କୁଜଙ୍ଗ,୨୨।୯ (ସମିସ):** ଜଟାଧାର ମୁହାଣ ଅଞ୍ଚଳରେ ଏକ ମୃତ ହରିଣକୁ କୁଜଙ୍ଗ ବନଖଣ୍ଡ ଅଧିକାରୀ ଜବତ କରିଥିବା ଜଣାପଡ଼ିଛି। ହରିଣଟି ମୁହାଣ ନିକଟରେ ମରିପଡ଼ିଥିବା ଖବର ପାଇ କୁଜଙ୍ଗ ବନ ବିଭାଗ ଅଧିକାରୀ ପହଞ୍ଚି ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାରିଣ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନଖଣ୍ଡ ଅଧିକାରୀ ଜ୍ଞାନରଞ୍ଜନ ମହାନ୍ତି କହିଛନ୍ତି।

## ଜାରକାବାସୀଙ୍କୁ ଜଳ ଯୋଗାଣ ଓ ଷ୍ଟ୍ରିଟ ଆଲୋକ ସେବା ଯୋଗାଇ ଦିଆଯାଉ

**ଧର୍ମଶାଳା,୨୨।୯ (ସମିସ):** ଜାରକାଠାରେ ୧୬ ନମ୍ବର ରାଜପଥ ସମ୍ପ୍ରସାରଣ କାମ ଶେଷ ହେବାକୁ ଆହୁରି ବର୍ଷେ ଯିବକି ତାଠୁ ଅଧିକ ତାହାର କୌଣସି ସଠିକ୍ ସମୟସୀମା ନାହିଁ। ରାସ୍ତା ସମ୍ପ୍ରସାରଣ ପାଇଁ ଗତ ୨ ବର୍ଷ ତଳୁ ଏ ନେଇ ଜାରକାଠାରେ ରାଜପଥ ପାର୍ଶ୍ୱରେ ପୁଲିସପ୍ରଶାସନ ସହାୟତାରେ ଠିକା କମ୍ପାନୀ ଜମି ଅଧିଗ୍ରହଣ କରିଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଜମି ଅଧିଗ୍ରହଣ ସ୍ଥାନରେ ରାସ୍ତା କାମ ଆରମ୍ଭ ହୋଇନାହିଁ। ଜବର ଦଖଲ ପରଠାରୁ ରାସ୍ତା ପାର୍ଶ୍ୱରେ ଜଳ ଯୋଗାଣ ଓ ବିଦ୍ୟୁତ ଆଲୁଅ ସେବା ଗତ ଦୁଇ ବର୍ଷ ତଳୁ ବନ୍ଦ ହୋଇଯାଇଛି। ରାସ୍ତା ପାର୍ଶ୍ୱ ଖୋଳାଖୋଳି ସମୟରେ ବିଦ୍ୟୁତ ପୋଲ ଗୁଡିକୁ ଉଠାଇ ନିଆଯାଇଥିବା ବେଳେ ଜଳ ଯୋଗାଣ ଷ୍ଟାଣ୍ଡ ପୋଷ୍ଟ ଗୁଡିକୁ ଭାଙ୍ଗି ଦିଆଯାଇଥିଲା। ମାଟି ତଳେ ଥିବା ପାଇପ ଗୁଡିକ ମଧ୍ୟ ଡୋଜର ମାଡରେ ଫାଟିଯାଇଥିଲା। ଡ୍ରେନ ଗୁଡିକ ମୁକୁଳା ପଡ଼ିଛି। ଏହା ପରଠାରୁ ଏହି ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉ ନାହାନ୍ତି। ଠିକା କମ୍ପାନୀ କର୍ତ୍ତୃପକ୍ଷ ଲୋକଙ୍କ ନିମନ୍ତେ ଜଳ ଯୋଗାଣ ଓ ବିଦ୍ୟୁତ ବ୍ୟବସ୍ଥା କରି ସାରିବା ପରେ ଏ ସବୁ ଉଚ୍ଛେଦ କରିବା କଥା। ମାତ୍ର ତାହା ଏ ପର୍ଯ୍ୟନ୍ତ ବି କରି ନାହିଁ। ରାସ୍ତା ପାର୍ଶ୍ୱ ବ୍ୟବସାୟୀ ହୁଅନ୍ତୁ ବା ଅଧିବାସୀ ପାନୀୟ ଜଳ ପାଇଁ ଗତ ୨ ବର୍ଷ ହେଲା ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ସେହିପରି ଷ୍ଟ୍ରିଟ ଆଲୋକ ନଥିବାରୁ ସନ୍ଧ୍ୟା ହେଲେ ବଜାର ଅନ୍ଧାର। ବିଶେଷ କରି ରାତି ୮ଟା ପରେ ଦୋକାନ ବଜାର ବନ୍ଦ ହୋଇଗଲେ ବଜାରକୁ ଆସିବାକୁ ଲୋକେ ଭୟ କଲେଣି। ଜଳ ଯୋଗାଣ ଓ ବିଦ୍ୟୁତ ବିଭାଗ ଠିକା କମ୍ପାନୀକୁ ଏଥିପାଇଁ ଦାୟୀ କରୁଥିବା ବେଳେ ଠିକା କମ୍ପାନୀ ସେମାନଙ୍କୁ ଓଲଟି ଦାୟୀ କରୁଛି। ତେବେ ରାସ୍ତା ଶେଷ ନହେଲା ପର୍ଯ୍ୟନ୍ତ ଜଳ ଯୋଗାଣ କିପରି ହେବ ଓ ଷ୍ଟ୍ରିଟ ଲାଇଟ କିପରି ଓ କେଉଁଠି ଜଳିବ ନିର୍ଦ୍ଧିଷ୍ଟ ସିଦ୍ଧାନ୍ତରେ କେହି ପହଞ୍ଚିପାରୁ ନାହାଁନ୍ତି। ରାସ୍ତା କାମ ଶେଷ ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ଆଲୋକ ଓ ଜଳ ଯୋଗାଣ ଯୋଗାଇ ଦିଆଯିବାକୁ ବଜାରବାସୀ ଦାବି କରିଛନ୍ତି।

### ଭିନ୍ନକ୍ଷମଙ୍କ ଅଧିକାର ଓ ଅଧିନିୟମ ସଚେତନତା ଶିବିର

## ‘ଭିନ୍ନକ୍ଷମ କମ୍ ନୁହଁନ୍ତି, ସକ୍ଷମଙ୍କଠାରୁ ମଧ୍ୟ ପାରଦର୍ଶିତା ଦେଖାଇଛନ୍ତି’

**ଜଗତସିଂହପୁର, ୨୨।୯ (ସମିସ)**

ଭିନ୍ନକ୍ଷମଙ୍କ ଅଧିକାର ଓ ଅଧିନିୟମ-୨୦୧୬ ସମ୍ବନ୍ଧୀୟ ସଚେତନତା ଶିବିର ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଭୁବନେଶ୍ୱର ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଅନୁଷ୍ଠିତ ଉକ୍ତ ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୋଗ ଅଧ୍ୟକ୍ଷା ସୁଲୋଚନା ଦାସ ଯୋଗଦେଇଥିଲେ। ଜଗତସିଂହପୁର ଜିଲ୍ଲାର ଭିନ୍ନକ୍ଷମଙ୍କୁ କିପରି ସରକାରଙ୍କ ପ୍ରଦତ୍ତ ସୁବିଧା ସୁଯୋଗ ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ଭିନ୍ନକ୍ଷମ କାହାଠୁ କମ୍ ନୁହଁନ୍ତି। ସେମାନେ ବିଭିନ୍ନ କ୍ଷେତ୍ରରେ ସକ୍ଷମଙ୍କଠାରୁ ପାରଦର୍ଶିତା ଦେଖାଇଛନ୍ତି। ସେମାନଙ୍କର ମଧ୍ୟ ସାଧାରଣ ଲୋକଙ୍କ ଭଳି ସମାଜରେ ବଞ୍ଚିବାର ଅଧିକାର ଅଛି। ଆମେ ସମସ୍ତେ ଯଦି ଭିନ୍ନକ୍ଷମଙ୍କୁ ଦୟା ନୁହେଁ, ବରଂ ସାମାନ୍ୟ ସହଯୋଗ କରିବା ସେମାନେ ଆଗକୁ ଆସିପାରିବେ ବୋଲି ରାଜ୍ୟ ଭିନ୍ନକ୍ଷମ ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ଦାସ କହିଛନ୍ତି।

ଏହି ଶିବିରରେ ଯୋଗଦେଇ ଜିଲାଲପାଳ ସଂଗ୍ରାମ କେଶରୀ ମାହପାତ୍ର କହିଲେ, ଭିନ୍ନକ୍ଷମଙ୍କୁ ଚିହ୍ନଟ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସପ୍ତାହରେ ଥରେ ମେଡିକାଲ ବୋର୍ଡ ବସୁଛି। ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।



ଭିନ୍ନକ୍ଷମଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଯଥା ପେନସନ, ସ୍କଲାରସିପ, ରେସନ କାର୍ଡ, ଭତ୍ତା ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୀକ୍ଷା କରାଯାଉଥିବା ଜିଲ୍ଲାପାଳ କହିଥିଲେ। ଏସିଡ୍ ପୀଡ଼ିତା ପ୍ରମୋଦିନୀ ରାଉଳଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି। ତାଙ୍କୁ ମାଡ୍ରାସ ଯିବାଆସିବା ପାଇଁ ଯାତାୟାତ ଖର୍ଚ୍ଚ ଓ ରହିବା ଖର୍ଚ୍ଚ ମଧ୍ୟ ପ୍ରଦାନ କରାଯାଉଛି। ଜିଲ୍ଲାରେ ୨୦୨୧-୨୨ ବର୍ଷରେ ୧୩ ଶହ ୭୧ ଜଣଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ପ୍ରଦାନ କରାଯାଇଛି। ସେହିପରି ୪୦,୬୫୩ ଜଣଙ୍କୁ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଓ ୧୦,୯୨୯ଙ୍କୁ ବିଧବା ଭତ୍ତା ପ୍ରଦାନ କାରାଯାଇଥିବାବେଳେ ମଧୁବାବୁ ପେନସନ ଯୋଜନାରେ ୭୫ ହଜାର ୯୯୬ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଜାତୀୟ ଫ୍ୟାମିଲି ବେନିଫିଟ ସ୍କିମରେ ୯୧ ଜଣଙ୍କୁ ସହାୟତା କାରାଯାଇଛି।

୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ୩୯ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କାରଯାଇଛି। ୪୯ଜଣ ଭିନ୍ନକ୍ଷମ ଓ ସାଧାରଣ ଦମ୍ପତିଙ୍କୁ ୫୦ ହଜାର ଲେଖାଏଁ ବିବାହ ପ୍ରୋତ୍ସାହନ ସହାୟତା ରାଶି ପ୍ରଦାନ କାରାଯାଇଛି। ବର୍ତ୍ତମାନ ଏହି ପ୍ରୋତ୍ସାହନ ରାଶି ୨.୫ ଲକ୍ଷକୁ ବୃଦ୍ଧି କରାଯାଇଛି। ୧୩ଜଣ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦ ହଜାର ଲେଖାଏଁ ରିଭଲଭିଙ୍ଗ ଫଣ୍ଡ ପ୍ରଦାନ କରାଯାଇଛି। ଜିଲ୍ଲାରେ ୬୧ଜଣ ଭିକ୍ଷୁକ ଓ ୧୧୯ ଜଣ କୃଷ୍ଣ ରୋଗୀଙ୍କୁ ଚିହ୍ନଟ କାରଯାଇ ସହାୟତା ରାଶି ଓ ଲେପ୍ରୋସି କିଟ୍ ଯୋଗାଇ ଦିଆଯାଇଛି। କୋଭିଡ ସମୟରେ ସୁସ୍ଥ ହୋଇଥିବା କୃଷ୍ଣ ରୋଗୀଙ୍କୁ ପାରାଦୀପରେ କିଟ ପ୍ରଦାନ କରାଯାଇଛି। ଜିଲ୍ଲାରେ ୩୭ ଜଣ କିନ୍ନର ଚିହ୍ନଟ କରାଯାଇ ୯ ଜଣଙ୍କୁ ପେନସନ,୧୨ ଜଣଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଓ ୬ ଜଣଙ୍କୁ ଆତ୍ମନିଯୁକ୍ତି ଯୋଜନାରେ ସାମିଲ କାରାଯାଇଛି। ସମସ୍ତଙ୍କୁ କୋଭିଡ ଟିକାକରଣ କରାଯାଇଛି। ୬୮୧ ଜଣଙ୍କୁ ବାଣୀଶ୍ରୀ ସ୍କଲାରସିପ ସହିତ ୬୭୪ ଜଣଙ୍କୁ କୋଭିଡ କିଟ ପ୍ରଦାନ କରାଯାଇଛି। ୨୦୨୦-୨୧ ବର୍ଷରେ ୧୮ ଜଣଙ୍କୁ ଟ୍ରାଏସାଇକଲ, ୧୩ ଜଣଙ୍କୁ ଆଶାବାଡି, ୫ ଜଣଙ୍କୁ ୱାକିଂ ଷ୍ଟିକ, ୨ ଜଣଙ୍କୁ ହ୍ୱାଇଟ କେନ, ୧୭ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। ୪ଜଣ ଭିନ୍ନକ୍ଷମଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଲାପଟପ ପ୍ରଦାନ କରାଯାଇଛି।

ଅତିରିକ୍ତ ଜିଲ୍ଲାପାଳ ସଚିଦାନନ୍ଦ ସାହୁ କହିଲେ, ସେପ୍ଟେମ୍ବର ୨୨ ସୁଦ୍ଧା ସମସ୍ତ ବିଚାରାଧୀନ ପେନସନ ଫଇସଲା କରାଯିବ। ଏହି ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସିଡିଏମଓ ଡଃ ବିଜୟା ପଣ୍ଡା, ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ଭିନ୍ନକ୍ଷମ ଯୁବକ ଯୁବତୀ ଉପସ୍ଥିତ ଥିଲେ।

## କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଯାଜପୁର ଜିଲ୍ଲା କାର୍ଯ୍ୟାଳୟର ସମୀକ୍ଷା

**ଯାଜପୁର, ୨୨।୯ (ସମିସ)**

ସରକାରୀ ବ୍ୟବସ୍ଥା ମଧ୍ୟରେ ସାଧାରଣ ଲୋକ ମାନଙ୍କୁ ସମୟୋଚିତ ସାମାଜିକ ନ୍ୟାୟ ପ୍ରଦାନ, ସେମାନଙ୍କର ଆବଶ୍ୟକତା ଓ ଅଧିକାରକୁ ତ୍ୱରାନ୍ୱିତ ପ୍ରକ୍ରିୟାରେ ପ୍ରଦାନ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଗୁରୁତ୍ୱ ଦେଇଚ୍ଛନ୍ତି। ବୁଧବାର ଯାଜପୁର ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର କାର୍ଯ୍ୟାବଳୀର ସମୀକ୍ଷା କରିବାକୁ ରାଜସ୍ୱ ଆୟୁକ୍ତ ଶ୍ରୀ ସାମଲ ପହଞ୍ଚିଥିଲେ। ସର୍ବ ପ୍ରଥମେ ମା’ ବିରଜାଙ୍କ ଦର୍ଶନ କରିବା ସହ ବିରଜା ମନ୍ଦିରର ଉନ୍ନୟନ କାର୍ଯ୍ୟର ସମୀକ୍ଷା ଓ ଅନୁଧ୍ୟାନ କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରିଥିଲେ। ସଂସ୍ଥା ବିଭାଗ, ସାଧାରଣ ଓ ବିବିଧ ବିଭାଗ, ରାଜସ୍ୱ, ତଉଜି, ଭୂ ଅର୍ଜନ ବିଭାଗ, ଜୁଡିସିଆଲ, ପଞ୍ଚାୟତରାଜ, ସାମାଜିକ ସୁରକ୍ଷା, ସାମାଜିକ କଲ୍ୟାଣ, ଯୋଗାଣ, ନିର୍ବାଚନ, ପ୍ଲାନିଂ, ଶିକ୍ଷା, ସୂଚନା ଓ ଲୋକ ସମ୍ପର୍କ, ଅବକାରୀ, କ୍ରୀଡା, ମଙ୍ଗଳ ବିଭାଗ, ସୂଚନା ଅଧିକାର, ଅଡିଟ ବିଭାଗ ଇତ୍ୟାଦିର ସମୀକ୍ଷା ସେ କରିଥିଲେ। ରାଜସ୍ୱ ଆଦାୟକୁ ଗୁରୁତ୍ୱ ଦେବା ସହ ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଶ୍ରୀ ସାମଲ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ରାଜସ୍ୱ ଆୟୁକ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଡଃ ଶରତ କୁମାର ମହାପାତ୍ର, ଡେପୁଟୀ କଲେକ୍ଟର କୁଳମଣି ନାୟକ, କାଜଲ ପ୍ରଧାନ, ପ୍ରଜ୍ଞା ହୋତା, ଶୁଭଦର୍ଶନ ମିଶ୍ର, ସହାୟକ ଜିଲ୍ଲାପାଳ ତିଲୋତ୍ତମା ପୃଷ୍ଟି, ତରଣୀସେନ ପଟ୍ଟନାୟକ, ଉମେଶ ଚନ୍ଦ୍ର ଲେଙ୍କା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ଆଧାର କାର୍ଡ ଉଠା ଯାଉଥିବା ଗୃହରେ ଝୁଲୁଛି ତାଲା; ଲୋକେ ହନ୍ତସନ୍ତ

**ବଡଚଣା, ୨୨।୯ (ସମିସ)**

ବଡଚଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଧାର କାର୍ଡ ଗୃହରେ ବହୁ ଦିନ ଧରି ତାଲା ଝୁଲୁଥିବା ଜଣାଯାଇଛି। ବହୁ ଖର୍ଚ୍ଚାନ୍ତ କରି ଦୂର ଦୂରାନ୍ତରରୁ ଅନେକ ହିତାଧିକାରୀ ଆଧାର କାର୍ଡ କରିବା ନିମନ୍ତେ ଆସି ହେଲେ ଦୀର୍ଘ ସମୟ ଧରି ଅପେକ୍ଷା କରି ନିରାଶ ହୋଇ ଘରକୁ ଫେରୁଥିବା ଦେଖିବାକୁ ମିଳିଛି। ଦିନେ ନୁହେଁ କି ଦୁଇ ଦିନ ନୁହେଁ ଦୀର୍ଘ ଦିନ ଧରି ଏହି କାର୍ଯ୍ୟାଳୟ ଗୃହରେ ତାଲା ପଡୁଥିବା ନେଇ ଲୋକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବର୍ତ୍ତମାନ ଆଧାର କାର୍ଡ ବହୁ ଜରୁରୀ ଥିବା ହେତୁ ଲୋକଙ୍କ ଆଧାର କାର୍ଡ ହେଉନଥିବାରୁ ଜନ ଅସନ୍ତୋଷ ଦେଖାଦେଉଛି। ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଇଲେକଟ୍ରିକ ବ୍ୟବସ୍ଥା ନଥିବାରୁ ଏହି ଗୃହରେ ଆଧାରକାର୍ଡ ଉଠା ଯାଇପାରୁନାହିଁ। ସେହିପରି ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରିଙ୍କୁ ଯୋଗାଯୋଗ କରିବାରୁ ଆଧାରକାର୍ଡ ଉଠାଯାଉଥିବା ଗୃହରେ ତରନ୍ତ ବିଦ୍ୟୁତ ବ୍ୟବସ୍ଥା କରାଯାଇ ଆଧାର କାର୍ଡ ଉଠାଯିବ ବୋଲି କହିଛନ୍ତି।

### ଜଗତସିଂହପୁରରେ ନୂଆଁଖାଇ ଭେଟଘାଟ ଉତ୍ସବ

## ପଶ୍ଚିମ ଓଡ଼ିଶା ଲୋକେ ଅତିଥି ସତ୍କାର ଭଲପାଆନ୍ତି



**ଜଗତସିଂହପୁର, ୨୨।୯ (ସମିସ)**

ଜଗତସିଂହପୁରଠାରେ ନୂଆଖାଇ ଭେଟଘାଟ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଜିଲାଲପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନୂଅଖାଇ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଲେ, ନୂଆଖାଇ ହେଉଛି ଆଧ୍ୟାତ୍ମିକ, ଧାର୍ମିକ, ସାଂସ୍କୃତିକ ଓ ଗଣଚେତନାର କୃଷିଭିତ୍ତିକ ଅର୍ଥନୈତିକ ପର୍ବ। ରାଜ୍ୟ ସରକାର ଓ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନୂଆଖାଇ ପର୍ବକୁ ସାରା ରାଜ୍ୟରେ ପାଳନ କରିବାକୁ ଯେଉଁ ପ୍ରୟାସ କରିଛନ୍ତି, ଏହାଦ୍ୱାରା ପଶ୍ଚିମ ଓଡ଼ିଶା ଓ ଉପକୂଳ ଓଡ଼ିଶା ମଧ୍ୟରେ ଭେଦଭାବ ଦୂରହେବା ସହିତ ସାଂସ୍କୃତିକ ଭାଇଚାରା ସୃଷ୍ଟିହେବ। ଏହି ପର୍ବଦିନ ଚାଷୀମାନେ ସେମାନଙ୍କ କଷ୍ଟଲବ୍ଧ ଶସ୍ୟକୁ ଆରାଧ୍ୟ ଦେବୀଙ୍କ ପାଖରେ ଅର୍ପଣ କରିବା ପରେ ପରିବାର ସହିତ ନବାନ୍ନ ଭକ୍ଷଣ କରନ୍ତି। ପଶ୍ଚିମ ଓଡ଼ିଶାର ଲୋକମାନେ ଅତିଥି ସତ୍କାର କରିବାକୁ ଭଲ ପାଆନ୍ତି ବୋଲି ଜିଲ୍ଲପାଳ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ମହେନ୍ଦ୍ର ଆଚାର୍ଯ୍ୟ କହିଲେ, ନୂଆଖାଇ ପର୍ବପାଳନ ଦ୍ୱାରା ସାଂସ୍କୃତିକ ଭାବର ଆଦାନ ପ୍ରଦାନ ହୋଇଥାଏ। ପଶ୍ଚିମ ଓଡ଼ିଶାରେ ଭାଦ୍ରବ ମାସରେ ନୂଆ ଧାନ ଅମଳ ହେବାପରେ ଏହି ପର୍ବପାଳନ କରାଯାଏ। ଏହି ପର୍ବ ସମାଜରେ ସାମାଜିକ ଚେତନା ଆଣେ। ଏହି ପର୍ବ କେବଳ ପଶ୍ଚିମ ଓଡ଼ିଶାରେ ନୁହେଁ, ବରଂ ରାଜ୍ୟର ଏକ ଗଣପର୍ବ ଭାବେ ସରକାର ପାଳନ କରୁଥିବା ଅତିରିକ୍ତ ଜିଲ୍ଲାପାଳ ସଚିଦାନନ୍ଦ ସାହୁ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଖାଇ ପର୍ବପାଳନ ସମୟରେ ଉପକୂଳ ଓଡ଼ିଶାରେ ନୂଆ ଚୁଡା ଭୋଗ କରାଯାଏ ବୋଲି କହିଥିଲେ। କ୍ରିଷ୍ଣା କଲଚରାଲ ଗ୍ରୁପ ମାର୍କଣ୍ଡପୁରର କଳାକାର ସମ୍ବଲପୁରୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏ ଅବସରରେ ଏକ ପୋଡପିଠା କଟାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଦେଇଥିଲେ।

### ସୁନାହାର ଲୁଟ ଉଦ୍ୟମ

## ୨ ଯୁବକଙ୍କୁ କାବୁକରି ପୁଲିସ୍ ଜିମାଦେଲେ ଗାଁ ଲୋକେ

**ଦଶରଥପୁର, ୨୨।୯ (ସମିସ):** ମଙ୍ଗଳପୁର ଥାନା କଟିକଟା ବୈତରଣୀ ପୋଲ ଉପରେ ଜଣେ ମହିଳାଙ୍କ ବେକରୁ ଦୁଇ ଜଣ ଯୁବକ ସୁନାହାର ଲୁଟିନେବାକୁ ଉଦ୍ୟମ କରି ଧରାପଡ଼ିଛନ୍ତି। ଏହି ଯୁବକଦ୍ୱୟ ଖସିଯାଉଥିବାବେଳେ ସ୍ଥାନୀୟ ଲୋକେ ଧରି ପୁଲିସକୁ ଜିମା ଦେଇଛନ୍ତି। କଟିକଟା ଗ୍ରାମର ଜଣେ ମହିଳା ସଂଧ୍ୟାରେ ପୋଲ ଉପରେ ବୁଲାବୁଲି କରୁଥିବା ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ତଳିହା ପଞ୍ଚାୟତ ବରହଟା ଗ୍ରାମର ଦୁଇ ଜଣ ଯୁବକ ମହିଳା ପିନ୍ଧିଥିବା ସୁନା ହାରକୁ ଛିଡାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ସୁନା ଚେନଟି ନେବାରେ ସକ୍ଷମ ହୋଇନପାରିବାରୁ ଖସିଯିବାକୁ ଉଦ୍ୟମକରିଥିଲେ। ମାତ୍ର ମହିଳା ଜଣକ ପାଟି କରିବାରୁ ନିକଟରେ ଥିବା ସ୍ଥାନୀୟ ଲୋକେ ସେହି ଯୁବକଦ୍ୱୟଙ୍କୁ କାବୁ କରିଥିଲେ। ଏହା ପରେ ସ୍ଥାନୀୟ ଝୁମୁରୀ ଫାଣ୍ଡିରେ ଯୁବକଦ୍ୱୟଙ୍କୁ ଜିମାଦେଇଥିଲେ। ମଙ୍ଗଳପୁର ପୁଲିସ ଫାଣ୍ଡିରୁ ସେହି ୨ ଯୁବକଙ୍କୁ ଆଣି ମଙ୍ଗଳପୁର ଥାନାରେ ଅଟକ ରଖିଛନ୍ତି।

## ଫେରାର ୪ ଦୁଷ୍କର୍ମକାରୀଙ୍କୁ ବାନ୍ଧିଲା ପୁଲିସ

**କେନ୍ଦ୍ରାପଡ଼ା,୨୨।୯ (ସମିସ)**

ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଦୁଷ୍କର୍ମକାରୀଙ୍କୁ ଟାଉନ ଥାନା ସ୍ପେଶାଲ ଡ୍ରାଇଭ ଟିମ୍ ଗିରଫ କରିଛି। ଭିନ୍ନ ଭିନ୍ନ ୪ଟି ଦୁଷ୍କର୍ମ ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଆଜି ଟାଉନ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡ଼ା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାଜୀବଲୋଚନ ପଣ୍ଡା ସୂଚନା ଦେଇଛନ୍ତି। କେନ୍ଦ୍ରାଞ୍ଚଳ ଆଇଜି ଓ କେନ୍ଦ୍ରାପଡ଼ା ଏସପିଙ୍କ ମିଳିତ ଆଲୋଚନାରେ ଗତ ୪ବର୍ଷ ଧରି ଚାରୋଟି ଦୁଷ୍କର୍ମ ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ୪ଟି ପୁଲିସ ଟିମ ଗଠନ କରାଯାଇଥିଲା। ପୁଲିସ ଟିମ୍ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଟାଉନ ଥାନା କେଶ ନଂ ୧୦୫/୨୦୧୯ ରେ ପଦିଆ ଓରଫ ଗୁଣନିଧି ମଳିକକୁ ଗିରଫ କରାଯାଇ କୋର୍ଟଚାଲାଣ କରିଥିବା କହିଛନ୍ତି କେନ୍ଦ୍ରାପଡ଼ା ଏସଡିପିଓ ରାଜୀବ ଲୋଚନ ପଣ୍ଡା। ଗିରଫ ୪ ଦୁଷ୍କର୍ମ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜଣଙ୍କର କରୋନା ପଜିଟିଭ ବାହାରିବାରୁ ସେହି ଅଭିଯୁକ୍ତଙ୍କୁ ଛତାସ୍ଥ କୋଭିଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସୂଚନା ଦିଆଯାଇଛି।

ଏସଡିପିଓ ରାଜୀବଲୋଚନ ପଣ୍ଡା, କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଦକରଙ୍କ ସହିତ କେନ୍ଦ୍ରାପଡ଼ାର ଅପରାଧୀକ ମାମଲାର ସମୀକ୍ଷା କରୁଥିବାବେଳେ ଜିଲ୍ଲାର ବିଭିନ୍ନ ଥାନାରେ ପଡ଼ିରହିଥିବା ପୁରୁଣା ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାଇ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମଦକରଙ୍କ ନିର୍ଦ୍ଦେଶରେ ୪ଟି ଟିମ ଗଠନ କରାଯାଇ ବିଭିନ୍ନ ପୁରୁଣା ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। କେନ୍ଦ୍ରାପଡ଼ା ଟାଉନ ଥାନାର କେଶ ନମ୍ବର ୧୩୫/୨୦୧୭ରେ ଜଣେ ଝିଅକୁ କେନ୍ଦ୍ରାପଡ଼ା ସହରର ତିନିମୁହାଣି ଛକରୁ ଉଠାଇ ନେଇଥିବା ଅଭିଯୋଗରେ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଚାହାପଡ଼ା ଗ୍ରାମର ମୀନକେତନ ମଳିକଙ୍କ ପୁଅ ରାକେଶ ମଳିକ(୨୬)କୁ ଭୁବନେଶ୍ୱରରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। କେଶ ନମ୍ବର ୧୭୨/୨୦୧୮ ରେ ଭଗବାନପୁର ଗ୍ରାମର ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ମଳିକଙ୍କ ସମେତ ହୃଷିକେଶ ମହାନ୍ତିଙ୍କ ପତ୍ନୀ ରୀନା ଓରଫ ଗାୟତ୍ରୀ ମହାନ୍ତିଙ୍କୁ ମହାକାଳପଡ଼ାରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। କେଶ ନମ୍ବର ୧୦୯/୨୦୧୯ରେ ସାନମଙ୍ଗଳା ଗ୍ରାମର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ପାରାଦୀପ ଲକ ଥାନା ଅନ୍ତର୍ଗତ ବିଜୟଚାନ୍ଦପୁର ଗ୍ରାମର ସୁବଳ ମନ୍ତ୍ରୀଙ୍କ ପୁଅ ବୃନ୍ଦାବନ ମନ୍ତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଟାଉନ ଥାନା କେଶ ନମ୍ବର ୧୦୫/୨୦୧୯ ରେ ଟାଉନ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଶୁକରପଡ଼ା ଗ୍ରାମର ଶଶୁର ଘରେ ଥିବା ଚକଡା ଗ୍ରାମର କୃଷ୍ଣଚନ୍ଦ୍ର ମଳିକଙ୍କ ପୁଅ ପଦିଆ ଓରଫ ଗୁଣନିଧି ମଳିକ(୩୫)କୁ ଗିରଫ କରାଯାଇଥିଲା। କିନ୍ତୁ ପଦିଆର ଡାକ୍ତରୀ ପରୀକ୍ଷାରେ କରୋନା ପଜିଟିଭ ବାହାରିବାରୁ ତାକୁ ଛତାସ୍ଥ କୋଭିଡ ହସପିଟାଲରେ ଭର୍ତ୍ତି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆଇଆଇସି ସୁମନ୍ତ କିଷାନ, ତଦନ୍ତକାରୀ ଅଧିକାରିଣୀ ଏସଆଇ ପ୍ରଜ୍ଞାଶ୍ରୀ ନାୟକ ଓ ଏସଆଇ କାଦମ୍ବିନୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଗହନା ବଶିଷ୍ଠଙ୍କ ଗିରଫ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପର୍ଣ୍ଣ ଫିଲ୍ମ(ଅଶ୍ଳୀଳ ଚଳଚ୍ଚିତ୍ର) ମାମଲାରେ ଅଭିନେତ୍ରୀ ଗହନା ବଶିଷ୍ଠଙ୍କୁ ବଡ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ତାଙ୍କ



ଗିରଫଦାରୀ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ଗହନାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସର୍ବୋଚ୍ଚ ନ୍ୟାୟାଳୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ ଲଗାଇ ଦେଇଛନ୍ତି ଏବଂ ତଦନ୍ତରେ ସହଯୋଗ କରିବାକୁ ଅଭିନେତ୍ରୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ ଯେ ଏକ ୱେବସାଇଟରେ ଅଶ୍ଳୀଳ ଭିଡିଓ ଅପଲୋଡ ଏବଂ ସୁଟିଂ ଅଭିଯୋଗରେ ଗହନାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ମାଲୱାନୀ ଥାନାରେ ରୁଜୁ ମାମଲାକୁ ମୁମ୍ବଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ପର୍ଣ୍ଣ ଭିଡିଓ ମାମଲାରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ବ୍ୟବସାୟୀ ପତି ରାଜ କୁନ୍ଦ୍ରାଙ୍କ ସହିତ ତାଙ୍କ କମ୍ପାନୀର ୩ରୁ ୪ ଫିଲ୍ମ ନିର୍ମାତାଙ୍କ ବିରୋଧରେ ଜଣେ ମଡେଲ ଏଫଆଇଆର ରୁଜୁ କରିଥିଲେ। ରାଜ କୁନ୍ଦ୍ରାଙ୍କ ପୂର୍ବରୁ ଫେବୃଆରୀରେ ଅଶ୍ଳୀଳ ଚଳଚ୍ଚିତ୍ର ମାମଲାରେ ଗହନା ବଶିଷ୍ଠଙ୍କୁ ଗିରଫ କରାଯାଇଥିଲା। ଅଶ୍ଳୀଳ ଚଳଚ୍ଚିତ୍ର ମାମଲାରେ ତାଙ୍କ ବିରୋଧରେ ରୁଜୁ ଏଫଆଇଆରରେ ଗିରଫ ଭୟରେ ସେ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ସେସନ କୋର୍ଟ ଏବଂ ବମ୍ବେ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ।

## ଜମ୍ମୁ-କାଶ୍ମୀରର ୬ କର୍ମଚାରୀ ବହିଷ୍କୃତ

**ଶ୍ରୀନଗର,୨୨।୯(ଏଜେନ୍ସି):** ଜମ୍ମୁ-କାଶ୍ମୀରରେ ୬ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କରିଦିଆଯାଇଛି । ଆତଙ୍କବାଦୀ ସଙ୍ଗଠନ ସହ ସମ୍ପର୍କରେ ଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ୬ କର୍ମଚାରୀଙ୍କ ମଧ୍ୟରେ ଜମ୍ମୁ-କାଶ୍ମୀର ପୁଲିସର ଦୁଇ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ରିପୋର୍ଟ ଅନୁଯାୟୀ ଆତଙ୍କବାଦୀ ଲିଙ୍କର ତଦନ୍ତ ଲାଗି କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ ଦ୍ୱାରା ଏଥିପାଇଁ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟିର ସୁପାରିଶ କ୍ରମେ ଏହି କର୍ମଚାରୀଙ୍କୁ ଚାକିରିରୁ ବିଦା କରାଯାଇଛି। ଭାରତୀୟ ପିଙ୍ଗଳ କୋଡର ଧାରା ୩୧୧ (୨)(c) ଅନୁଯାୟୀ ଏହି କମିଟି ଗଠନ ହୋଇଥିଲା। ଏହା ପୂର୍ବରୁ ଜୁଲାଇରେ ୧୧ ଜଣ କର୍ମଚାରୀଙ୍କୁ ଚାକିରୀରୁ ବିହିଷ୍କାର କରାଯାଇଥିଲା। ସେମାନଙ୍କ ମଧ୍ୟରେ ଆତଙ୍କବାଦୀ ସଂଗଠନ ମୁଜାହିଦ୍ଦିନର କମାଣ୍ଡର ସୟଦ ସଲାହୁଦ୍ଦିନଙ୍କ ପୁଅ ସାମିଲ ଥିଲା।

## କେନ୍ଦ୍ର ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

# ନଭେମ୍ବରରୁ ମହିଳାଙ୍କୁ ଏନ୍‌ଡିଏରେ ସାମିଲ କର

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି)**

ଚଳିତ ବର୍ଷ ନ୍ୟାସନାଲ ଡିଫେନ୍ସ ଏକାଡେମି(ଏନଡିଏ) ପ୍ରବେଶିକା ପରୀକ୍ଷାରେ ମହିଳାଙ୍କୁ ଅନୁମତି ଦେବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏବେ ଆସନ୍ତା ନଭେମ୍ବର ମାସରୁ ମହିଳା ଏନଡିଏ ପ୍ରବେଶିକା ପରୀକ୍ଷା ଦେଇପାରିବେ। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ସଶସ୍ତ୍ର ବାହିନୀ ଜରୁରୀକାଳୀନ ସ୍ଥିତିକୁ ମୁକାବିଲା କରିବାରେ ସକ୍ଷମ। ଆମେ ମହିଳାଙ୍କୁ ଏନଡିଏରେ ପ୍ରବେଶ କରାଇବା ସମୟକୁ ଏକ ବର୍ଷ ପାଇଁ ସ୍ଥଗିତ ରଖିପାରିବୁ ନାହିଁ। ଏହା କହି କେନ୍ଦ୍ରର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟର ଜଷ୍ଟିସ ଏସକେ କାଉଲଙ୍କ ନେତୃତ୍ୱାଧିନ ଖଣ୍ଡପୀଠଙ୍କ ନିକଟରେ ସରକାର ଚଳିତ ବର୍ଷ ଏନଡିଏ ପରୀକ୍ଷାରେ ମହିଳାଙ୍କୁ ପ୍ରବେଶ କରାଇବା ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ନିବେଦନ କରିଥିଲେ। ନଭେମ୍ବର ୧୪ରେ ଆଗାମୀ ପ୍ରବେଶିକା ପରୀକ୍ଷା ହେବାକୁ ଯାଉଛି। ଏଥିରେ ମହିଳାଙ୍କୁ ଅନୁମତି ଦିଆ ନଯିବା ଉଚିତ ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା। କାରଣ ଏବେ ପ୍ରଶିକ୍ଷଣ ପାଇଁ ମାନଦଣ୍ଡ ଧାର୍ଯ୍ୟ କରାଯାଇନାହିଁ। ଏହା ପ୍ରସ୍ତୁତ କରିବାକୁ ୨୦୨୨ ମେ ପର୍ଯ୍ୟନ୍ତ ସମୟ ଲାଗିବ। ତେବେ ସୁପ୍ରିମକୋର୍ଟ ଝିଅମାନଙ୍କୁ ଚଳିତ ବର୍ଷରୁ ଏହି ପରୀକ୍ଷାରେ ସାମିଲ କରାଇବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। କୋର୍ଟ କହିଛନ୍ତି ଯେ ୨୦୨୧ ନଭେମ୍ବରରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷାରେ ମହିଳାମାନଙ୍କୁ ପ୍ରବେଶ ଅନୁମତି ଦିଆଯିବା ଆବଶ୍ୟକ। ଗୋଟିଏ ବର୍ଷ ପାଇଁ ଏହାକୁ ସ୍ଥଗିତ କରିହେବ ନାହିଁ। ଡାକ୍ତରୀ ମାନକକୁ ପରୀକ୍ଷାମୂଳକ ଭାବରେ ସୂଚିତ କରାଯିବା ଉଚିତ୍। ୟୁପିଏସସି ନଭେମ୍ବରରେ ହେବାକୁ ଥିବା ପରୀକ୍ଷା ପାଇଁ ସଂଶୋଧିତ ବିଜ୍ଞପ୍ତି ଜାରି କରୁ।ସୂଚନା ମୁତାବକ ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ୨୦୨୨ରେ ହେବାକୁ ଥିବା ଏନ୍‌ଡିଏ ପରୀକ୍ଷାରେ ଝିଅମାନଙ୍କୁ ସାମିଲ କରାଇବା ପାଇଁ କୋର୍ଟକୁ କହିଥିଲେ। ଏନେଇ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ମଧ୍ୟ ଦାଖଲ କରାଯାଇଥିଲା। ସେଥିରେ କୁହାଯାଇଥିଲା ଯେ



ଯୋଗ୍ୟତା ପର୍ଯ୍ୟାୟରେ ଫିଜିକାଲ ଫିଟନେସର ମାନଦଣ୍ଡ ରହିବା ସହ ସେମାନଙ୍କ ପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା ଏବଂ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯିବ। ବିଶେଷକରି ମେଡିକାଲ୍ ଫିଟ୍ ପ୍ରାର୍ଥୀମାନଙ୍କୁ ଅନୁମତି ଦିଆଯିବ। ଯେମିତି ପୁରୁଷ କ୍ୟାଡେଟଙ୍କ ପାଇଁ ମାନଦଣ୍ଡ ଅଛି ସେହିପରି ମହିଳାଙ୍କ ପାଇଁ ଉପଯୁକ୍ତ ମାନକ ପ୍ରସ୍ତୁତ କରାଯିବ। ତେବେ ସବୁ ମହିଳାଙ୍କ ପାଇଁ ଏକ ସମାନ୍ତରାଳ ଶାରୀରିକ ମାନଦଣ୍ଡ ରହିବ ନାହିଁ ଏବଂ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା।ତେବେ ଏହି ପ୍ରସ୍ତାବକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଚଳିତ ବର୍ଷ ଠାରୁ ଝିଅମାନେ ଏହି ପରୀକ୍ଷାରେ ସାମିଲ ହେବେ। ପରୀକ୍ଷା ପରେ ଯଦି କୌଣସି ସମସ୍ୟା ଆସୁଛି ତେବେ କେନ୍ଦ୍ର ସରକାର କୋର୍ଟକୁ ଜଣାଇବେ। ଏକ ବର୍ଷ ବିଳମ୍ବ ହେବା ଅର୍ଥ ସବୁକିଛି ଶେଷ କରିଦେବ। ଆଜି କୌଣସି ପରୀକ୍ଷା ନାହିଁ, କାଲି ପରୀକ୍ଷା ହେବା' ଏହା ମହିଳାଙ୍କ ଆକାଂକ୍ଷା ବିରୋଧରେ ଯିବ। ମହିଳାଙ୍କ ଅଧିକାରକୁ ସ୍ଥଗିତ ରଖାଯାଇପାରିବ ନାହିଁ। ସରକାର ଏହା ଭାବିବା ଉଚିତ। ପରୀକ୍ଷାକୁ ସ୍ଥଗିତ ରଖିବା କିମ୍ବା ଟାଳିବା ଏକ ସଠିକ୍ ସଙ୍କେତ ହେବ ନାହିଁ, ଏହାକୁ ଚଳିତ ବର୍ଷଠାରୁ ଆରମ୍ଭ କରିବାକୁ କେନ୍ଦ୍ରକୁ କହିଛନ୍ତି।

# ଭାରତର ଚେତାବନୀ ପରେ କୋଭିସିଲ୍ଡକୁ ମଞ୍ଜୁରି ଦେଲା ବ୍ରିଟେନ

**ଲଣ୍ଡନ,୨୨।୯(ଏଜେନ୍ସି):** ଭାରତର ଚେତାବନୀ ପରେ ବ୍ରିଟେନ ନିଜର ଟିକା ନୀତିରେ ପରିବର୍ତ୍ତନ କରିଛି। ଏବେ ସଂଶୋଧିତ ଯାତ୍ରା ନିୟମରେ ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର କରୋନା ଟିକା 'କୋଭିଶିଲ୍ଡ' କୁ ବ୍ରିଟେନ ମଞ୍ଜୁରି ଦେଇଛି। ତେବେ ଭାରତର ଟିକା ପ୍ରମାଣପତ୍ରକୁ ସ୍ୱୀକୃତି ମିଳିନାହିଁ । ଏହା ଉପରେ ଭରଷା କରାଯାଇପାରିବ ନାହିଁ ବୋଲି ବ୍ରିଟେନ ପକ୍ଷରୁ କୁହାଯାଇଛି। ଏଥିଯୋଗୁଁ ବ୍ରିଟେନ ଗସ୍ତ କରୁଥିବା ଭାରତୀୟମାନଙ୍କୁ ସେଠାରେ ୧୦ ଦିନ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବାକୁ ପଡିବ ଏବଂ ପରୀକ୍ଷା କରାଇବାକୁ ହେବ। ବ୍ରିଟେନର ଏହି ନିଷ୍ପତ୍ତି ବର୍ଣ୍ଣବୈଷମ୍ୟ ଆଧାରିତ ବୋଲି ଭାରତୀୟ ନାଗରିକ କହିଥିଲେ। ଭାରତ ସରକାର ମଧ୍ୟ ବ୍ରିଟେନର ନୂଆ ଟିକା ନୀତିକୁ ତୀବ୍ର ବିରୋଧରେ କରିଥିଲେ ଏବଂ 'ଯେସାକୁ ତେସା' ନୀତି ଗ୍ରହଣ କରାଯିବ ବୋଲି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଚେତାବନୀ ଦେଇଥିଲେ। ବ୍ରିଟେନର ସଂଶୋଧିତ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି ଯେ ଅକ୍ଟୋବର ୪ରୁ ବ୍ରିଟେନ, ୟୁରୋପ, ଆମେରିକା ତଥା ଅନ୍ୟ କିଛି ଦେଶ ଦ୍ୱାରା ଅନୁମତି ପାଇଥିବା ଟିକାର ଦୁଇଟି ଡୋଜ୍ ନେଇଥିବା ଲୋକଙ୍କୁ ଦେଶରେ ପ୍ରବେଶ ପାଇଁ ଅନୁମତି ମିଳିବ। ଏବେ ଆଉ କିଛି ଟିକାକୁ ସ୍ୱୀକୃତିପ୍ରାପ୍ତ ତାଲିକାରେ ସାମିଲ କରାଯାଉଛି। ସେଗୁଡିକ ମଧ୍ୟରେ ଅଷ୍ଟ୍ରାଜେନେକା କୋଭିସିଲ୍ଡ, ଅଷ୍ଟ୍ରାଜେନେକା ଭାକ୍ସଜେଭରିଆ ଓ ମଡର୍ଣ୍ଣା ଟାକେଟା ସାମିଲ ରହିଛି। ଏହି ଟିକାର ଉଭୟ ଡୋଜ୍ ନେଇଥିଲେ ବ୍ରିଟେନରେ ପ୍ରବେଶ ପାଇଁ ଅନୁମତି ମିଳିବ। ତେବେ ମାର୍ଗଦର୍ଶିକାରେ କୁହାଯାଇଛି ଯେ କୋଭିସିଲ୍ଡର ଉଭୟ ଡୋଜ୍ ନେଇଥିଲେ ମଧ୍ୟ ଭାରତୀୟଙ୍କୁ ସଙ୍ଗରୋଧରେ

### ଟିକା ପ୍ରମାଣପତ୍ରକୁ ଦେଲାନି ସ୍ୱୀକୃତି

ରହିବାକୁ ପଡ଼ିବ। କୋଭିସିଲ୍ଡକୁ ନେଇ ଆମର କୌଣସି ଅସୁବିଧା ନାହିଁ। କିନ୍ତୁ ଭାରତରେ ଦିଆଯାଉଥିବା ଟିକା ପ୍ରମାଣପତ୍ର ଉପରେ ସନ୍ଦେହ ରହିଛି। ଭାରତ ସରକାରଙ୍କ ସହ ଟିକା ପ୍ରମାଣପତ୍ରର ମାନ୍ୟତାର ସୀମା ବୃଦ୍ଧି କରିବାକୁ କାର୍ଯ୍ୟ କରୁଛୁ।



ଭାରତୀୟ ବାୟୁସେନାର ପରବର୍ତ୍ତୀ ମୁଖ୍ୟ ହେବାକୁ ଯାଉଥିବା ଏୟାର ମାର୍ଶାଲ୍ ଭିଆର୍ ଚୌଧୁରୀ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି

■ ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା

# ଆଉ ଜଣେ ବିଜେପି ନେତାଙ୍କ ମୃତ୍ୟୁ

**କଲକାତା,୨୨।୯(ଏଜେନ୍ସି):** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ହୋଇଥିବା ହିଂସାରେ ଆହତ ହୋଇ ଚିକିତ୍ସିତ ହେଉଥିବା ମଥୁରାପୁର ବିଜେପି ଉପାଧ୍ୟକ୍ଷ ମାନସ ଶାହା ବୁଧବାର ପ୍ରାଣ ହରାଇଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ହେବା ଦିନ ଅର୍ଥାତ୍ ମେ' ୨ ତାରିଖରେ ମାନସ ଶାହା ସମେତ ବିଜେପି କର୍ମୀ ଓ ସମର୍ଥକଙ୍କ ଉପରେ ତୃଣମୂଳ କଂଗ୍ରେସ(ଟିଏମସି) ସମର୍ଥକମାନେ ଆକ୍ରମଣ କରିଥିଲେ। ଡାଇମଣ୍ଡ ହାର୍ବର କଲେଜ ମତଗଣନା କେନ୍ଦ୍ରରୁ ଫେରିବା ସମୟରେ ଏହି ଆକ୍ରମଣ ହୋଇଥିଲା। ଏଥିରେ ମାନସ ଗୁରୁତର ଅସୁସ୍ଥ ଥିଲେ।



ବିଜେପି ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ମାନସ ଶାହାଙ୍କୁ ବୁଧବାର ସକାଳେ ଠାକୁରପୁକୁରର ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବିଜେପି ସାଂସଦ ଅର୍ଜୁନ ସିଂ ହସ୍ପିଟାଲରେ ପହଞ୍ଚି ତାଙ୍କ ପରିବାର ସଦସ୍ୟ ଓ ବିଜେପି କର୍ମଚାରୀଙ୍କ ସହ କଥା ହୋଇଥିଲେ। ବିଜେପି ନେତାଙ୍କ ପରିବାର ସଦସ୍ୟ ପୁଲିସ ଏଫଆଇଆର ଦାଖଲ କଲେ ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ଆଉ ଏକ ଏଫ୍‌ଆଇଆର୍ ରୁଜୁ କରିଛି। ଏ ପର୍ଯ୍ୟନ୍ତ ମୋଟ ୩୯ ଏଫଆଇଆର ରୁଜୁ କରାଗଲାଣି।

# ଦିନକରେ ୨୬ ୯ ୬୪ ନୂଆ ସଂକ୍ରମିତ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):** ଭାରତରେ କରୋନା ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରୁ ୨୬୯୬୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ସମୟରେ ୩୮୩ ଆକ୍ରାନ୍ତ ମଧ୍ୟ ପ୍ରାଣ ହରାଇଛନ୍ତି। ଏହା ସହିତ ମୋଟ ମୃତ୍ୟୁସଂଖ୍ୟା ୪୪୫୭୬୮କୁ ଏବଂ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୩୫୩୧୪୯୮କୁ ବୃଦ୍ଧି ପାଇଛି। ଏବେ ୩,୦୧,୯୮୯ ରୋଗୀ ଚିକିତ୍ସିତ ହେଉଛନ୍ତି। ଏହା ୧୮୬ ଦିନରେ ସର୍ବନିମ୍ନ। ମୋଟ ସଂକ୍ରମଣରେ ସକ୍ରିୟ ରୋଗୀସଂଖ୍ୟା ୦.୯୦ ପ୍ରତିଶତ ରହିଛି। ଏହା ଗତ ବର୍ଷ ମାର୍ଚ୍ଚ ମାସ ପରଠାରୁ ସବୁଠାରୁ କମ। ଏହି ସମୟରେ ୩୪,୧୬୭ ରୋଗୀ ମଧ୍ୟ ସୁସ୍ଥ ହୋଇଛନ୍ତି। ଏବେ ଦୈନିକ ସଂକ୍ରମଣ ହାର ୧.୬୯ ପ୍ରତିଶତ ଏବଂ ସାପ୍ତାହିକ ସଂକ୍ରମଣ ହାର

- ■ ସକ୍ରିୟ ରୋଗୀସଂଖ୍ୟା ୧୮୪ ଦିନରେ ସର୍ବନିମ୍ନ
- ■ ଦୈନିକ ସଂକ୍ରମଣ ହାର ୧.୬୯%

୨.୦୮ ପ୍ରତିଶତ ରହିଛି। ଆରୋଗ୍ୟ ହାର ୯୭.୭୭ ପ୍ରତିଶତ ଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୫୯୨୩୯୫ ନମୁନା ପରୀକ୍ଷା କରାଯାଇଛି। ଏ ପର୍ଯ୍ୟନ୍ତ ମୋଟ ୫୫୬୭୫୪୨୮୨ ନମୁନା ପରୀକ୍ଷା କରାଗଲାଣି।

■ ଆମେରିକା ଗଲେ ପ୍ରଧାନମନ୍ତ୍ରୀ

# ଆଫଗାନିସ୍ତାନ ଦେଇ ଗଲାନି ମୋଦୀଙ୍କ ବିମାନ




**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଆମେରିକା ଗସ୍ତରେ ଯାଇଛନ୍ତି। ତେବେ ଆଫଗାନିସ୍ତାନ ବାୟୁସୀମା ଦେଇ ତାଙ୍କ ବିମାନ ଯାଇନାହିଁ। ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି। ସେ ଆମେରିକା ଯିବା ପାଇଁ ପାକିସ୍ତାନ ବାୟୁସୀମାକୁ ବ୍ୟବହାର କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଏୟାରଫୋର୍ସ ୱାନରେ ଏନଏସଏ ଅଜିତ ଡୋଭାଲ, ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କ ସମେତ ବରିଷ୍ଠ ଅଧିକାରୀ ଆମେରିକା ଗସ୍ତରେ ଯାଇଛନ୍ତି। ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ବିମାନ ଲାଗି ପାକିସ୍ତାନ ବାୟୁସୀମା ବ୍ୟବହାର ଲାଗି ଅନୁମତି ମଗା ଯାଇଥିଲା। ଇସଲାମାବାଦ ଏ ନେଇ ମଞ୍ଜୁରୀ ଦେଇଥିଲା। ଭାରତରୁ ଆମେରିକା ଯିବା ପାଇଁ ପାକିସ୍ତାନ କିମ୍ବା ଆଫଗାନ ବାୟୁସୀମା ଦେଇ ଯିବାକୁ ପଡିଥାଏ। ଏହା ପରେ ବିମାନ ତାଜାକିସ୍ତାନ ସୀମା ଦେଇ ଉତ୍ତର ଆଟଲାଣ୍ଟିକ ସାଗର ଉପରେ ଯାଇଥାଏ। ତେବେ ଅନ୍ୟ ଆମେରିକୀୟ ସହରକୁ ଯିବାକୁ ହେଲେ ଯାତ୍ରାପଥରେ ପରିବର୍ତ୍ତନ ହୋଇଥାଏ। ନୂଆଦିଲ୍ଲୀରୁ ଆମେରିକା ପହଞ୍ଚିବା ଲାଗି ପ୍ରଧାନମନ୍ତ୍ରୀଙ୍କ ବିମାନକୁ ୧୫ ଘଣ୍ଟା ଲାଗିବ। ତେବେ ଆଫାଗାନ ଦେଇଗଲେ ଅଧିକ ସମୟ ଲାଗିଥାଏ। ଆଫଗାନକୁ କବ୍‌ଜା କରିବା ପରେ ତାଲିବାନ ଅଗଷ୍ଟ ୧୬ରେ ବାଣିଜ୍ୟିକ ଉଡାଣ ପାଇଁ ନିଜ ବାୟୁସୀମାକୁ ବନ୍ଦ କରିଦେଇଥିଲା। ଭାରତ ସରକାର ମଧ୍ୟ ଏୟାରଲାଇନ କମ୍ପାନୀଗୁଡିକୁ ଆଫଗାନ ବାୟୁସୀମା ବ୍ୟବହାର ନ କରିବାକୁ କହିଥିଲେ। ଏହା ପୂର୍ବରୁ ୨୦୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିମାନକୁ ନିଜ ବାୟୁସୀମା ବ୍ୟବହାର ପାଇଁ ପାକିସ୍ତାନ ଅନୁମତି ଦେଇନଥିଲା। ଭାରତ ଏହି ପ୍ରସଙ୍ଗ ସିଭିଲ ଆଭିଏସନ ଅର୍ଗାନାଇଜେସନ(ଆଇସିଏଓ) ରେ ଉଠାଇଥିଲା।

ପ୍ରଧାନମନ୍ତ୍ରୀ ମୋଦୀ ଏହି ୪ ଦିନିଆ ଗସ୍ତରେ ଆମେରିକା ରାଷ୍ଟ୍ରପିତ ଜୋ ବାଇଡେନ, ଉପରାଷ୍ଟ୍ରପତି କମଳା ହ୍ୟାରିସଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ୟୁଏନଜିଏ ବୈଠକକୁ ସମ୍ବୋଧନ କରିବେ। ସେ କ୍ୱାଡ ରାଷ୍ଟ୍ରଗୁଡିକର ସମ୍ମିଳନୀରେ ମଧ୍ୟ ସାମିଲ ହେବେ। ଏହି ଗସ୍ତ ପୂର୍ବରୁ ମୋଦୀ କହିଛନ୍ତି ଯେ ସେ ବାଇଡେନଙ୍କ ଆମନ୍ତ୍ରଣରେ ୨୦୨୧ ସେପ୍ଟେମ୍ବର ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯିବେ । ଏହି ଅବସରରେ ବାଇଡେନଙ୍କ ସହ ଭାରତ-ଆମେରିକା ବ୍ୟାପକ ଅନ୍ତର୍ଜାତୀୟ ରଣନୀତିକ ସହଯୋଗିତା ଓ ପରସ୍ପର ସ୍ୱାର୍ଥ ସହ ଜଡ଼ିତ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ସେ ଉପରାଷ୍ଟ୍ରପତି କମଳା ହାରିସଙ୍କୁ ସାକ୍ଷାତ କରି ଉଭୟ ଦେଶ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗର ସମ୍ଭାବନା ଉପରେ ଆଲୋଚନ କରିବେ । ଏହା ବ୍ୟତୀତ ବାଇଡେନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ଏବଂ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗାଙ୍କ ସହ ବ୍ୟକ୍ତିଗତ ଭାବେ ପ୍ରଥମ କ୍ୱାଡ ନେତା ଶିଖର ସମ୍ମିଳନୀରେ ସାମିଲ ହେବେ । ଏହି ସମ୍ମିଳନୀରେ ଚଳିତବର୍ଷ ମାର୍ଚ୍ଚରେ ହୋଇଥିବା ନିର୍ଯ୍ୟାସଗୁଡ଼ିକର ପ୍ରଗତି ସଂକ୍ରାନ୍ତରେ ବିଚାରବିମର୍ଶ କରାଯିବ। ଏହା ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ନିମନ୍ତେ ମିଳିତ ଦୃଷ୍ଟିକୋଣ ଆଧାରରେ ଭବିଷ୍ୟତ କାର୍ଯ୍ୟକଳାପର ପ୍ରାଥମିକତାଗୁଡ଼ିକୁ ରେଖାଙ୍କିତ ପାଇଁ ସୁଯୋଗ ପ୍ରଦାନ କରିବ ।ଏହି ଗସ୍ତରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମୋରିସନ ଓ ଜାପାନ ପ୍ରଧାନମନ୍ତ୍ରୀ ସୁଗାଙ୍କୁ ମଧ୍ୟ ମୋଦୀ ସାକ୍ଷାତ କରି ଦ୍ୱିପାକ୍ଷିକ ସମ୍ପର୍କ ବାବଦରେ ତଥା ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ସହ ଜଡ଼ିତ ପ୍ରସଙ୍ଗରେ ଆଲୋଚନା କରିବେ।

## ୟୁଏନଜିଏରେ କାଶ୍ମୀର ପ୍ରସଙ୍ଗ ଉଠାଇଲା ତୁର୍କୀ

# ସାଇପ୍ରସକୁ ନେଇ କଡ଼ା ଜବାବ ଦେଲେ ଜୟଶଙ୍କର

**ନ୍ୟୁୟର୍କ, ୨୨।୯(ଏଜେନ୍ସି)**

ମିଳିତ ଜାତିସଂଘ ମହାସଭା (ୟୁଏନଜିଏ)ର ୭୬ତମ ଅଧିବେଶନରେ ତୁର୍କୀକୁ କଡ଼ା ଜବାବ ଦେଇଛି ଭାରତ। ତୁର୍କୀ ରାଷ୍ଟ୍ରପତି ରେସେପି ତାଇପେ ଏରୋଡଗାନ ୟୁଏନଜିଏରେ ଅଭିଭାଷଣ ରଖି କାଶ୍ମୀର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଜୟଶଙ୍କର ବୁଧବାର ଟ୍ୱିଟ କରି କହିଛନ୍ତି ଯେ ଉଭୟ ଦେଶ ଆର୍ଥିକ ସମ୍ବନ୍ଧକୁ ଆହୁରି ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଜୟଶଙ୍କର କ୍ରିଷ୍ଟୋଡୌଲାଇଡ୍ସଙ୍କ ଆଞ୍ଚଳିକ ଜ୍ଞାନକୁ ପ୍ରଶଂସା କରିଛନ୍ତି। ସମସ୍ତେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବକୁ ପାଳନ କରିବା ଉଚିତ ବୋଲି




ପ୍ରସଙ୍ଗ ଉଠାଇବାରୁ ଏହାର କଡା ଜବାବ ଦେଇଥିଲେ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ସେ ସାଇପ୍ରସ ପ୍ରସଙ୍ଗ ଉଲ୍ଲେଖ କରି ତୁର୍କୀକୁ ଘେରିଥିଲେ। ତୁର୍କୀ ଅନେକ ଦଶନ୍ଧି ହେଲା ସାଇପ୍ରସର ସିଂହ ଭାଗକୁ ବେଆଇନ ଭାବେ କବ୍‌ଜା କରିନେଇଛି। ଏହି ପ୍ରସଙ୍ଗରେ ଜାତିସଂଘରେ ମଧ୍ୟ ପ୍ରସ୍ତାବ ପାରିତ ହୋଇଛି। କିନ୍ତୁ ତୁର୍କୀ ଏହାକୁ ମାନୁନାହିଁ। ଜୟଶଙ୍କର ନିଜର ସାଇପ୍ରସ ସମକକ୍ଷ ନିକୋସ କ୍ରିଷ୍ଟୋଡୌଲାଇଡ୍ସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ସମୟରେ ସେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନଏସସି)ରେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବ ପାଳନର ସେ କହିଥିଲେ।

ଏରୋଡଗାନ ମଙ୍ଗଳବାର ୟୁଏନଜିଏରେ କହିଥିଲେ ଯେ କାଶ୍ମୀରକୁ ନେଇ ୭୪ ବର୍ଷ ହେଲା ଜାରି ରହିଥିବା ସମସ୍ୟାକୁ ଉଭୟ ରାଷ୍ଟ୍ର ଆଲୋଚନା ତଥା ଜାତିସଂଘର ପ୍ରାସଙ୍ଗିକ ପ୍ରସ୍ତାବ ମାଧ୍ୟମରେ ସମାଧାନ କରିବା ଉଚିତ। ଏହା ପୂର୍ବରୁ ମଧ୍ୟ ସେ ଜାତିସଂଘରେ କାଶ୍ମୀର ପ୍ରସଙ୍ଗ ଉଠାଇଥିଲେ। ତେବେ ଭାରତ ଏହାକୁ କଡା ବିରୋଧ କରିଥିଲା। ସୂଚନାଯୋଗ୍ୟ ଯେ ୧୯୭୪ରେ ୟୁନାନ ସରକାରର ସମର୍ଥନରେ ସେନା କ୍ଷମତା ଦଖଲ କରିବା ପରଠାରୁ ସାଇପ୍ରସରେ ସଂଘର୍ଷ ଆରମ୍ଭ ହୋଇଥିଲା। ଏହା ପରେ ତୁର୍କୀ ୟୁନାନର ଉତ୍ତର ଭାଗରେ ଆକ୍ରମଣ କରିଥିଲା। ଭାରତ ଜାତିସଂଘ ପ୍ରସ୍ତାବ ମାଧ୍ୟମରେ ଏହି ମାମଲାର ଶାନ୍ତିପୂର୍ଣ୍ଣ ସମାଧାନ ଦାବି କରିଛି। ପାକିସ୍ତାନ ପରେ ତୁର୍କୀ ଭାରତ ବିରୋଧୀ କାର୍ଯ୍ୟକଳାପର କେନ୍ଦ୍ର ବନିଯାଇଛି। ରିପୋର୍ଟ ଅନୁଯାୟୀ କେରଳ ଏବଂ କାଶ୍ମୀର ସମେତ ଦେଶର ଅନେକ ଭାଗରେ ଚାଲିଥିବା ଚରମପନ୍ଥୀ କାର୍ଯ୍ୟକଳାପ ପାଇଁ ତୁର୍କୀ ପାଣ୍ଠି ଯୋଗାଉଛି। ତୁର୍କୀ ଭାରତରେ ମୁସଲମାନଙ୍କ ମଧ୍ୟରେ ଚରମପନ୍ଥୀ ଚିନ୍ତାଧାର ବୃଦ୍ଧି କରୁଛି ଏବଂ ସେମାନଙ୍କୁ ନିଯୁକ୍ତି କରିବାକୁ ପ୍ରୟାସ କରୁଛି। ଦକ୍ଷିଣ ଏସିଆର ମୁସଲମାନଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରିବା ପାଇଁ ତୁର୍କୀ ଏପରି କରୁଛି।

## ଜାତିସଂଘ ପ୍ରତିନିଧିଙ୍କ ନାମ ଘୋଷଣା କଲା ତାଲିବାନ


**କାବୁଲ, ୨୨।୯(ଏଜେନ୍ସି):** ଆଫଗାନିସ୍ତାନକୁ କବ୍‌ଜା କରି ସରକାର ଗଠନ କରିବା ପରେ ତାଲିବାନ ବିଶ୍ୱ ସମୁଦାୟର ସ୍ୱୀକୃତି ପାଇବା ଉଦ୍ୟମ ଆରମ୍ଭ କରିଛି। ତାଲିବାନ ଏଥିପାଇଁ ବିଶ୍ୱ ନେତାଙ୍କୁ ସମ୍ବୋଧନ କରିବାକୁ ଚାହୁଁଛି। ମିଳିତ ଜାତିସଂଘ ମହାସଭା(ୟୁଏନଜିଏ)ରେ କହିବା ପାଇଁ ଏହି ଚରମପନ୍ଥୀ ସଂଗଠନ ଅନୁମତି ମାଗିଛି। ତାଲିବାନର ମୁଖପାତ୍ର ସୁହେଲ ସାହିନକୁ ଜାତିସଂଘ ପାଇଁ ରାଷ୍ଟ୍ରଦୂତ ଭାବରେ ଘୋଷଣା କରିଛି। ତାଲିବାନକୁ ବୟକଟ୍ ନ କରିବା ପାଇଁ ବିଶ୍ୱ ନେତାଙ୍କୁ କତାରର ଏମିର(ମୁଖ୍ୟ ଶାସକ) ତମିମ ବିନ ହମଦ ଅଲ ଥାନି ନିବେଦନ କରିଛନ୍ତି। ଏଭଳି କରିବା ଦ୍ୱାରା କୌଣସି ସମଧାନ ହେବ ନାହିଁ। ବିଶ୍ୱ ତାଲିବାନକୁ ମାନ୍ୟତା ଦେଉ ବୋଲି ସେ ଚାହୁଁଛନ୍ତି। ତେବେ ତାଲିବାନ ସହ ଆଲୋଚନା କରିବାକୁ ଚାହୁଁନଥିବା ରାଷ୍ଟ୍ରମାନଙ୍କ ଉଦେଶ୍ୟରେ ସେ ଏପରି କହିଛନ୍ତି।

ସୋମବାର ତାଲିବାନର ବୈଦେଶିକ ମନ୍ତ୍ରୀ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସେଙ୍କୁ ଚିଠି ଲେଖି ୟୁଏନଜିଏ ଉଚ୍ଚସ୍ତରୀୟ ବୈଠକରେ ସମ୍ବୋଧନ ଲାଗି ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ଏହି ଚିଠି ଗୁତରେସେ ପାଇଥିବା ମଧ୍ୟ କହିଛନ୍ତି। ଆଫଗାନର ପୂର୍ବତନ ରାଷ୍ଟ୍ରଦୂତ ଗୁଲାମ ଏସ ଇସାକଜଇଙ୍କୁ ତାଲିବାନ ହଟାଇବାକୁ ଚାହୁଁଛି। ତେବେ ଏହି ଅନୁରୋଧ ଉପରେ କମିଟି ନିଷ୍ପତ୍ତି ନେବ ବୋଲି ମହାସଚିବଙ୍କ ମୁଖପାତ୍ର କହିଛନ୍ତି।



ସକାଳ
THE SAKALA


# ସଂପାଦକୀୟ



ବିଶ୍ୱ ଇତିହାସରେ ସବୁବେଳେ ସତ୍ତାଧାରୀ ଶକ୍ତି ଓ ସାମାଜିକ ନ୍ୟାୟ ମଧ୍ୟରେ ହିଁ ସଂଘର୍ଷ ହୋଇଆସିଛି

-ବିଶ୍ୱବିଖ୍ୟାତ ଐତିହାସିକ ଆର୍ନଲ୍ଡ ଟୟନବି

## ଓଡ଼ିଶାରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ

# ଡିସେମ୍ବର ସୁଦ୍ଧା ସମସ୍ତଙ୍କୁ ପ୍ରଥମ ପାନ

ଓଡ଼ିଶାରେ କରୋନା ସଂକ୍ରମଣ କମିଛି ସତ; କିନ୍ତୁ ଏହା ସମ୍ପୂର୍ଣ୍ଣଭାବେ ନିୟନ୍ତ୍ରଣକୁ ଆସିନାହିଁ। ଦୈନିକ ସଂକ୍ରମଣ ସଂଖ୍ୟା କ୍ରମାଗତ ଭାବେ କିଛିଦିନ ଧରି ୫୦୦ ତଳେ ରହୁଛି। ଏବେ କେବଳ ଖୋରଧା ଜିଲ୍ଲାର ସଂକ୍ରମଣସ୍ଥିତି ଚିନ୍ତାଜନକ ଅଛି। ଏଠାରେ ସଂକ୍ରମିତଙ୍କ ହାର ମୋଟ ରାଜ୍ୟ ସଂକ୍ରମିତଙ୍କ ହାରର ପ୍ରାୟ ୪୦ ଶତାଂଶ। ରାଜଧାନୀ ଭୁବନେଶ୍ୱର ଭଳି ଜନବହୁଳ ସହର ପାଇଁ ଖୋରଧା ଜିଲ୍ଲାରେ ଯେ ସଂକ୍ରମଣ ହାର ଅଧିକ ରହୁଛି ଏହା ସ୍ୱଷ୍ଟ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କେବଳ ଭୁବନେଶ୍ୱର ନଗରୀ ଉପରେ ଦୃଷ୍ଟି କେନ୍ଦ୍ରୀତ କରିନାହାନ୍ତି, ଅନ୍ୟାନ୍ୟ ସଂକ୍ରମଣ ପ୍ରବଣ ଜିଲ୍ଲା ଓ ସହର ଉପରେ ମଧ୍ୟ ଧ୍ୟାନ ଦେଇ କାମ କରୁଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ଘୋଷଣା କରିଛନ୍ତି ଯେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ରାଜ୍ୟର ସବୁ ବୟସବର୍ଗର ଲୋକଙ୍କୁ ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ଦେବେ। ସମୟ କମ୍ ଥିବା ଦୃଷ୍ଟିରୁ ଲକ୍ଷ୍ୟ ବଡ଼ ଲାଗୁଛି; କିନ୍ତୁ ଅସମ୍ଭବ ନୁହେଁ। ଆବଶ୍ୟକୀୟ ଦ୍ରୁତ ଟିକାକରଣ ପାଇଁ ରାଜ୍ୟରେ ଯଥେଷ୍ଟ ପ୍ରଶିକ୍ଷିତ କର୍ମଚାରୀ ଅଛନ୍ତି ଏବଂ ଏହା ଆଗରୁ ମଧ୍ୟ ଦୈନିକ ରେକର୍ଡ ଟିକାଦାନ ସଂଖ୍ୟା ହାସଲ କରାଯାଇପାରିଛି। ଆଗଭଳି ଏବେ ଆଉ ଟିକା ନେବା ପାଇଁ ଲୋକଙ୍କ ମନରେ ଦ୍ୱିଧା ନାହିଁ।

ଚଳିତବର୍ଷ ଜାନୁଆରୀ ୧୬ ତାରିଖରୁ ରାଜ୍ୟରେ ଟିକାକରଣ ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ୨.୮୩ କୋଟିରୁ ଅଧିକ ଡୋଜ୍ ଟିକା ଦିଆଯାଇସାରିଲାଣି। ବ୍ୟକ୍ତି ହିସାବରେ ଗଣନା କଲେ ୨.୦୮ କୋଟି ଲୋକ ରାଜ୍ୟରେ ପ୍ରଥମ ଡୋଜ୍ ଟିକା ନେଇଛନ୍ତି ଓ ମାତ୍ର ୭୫ ଲକ୍ଷଙ୍କୁ ସମ୍ପୂର୍ଣ୍ଣ (ଦୁଇଡୋଜ୍) ଟିକା ଦିଆଯାଇଛି। ଅବଶ୍ୟ ଆମକୁ ମନେ ରଖିବାକୁ ପଡ଼ିବ ଯେ ଏବେ ମଧ୍ୟ ରାଜ୍ୟର ପ୍ରାୟ ୩ କୋଟି ଲୋକ ପ୍ରଥମ ଡୋଜ୍ ଟିକା ଅପେକ୍ଷାରେ ଅଛନ୍ତି। ଏଥିରେ ୧୮ ବର୍ଷରୁ ତଳ କିଶୋର,କିଶୋରୀ ଓ ଶିଶୁ ସାମିଲ୍ ଅଛନ୍ତି। ରାଜ୍ୟରେ ଯେଉଁ ବେଗ ଓ ଗତିରେ ଟିକାଦାନ ଚାଲିଥିଲା କେନ୍ଦ୍ରରୁ ଟିକା ମିଳିବାରେ ବିଳମ୍ବ ଯୋଗୁଁ ତାହା ଧିମେଇ ଯାଇଥିଲା। ଏବେ ଟିକା ଯୋଗାଣ ବଢ଼ିବା ପରେ ପୁନର୍ବାର ସେ କାମ ତ୍ୱରାନ୍ୱିତ ହେଉଛି। ସଂକ୍ରମଣ ଧିମେଇବା ସତ୍ତ୍ୱେ ଟିକାଦାନ କେନ୍ଦ୍ରରେ ଲୋକଙ୍କର ଅସମ୍ଭବ ଭିଡ଼ ହେଉଛି ଏବଂ କେତେକ ସ୍ଥାନରେ ଗଣ୍ଡଗୋଳ ମଧ୍ୟ ଘଟୁଛି। ତେଣୁ ଏହି ଟିକାଦାନ ପ୍ରକ୍ରିୟାକୁ ଅଧିକ ସୁସଂହତ ତଥା ଶୃଙ୍ଖଳିତ କରିବାର ଆବଶ୍ୟକତା ରହିଛି।

ରାଜ୍ୟ ପାଖରେ ଗତ ମଙ୍ଗଳବାର ସୁଦ୍ଧା ୨୦.୫୧ ଲକ୍ଷ ଡୋଜ୍ କୋଭିସିଲ୍ଡ ଓ ୧.୮୪ ଲକ୍ଷ ଡୋଜ୍ କୋଭାକ୍ସିନ୍ ଟିକା ମହଜୁଦ୍ ଥିଲା। ଟିକାର ଅଭାବ ନଥିବାରୁ ରେକର୍ଡ ୪.୧୬ ଲକ୍ଷ ଲୋକଙ୍କୁ ଗୋଟିଏ ଦିନରେ ଟିକା ପ୍ରଦାନ କରାଯାଇପାରିଛି। ଏହି ହାର ଅବ୍ୟାହତ ରହିଲେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହା ପୂରଣ ହେବା ଅସମ୍ଭବ ମନେ ହୁଏ ନାହିଁ। ଏହାସହିତ ପିଲାଙ୍କ ପାଇଁ ଯଦି କୋଭିଡ୍ ଟିକା ଶୀଘ୍ର ଆସିଯାଏ, ତା'ହେଲେ ଟିକାଦାନ କ୍ଷେତ୍ରରେ ଏହି ସମୟରେ ଅତିରିକ୍ତ ଚାପ ନିଶ୍ଚିତ ପଡ଼ିବ।

ଟିକା ନେଲେ ଯେ କରୋନା ହେବ ନାହିଁ- ଏ କଥା ନୁହେଁ, କିନ୍ତୁ ଗୋଟିଏ ହେଉ ଅବା ଦୁଇଟି ଡୋଜ୍ ଟିକା ନେଇଥିବା ଲୋକ ସଂକ୍ରମିତ ହେଲେ ରୋଗ ବିଶେଷ ପ୍ରଭାବ ଦେଖାଇ ପାରୁନାହିଁ ଓ ମୃତ୍ୟୁ ଆଶଙ୍କା ଅନେକାଂଶରେ ଦୂର ହେଉଛି। ସେଥିପାଇଁ ଟିକା ନେବାକୁ ଲୋକଙ୍କ ମଧ୍ୟରେ ବିଶେଷ ଆଗ୍ରହ ପ୍ରକାଶ ପାଉଛି। ଟିକା କ୍ଷେତ୍ରରେ ଦେଶ ଆତ୍ମନିର୍ଭରସ୍ତରରେ ପହଞ୍ଚିଲାଣି। ଆସନ୍ତା ମାସରୁ କେନ୍ଦ୍ର ସରକାର ବିଦେଶକୁ ଟିକା ରପ୍ତାନୀ କରିବାକୁ ନିଷ୍ପତ୍ତିରୁ ପ୍ରତୀୟମାନ ହେଉଛି ଯେ ଆଉ ରାଜ୍ୟମାନଙ୍କୁ ଟିକା ଯୋଗାଣରେ ଅସୁବିଧା ହେବ ନାହିଁ। ଏବେ ଦୁଇ ଡୋଜ୍ ଟିକା ନେବା ମଧ୍ୟରେ ଯେଉଁ ବ୍ୟବଧାନ ରହିଥିଲା ତାହା ମଧ୍ୟ କମିବା ଉଚିତ୍। ତାହା ହେଲେ ଟିକାଦାନ ପ୍ରକ୍ରିୟାର ଗତି ତ୍ୱରାନ୍ୱିତ ହେବ।

ଗୋଟିଏ ଦିନରେ ରେକର୍ଡ ଚାରିଲକ୍ଷରୁ ଅଧିକ ଡୋଜ୍ ଟିକା ଦିଆଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପ୍ରଶାସନ ଓ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ପ୍ରଶଂସା କରି ସେମାନଙ୍କର ଉତ୍ସାହ ବଢ଼ାଇଛନ୍ତି। ଏହି ସଫଳତା ପ୍ରମାଣିତ କରିଛି ଯେ ଆମର ବହୁ ଅଧିକ ଟିକା ଦେବାର ସାମର୍ଥ୍ୟ ରହିଛି। ତେଣୁ ସମ୍ଭାବ୍ୟ ତୃତୀୟ ଲହର ଆସୁ କି ନ ଆସୁ ଆମେ ସମସ୍ତେ ଯେତେଶୀଘ୍ର ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ନେଇପାରିବା ସେତେ ଭଲ ହେବ।

ଟିକାଦାନ ତ୍ୱରାନ୍ୱିତ ବେଗରେ ଚାଲୁ; ଏଥିସହିତ ସାଧାରଣ କୋଭିଡ୍ ନିୟମ ପାଳନ ମଧ୍ୟ ଜାରି ରହୁ। ଆମେ ଦେଖୁଛନ୍ତି ଯେ ଭିଡ଼, ଗହଳି, ଅସାବଧାନତା ଓ ତ୍ରୁଟିବିଚ୍ୟୁତିର ସୁଯୋଗ ନେଇ କରୋନା ନୂଆ ରୂପରେ ଆକ୍ରମଣ କରୁଛି। ଆସନ୍ନ ପାର୍ବଣ ସମୟ ସେ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସରକାର ଓ ଜନସାଧାରଣ ଉଭୟଙ୍କୁ ବିଶେଷ ସତର୍କ ରହିବାକୁ ପଡ଼ିବ।

## ତାଲିବାନ୍ କବଳରେ ଆଫଗାନିସ୍ତାନ

# ଭାରତୀୟ କୂଟନୀତି ପାଇଁ ଜଟିଳ ପ୍ରଶ୍ନ




ସନ୍ତୋଷ କୁମାର ମିଶ୍ର
କଟକ, ମୋ: ୯୪୩୭୧୨୮୪୬୪


ଆଫଗାନିସ୍ତାନରୁ ମାର୍କିନ ସୈନ୍ୟ ପ୍ରତ୍ୟାହୃତ ହେବା ପରେ ତାଲିବାନ ପୁଣି ଥରେ ସେଠାରେ ଶାସନ କ୍ଷମତା ଦଖଲ କରିଛି। ବିଗତ ୨୦ ବର୍ଷ ଧରି କିଛିଟା ଆଶ୍ୱସ୍ତ ଥିବା ଆଫ୍‌ଗାନିସ୍ତାନବାସୀ ପୁଣି ଥରେ ଆତଙ୍କିତ ଓ ଅସ୍ଥିର ଅବସ୍ଥାରେ ରହିଛନ୍ତି। ଆଫ୍‌ଗାନିସ୍ତାନ ତାଲିବାନୀ ହାତକୁ ଆସିବା ପରେ କେବଳ ସେଠାରେ ଶାନ୍ତି ଓ ସ୍ଥିରତା ବ୍ୟାହତ ହୋଇନାହିଁ, ବରଂ ଦକ୍ଷିଣ-ମଧ୍ୟ-ଏସିଆରେ ରାଜନୀତି ଓ କୂଟନୀତିର ନୂଆ ସମୀକରଣ ସୃଷ୍ଟି ହୋଇଛି।

୨୦୦୧ରେ ଆତଙ୍କବାଦୀ ସଂଗଠନ ଅଲକାଏଦାର ଭୟଙ୍କର ଆକ୍ରମଣରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଦୁଇଟି ନଭଶ୍ଚୁମ୍ବୀ ଅଟ୍ଟାଳିକା ଧୂଳିସାତ ହେବା ପରେ ଆମେରିକୀୟ ଓ ନାଟୋ ମେଣ୍ଟର ମିଳିତ ସେନାବାହିନୀ ଆଫ୍‌ଗାନିସ୍ତାନରେ ଆକ୍ରମଣ କରି ତାଲିବାନକୁ ସେଠାକାର ଶାସନ କ୍ଷମତାରୁ ବିତାଡ଼ିତ କରିଥିଲେ। ଘନଘନ ବୋମା ଓ କ୍ଷେପଣାସ୍ତ୍ର ମାଡ଼ରେ ସେତେବେଳେ ଆଫଗାନିସ୍ତାନରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଯୋଗାଣ, ପାନୀୟ ଜଳଯୋଗାଣ ସହିତ ରେଳ ଓ ସଡ଼କ ପଥଗୁଡ଼ିକ ଧ୍ୱଂସ ହୋଇଯାଇଥିଲା। ତେଣୁ ଆଫ୍‌ଗାନିସ୍ତାନର ପୁନଃନିର୍ମାଣ ସହିତ ସେଠାରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ଥିଲା ମୁଖ୍ୟ ଆହ୍ୱାନ। ଏହାର ଭାର ଆମେରିକା ନେଇଥିଲେ ହେଁ ଆଫ୍‌ଗାନିସ୍ତାନ ପୁନଃନିର୍ମାଣରେ ଭାରତର ଅବଦାନକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ଭାରତ ଓ ଆଫଗାନିସ୍ତାନ ସମ୍ପର୍କ ବହୁ ପୁରାତନ। ତେଣୁ ଯୁଦ୍ଧବିଧ୍ୱସ୍ତ ଆଫ୍‌ଗାନିସ୍ତାନରେ କେବଳ ପରିଯୋଜନାର ରୂପରେଖ ପ୍ରସ୍ତୁତ କରିବା କିମ୍ବା ପୁଞ୍ଜି ବିନିଯୋଗରେ ଭାରତର ଭୂମିକା ସୀମିତ ନ ଥିଲା। ତିନି ଶହରୁ ଅଧିକ ଭାରତୀୟ ଯନ୍ତ୍ରୀ ଓ ୧୫୦୦ରୁ ଅଧିକ ଶ୍ରମିକ ଆଫଗାନିସ୍ତାନରେ ଦିବାରାତ୍ର ଅକ୍ଲାନ୍ତ ପରିଶ୍ରମ କରି ଏହାକୁ ଆଧୁନିକ ମାନବ ବାସ ଉପଯୋଗୀ କରିବାକୁ ଚେଷ୍ଟା କରିଥିଲେ। ଭାରତର ରାଷ୍ଟ୍ରଦୂତ ଓ ଉନ୍ନୟନ ଅଧିକାରୀମାନେ ମୁଖ୍ୟତଃ ଆଫ୍‌ଗାନିସ୍ତାନର ଦାରିଦ୍ର୍ୟ ଦୂରୀକରଣ, ଜୀବନ ଶୈଳୀରେ ଉନ୍ନତିକରଣ, ନାରୀଶିକ୍ଷା ଓ ମହିଳାଙ୍କ ସଶକ୍ତୀକରଣ ଦିଗରେ ଅଧିକ ଧ୍ୟାନ ଦେଇଥିଲେ। ଭାରତ ସରକାରଙ୍କ ଏହି ଉଦ୍ୟମ ବେଶ୍ ସଫଳ ମଧ୍ୟ ହୋଇଥିଲା ଏବଂ ଭାରତ-ଆଫ୍‌ଗାନିସ୍ତାନ ଦୁଇପାକ୍ଷିକ ସମ୍ପର୍କ ଅଧିକ ଦୃଢ଼ ହୋଇଥିଲା।

୨୦୨୦, ନଭେମ୍ବର ୨୦୨୦ରେ ଜେନେଭାଠାରେ ଅନୁଷ୍ଠିତ ସମ୍ମିଳନୀରେ ଭାରତର ବୈଦେଶିକ ମନ୍ତ୍ରୀ ସୁବ୍ରମନ୍ୟମ ଜୟଶଙ୍କର ସୂଚନା ଦେଇଥିଲେ ଯେ ଆଫଗାନିସ୍ତାନର ୩୪ଟି ପ୍ରଦେଶରେ ଭାରତର ଚାରିଶହରୁ ଅଧିକ ଯୋଜନା ଚାଲିଛି। ଭାରତ ସରକାର ଆଫଗାନିସ୍ତାନର ବିଭିନ୍ନ ଭିତ୍ତିଭୂମି ବିକାଶ ଯୋଜନାରେ ତିନିଶହ କୋଟି ଡଲାରରୁ ଅଧିକ ନିବେଶ କରିଛନ୍ତି। ଅନ୍ୟ ଦେଶର ଭିତ୍ତିଭୂମି ବିକାଶ ପାଇଁ ଏଯାବତ ଭାରତ ସରକାରଙ୍କ ଏହା ସର୍ବବୃହତ୍ ପୁଞ୍ଜି ବିନିଯୋଗ ରୂପେ ପରିଗଣିତ ହୋଇ ଆସୁଛି। ଭାରତ ୨୦୦୩ରୁ ସ୍କୁଲ ବହି ଛାପି ଆଫ୍‌ଗାନିସ୍ତାନରେ ମାଗଣାରେ ବିତରଣ କରିବାଠାରୁ ଆରମ୍ଭ କରି ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ କୌଣସି କ୍ଷେତ୍ରରେ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେବାକୁ କୁଣ୍ଠାବୋଧ କରିନାହିଁ। ଆଫଗାନିସ୍ତାନର



ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ତାଲିବାନୀମାନେ ନିଜର ଶିବିର ସ୍ଥାପନ କରି ନିଜ ଅକ୍ତିଆରରେ ରଖିଥିଲେ। ଆମେରିକୀୟ ସୈନିକମାନେ ସେଠାରୁ ତାଲିବାନୀମାନଙ୍କୁ ଘଉଡ଼ାଇ ଦେଇଥିଲେ ମଧ୍ୟ ସେଠାରେ ପୂର୍ବପରି ଶିକ୍ଷାଦାନ ବ୍ୟବସ୍ଥା ବାହଲ କରିବା ସମ୍ଭବ ହୋଇ ପାରି ନ ଥିଲା। କୋଠା, ବେଞ୍ଚ, ଟେବୁଲ, ପରୀକ୍ଷାଗାର ସରଞ୍ଜାମ ସବୁ ନଷ୍ଟ ହୋଇସାରିଥିଲା। ତାଲିବାନୀମାନେ ଶୀତ ଋତୁରେ ନିଜନିଜର କକ୍ଷକୁ ଉଷ୍ମ ରଖିବା ପାଇଁ ବିଶ୍ୱବିଦ୍ୟାଳୟର ପାଠାଗାରର ପୁସ୍ତକସବୁକୁ ଜାଳି ଦେଉଥିଲେ। ଆଫ୍‌ଗାନିସ୍ତାନର ଧ୍ୱଂସପ୍ରାପ୍ତ ଅନେକ ବିଶ୍ୱବିଦ୍ୟାଳୟର ଅଟ୍ଟାଳିକାକୁ ଭାରତ ସରକାର ପୁନଃନିର୍ମାଣ କରିବା ସହିତ ପରୀକ୍ଷାଗାର ଓ ପାଠାଗାରର ପୁନରୁଦ୍ଧାର କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଅନ୍ୟ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ର ବୃତ୍ତି ମାଧ୍ୟମରେ ପ୍ରତିବର୍ଷ ଦୁଇହଜାର ଛାତ୍ରଛାତ୍ରୀଙ୍କୁ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅନେକ ବିଷୟରେ ଉଚ୍ଚଶିକ୍ଷା ନିମନ୍ତେ ସୁଯୋଗ ପ୍ରଦାନ କରୁଛନ୍ତି। ସେଠାକାର ଚିକିତ୍ସାଳୟର ପୁନଃନିର୍ମାଣ, ଉପକରଣ ଯୋଗାଣ ଓ ପ୍ରଶିକ୍ଷଣ ପ୍ରଦାନ କରିବାରେ ମଧ୍ୟ ଭାରତ ଉଲ୍ଲେଖନୀୟ ଯୋଗଦାନ କରିଥିଲା। ଏତଦ୍‌ବ୍ୟତୀତ ବିଦ୍ୟୁତ ଶକ୍ତି ଯୋଗାଣ ନିମନ୍ତେ ଗ୍ରୀଡ୍ ଓ ସବ୍‌ଷ୍ଟେସନ ନିର୍ମାଣ, ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ବିକାଶରେ ଭାରତ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲା।

୨୦୧୧ରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ଭାଗୀଦାରୀ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଫଳରେ ଭାରତର ଦାୟିତ୍ୱ ଅଧିକ ବଢ଼ି ଥିଲା। ୪୨ ମେଗା ୱାଟ ବିଶିଷ୍ଟ ସଲମା ଡ୍ୟାମ ନିର୍ମାଣ ୨୦୧୬ରେ ସମ୍ପୂର୍ଣ୍ଣ ହୋଇଛି। ଏହି ଡ୍ୟାମଟି ଭାରତ-ଆଫଗାନିସ୍ତାନ ବନ୍ଧୁତ୍ୱ ଡ୍ୟାମ ନାମରେ ପରିଚିତ। ଜଳବିଦ୍ୟୁତ ଶକ୍ତି ଉତ୍ପାଦନ ସହିତ ଏହି ଡ୍ୟାମ ମାଧ୍ୟମରେ ଜଳସେଚନ ପ୍ରଣାଳୀକୁ ମଧ୍ୟ ଅଧିକ କ୍ରିୟାଶୀଳ କରାଯାଇଛି। ସଡ଼କ ପଥରେ ଗମନାଗମନ ବ୍ୟବସ୍ଥାକୁ ସୁଧାରିବା ପାଇଁ ଭାରତ ଜରଞ୍ଜ ଓ ଡେଲାରାମ ମଧ୍ୟରେ ୨୦୧୮ରେ ୨୧୮ କିଲୋମିଟରର ସୁଗମ୍ୟ ରାଜପଥ ନିର୍ମାଣ ସମ୍ପୂର୍ଣ୍ଣ କରିଛି। ଜରଞ୍ଜ ଇରାନର ସୀମା ପାଖର ସହର ହୋଇଥିବାରୁ ଭାରତ ଭବିଷ୍ୟତରେ ଚାବାହାର ବନ୍ଦର ଜରିଆରେ ବାଣିଜ୍ୟ କାରବାରକୁ ବୃଦ୍ଧି କରିବାକୁ ସେଠାରେ ୧୧୨୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିଥିଲା। ଏଥିସହିତ ଆଫଗାନିସ୍ତାନରେ ସାଧାରଣ ନାଗରିକଙ୍କ ଯାତାୟାତକୁ ସହଜ କରିବା ପାଇଁ ଚାରିଶହ ବଡ଼ ବସ୍ ଓ ୨୦୦ଟି ଛୋଟ ବସ୍ ପର୍ଯ୍ୟାୟକ୍ରମେ ଆଫଗାନିସ୍ତାନକୁ ପ୍ରଦାନ କରିଥିଲା। ସେଠାକାର ବିଭିନ୍ନ ପ୍ରଦେଶରେ ଥିବା ପୌରସଂସ୍ଥାକୁ ଭାରତ ୧୫୦ଟି ବିଭିନ୍ନ ପ୍ରକାର ଯାନବାହନ ପ୍ରଦାନ କରିଥିଲା। ଆଫଗାନ ସୈନିକମାନଙ୍କୁ ମଧ୍ୟ ୨୮୫ଟି ବିଭିନ୍ନ ପ୍ରକାର ଯାନବାହନ ସହିତ ଚାରୋଟି ମି-୨୫ ଲଢୁଆ ବିମାନ ମଧ୍ୟ ଭାରତ ଉପହାର ଭାବେ ଦେଇଛି।

ଦୁଇ ଦେଶ ମଧ୍ୟରେ ସମ୍ପର୍କ କିପରି ଗଭୀର ହେବ ସେ ଦିଗରେ ଭାରତ ଚେଷ୍ଟା ଜାରି କରିଛି। ଆଫ୍‌ଗାନିସ୍ତାନର ପ୍ରାଚୀନ ଐତିହାସିକ ଷ୍ଟୋର ରାଜମହଲକୁ ଆଗା ଖାନ ସଂସ୍ଥା ସହାୟତାରେ ଭାରତ ନବୀକରଣ କରାଇଥିଲା। ସେଠାକାର ସଂସଦ ଭବନକୁ ୯୭୦ କୋଟି ଟଙ୍କା ବ୍ୟୟ କରି ଆଧୁନିକୀକରଣ କରିଥିଲା। ଆଫଗାନିସ୍ତାନରେ ବିମାନ ସେବା ପ୍ରଦାନ କରୁଥିବା ଆରିଆନା ଆଫ୍‌ଗାନ ଏୟାରଲାଇନସକୁ ଏକ ବିମାନ ଉପହାର ସ୍ୱରୂପ ପ୍ରଦାନ କରିଥିଲା। ପୂର୍ବରୁ କେବଳ କାନ୍ଦାହର ସହର ସହିତ ବିମାନ ସେବା ଉପଲବ୍ଧ ଥିବା ବେଳେ କାବୁଲ ଓ ହେରତରେ ମଧ୍ୟ ବିମାନ ବନ୍ଦର ନିର୍ମାଣ କରାଯାଇ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏଥିରେ ଭାରତ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେଇଥିଲା। କାବୁଲ ନଦୀ ଉପରେ ଶାହାତୁତ ନଦୀ ବନ୍ଧ ପରିଯୋଜନାରେ ପ୍ରାୟ ୧୭୭୦ କୋଟି ଟଙ୍କା ବ୍ୟୟ କରିବା ପାଇଁ ଭାରତ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ନଦୀ ବନ୍ଧ ମାଧ୍ୟମରେ ଆଫଗାନିସ୍ତାନରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଆଧୁନିକୀକରଣ କରାଯିବା ପାଇଁ ଲକ୍ଷ୍ୟ ରଖା ଯାଇଥିଲା। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଗତ ବର୍ଷ ତିନି ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଥିଲା।

ଆଫଗାନିସ୍ତାନରେ ତାଲିବାନ ଯେ ପୁନର୍ବାର କ୍ଷମତା ଦଖଲ କରିବା ପାଇଁ ଅହରହ ଚେଷ୍ଟା କରି ଆସୁଛି, ଏକଥା ପ୍ରତି ଭାରତ ସରକାର ସଚେତନ ଥିଲେ। ତେଣୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ପୂର୍ବରୁ ବିଶ୍ୱସମୁଦାୟକୁ ସୂଚାଇ ଦେଇଥିଲେ ଯେ ତାଲିବାନକୁ ପ୍ରତିରୋଧ କରାଯାଉ; ଅନ୍ୟଥା ସେଠାରେ ଭାରତ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ବାଧା ପ୍ରାପ୍ତ ହେବ।

ଏହାସତ୍ତ୍ୱେ ଭାରତ ଆଫ୍‌ଗାନିସ୍ତାନରେ ପୁନଃନିର୍ମାଣ ଓ ଭିତ୍ତିଭୂମି ପ୍ରକଳ୍ପ ଜାରି ରଖିଥିଲା। ଏହାର ପ୍ରଥମ କାରଣ ହେଉଛି ସେଠାରେ ଉପଯୁକ୍ତ ସାମାଜିକ ଓ ଆର୍ଥିକ ବିକାଶ ଘଟିଲେ ତାଲିବାନର ପ୍ରତ୍ୟାବର୍ତ୍ତନ ସମ୍ଭବପର ହେବ ନାହିଁ ବୋଲି ଭାରତ ବିଶ୍ୱାସ ରଖିଥିଲା। ଏହାଦ୍ୱାରା କେବଳ ଆଫ୍‌ଗାନିସ୍ତାନରେ ସ୍ଥିରତା ଆସିବ ନାହିଁ, ବରଂ ଦକ୍ଷିଣ-ଏସିଆରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହେବାର ସମ୍ଭାବନା ଥିଲା। ଦ୍ୱିତୀୟ କାରଣଟି ହେଉଛି ଆଫଗାନିସ୍ତାନ ଦୁର୍ଲ୍ଲଭ ଖଣିଜ ସମ୍ପଦରେ ଭରପୂର। କ୍ରମାଗତ ଗୃହଯୁଦ୍ଧ ଫଳରେ ତାହାର ସଦୁପଯୋଗ ହୋଇପାରୁ ନାହିଁ। ଏହି ଦୁର୍ଲ୍ଲଭ ଖଣିଜକୁ ସଂଗ୍ରହ କରିବା ପାଇଁ ଚୀନ ତାଲିବାନକୁ ପ୍ରସ୍ତାବ ଦେଇଛି। ଏହାପରେ ତାଲିବାନ ପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ। ଭାରତ ଯେଉଁ କଥାକୁ ଡରୁଥିଲା ଶେଷରେ ତାହା ହିଁ ହେବାକୁ ଯାଉଛି। ଭାରତ ଲକ୍ଷ୍ୟ ରଖିଥିଲା ଯେ ଖଣିଜ ଉତ୍ତୋଳନ ଓ ରପ୍ତାନି ଜରିଆରେ ଆଫଗାନିସ୍ତାନ ନିଜର ଆର୍ଥିକ ସ୍ଥିତିକୁ ବିଶ୍ୱବଜାରରେ ଅଧିକ ମଜ୍‌ବୁତ କରି ପାରିବ। ଏଥିପାଇଁ ଧାନବାଦ ସ୍ଥିତ ଭାରତୀୟ ଖଣିଜ ସଂସ୍ଥାନରେ ପଚାଶ ଜଣ ଆଫଗାନ ଛାତ୍ରଙ୍କୁ ଖଣି ବିଷୟରେ ଉଚ୍ଚ ଶିକ୍ଷା ପ୍ରଦାନ କରାଯାଇଛି।

ଗତ କୋଡ଼ିଏ ବର୍ଷ ଧରି ଆଫଗାନିସ୍ତାନକୁ ନିଜ ଗୋଡ଼ରେ ଠିଆ କରାଇବା ପାଇଁ ଭାରତ ଆପ୍ରାଣ ଚେଷ୍ଟା କରିଆସୁଛି। କିନ୍ତୁ ତାଲିବାନର ପ୍ରତ୍ୟାବର୍ତ୍ତନ ଫଳରେ ଭାରତର ଆର୍ଥିକ କ୍ଷତି ହେବା ସହିତ ରାଜନୈତିକ ଓ କୂଟନୈତିକ ସମ୍ପର୍କ ମଧ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ଭାରତ ପାଇଁ ଅପେକ୍ଷା କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ପନ୍ଥା ଏବେ ଖୋଲା ନଥିବା ଜଣାପଡୁଛି। ଆଜିର ଆଫଗାନିସ୍ତାନ ଭାରତ ପାଇଁ ପ୍ରକୃତରେ ହୋଇଛି କୂଟନୀତିର ଏକ ଜଟିଳ ପ୍ରଶ୍ନ।

## ପତ୍ନୀ ଧର୍ମ

ସାମ୍ୟବାଦର ପ୍ରବକ୍ତା ହେଉଛନ୍ତି କାର୍ଲମାକ୍ସ। ତାଙ୍କ ଜୀବନର ଅମର କୃତି ହେଉଛି ତାଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ ଯାହାର ନାମ ହେଉଛି 'ଦାସ କ୍ୟାପିଟାଲ୍'। ଜର୍ମାନର ଏହି ବିଶିଷ୍ଟ ଦାର୍ଶନିକ ତଥା ସର୍ବକାଳୀନ ମହାନ୍ ଅର୍ଥନୀତିଜ୍ଞ ୧୮୬୭ ମସିହାରେ ଏହି ପୁସ୍ତକଟି ରଚନା କରିଥିଲେ। ବିଚିତ୍ର କଥା ହେଉଛି ଯେ ଏହି ପୁସ୍ତକଟିକୁ ଲେଖିବାକୁ କାର୍ଲମାକ୍ସଙ୍କୁ ପ୍ରାୟ ୩୦ ବର୍ଷ ଲାଗିଥିଲା। ଏଥିରେ ଇତିହାସ, ଅର୍ଥନୀତି ଏବଂ ସାମାଜିକ ବିଜ୍ଞାନକୁ ଭିତ୍ତିକରି ତିନିଟି ବିଭାଗ ଅଛି। 'ଦାସ୍ କ୍ୟାପିଟାଲ୍' ରଚନା କରିବା ପାଇଁ କାର୍ଲମାକ୍ସଙ୍କୁ ଯେତିକି ପରିଶ୍ରମ କରିବାକୁ ନ ପଡ଼ିଛି, ତତୋଧିକ ପରିଶ୍ରମ ଏବଂ ଦୁଃଖ ଭୋଗିବାକୁ ପଡ଼ିଛି ତାଙ୍କ ପତ୍ନୀଙ୍କୁ।

କଥାରେ ଅଛି ଲେଖକଟିଏ ହେବାକୁ ହେଲେ ପ୍ରଥମେ ଜଣେ ପାଠକ ହେବାକୁ ପଡ଼ିବ। ପାଠକ ହୋଇ ପଢୁଥିବାବେଳେ ପୁସ୍ତକ ସହିତ ଏକାକାର ହୋଇଯିବାକୁ ପଡ଼ିବ। ସେତେବେଳେ 'ମୁଁ ଯେ ଲେଖକଟିଏ ହେବି ବା ହେବାକୁ ଯାଉଛି'- ଏ ଭାବନା ମନରୁ ପରିହାର କରିବାକୁ ପଡ଼ିବ। ପାଠକଟିଏ ପଢ଼ିବାର ନିଘାରେ ପଢ଼ିଗଲେ ତା' ଅଜ୍ଞାତରେ ତା' ନିଜ ଭିତରେ ଲେଖକୀୟ ସତ୍ତାଟିର ଅଙ୍କୁରୋଦ୍‌ଗମ ହୋଇଯାଇଥାଏ। ତା'ପରେ ଯେଉଁ ସୃଷ୍ଟିର ସର୍ଜନା ହୁଏ, ତାହା କାଳଜୟୀ ହୋଇଥାଏ। ତେଣୁ ଲେଖକୀୟ ଗୁଣ ହେଉଛି ଏକ ସାଧନା। ତେଣୁ ଲେଖକଟିଏ ହେବାର କଳା ବା ସାଧନା କାର୍ଲମାକ୍ସଙ୍କଠାରୁ ଶିଖିବାକୁ ମିଳେ।

**ଜ୍ଞାନାଞ୍ଜନ**


ପରିବ୍ରାଜକ


କାର୍ଲମାକ୍ସ ସବୁବେଳେ ପଢ଼ାପଢ଼ିରେ ବ୍ୟସ୍ତ। କେତେବେଳେ ପାଠାଗାରରେ ଯାଇ ପଢ଼ନ୍ତି ତ ଆଉ କେତେବେଳେ ଘରେ ପଢ଼ନ୍ତି। ତାଙ୍କର ଦିନ ଆରମ୍ଭ ହୁଏ ପଢ଼ାରୁ ଶେଷ ହୁଏ ମଧ୍ୟ ପଢ଼ାରେ। ଏମିତି କଲେ ପରିବାର କେମିତି ଚାଲିବ? ପିଲାଛୁଆର ପରିବାର ପାଳିତ କିପରି ହେବେ; କିନ୍ତୁ ପଢ଼ାପଢ଼ିରେ ନିମଗ୍ନ କାର୍ଲମାକ୍ସ ପରିବାର କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ। ଏପରି ସ୍ଥିତିରେ ଅନ୍ୟ କେଉଁ ମହିଳା ଥିଲେ ସେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ପଳାଇଯାଇଥା'ନ୍ତା। କିନ୍ତୁ କାର୍ଲମାକ୍ସଙ୍କ ପତ୍ନୀ ସେପରି ନଥିଲେ। ପତିଙ୍କର ଏପରି ଅବସ୍ଥା ଏବଂ ପରିବାରର ଦାରିଦ୍ର୍ୟତାକୁ ଦେଖି ପତ୍ନୀ ଜେନି ଘରୁ ଗୋଡ଼ କାଢ଼ିଲେ। ପିଲାଛୁଆ କ'ଣ ଖାଇବେ, କ'ଣ ପିନ୍ଧିବେ, କିପରି ରହିବେ- ଏ ବାବଦରେ ପଦୁଟିଏ ବି ସ୍ୱାମୀଙ୍କୁ କହିଲେନି କି ତାଙ୍କୁ ବିଚଳିତ କରିବାକୁ ଚାହିଁଲେନି। ଜେନି ନିଜେ ଗୋଟିଏ ଛୋଟ ବ୍ୟବସାୟ ଆରମ୍ଭ କଲେ। ତାଙ୍କ ଦେଶର କବାଡ଼ିଆ ଦୋକାନମାନଙ୍କ ପାଖକୁ ଯାଇ ସେଠାରୁ ପୁରୁଣା ଓ ଚିରା କୋଟ୍‌ମାନ ଆଣି ସେଗୁଡ଼ିକୁ ସଫା କରି ସେଥିରୁ ଛୋଟ ଛୋଟ ପିଲାମାନଙ୍କ ପାଇଁ ପୋଷାକ ତିଆରି କରି ବିକ୍ରି କରିବା ଆରମ୍ଭ କଲେ। ଏଥିରୁ ବେଶୀ ଆୟ ନ ହେଉଥିଲେ ବି ପରିବାର ଏକପ୍ରକାର ଚଳିଯାଉଥିଲା। ହୁଏତ ଏମିତି ବି କୁହାଯାଇ ପାରେ ଯେ 'ଦାସ କ୍ୟାପିଟାଲ୍' ପରି ପ୍ରସିଦ୍ଧ ପୁସ୍ତକଟିର ଶ୍ରେୟ ଯେତିକି କାର୍ଲମାକ୍ସଙ୍କୁ ଦିଆଯିବ, ତତୋଧିକ ଶ୍ରେୟ ତାଙ୍କ ପତ୍ନୀଙ୍କ ପାଖକୁ ମଧ୍ୟ ଯିବ। ସେ ଦୁଃଖ କଷ୍ଟ ସହି ନଥିଲେ ଏପରି ପୁସ୍ତକଟିଏ ରଚନା କରିବାକୁ କାର୍ଲମାକ୍ସ ହୁଏତ ସକ୍ଷମ ହୋଇପାରି ନଥା'ନ୍ତେ।

# 'ମୃତ-ସାଗର'ର ସଞ୍ଜୀବନୀ




ଡ. ପ୍ରମୋଦ କୁମାର ମହାପାତ୍ର
କଟକ, ମୋ: ୯୮୬୧୨୪୯୨୦୨


ବିନା ଜଳରେ ଜୀବନ ତିଷ୍ଠିରହିବା ଆଶା କରାଯାଇପାରେ ନାହିଁ। ଆମର ସୌଭାଗ୍ୟ ଯେ ପୃଥିବୀ ଜଳଗର୍ଭା। ଏହାର ପୃଷ୍ଠଦେଶର ତିନି-ଚତୁର୍ଥାଂଶ ଅଞ୍ଚଳରେ ରହିଛି ନୀଳସାଗର। ଏହା ବ୍ୟତୀତ ସ୍ଥଳଭାଗରେ ଅନେକ ନଦୀ, ହ୍ରଦର ଉପସ୍ଥିତି ପୃଥିବୀ ପାଇଁ ଆଣିପାରିଛି ଏକ ସ୍ୱତନ୍ତ୍ର ପରିଚୟ। ତେବେ ଅନେକ ବିସ୍ମୟର କ୍ଷେତ୍ର ପୃଥିବୀ ପୃଷ୍ଠରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବା ଭଳି ଜଳପୂର୍ଣ୍ଣ ଏକ ସାଗର ରହିଛି ଯେଉଁଠାରେ ଆଦୌ ଜଳଚର ଜୀବ ନାହାନ୍ତି। ଏହି ସାଗରରେ କୌଣସି ଜୀବ ନଥିବାରୁ ଏହାର ନାମ 'ମୃତ ସାଗର' ବା 'ଡେଡ୍ ସି'। ମଧ୍ୟପ୍ରାଚ୍ୟର ଇସ୍ରାଏଲ୍ ଓ ଜୋର୍ଡାନ୍ ଦେଶର ମଧ୍ୟବର୍ତ୍ତୀ ସ୍ଥାନରେ ଲୁଣା ଜଳ ଥିବା ଏହି ସାଗର ଅବସ୍ଥିତ। ଏହାର ଲମ୍ବା ୭୭ କିଲୋମିଟର ହୋଇଥିବା ବେଳେ ପ୍ରସ୍ଥ ବିଭିନ୍ନ ସ୍ଥାନରେ ୫ରୁ ୧୮ କିଲୋମିଟର। ଏହି ସାଗରର ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥା ଉଲ୍ଲେଖନୀୟ ବିଷୟ ହେଉଛି ଏହାର ଜଳସ୍ତର ସାରା ପୃଥିବୀର ସମସ୍ତ ସାଗର, ହ୍ରଦ ଓ ଜଳଭାଗର ସ୍ତରଠାରୁ ସର୍ବନିମ୍ନ ଗଭୀରତାରେ ରହିଛି, ଯାହାକି ସାଧାରଣ ସମୁଦ୍ର ପତ୍ତନଠାରୁ ପ୍ରାୟ ୪୦୦ ମିଟର ବା ୧୩୦୦ ଫୁଟ୍ ଖାଲ ବା ନିମ୍ନରେ।

ଗବେଷକଙ୍କ ମତରେ ପ୍ରାୟ ୧୦ ଲକ୍ଷ ବର୍ଷ ତଳେ ଏହି ମୃତ ସାଗରର ଜଳସ୍ତର ବର୍ତ୍ତମାନର ସ୍ତରଠାରୁ ପ୍ରାୟ ୧୪୦୦ ମିଟର ଉଚ୍ଚତାରେ ରହିଥିଲା। କ୍ରମାଗତ ଅନାବୃଷ୍ଟି ପାଇଁ ଏହି ମୃତ ସାଗରର ଜଳ ଶୁଖିଯାଇ ଏଭଳି ଅବସ୍ଥାରେ ଆସି ପହଞ୍ଚିଛି। ଅନ୍ୟ ଏକ ବିସ୍ମୟ ହେଉଛି କେବଳ ଜୋର୍ଡାନ ନଦୀ ବ୍ୟତୀତ ଅନ୍ୟ କୌଣସି ପ୍ରମୁଖ ଜଳବାହୀ ନଦୀ ଏହି ସାଗରରୁ ସୃଷ୍ଟି ହୋଇନାହାନ୍ତି। ତେବେ ସେ ସମୟରେ ପ୍ରମୁଖଭାବେ ଜୋର୍ଡାନ ନଦୀ ଓ ଅନ୍ୟ କେତୋଟି ଛୋଟ ଜଳଧାରା ଦ୍ୱାରା ଧୋଇ ହୋଇ ଆସିଥିବା ଦ୍ରବୀଭୂତ ଖଣିଜ ପଦାର୍ଥ ଓ କେତେକ ଲବଣ ଇତ୍ୟାଦି ଏଠାରେ ଜମା ହୋଇଛି। ପୃଥିବୀ ପୃଷ୍ଠର ଯେ କୌଣସି ସମୁଦ୍ର ଜଳରେ ଲବଣାଂଶ ସାଧାରଣତଃ ୪ ରୁ ୬ ଭାଗ ରହିଥିବାବେଳେ ମୃତ ସାଗରର ଜଳରେ ଲବଣାଂଶ ଭାଗ ୨୩ରୁ ୨୫ ଭାଗ। ତେଣୁ ଏହି ବହଳିଆ ଜଳରେ କୌଣସି ଜୀବଜନ୍ତୁ ତ ନାହାନ୍ତି, ପରନ୍ତୁ ଏଠାରେ ଅନ୍ୟ ଜଳାଶୟ ପରି ମଣିଷ ବୁଡ଼ିଯିବାର ଆଶଙ୍କା ମଧ୍ୟ ନାହିଁ। ଯେ କୌଣସି ବ୍ୟକ୍ତି ଏଥିରେ ପଡ଼ିଗଲେ ଭାସି ରହିବ। ଏହି ଜଳରେ ପଟାସ, ମ୍ୟାଗ୍ନେସିୟମ କ୍ଲୋରାଇଡ୍, କ୍ୟାଲସିୟମ କ୍ଲୋରାଇଡ୍, ବ୍ରୋମିନ ଓ ଅନ୍ୟ କେତେକ ଖଣିଜ ପଦାର୍ଥ ଓ ଲବଣ ବହୁଳଭାବେ ଥିବାର ପରୀକ୍ଷାରୁ ଜଣାପଡ଼ିଛି। ତେବେ ପଟାସର ମାତ୍ରା ଏହି ଜଳରେ ସର୍ବାଧିକ।



ମୃତ ସାଗର ଅଞ୍ଚଳର ତାପମାତ୍ରା ବର୍ଷ ସାରା ୩୮ ଡିଗ୍ରୀ ବା ତା'ଠାରୁ ଅଳ୍ପ କମ୍ ରହୁଥିବାରୁ ଏଠାରେ ଅନେକ ପର୍ଯ୍ୟଟକଙ୍କ ଭିଡ଼ ଜମେ। ଏହି ସ୍ଥାନର ଆକର୍ଷଣୀୟ ତଥା ଉଲ୍ଲେଖନୀୟ ଦୃଶ୍ୟ ହେଲା ପଙ୍କ ଚିକିତ୍ସା। ଅଧିକାଂଶ ଗୋରା ପର୍ଯ୍ୟଟକ ହ୍ରଦର କଳା ପଙ୍କ ସାରା ଦେହ, ମୁହଁରେ ବୋଳି ହୋଇ ଚିକିତ୍ସିତ ହେଉଥିବା ଦୃଶ୍ୟ ବାସ୍ତବିକ ବିରଳ। ହ୍ରଦ କୂଳରେ ଅନ୍ୟ ହ୍ରଦ ଭଳି ବାଲି ଭର୍ତ୍ତି ଉପକୂଳ ନଥାଇ ରହିଛି ଜଳକୁ ସ୍ପର୍ଶ କରୁଥିବା କଳା ପଙ୍କ ବା କାଦୁଅର ଉପକୂଳ। ସୂର୍ଯ୍ୟସ୍ନାନ, ପଙ୍କ ସ୍ନାନ ତଥା ବହଳିଆ ଖଣିଜପଦାର୍ଥ ଓ ଲବଣପୂର୍ଣ୍ଣ ଜଳରେ ସମୁଦ୍ର ସ୍ନାନ ହିଁ ଏହି ସ୍ଥାନରେ ପର୍ଯ୍ୟଟକମାନଙ୍କ ପାଇଁ ସବୁଠାରୁ ଆକର୍ଷଣୀୟ। ହ୍ରଦଟି ନିମ୍ନ ସ୍ଥଳଭାଗରେ ଥିବାରୁ ସୂର୍ଯ୍ୟରଶ୍ମି ଅନ୍ୟ ସ୍ଥାନ ତୁଳନାରେ ଏଠାରେ ଅଧିକ ସ୍ୱଚ୍ଛ ବା ଛାଣି ହୋଇ ମଣିଷର ଚର୍ମ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଥାଏ। ହ୍ରଦର ପଙ୍କ ନିଜ ଦେହରେ ବୋଳି ହେବା ମାଧ୍ୟମରେ ଏହା ଶରୀରର ଚର୍ମ ଓ ସମସ୍ତ ଗଣ୍ଠି ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ତେବେ ଅଳ୍ପ ସମୟ ପାଇଁ ଏହି ଜଳରେ ଭାସି ରହିବା ହିଁ ବିଜ୍ଞତାର କାରଣ। ନଚେତ୍ ଅଧିକ ସମୟ ଏହି ଜଳରେ କଟାଇବା ଦ୍ୱାରା ଚର୍ମରେ ଅନେକ ମନ୍ଦା ମନ୍ଦା କଷ୍ଟଦାୟକ କ୍ଷତ ଭଳି ଅବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ଲୋକମାନଙ୍କୁ ମୃତ ସାଗର ଜଳର ସୁଚିକିତ୍ସା ପ୍ରଦାନ କରିବା ପାଇଁ ଏଠାରେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଖୋଲିଛି। ହୃଦ୍‌ରୋଗ, ଶ୍ୱାସ ଜନିତ ସମସ୍ୟାର ଆରୋଗ୍ୟ ପାଇଁ ମୃତ ସାଗରର ଜଳ ଉପକାରୀ ବୋଲି କୁହାଯାଏ।

ଡେଡ୍ ସି ବା ମୃତ ସାଗରର ଅବସ୍ଥିତି, ପ୍ରକୃତି ଓ ଏହା ଜଳର ଆଶ୍ଚର୍ଯ୍ୟଜନକ ଔଷଧୀୟ ଗୁଣ ନିଶ୍ଚିତଭାବେ ପୃଥିବୀ ପୃଷ୍ଠର ଏକ ବିସ୍ମୟ। ଏହା କୂଳରେ ଇଚ୍ଛାକୃତ ଭାବେ କଳା ପାଲଟୁଥିବା ଧଳା ମଣିଷମାନଙ୍କୁ ଦେଖିଲେ ଓ ଏମାନଙ୍କଠାରୁ ବହୁବିଧି ହ୍ରଦଜଳର ଉପକାର ସମ୍ପର୍କରେ ଶୁଣିଲେ ସ୍ୱତଃ ମୃତ ସାଗରର ଗୁରୁତ୍ୱକୁ ଆମେ ଉପଲବ୍ଧି କରିଥାଉ। ଜୀବନର ଧାରକ ଜଳ ଗର୍ଭରେ ଗୋଟିଏ ହେଲେ ଜୀବନ ନଥିବା କଥା ଶୁଣିଲେ ଆମେ ହୁଏତ ପ୍ରଥମେ ବିଶ୍ୱାସ କରିପାରିବା ନାହିଁ, ମାତ୍ର ଲକ୍ଷ ଲକ୍ଷ ଜୀବନଧାତ୍ରୀ ଧରିତ୍ରୀର ଅବିଶ୍ୱସନୀୟ ବୈଚିତ୍ର୍ୟ ସମ୍ପର୍କରେ ଆଲୋଚନା କଲେ ଆମେ ଏହାକୁ ସହଜରେ ବିଶ୍ୱାସକୁ ନେଇ ଏହାର ଉପାଦେୟତାକୁ ନିଶ୍ଚୟ ସ୍ୱୀକାର କରିବା।

## ଘୋଷଣା


ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୭୩.୧୫ ● ପାଉଣ୍ଡ ୧୦୧.୧୧
- ୟୁରୋ ୮୬.୯୦ ● ୟେନ୍ ୦.୬୬

**ସୁନାରୁପା ଦର**
୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୪୫,୨୬୦ (ଭୁବନେଶ୍ୱର)
- ରୁପା : ୬୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୫୮,୯୨୭.୦୦
- ନିଫ୍ଟି ୧୭,୫୪୭.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୧୯ (ନୂଆଦିଲ୍ଲୀ)
- ଡିଜେଲ୍ - ୮୮.୬୨

## ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି


# ଏଭରଗ୍ରାଣ୍ଡ ସଙ୍କଟ

- ଦିନକରେ ୫୦୦ ଧନୀ ହରାଇଲେ ୧୩୫ ବିଲିୟନ୍ ଡଲାର
- ମୂଲ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ
- ସର୍ବାଧିକ କ୍ଷତି ସହିଲେ ଏଲନ୍ ମସ୍କ, ବାଦ୍ ପଡ଼ିଲେନି ଜେଫ୍ ବେଜୋସ୍
- ଚାଇନାର ରିଏଲ୍ ଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଦେବାଳିଆ
- ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି)

କୋଭିଡ୍ ମହାମାରୀ ଯୋଗୁ ଚାରିଆଡେ ଆର୍ଥିକ କାରବାର ମାନ୍ଦା ରହିଥିବାବେଳେ ଏଭଳି ସମୟରେ ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି ସୃଷ୍ଟି ହୋଇଛି। ଏଭରଗ୍ରାଣ୍ଡ ଦେବାଳିଆ ପରିସ୍ଥିତିକୁ ଆସିଯାଇଥିବାରୁ ସମଗ୍ର ବିଶ୍ୱ ଉପରେ ଏବେ ଆଉ ଏକ ଆର୍ଥିକ ମାନ୍ଦାବସ୍ଥା ମାଡ଼ିଆସିଛି। ଏଭରଗ୍ରାଣ୍ଡ ହେଉଛି ଚାଇନାର ଦ୍ୱିତୀୟ ବୃହତ୍ ରିଏଲ୍ ଇଷ୍ଟେଟ୍ କମ୍ପାନୀ। କମ୍ପାନୀ ଉପରେ ଏବେ ପ୍ରାୟ ୩୦୦ ବିଲିୟନ ଡଲାରର ଋଣ ବୋଝ। ଏଭରଗ୍ରାଣ୍ଡ ଏହି ଋଣ ପରିଶୋଧ କରିବା ସ୍ଥିତିରେ ନାହିଁ। ଚୀନ୍‌ର ବୈଦେଶିକ ବଣ୍ଡରେ କମ୍ପାନୀର ପ୍ରାୟ ୯ ପ୍ରତିଶତ ଅଂଶଧନ ରହିଛି। ଏଭରଗ୍ରାଣ୍ଡ ସଙ୍କଟର ପ୍ରଭାବ ବିଶ୍ୱର ପୁଞ୍ଜି ବଜାରଗୁଡ଼ିକ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏଭରଗ୍ରାଣ୍ଡ ସଙ୍କଟ ଯୋଗୁ ସୋମବାର ଦିନ ସାରା ବିଶ୍ୱରେ ଷ୍ଟକ୍ ବଜାର କାରବାରରେ ହ୍ରାସ ଘଟିଛି। ଏମିତିକି ମାତ୍ର ଦିନକର କାରବାରରେ ୫୦୦ ଧନୀ ହରାଇଛନ୍ତି ୧୫୦ କୋଟି ଡଲାର ମୂଲ୍ୟର ସମ୍ପତ୍ତି। ଏହି ଧନୀମାନେ ହରାଇଥିବା ସମ୍ପତ୍ତି ପରିମାଣ ଏସିଆର ସବୁଠୁ ଧନୀ ଭାରତର କୁବେରପତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ। ଏହାର ପରିମାଣ ପ୍ରାୟ ୧୩୫ ବିଲିୟନ୍ ଡଲାର ହେବ। ତେବେ ଧନୀମାନଙ୍କ ମଧ୍ୟରେ ସର୍ବାଧିକ କ୍ଷତି ସହିଛନ୍ତି ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ। ଅନ୍ୟପକ୍ଷରେ ପୁଞ୍ଜି ବଜାରର ଏହି ଘାଟାରୁ ବାଦ୍ ପଡ଼ିନାହାନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍। ଏଭରଗ୍ରାଣ୍ଡ ଦେବାଳିଆ ପ୍ରଭାବରେ ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ ହୋଇଥିବା ଜଣାଯାଇଛି।

କେତେକ ଆର୍ଥିକ ବିଶେଷଜ୍ଞ ଆଶଙ୍କା କରିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଚାଇନାରେ ୨୦୦୮ ରେ ବିଶ୍ୱରେ ଆମେରିକାର ଲେହମାନ ବ୍ରଦର୍ସ ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତି ସୃଷ୍ଟି କରିପାରେ। ଏହାର ଅର୍ଥ ହେଉଛି ଆର୍ଥିକ ବିଶେଷଜ୍ଞମାନେ ବର୍ତ୍ତମାନ ଲେହମାନ ବ୍ରଦର୍ସ ସଙ୍କଟର ପୁନରାବୃତ୍ତି ଆଶଙ୍କା କରୁଛନ୍ତି। ଏ ସମ୍ପର୍କରେ ଭେଟେରାନ ବ୍ୟାଙ୍କର ଉଦୟ କୋଟାକ୍ କହିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଲେହମାନ ସଙ୍କଟର ସ୍ମାରକ। ଯଦିଓ କେତେକ ବିଶେଷଜ୍ଞଙ୍କ ମତରେ ଏଭରଗ୍ରାଣ୍ଡ ସଙ୍କଟ ଚୀନ୍ ପାଇଁ ଏକ ବଡ଼ ଏବଂ ଗୁରୁତର ପରୀକ୍ଷା, ଏହା



ଲେହମାନ ସଙ୍କଟ ସହିତ ସମାନ ନୁହେଁ। ଆମେରିକାର ବ୍ୟାଙ୍କିଙ୍ଗ ସଂସ୍ଥା ଲେହମାନ୍ ବ୍ରଦର୍ସ ୧୫ ସେପ୍ଟେମ୍ବର ୨୦୦୮ରେ ଆନୁଷ୍ଠାନିକ ଭାବରେ ଦେବାଳିଆ ଘୋଷିତ ହୋଇଥିଲା। ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ଅନୁଭୂତ ହୋଇଥିଲା। ଏହି ଘଟଣାର ଦୀର୍ଘ ୧୩ ବର୍ଷ ପରେ ବର୍ତ୍ତମାନ ଏଭରଗ୍ରାଣ୍ଡ ଜରିଆରେ ଚାଇନାରୁ ଏକ ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥାର ପଦଧ୍ୱନୀ ଶୁଣିବାକୁ ମିଳୁଛି। ଏଭରଗ୍ରାଣ୍ଡ କାରଣରୁ ଗୋଟିଏ ଦିନରେ ଦୁନିଆର ୫୦୦ ଧନୀ ବ୍ୟକ୍ତିଙ୍କୁ ୧୩୫ ବିଲିୟନ ଡଲାର ହରାଇବାକୁ ପଡ଼ିଛି। ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ପରିମାଣ ୯୨.୨ ବିଲିୟନ ଡ଼ଲାର ରହିଥିବାବେଳେ ୫୦୦ ଧନୀଙ୍କ କ୍ଷତି ପରିମାଣ ଏହାରଦେଢ଼ଗୁଣରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଇଲେକ୍‌ଟ୍ରିକ୍ କାର ନିର୍ମାତା ଟେସଲା ମାଲିକ ଏଲୋନ୍ ମସ୍କ ଗୋଟିଏ ଦିନରେ ତାଙ୍କ ସମ୍ପତ୍ତିର ୭.୨ ପ୍ରତିଶତ ହରାଇଛନ୍ତି। ଜେଫ୍ ବେଜୋସ୍‌ଙ୍କ ନେଟ୍ ସମ୍ପତ୍ତିରେ ମଧ୍ୟ ସୋମବାର ୫.୬ ବିଲିୟନ ଡ଼ଲାରରେ ହ୍ରାସ ପାଇଛି। ବର୍ତ୍ତମାନ ସେ ୧୯୪ ବିଲିୟନ ଡଲାରର ସମ୍ପତ୍ତି ସହିତ ବିଶ୍ୱ ଧନୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏଭରଗ୍ରାଣ୍ଡ କହିଛି ଯେ, ନଗଦ ଅର୍ଥ ହ୍ରାସ ପାଇଁ ସମାଧାନ ଖୋଜିବା ଲାଗି ଏହା ଆର୍ଥିକ ପରାମର୍ଶଦାତାଙ୍କୁ ନିୟୋଜିତ କରିଛି। କିନ୍ତୁ ଏହା ମଧ୍ୟ କହିଛି ଯେ, ଏଭଳି କମ୍ପାନୀର ର ଆର୍ଥିକ ଦାୟିତ୍ୱ ପୂରଣ କରିବାରେ ସକ୍ଷମ ହେବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଏଠାରେ ସୂଚନାଯୋଗ୍ୟ, ଚାଇନାର ସମଗ୍ର ସମ୍ପତ୍ତି ବଜାରର ୬.୫ ପ୍ରତିଶତ ଭାଗ ହେଉଛି ଏଭରଗ୍ରାଣ୍ଡର। କମ୍ପାନୀର ଗ୍ରେଣ୍ଡର ଷ୍ଟକ୍ ଚଳିତବର୍ଷ ପ୍ରାୟ ୮୦ ପ୍ରତିଶତ ହ୍ରାସ ପାଇଛି। ୨୦ ସେପ୍ଟେମ୍ବର ୨୦୨୧ରେ ଏହା ୧୧ ବର୍ଷର ସର୍ବନିମ୍ନ ସ୍ତରରେ ରହିଥିଲା | ଏଭରଗ୍ରାଣ୍ଡର ପ୍ରାୟ ୩୫୫ ବିଲିୟନ ଡଲାରର ସମ୍ପତ୍ତି ରହିଛି। ତଥାପି କମ୍ପାନୀ ଦେବାଳିଆ ପଥରେ ରହିଛି। ଏହାର ଆକ୍ରମଣାତ୍ମକ ରଣନୀତି ଯୋଗୁଁ ଏଭରଗ୍ରାଣ୍ଡର ଋଣ ଭାର ବୃଦ୍ଧି ପାଇଛି। ବ୍ୟାଙ୍କଗୁଡ଼ିକରୁ ବହୁ ମାତ୍ରାରେ ଋଣ ନେଇ କମ୍ପାନୀ ପ୍ରକଳ୍ପ ସମ୍ପ୍ରସାରଣ ଲକ୍ଷ୍ୟ ରଖି ଋଣ ପରିଶୋଧ କରି ନ ଥିଲା। ତେବେ ଏଭରଗ୍ରାଣ୍ଡ ଚାଲାକି କରି ଚୀନ୍ ସମେତ ବିଶ୍ୱ ବଜାରକୁ କମ୍ପାନୀ ଆଦୌ ଋଣଗ୍ରସ୍ତ ଥିବା ଅନୁଭବ କରିବାକୁ ଦେଇ ନ ଥିଲା। ଯେତେବେଳେ ବଜାର ନିୟମ ପରିବର୍ତ୍ତନ ହେଲା ସେତେବେଳେ ଚୀନ୍ ସରକାର ଏହି ସମ୍ପର୍କରେ ଜାଣିବାକୁ ପାଇଥିଲେ। ପ୍ରଥମ ଥର ପାଇଁ ଏଭରଗ୍ରାଣ୍ଡ ଆନୁଷ୍ଠାନିକ ଭାବେ ୩୦୦ ବିଲିୟନ ଡଲାରରୁ ଅଧିକ ଋଣ ଚାପରେ ଥିବା ସ୍ୱୀକାର କରିଛି। ଏଭରଗ୍ରାଣ୍ଡ ଗ୍ରୁପ୍ ଚାଇନାରେ ୧୩୦୦ରୁ ଅଧିକ ସମ୍ପତ୍ତିର ମାଲିକ ଏବଂ ପ୍ରାୟ ୨୮୦୦ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପରିଚାଳନା କରିଥାଏ। କମ୍ପାନୀରେ ପ୍ରାୟ ୨ ଲକ୍ଷ କର୍ମଚାରୀ ନିଯୁକ୍ତି ପାଇଛନ୍ତି। କମ୍ପାନୀ ପ୍ରତିବର୍ଷ ଚାଇନାରେ ପ୍ରାୟ ୩୮ ଲକ୍ଷ ନିଯୁକ୍ତି ସୃଷ୍ଟି କରୁଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଭରଗ୍ରାଣ୍ଡର ୮୦୦ ରିଅଲ ଇଷ୍ଟେଟ୍ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଯଦି ଏଭରଗ୍ରାଣ୍ଡ ଦେବାଳିଆ ହୋଇଯାଏ, ଯେଉଁମାନେ ଏହାର ପ୍ରକଳ୍ପରେ ଟଙ୍କା ଖଟାଇଛନ୍ତି ସେମାନଙ୍କୁ ବଡ଼ ଧରଣର ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଏଥିରେ ବ୍ୟାଙ୍କ, ଆର୍ଥିକ ସଂସ୍ଥା, ଯୋଗାଣକାରୀ ଏବଂ ଘର କ୍ରେତା ସମସ୍ତେ ପ୍ରଭାବିତ ହେବେ। ଏହା ବ୍ୟତୀତ, ଏଭରଗ୍ରାଣ୍ଡ ସହ ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକ ମଧ୍ୟ ବଡ କ୍ଷତି ସହିବା ଆଶଙ୍କା ରହିଛି। ଏହା ସହିତ ଅନ୍ୟ କେତେକ କମ୍ପାନୀ ମଧ୍ୟ ବୁଡ଼ିଯାଇପାରନ୍ତି।

ଭାରତର ଅନେକ କମ୍ପାନୀ ମଧ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଏଭରଗ୍ରାଣ୍ଡ ସହିତ ବ୍ୟବସାୟିକ ଦୃଷ୍ଟିରୁ ଜଡିତ। ବିଶେଷକରି ଇସ୍ପାତ, ରାସାୟନିକ ପଦାର୍ଥ ଏବଂ ଧାତୁ କ୍ଷେତ୍ରର କମ୍ପାନୀଗୁଡିକ କମ୍ପାନୀ ସହ ବ୍ୟବସାୟ କରିଥାନ୍ତି। ଏଭରଗ୍ରାଣ୍ଡ ଦେବାଳିଆ ହେବାର ପ୍ରଭାବରେ ଘରୋଇ ଷ୍ଟକ ବଜାର ସେନସେକ୍ସ ଭୁଷୁଡ଼ିଛି। ଏହା ବ୍ୟତୀତ ଅନ୍ୟ ଦେଶଗୁଡିକର ଷ୍ଟକ୍ ମାର୍କେଟ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିବା ଜଣାପଡିଛି।

## ଆକାଶ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଜାତୀୟ ସ୍କଲାରସିପ୍ ଏଏନ୍‌ଟିଏଚ୍‌ଇ ୨୦୨୧

ଭୁବନେଶ୍ୱର,୨୨।୯(ସମିସ): ଆକାଶ ନ୍ୟାସନାଲ୍ ଟ୍ୟାଲେଣ୍ଟ ହଣ୍ଟ ପରୀକ୍ଷା (ଏଏନ୍‌ଟିଏଚ୍‌ଇ) ୨୦୨୧, ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସଏଲ୍)ର ଦ୍ୱାଦଶ ସଂସ୍କରଣ। ଏହା ୭ମ-୧୨ଶ ଶ୍ରେଣୀର ଆଶାୟୀ ଡାକ୍ତର ଓ ଇଞ୍ଜିନିୟର ଛାତ୍ରମାନଙ୍କୁ ନିଟ୍ ଓ ଆଇଆଇଟି-ଜେଇଇ କୋଚିଂ ପ୍ରୋଗ୍ରାମ ପାଇଁ ୧୦୦% ସ୍କଲାରସିପ ପ୍ରଦାନ କରିବାକୁ ଯାଉଛି। ଏଏନଟିଏଚଇ ୨୦୨୧ ଉଭୟ ଅନଲାଇନ୍ ଓ ଅଫଲାଇନ ମାଧ୍ୟମରେ ଆସନ୍ତା ଡିସେମ୍ବର ୪ରୁ ୧୨ ମଧ୍ୟରେ ସାରା ଦେଶରେ ୨୪ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କରାଯିବ। ଟ୍ୟୁସନ ଫି'ରେ ସ୍କଲାରସିପ ସହିତ, ଟପ୍ ସ୍କୋରଧାରୀମାନଙ୍କୁ ଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ସମସ୍ତ ଗ୍ରେଡର ୫ ଜଣ ପ୍ରତିଭାବାନ ଛାତ୍ରଙ୍କୁ ଜଣେ ଲେଖାଏଁ ଅଭିଭାବକଙ୍କ ସହିତ ନାସାକୁ ମାଗଣାରେ ଯାତ୍ରା ସୁଯୋଗ ପୁରସ୍କାର ଭାବରେ ପ୍ରଦାନ କରାଯିବ।ଅତିରିକ୍ତ ଲାଭ ଭାବରେ, ଏଏନଟିଏଚଇ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରମାନେ ମାଗଣାରେ ମେରିଟନେସନ ସ୍କୁଲ ବୁଷ୍ଟର ପାଇବେ। ଏହି ଏକ ଘଣ୍ଟିଆ ପରୀକ୍ଷା ଏଏନଟିଏଚଇ ଅନଲାଇନ୍ ସକାଳ ୧୦ଟା ରୁ ଅପରାହ୍ନ ୭.୦୦ ଘଣ୍ଟା ମଧ୍ୟରେ ସମସ୍ତ ପରୀକ୍ଷା ଦିବସରେ କରାଯିବ। ଏହା ସହିତ ଅଫଲାଇନ୍ ପରୀକ୍ଷା ଡିସେମ୍ବର ୫ ଓ ୧୨ରେ ରେ ଦୁଇଟି ସିଫ୍ଟରେ ସକାଳ ୧୦ଟା ୩୦ ମିନିଟ୍‌ରୁ ୧୧ଟା ୩ରୁ ଓ ଅପରାହ୍ନ ୪ଟାଠାରୁ ୫ଟା ମଧ୍ୟରେ ସାରା ଦେଶରେ ଥିବା ଆକାଶ ଇନଷ୍ଟିଚ୍ୟୁଟର ୨୧୫ରୁ ଅଧିକ ସେଣ୍ଟରରେ କରାଯିବ। ଏହି ସମୟରେ ପ୍ରଯୁଜ୍ୟ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କୋଭିଡ-୧୯ର ଅନୁପାଳନ କରାଯିବ। ଛାତ୍ରମାନେ ସେମାନଙ୍କ ପାଇଁ ଉପଯୋଗୀ ଏକ ଘଣ୍ଟିଆ ସ୍ଲଟ୍‌କୁ ବାଛିପାରିବେ।

## ବିଦେଶୀ ନିବେଶକ ଏଲ୍‌ଆଇସି ଆଇପିଓରେ ୨୦% ଅଂଶଧନ କିଣିପାରିବେ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ଏଣିକି ବିଦେଶୀ ନିବେଶକମାନେ ରାଷ୍ଟ୍ରାୟତ୍ତ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ର ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ) ର ୨୦% ପର୍ଯ୍ୟନ୍ତ ସେୟାର କିଣିପାରିବେ। କାରଣ କେନ୍ଦ୍ର ସରକାର ଏଥିପାଇଁ ଅନୁମତି ଦେବାକୁ ବିଚାର କରୁଛନ୍ତି। ଏଲ୍‌ଆଇସିର ଅଂଶଧନ ବିକ୍ରୟରୁ ସରକାର ୯୦୦ ବିଲିୟନ ଟଙ୍କା (୧୨.୨ ବିଲିୟନ ଡ଼ଲାର୍) ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ଯଦିଓ ବିଦେଶୀ ସଂସ୍ଥାଗତ ନିବେଶକମାନଙ୍କୁ ବେସରକାରୀ ବୀମା କମ୍ପାନୀରେ ୭୪% ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୨୦% ପର୍ଯ୍ୟନ୍ତ ଅଂଶଧନ କ୍ରୟ ଅନୁମତି ଦିଆଯାଇଛି। ଏହାକୁ ସକ୍ଷମ କରିବା ଦ୍ୱାରା ବିଦେଶୀ ପେନ୍‌ସନ୍ ପାଣ୍ଠି, ବୀମା କମ୍ପାନୀ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଭାରତର ବୃହତ ଜୀବନ ବୀମାକାରୀଙ୍କ ଆଇପିଓରେ ଅଂଶଗ୍ରହଣ କରିବାକୁ ଅନୁମତି ଦେବ।

## ସୋନୀ ପିକ୍‌ଚର୍ସ ସହ ଜୀ ଏଣ୍ଟରଟେନ୍‌ମେଣ୍ଟର ହେବ ମିଶ୍ରଣ

ମୁମ୍ବାଇ ୨୨।୯ (ଏଜେନ୍ସି): ସୋନୀ ପିକଚର୍ସ ଇଣ୍ଡିଆ ସହ ସହ ଜୀ ଏଣ୍ଟରଟେନମେଣ୍ଟର ହେବ ମିଶ୍ରଣ। ସୋନୀ ଗ୍ରୁପର ଭାରତୀୟ ୟୁନିଟ୍ ଦେଶର ସର୍ବ ବୃହତ ଟେଲିଭିଜନ ନେଟୱାର୍କ ଜି ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜର୍ସ କ୍ରୟ ଲାଗି ଏକ ରାଜିନାମା ସ୍ୱାକ୍ଷର କରିଛି। ସଂସ୍ଥାର ପ୍ରମୁଖ ଅଧିକାରୀଙ୍କ ଅପସାରଣ ଲାଗି ଅଂଶୀଦାରଙ୍କ ଆଡୁ ଦାବି ହେବାପରେ ଏହି ପଦକ୍ଷେପ ନିଆଯାଇଛି। ଫଳରେ ସଂସ୍ଥାର ୫୩ ପ୍ରତିଶତ ଅଂଶଧନ ସୋନୀ ଇଣ୍ଡିଆ ମାଲିକାନାକୁ ଆସିଥିବା ବେଳେ ବଳକା ଅଂଶ ସେୟାରଧାରୀଙ୍କ ଅଧୀନରେ ରହିବ ବୋଲି ବୁଧବାର ଏକ ମିଳିତ ବିବୃତ୍ତିରେ କୁହାଯାଇଛି। ସୋନୀର ଏହି ୟୁନିଟ୍‌ରେ ଅଂଶୀଦାରମାନେ ପୁଞ୍ଜିନିବେଶ କରିବେ। ଫଳରେ ମୋଟ ପୁଞ୍ଜିର ପରିମାଣ ୧.୫୮ ବିଲିୟନ ଡଲାରରେ ପହଞ୍ଚିବ। ତେବେ ବୋର୍ଡର ଅଧିକାଂଶ ପଦପଦବୀ ସୋନୀ ହାତରେ ରହିବ। ରାଜିନାମାରେ ଉଭୟ କମ୍ପାନୀଙ୍କୁ ୯୦ ଦିନିଆ ଅବଧି ଦିଆଯାଇଛି। ଏହି ଅବଧି ଉଭୟ କମ୍ପାନୀ ବାଇଣ୍ଡିଂ ଏଗ୍ରିମେଣ୍ଟ ଲାଗି ସ୍ୱତନ୍ତ୍ର ଆଲୋଚନା କରିବେ। ଏହି ସମୟରେ ୟୁନିଟର ନେତୃତ୍ୱ ଜୀ ଏଣ୍ଟରଟେନମେଣ୍ଟର ସିଇଓ ପୁନିତ ଗୋୟଙ୍କା ନେବେ। ଗତ ସପ୍ତାହରେ ଜୀ ନେଟୱାର୍କରେ ୧୭.୯ ପ୍ରତିଶତ ସେୟାରର ମାଲିକ ଇନଭେସ୍କୋ ଡେଭଲପିଙ୍ଗ ମାର୍କେଟ ଫଣ୍ଡ ଏବଂ ଓଏଫଆଇ ଗ୍ଲୋବାଲ ଚାଇନା ଫଣ୍ଡ ଏଲଏଲସି ଗୋୟଙ୍କାଙ୍କ ସମେତ ଅନ୍ୟ ୨ ଜଣଙ୍କ ବହିଷ୍କାର ଲାଗି ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରିଥିଲେ। ଫଳରେ ସଂକଟଗ୍ରସ୍ତ ଜୀରେ ନୂଆ ମୋଡ ଆସିଛି। ୧୯୯୨ରେ ସ୍ଥାପିତ କମ୍ପାନୀରେ ସୁଭାଷ ଚନ୍ଦ୍ରା ଓ ତାଙ୍କ ପରିବାରଙ୍କ କର୍ତ୍ତୃତ୍ୱ ସମାପ୍ତ କରିବା ଲାଗି ନିବେଶକଙ୍କ ଏହା ଏକ ଉଦ୍ୟମ ଥିବାବେଳେ ବୋର୍ଡର ୨ ଜଣ ସଦସ୍ୟ ତତ୍କାଳ ଇସ୍ତଫା ଦେଇଥିଲେ। ମିଡ଼ିଆ ବାଦ୍‌ଶାହା ଏକଦା ଜୀ ରୁପର୍ଟ ମୋଡ୍ରକଙ୍କ ଭାରତୀୟ ଅଂଶୀଦାର ରହିଥିଲା।

## ୨୫ରୁ ଆଇଫୋନ୍ ୧୩ ସିରିଜ୍ ବିକ୍ରି ଆରମ୍ଭ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି)

ଆପଲ୍ ଆଇଫୋନ ୧୩ ସିରିଜ୍‌ର ବିକ୍ରି ସେପ୍ଟେମ୍ବର ୨୫ରୁ ଆରମ୍ଭ ହେବ। ଯେଉଁ ଗ୍ରାହକମାନେ ଏହାକୁ ପ୍ରି-ବୁକ୍ କରିଥିଲେ ସେମାନଙ୍କ ପାଇଁ କମ୍ପାନୀ ୨୪ ସେପ୍ଟେମ୍ବରରୁ ଡେଲିଭରି ଆରମ୍ଭ କରିବ। ତେବେ କଥା ହେଉଛି କମ୍ପାନୀ ଏହି ସିରିଜ୍‌ର ସ୍ମାର୍ଟଫୋନରେ କୌଣସି ଫ୍ଲାଟ ରିଆତି ଦେଉନାହିଁ। ତଥାପି ଏହାକୁ ଆପଣ ୬୦୦୦ ଟଙ୍କା କ୍ୟାସବ୍ୟାକ୍‌ରେ କିଣାଯାଇପାରିବ। ତେବେ ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ ଆଇଫୋନ ୧୨ ଭଳି ରହିବ। ଗତବର୍ଷ ବଜାରକୁ ଆସିଥିବା ଆଇଫୋନ ୧୨ ତୁଳନାରେ ଚଳିତବର୍ଷ ଆସିଥିବା ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ କମ୍ପାନୀ ପରିବର୍ତ୍ତନ କରିନାହିଁ। ଏହା ସତ୍ତ୍ୱେ ବି ଗ୍ରାହକଙ୍କ ପାଇଁ ଆଇଫୋନ ୧୩ ସିରିଜ୍‌ର ଯେକୌଣସି ବି ଫୋନ କିଣିବା ମହଙ୍ଗା ପଡ଼ିବ।

### କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡରେ ପେମେଣ୍ଟ କଲେ କ୍ୟାସବ୍ୟାକ୍

ଆଇଫୋନ ୧୩ ସିରିଜ୍‌ରେ କମ୍ପାନୀ ୪ଟି ମଡେଲ୍‌ର ସ୍ମାର୍ଟଫୋନ ଯଥା- ଆଇଫୋନ





୧୩, ଆଇଫୋନ ୧୩ ମିନି, ଆଇଫୋନ ୧୩ ପ୍ରୋ, ଆଇଫୋନ ୧୩ ପ୍ରୋ ମାକ୍ସ ବଜାରକୁ ଛାଡିଛି। ଏଥିରୁ କୌଣସି ବି ସ୍ମାର୍ଟଫୋନକୁ ଗ୍ରାହକ ୬୦୦୦ ଟଙ୍କା କ୍ୟାସବ୍ୟାକ ସହିତ କିଣିପାରିବେ। ୬୦୦୦ ଟଙ୍କାର କ୍ୟାସବ୍ୟାକ ପାଇଁ ଆପଣଙ୍କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ବ୍ୟବହାର କରିବା ପାଇଁ ପଡ଼ିବ। ଆଇଫୋନ ୧୩ରେ ମିଳୁଥିବା ଏହି କ୍ୟାସବ୍ୟାକ ପ୍ରି-ବୁକ କରୁଥିବା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ। ଏହାର ଶେଷ ତାରିଖ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ଆଇଫୋନ ୧୩ ଓ ଆଇଫୋନ ୧୩ ମିନିର ୧୨୮ ଜିବି ଭାରିଆଣ୍ଟର ଫୋନ ପ୍ରି ବୁକିଙ୍ଗ ପାଇଁ ଉପଲବ୍ଧ ନାହିଁ। କମ୍ପାନୀ ବିକ୍ରି ପାଇଁ ଆଇଫୋନ ୧୩ ପ୍ରୋ ଓ ପ୍ରୋମାକ୍ସକୁ ଉପଲବ୍ଧ କରିଛି। କିନ୍ତୁ ଏହି ଦୁଇଟି ମଡେଲ ବର୍ତ୍ତମାନ ଉପଲବ୍ଧ ନାହିଁ। ଏହି ଦୁଇଟି ଫୋନ ବଜାରକୁ ଆସିବା ପାଇଁ ୫ ରୁ ୬ ସପ୍ତାହ ସମୟ ଲାଗିବ।

## ଏୟାର ଇଣ୍ଡିଆ ସିଏମଡି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ସଚିବ



ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ସରକାର ବୁଧବାର ରାଜୀବ ବନସଲ୍‌ଙ୍କୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ସଚିବ ଭାବେ ନିଯୁକ୍ତ କରିଛନ୍ତି। ବନସଲ୍ ବର୍ତ୍ତମାନ ସରକାରୀ ବିମାନ କମ୍ପାନୀ ଏୟାର ଇଣ୍ଡିଆର ସିଏମ୍‌ଡି ଭାବରେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ସେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ପରାମର୍ଶଦାତା ରହିଥିଲେ। ବନସଲ୍ ପ୍ରଦୀପ ସିଂ ଖରୋଲାଙ୍କ ସ୍ଥାନରେ ସଚିବ ଭାବେ ନିଯୁକ୍ତି ପାଇଛନ୍ତି, ଯେ କି ଚଳିତ ମାସ ଶେଷ ଅବସରରେ ଅବସର ଗ୍ରହଣ କରିବେ। ବନସଲ୍ ନାଗାଲାଣ୍ଡ କ୍ୟାଡରର ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ। ସେ ଏହା ପୂର୍ବରୁ ୨୦୦୬ ରୁ ୨୦୦୮ ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟରେ କାର୍ଯ୍ୟ କରିଥିଲେ।

## ବିନା ଇଣ୍ଟରନେଟ୍‌ରେ କେମିତି କରିବେ ୟୁପିଆଇ ପେମେଣ୍ଟ




ନୂଆଦିଲ୍ଲୀ ୨୨।୯ (ଏଜେନ୍ସି)

ସ୍ମାର୍ଟଫୋନ୍ ୟୁଜର୍ସଙ୍କ ପାଇଁ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିବା ଏବେ ଏକ ସୁବିଧାଜନକ ମାଧ୍ୟମ। ଏହା ଜରିଆରେ ୟୁଜର୍ସ ଯେକୌଣସି ସ୍ଥାନରେ ପାଖରେ ଟଙ୍କା ନ ଥିଲେ ବି ଟଙ୍କା ପୈଠ କରିପାରୁଛନ୍ତି। ୟୁପିଆଇ ପେମେଣ୍ଟ କରିବାକୁ ହେଲେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ଥିବା ଜରୁରୀ। ଅନେକ ସମୟରେ ଇଣ୍ଟରନେଟ ସଂଯୋଗ ନ ଥିଲେ କିମ୍ବା ମନ୍ଥର ଥିଲେ ଅନ୍‌ଲାଇନ୍ ପେମେଣ୍ଟ କରିବା ମୁସ୍କିଲ ହୋଇଯାଏ। ଯଦି କୌଣସି ସମୟରେ ଆପଣ ଏମିତି କିଛି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣଙ୍କୁ କିଛି ଖାସ୍ ଟ୍ରିକ୍ ଜାଣିବାକୁ ହେବ। ଏହି ଟ୍ରିକ୍ ଜରିଆରେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ନ ଥିଲେ ମଧ୍ୟ ଆପଣ ୟୁପିଆଇ ପେମେଣ୍ଟ କରିପାରିବେ।

### *୯୯# ସର୍ଭିସ୍ ମାଧ୍ୟମରେ ୟୁପିଆଇ ପେମେଣ୍ଟ

ୟୁପିଆଇ ପେମେଣ୍ଟ କରିବାକୁ ହେଲେ ସବୁଠୁ ଜରୁରୀ ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ଏବଂ ୟୁପିଆଇ ସହ ଲିଙ୍କ୍ ହୋଇଥିବା ଫୋନ୍ ନମ୍ବର ଦରକାର। ଏହାପରେ ଆପଣଙ୍କ ଫୋନ୍‌ରେ *୯୯# ସର୍ଭିସ୍ ଆକ୍ଟିଭ୍ ଅଛି କି ନାହିଁ ଯାଞ୍ଚ କରିନିଅନ୍ତୁ। *୯୯# ଡାଏଲର କୋଡ୍ ଭାରତରେ ସମସ୍ତ ମୋବାଇଲ୍ ୟୁଜର୍ସଙ୍କ ପାଇଁ ଆରମ୍ଭ କରାଯାଇଥିଲା। ଏହାର ଅର୍ଥ ଆପଣ ୟୁପିଆଇ ଇକୋସିଷ୍ଟମର ଏକ ଅଂଶ।

**ବିନା ଇଣ୍ଟରନେଟ୍‌ରେ କିଭଳି କରିବେ ପେମେଣ୍ଟ**

- ସର୍ବପ୍ରଥମେ ଫୋନ୍‌ରେ *୯୯# ଡାଏଲ କରନ୍ତୁ।
- ଏହାପରେ ଆପଣଙ୍କୁ ଅନେକ ମେନ୍ୟୁ ଦେଖାଯିବ। ଏଥିରେ ଆପଣ ପ୍ରଥମ ମେନ୍ୟୁ (ସେଣ୍ଡ ମନି) ଉପରେ କ୍ଲିକ୍ କରନ୍ତୁ।
- ଯାହାଙ୍କୁ ଟଙ୍କା ପଠାଇବେ ତାଙ୍କର ସବିଶେଷ ତଥ୍ୟ ଦିଅନ୍ତୁ।
- ୟୁପିଆଇ ଆକାଉଣ୍ଟ ସହ ଲିଙ୍କ୍ ନମ୍ବର ଦିଅନ୍ତୁ।
- କେତେ ଟଙ୍କା ପଠାଇବେ ଟାଇପ୍ କରନ୍ତୁ। ପରେ ସେଣ୍ଡ ଉପରେ କ୍ଲିକ୍ କରନ୍ତୁ।
- ଟ୍ରାଞ୍ଜାକ୍ସନ ପୂରା କରିବାକୁ ଆପଣଙ୍କୁ ୟୁପିଆଇ ପିନ୍ ଦେବାକୁ ହେବ।

# ଡଃ ରାଜେନ୍ଦ୍ର ପ୍ରସାଦ ମିଶ୍ର ପାଇବେ ଗଙ୍ଗା ଶରଣ ସିଂହ ପୁରସ୍କାର

ଭୁବନେଶ୍ୱର ୨୨।୯ (ସମିସ): ଆଗ୍ରାସ୍ଥିତ ଭାରତ ସରକାରଙ୍କ ପ୍ରଖ୍ୟାତ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥା 'କେନ୍ଦ୍ରୀୟହିନ୍ଦୀ ସଂସ୍ଥାନ' ୨୦୧୮ ବର୍ଷ ପାଇଁ ସମ୍ମାନଜନକ 'ହିନ୍ଦୀ ସେବୀ ସମ୍ମାନ' ପୁରସ୍କାର ଘୋଷଣା କରିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ହିନ୍ଦୀ ଭାଷାର ବିକାଶ, ପ୍ରଚାର ପ୍ରସାର ଓ ପ୍ରୋତ୍ସାହନ ନିମନ୍ତେ କାର୍ଯ୍ୟରତ ୧୨ଟି ଶ୍ରେଣୀର ୨୬ ଜଣ ବିଦ୍ୱାନ ଲେଖକଲେଖିକାଙ୍କୁ ଏଥିରେ ପୁରସ୍କୃତ କରାଯିବ। ତନ୍ମଧ୍ୟରୁ ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ତଥା ଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଡଃ



ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ 'ଗଙ୍ଗା ଶରଣ ସିଂହ' ପୁରସ୍କାରରେ ସମ୍ମାନିତ କରାଯିବ। ଏହି ସମ୍ମାନ ପ୍ରଦାନ ଅବସରରେ ରାଷ୍ଟ୍ରପତି ତାଙ୍କୁ ନଗଦ ପାଞ୍ଚ ଲକ୍ଷ ଟଙ୍କା ସହ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରିବେ।

ଡଃ ପ୍ରସାଦ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ୧୯୯୬ରୁ ୧୯୯୭ ପର୍ଯ୍ୟନ୍ତ ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ଡଃ ମିଶ୍ର ଏନ୍‌ଟିପିସିର ମହାପ୍ରବନ୍ଧକ(ମାନବସମ୍ବଳ-ରାଜଭାଷା) ଭାବେ ମଧ୍ୟ ସୁଚାରୁରୂପେ କାର୍ଯ୍ୟ ତୁଲାଇଛନ୍ତି। ସେ ବିଶ୍ୱ ହିନ୍ଦୀ ସଚିବାଳୟ ମରିସସ୍ ପକ୍ଷରୁ ପ୍ରକାଶିତ ତ୍ରୟମାସିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ ସମାଚାର' ଓ ବାର୍ଷିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ'ର ସଂପାଦନା ଦାୟିତ୍ୱ ନିର୍ବାହ କରିଛନ୍ତି। ଏହାବାଦ୍ ସେ ୯୭ରୁ ଅଧିକ ଓଡ଼ିଆ ପୁସ୍ତକକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ସାହିତ୍ୟ ଓ ଅନୁବାଦ କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଥିବା ଡଃ ମିଶ୍ରଙ୍କୁ 'ସାହିତ୍ୟଅକାଦେମି', 'ଅଣହିନ୍ଦୀ ଲେଖକ ସମ୍ମାନ', 'ସୌହାର୍ଦ୍ଦ ପୁରସ୍କାର', 'ସଂହତି ପୁରସ୍କାର', 'ସେତୁବନ୍ଧ ପୁରସ୍କାର', 'ବଙ୍କିମ ଚନ୍ଦ୍ର ପୁରସ୍କାର' ପ୍ରଭୃତି ଏକାଧିକ ସମ୍ମାନରେ ସମ୍ମାନିତ କରାଯାଇଛି।

ଉଲ୍ଲେଖନୀୟଯେ ହିନ୍ଦୀ ସେବୀ ସମ୍ମାନ ଯୋଜନା ୧୯୮୯ ମସିହାରୁ ଆରମ୍ଭ ହୋଇଥିଲା। ଉକ୍ତ ଅନୁଷ୍ଠାନ ପ୍ରତିବର୍ଷ ୨୬ ଜଣ ଲେଖକ ଲେଖିକାଙ୍କୁ ଏହି ସମ୍ମାନରେ ସମ୍ମାନିତ କରି ଆସୁଛି।

**ନବୀକରଣ ଯୋଗ୍ୟ ଶକ୍ତି , ଯନ୍ତ୍ରାଂଶ ନିର୍ମାଣ, ପ୍ରସାରଣ ଏବଂ ଆବଣ୍ଟନ**

# ୨୦ ବିଲିୟନ୍ ଡଲାର ନିବେଶ କରିବ ଆଦାନୀ ଗ୍ରୁପ

ଭୁବନେଶ୍ୱର,୨୨।୯ (ସମିସ): ନବୀକରଣ ଯୋଗ୍ୟ ଶକ୍ତି , ଯନ୍ତ୍ରାଂଶ ନିର୍ମାଣ, ପ୍ରସାରଣ ଏବଂ ଆବଣ୍ଟନ କ୍ଷେତ୍ରରେ ଆସନ୍ତା ୧୦ ବର୍ଷରେ ୨୦ ବିଲିୟନ୍ ଡଲାର ନିବେଶ କରିବ ଆଦାନୀ ଗ୍ରୁପ। ଗ୍ରୁପ ଗ୍ରୀନ୍ ଟେକ୍ନୋଲୋଜି କ୍ଷେତ୍ରରେ ରଖିଥିବା ନିଜର ଲକ୍ଷ୍ୟ ସ୍ପଷ୍ଟ କରିବାକୁ ଯାଇ ଜେପି ମୋର୍ଗାନ୍ ଇଣ୍ଡିଆ ନିବେଶକ ସମ୍ମିଳନୀରେ ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀ ଏହା କହିଛନ୍ତି। ଗ୍ରୁପ ୨୦୨୫ ସୁଦ୍ଧା ଗ୍ରୀନ୍ ଟେକ୍ନୋଲୋଜି କ୍ଷେତ୍ରରେ ୭୫ ପ୍ରତିଶତରୁ ଅଧିକ ପୁଞ୍ଜି ବ୍ୟୟ ଲକ୍ଷ୍ୟ ରଖିଛି। ଆସନ୍ତା ୪ବର୍ଷରେ ଗ୍ରୁପ ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରେ ଉତ୍ପାଦନ କ୍ଷମତାକୁ ଦୁଇଗୁଣ କରିବ ବୋଲି କହିଛି। ବିଶ୍ୱର କୌଣସି ବି କମ୍ପାନୀ ଏହି ଭଳି ମାଇଲଖୁଣ୍ଟ ପ୍ରତିଷ୍ଠା କରିପାରିବନାହିଁ। କମ୍ପାନୀ ଏହି ଉତ୍ପାଦନ କ୍ଷମତାକୁ ୨୧ ପ୍ରତିଶତରୁ



୬୩ ପ୍ରତିଶତକୁ ବୃଦ୍ଧି ଘଟାଇଛି। ୨୦୩୦ ସୁଦ୍ଧା ଆଦାନୀ ପ୍ରଥମ ଭାରତୀୟ କମ୍ପାନୀ ଭାବେ ତାହାର ସମସ୍ତ ଡାଟା କେନ୍ଦ୍ରକୁ ନବୀକରଣ ଯୋଗ୍ୟ ଶକ୍ତି ଦ୍ୱାରା ପରିଚାଳିତ କରିବ। ସ୍ମାର୍ଟ ଡାଟା ସେଣ୍ଟର, ଇଣ୍ଡଷ୍ଟ୍ରିଆଲ କ୍ଲାଉଡ୍ ଏବଂ ଆଦାନୀ ଡିଜିଟାଲ ଲ୍ୟାବ୍ ଭଳି କେତେକ ଡିଜିଟାଲ ସମ୍ପର୍କିତ ଉଦ୍ୟୋଗ ଜରିଆରେ ଗ୍ରୁପ ଦେଶରେ ଡିଜିଟାଲ କ୍ଷେତ୍ରକୁ ପ୍ରୋତ୍ସାହିତ କରୁଥିବା ସେ କହିଛନ୍ତି। ଭାରତ କୋଭିଡ୍ ମହାମାରୀର ସବୁଠାରୁ ଖରାପ ସମୟ ମୁକାବିଲା କରିଛି। ଭାରତ ଯେଉଁଭଳି ଭାବେ ଏହାର ଟିକାକରଣ କାର୍ଯ୍ୟକ୍ରମକୁ ଆଗେଇ ନେଇଛି ତାହା ଅତୁଳନୀୟ ବୋଲି ଆଦାନୀ କହିଛନ୍ତି।

# ଶିକ୍ଷୟିତ୍ରୀଙ୍କ ଗଳାକାଟି ହତ୍ୟା ଉଦ୍ୟମ; ସ୍ୱାମୀ ଅଟକ

ବଲାଙ୍ଗିର,୨୨।୯ (ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ ଦୁର୍ଗାପାଲି ଗାଁରେ ଜଣେ ଶିକ୍ଷୟିତ୍ରୀଙ୍କୁ ଗଳାକାଟି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଜଣକ ଦୁର୍ଗାପାଲି ସରକାରୀ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସଞ୍ଜୁରାଣୀ ଦେବତା ବୋଲି ଜଣାପଡ଼ିଛି। ତାଙ୍କୁ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଯୌତୁକ ନିର୍ଯାତନା ଦେଇ ତାଙ୍କ ସ୍ୱାମୀ ଏଭଳି କାଣ୍ଡ ଭିଆଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଅଭିଯୁକ୍ତ ସ୍ୱାମୀ ପ୍ରଦୀପ ପଣ୍ଡା ଟିଟିଲାଗଡ଼ସ୍ଥିତ ସିଲୁଁଆ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଥିବା ସୂଚନା ମିଳିଛି।



ସୂଚନା ଅନୁସାରେ ସଞ୍ଜୁ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ବଣ୍ଡାବାହାଲ ଗାଁର ପ୍ରଦୀପ ପଣ୍ଡାଙ୍କୁ ଏକ ବର୍ଷ ତଳେ ବିବାହ କରିଥିଲେ। ତେବେ ସେ କମ୍ ଯୌତୁକ ଆଣିଥିବା ଯୋଗୁଁ ବିବାହର ମାତ୍ର ୫ ଦିନ ପରେ ପ୍ରଦୀପ ତାଙ୍କୁ ମାଡ ମାରିଥିଲେ। ବିବାହର ଏକ ବର୍ଷ ମଧ୍ୟରେ ସବୁବେଳେ ତାଙ୍କ ସହିତ ଝଗଡ଼ା କରିବାରୁ ସେ ତାଙ୍କ ସ୍ୱାମୀଙ୍କୁ ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ତାଙ୍କ ସ୍କୁଲ ନିକଟରେ ଏକ ଭଡା ଘର ନେଇ ରହୁଥିଲେ। ଅଲଗା ରହିବା ଦିନଠାରୁ ତାଙ୍କ ସ୍ୱାମୀ ତାଙ୍କୁ ହତ୍ୟା ଧମକ ଦେଉଥିବା ସେ କହିଛନ୍ତି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରଦୀପ ଦୁର୍ଗାପାଲି ସ୍କୁଲକୁ ଆସି ସଞ୍ଜୁଙ୍କୁ ସାକ୍ଷାତ କରିବାକୁ କହିଥିଲେ। ସଞ୍ଜୁ କଥା ହେବାକୁ ମନା କରିବାରୁ ଏକ ଧାରୁଆ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରଦୀପ ତାଙ୍କ ଗଳା କାଟି ହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ କୌଶଳକ୍ରମେ ସେ ଖସି ପଳାଇଆସିଥିଲେ। ତାଙ୍କ ଗଳାରେ କ୍ଷତ ହୋଇଥିଲା। ପରେ ଗ୍ରାମବାସୀ ପ୍ରଦୀପଙ୍କୁ କାବୁ କରି ପୁଇଁତଳା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ପ୍ରଦୀପଙ୍କୁ ଥାନା ଅଟକ ରଖିଛି। ତେବେ ଏହାକୁ ଯୌତୁକଜନିତ ହତ୍ୟା ଉଦ୍ୟମ ହୋଇଥିବାରୁ ତାଙ୍କ ସ୍ୱାମୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

■ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି

# ବେତନଟୀ ଷ୍ଟେସନରେ ୩ ଘଣ୍ଟା ଅଟକିଲା ଡିଏମୟୁ



ବେତନଟୀ,୨୨।୯ (ସମିସ): ଯାନ୍ତ୍ରିକ ତ୍ରୁଟି ଯୋଗୁ ବୁଧବାର ବେତନଟୀ ରେଳ ଷ୍ଟେସନରେ ୩ ଘଣ୍ଟା ଅଟକିଗଲା ବାଙ୍ଗିରିପୋଷି -ରୁପ୍ସା ମଧ୍ୟରେ ଚଳାଚଳ କରୁଥିବା ଡିଏମୟୁ ଟ୍ରେନ। ଧାର୍ଯ୍ୟ ସମୟ ଅନୁସାରେ ବୁଧବାର ଅପରାହ୍ନ ୧ଟା ୪୫ରେ ରୁପ୍ସା ଯିବାପାଇଁ ବେତନଟୀ ଷ୍ଟେସନରେ ପହଞ୍ଚିଥିଲା ଏହି ଡ଼ିଏମୟୁ ଟ୍ରେନ, ମାତ୍ର ଇଞ୍ଜିନରେ କୌଣସି ଯାନ୍ତ୍ରିକ ସମସ୍ୟା ପାଇଁ ଷ୍ଟାର୍ଟ ବନ୍ଦ ହୋଇଯିବା ସହିତ ଟ୍ରେନ ୩ଘଣ୍ଟାରୁ ଅଧିକ ସମୟ ଧରି ବେତନଟୀ ଷ୍ଟେସନରେ ଅଟକି ରହିଥିଲା। ଯଦ୍ୱାରା ଶତାଧିକ ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିଛି ଯାତ୍ରୀ ଅଟୋ ଏବଂ ବସ ଯୋଗେ ଯାଇଥିବା ବେଳେ ଅଧିକାଂଶ ଯାତ୍ରୀ ବେତନଟୀ ଷ୍ଟେସନରେ ଅଟକି ରହିଥିଲେ। ତେବେ ୩ଘଣ୍ଟା ଧରି ମରାମତି ପରେ ଅପରାହ୍ନ ୪ଟା ୪୮ରେ ଡ଼ିଏମୟୁ ଟ୍ରେନ ନିଜର ଲକ୍ଷ୍ୟସ୍ଥଳ ରୁପ୍ସା ଅଭିମୁଖେ ଯାତ୍ରା କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା' ଓ ଦୁଇ...

କୌଣସି ଶବ୍ଦ ଆସି ନଥିଲା। ବାହାର କବାଟ ଖୋଲା ଥିବା ବେଳେ କ୍ଷୀର ନେବାକୁ କେହି ନ ଆସିବାରୁ ସନ୍ଦେହରେ ସେ ଘର ଭିତରକୁ ଦେଖିଥିଲେ। ଘର ଚଟାଣରେ ୩ ଜଣଙ୍କ ମୃତ ଶରୀର ଦେଖି ସେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଘରେ ନାରାୟଣ ନ ଥିବାବେଳେ ମା' ଓ ୨ ଝିଅଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ବ୍ରଜରାଜନଗର ଆଇଆଇସି ବୈକୁଣ୍ଠ ସେଠ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖବରପାଇ ଝାରସୁଗୁଡ଼ା ଏସ୍‌ପି ବିକାଶ କୁମାର ଦାଶ, ଅତିରିକ୍ତ ଏସ୍‌ପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ସାଇଣ୍ଟିଫିକ୍ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ୩ ମୃତ ଶରୀରକୁ ଆଜି ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଉଛି। ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ଫେରାର୍ ଥିବାରୁ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ତଦନ୍ତକାରୀ ଥାନା ଆଇଆଇସି ଶ୍ରୀ ସେଠ୍ କହିଛନ୍ତି। ଅନ୍ୟପକ୍ଷ୍ୟରେ ମୃତ ମହିଳାଙ୍କ ମା' ସଙ୍ଗୀତା ମୁଣ୍ଡା କହିଛନ୍ତି ପରିବାର ଲୋକେ ଚକ୍ରାନ୍ତ କରି ତାଙ୍କ ଝିଅକୁ ମାରି ଦେଇଛନ୍ତି। ବିଭିନ୍ନ ସମୟରେ ସ୍ୱାମୀ ଓ ଦିଅର ତାଙ୍କ ଝିଅକୁ ନିର୍ଯ୍ୟାତନା ଦେଉଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ପୂର୍ବରୁ ମୃତ ମହିଳାଙ୍କୁ ତାଙ୍କ ଦିଅର ଦୁଷ୍କର୍ମ ଉଦ୍ୟମ କରି ଗିରଫ ହୋଇଥିଲେ। ୩ ମାସରୁ ଊର୍ଦ୍ଧ୍ୱ ହେବ ସେ ଖଲାସ ହୋଇ ଘରକୁ ଫେରିଥିଲେ।

### କୂଳ ଲଂଘିଲା...

ବନ୍ୟାଞ୍ଚଳ ଗସ୍ତ କରିଛନ୍ତି। ବନ୍ୟା ମୁକାବିଲା ପାଇଁ ବିଡିଓ ଏବଂ ତହସିଲଦାରଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବସ୍ତାରେ ଅଗ୍ନିଶମ ଓ ଓଡ୍ରାଫର ଏକାଧିକ ଟିମକୁ ନିୟୋଜିତ କରାଯାଇଛି। ପାଣିଘେରରେ ରହିଥିବା ଲୋକଙ୍କୁ ଓଡ୍ରାଫ ଓ ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଦଳ ଦ୍ୱାରା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଜଳକା ବନ୍ୟା ଯୋଗୁଁ ବସ୍ତା ଓ ସଦର ବ୍ଲକର ପତ୍ରଝଡ଼ା, ସଦାନନ୍ଦପୁର, ବ୍ରହ୍ମଣଦା, ରସୁଲପୁର, ଶ୍ରୀରାମପୁର ଆଦି ପଞ୍ଚାୟତ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ସଦାନନ୍ଦପୁର ପଞ୍ଚାୟତର ବିଭିନ୍ନ ଗାଁରେ ବହୁ କଚ୍ଚା ଘର ଧରାଶାୟୀ ହୋଇଛି। ସେହିପରି ଖରସ୍ରୋତା ସୁବର୍ଣ୍ଣରେଖା ବନ୍ୟା ସ୍ଥିତି ନିୟନ୍ତ୍ରଣକୁ ଆସୁଥିବା ବେଳେ ନଦୀର ଉପର ମୁଣ୍ଡ ବର୍ଷା ସହ ଗାଲୁଡିହି ବ୍ୟାରେଜରୁ ପାଣି ନିଷ୍କାସନ ଯୋଗୁଁ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

ଗତକାଲି ସକାଳ ୮ ଠାରୁ ଆଜି ସକାଳ ୮ ଟା ମଧ୍ୟରେ ଅର୍ଥାତ ଏହି ୨୪ ଘଣ୍ଟାରେ ଜାମସେଦପୁର ରେ ୪୪.୨ ଏମଏମ, ଫେକଘାଟରେ ୧୯୨.୨ ଏମଏମ, ଘାଟଶୀଳାରେ ୫୪.୦ ଏମଏମ, ଜାମଶୋଲା ଘାଟରେ ୧୫୭.୬ ଏମଏମ ଓ ରାଜଘାଟ ରେ ୩.୨ ଏମଏମ ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ଗତକାଲି ମଧ୍ୟାହ୍ନରେ ଗାଲୁଡିହି ବ୍ୟାରେଜ ୧୦୦୦ କ୍ୟୁମେକ ପାଣି ନଦୀକୁ ନିଷ୍କାସିତ କରିଥିବା ବେଳେ ପୁଣି ପ୍ରବଳ ବର୍ଷା ଯୋଗୁଁ ସୁବର୍ଣ୍ଣରେଖାର ଜଳପତ୍ତନ ଆଜି ଅକସ୍ମାତ ବୃଦ୍ଧି ପାଇବାରେ ଲାଗିଛି।ରାଜଘାଟ ରେଳବାଇ ପୋଲ ନିକଟରେ ନଦୀର ଜଳପତ୍ତନ ଅପରାହ୍ନ ୩ ଟା ସୁଦ୍ଧା ସତର୍କ ସଙ୍କେତ ଉପରେ ଅର୍ଥାତ ୯.୯୧ ମିଟରରେ ପ୍ରବାହିତ ହେଉଛି।ଗାଲୁଡିହି ବ୍ୟାରେଜର ସମସ୍ତ ଗେଟ୍‌କୁ ବନ୍ଦ କରାଯାଇଥିବା ବେଳେ ଆଗକୁ ଯଦି ବର୍ଷା ନ ହୁଏ ତେବେ ସୁବର୍ଣ୍ଣରେଖା ବନ୍ୟା ସ୍ଥିତି ନିୟନ୍ତ୍ରଣରେ ରହିବ ବୋଲି ଜଳସେଚନ ବିଭାଗ ତରଫରୁ କୁହାଯାଇଛି। ବୁଢ଼ାବଳଙ୍ଗ ନଦୀର ଜଳପତ୍ତନ ମଧ୍ୟ ଫୁଲୁଛି। ବୁଢ଼ାବଳଙ୍ଗ ନଦୀର ଅବବାହିକା ବାଲିମୁଣ୍ଡାଳୀରେ ୪୪ ଏମଏମ, ବାରିପଦାରେ ୨୦.୬ ଏମଏମ, ଜୟପୁର ରେ ୩୧.୬ ଏମଏମ, ଏନଏଚ-୫ ରେ ୬ ଏମଏମ ଓ ବାଲେଶ୍ୱରରେ ୭.୦ ଏମଏମ ବର୍ଷା ହୋଇଛି ବୋଲି ସରକାରୀ ଭାବେ କୁହାଯାଇଛି। ଏନଏଚ-୫ ଠାରେ ନଦୀର ବିପଦ ସଙ୍କେତ ୮.୧୩ ଥିବାବେଳେ ଅପରାହ୍ନ ୨ଟା ସୁଦ୍ଧା ୬ ମିଟରରେ ନଦୀ ପ୍ରବାହିତ ହେଉଛି।

### ବଲାଙ୍ଗିରରେ ବିକାଶର...

ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିଛନ୍ତି। ଏହି ସ୍ୱାସ୍ଥ୍ୟ କାର୍ଡ଼ ଯୋଗୁଁ ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ସିଧାସଳଖ ଭାବେ ଉପକୃତ ହେବେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ୨୦୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୫୯୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ସେହିପରି ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ହରିଶଙ୍କର ପୀଠର ବିକାଶ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ରଖିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଭିଙ୍କୁ ନୂଆଖାଇ ଜୁହାର କରିବା ସହ ବଲାଙ୍ଗୀର ଗସ୍ତ କରିଥିବାରୁ ନିଜର ଆନନ୍ଦବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ସ୍ମାର୍ଟ ହେଲ୍‌ଥ କାର୍ଡର ବ୍ୟବସ୍ଥା ସାଧାରଣ ଲୋକଙ୍କର ଚିକିତ୍ସା ବ୍ୟବସ୍ଥାରେ ରୂପାନ୍ତର ଆଣିପାରିବ। ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ

କଲ୍ୟାଣ ଯୋଜନାକୁ ନୂଆ ରୂପରେ କାର୍ଯ୍ୟକାରୀ କରାଯାଇ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ସବୁ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ଦିଆଯାଉଛି। ଏଭଳି ବ୍ୟବସ୍ଥା କରିବାରେ ଓଡ଼ିଶା ସାରା ଦେଶର ଏକମାତ୍ର ରାଜ୍ୟ। ସମଗ୍ର ଓଡ଼ିଶାରେ ୯୬ ଲକ୍ଷ ପରିବାର ଏହି ସୁବିଧା ପାଉଥିବା ବେଳେ, ବଲାଙ୍ଗୀର ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଡ ପାଖରେ ରହିଲେ, ଚିକିତ୍ସା ପାଇଁ କୌଣସି ଡକୁମେଣ୍ଟ ଦରକାର ନାହିଁ। କେବଳ କାର୍ଡଟିକୁ ନେଇ ଲୋକମାନେ ଦେଶର ୨୦୦ ବଡ ବଡ ହସପିଟାଲରେ ବିନା ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ପାଇପାରିବେ। ପରିବାର ପାଇଁ ବର୍ଷକୁ ୫ ଲକ୍ଷ ଟଙ୍କା ଏବଂ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ। ଚିକିତ୍ସା ପାଇଁ କିଏ ସୁନା ବିକେ, କିଏ ଶଙ୍ଖା। ସେଥିପାଇଁ ମତେ ବହୁତ ଦୁଃଖ ଲାଗେ। ଏହି ଦୁଃଖ ଦୂର କରିବାରେ ଏହି କାର୍ଡ ସାହାଯ୍ୟ କରିବ। ସଞ୍ଚୟ କରିଥିବା ଟଙ୍କା ପରିବାରର ବିକାଶ ଓ ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ କରିପାରିବେ। ଟଙ୍କା ପାଇଁ କେହି ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ। ପ୍ରତିଟି ଜୀବନ ତାଙ୍କ ପାଇଁ ମୂଲ୍ୟବାନ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମସ୍ତେ ସୁସ୍ଥରେ ରହିଲେ ହିଁ ରାଜ୍ୟର ପ୍ରଗତି ହୋଇପାରିବ।

ମୁଖ୍ୟମନ୍ତ୍ରୀ ପ୍ରଥମେ ଟିଟିଲାଗଡ଼ ଗସ୍ତ କରି ସେଠାରେ ଅନେକ ନୂଆ ପ୍ରକଳ୍ପ ଆରମ୍ଭ କରିଥିଲେ। ଟିଟିଲାଗଡ଼-ସଇଁତଳା ବ୍ଲକରେ ସମ୍ପୂର୍ଣ୍ଣ ହୋଇଥିବା ପାଇପ ପାଣି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଟିଟିଲାଗଡ଼ ଟାଉନ୍‌କୁ ସବୁ ଘରକୁ ପାଇପ ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିଥିଲେ। ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ମଧ୍ୟରେ ପ୍ରସିଦ୍ଧ ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହରିଶଙ୍କର ପୀଠ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର ଓ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ। ଏଠାକୁ ଆସୁଥିବା ଭକ୍ତମାନଙ୍କୁ ଏକ ସୁନ୍ଦର, ଆଧ୍ୟାତ୍ମିକ ଅନୁଭୂତି ଦେବା ପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ପୀଠର ବିକାଶ କରାଯାଉଛି। ଏହାଦ୍ୱାରା ଏ ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ପ୍ରଚାର ପ୍ରସାର ବୃଦ୍ଧି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଗସ୍ତ କରି ସେଠାରେ ମଧ୍ୟ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ଆମ ସବୁ ବିକାଶର ମୂଳଦୂଆ। ସେଥିପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ଦୁଇଟି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସହିତ ସବୁ ସରକାରୀ ହସ୍‌ପିଟାଲରେ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। '୫-ଟି'ରେ ରାଜ୍ୟର ସ୍କୁଲ ଗୁଡିକର ରୂପାନ୍ତର କରାଯାଉଛି ଓ ପ୍ରଥମ ପର୍ଯ୍ୟାୟରେ ୧୦୭୨ଟି ସ୍କୁଲର ରୂପାନ୍ତର କରାଯାଉଛି ବୋଲି ସେ କହିଥିଲେ।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସନ୍ଥ ଭୀମଭୋଇ ମେଡିକାଲ କଲେଜ ପରେ ଏହା ହେଉଛି ଜିଲ୍ଲାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଏହାକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟର ବିକାଶରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହଯୋଗ କାମନା କରି ଏହାଦ୍ୱାରା ବିକାଶ ଓ ସେବା ପାଇଁ ତାଙ୍କର ସଂକଳ୍ପ ଆହୁରି ମଜବୁତ ହେବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ସଦସ୍ୟ ବିକ୍ରମ କେଶରୀ ଆରୁଖ, ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ସୁଶାନ୍ତ ସିଂ, ନବ ଦାସ, ଟୁକୁନି ସାହୁ ଦିବ୍ୟଶଙ୍କର ମିଶ୍ର, ସାଂସଦ ସଙ୍ଗୀତା ସିହଦେଓ, ବିଧାୟକ ନରସିଂହ ମିଶ୍ର, ସରୋଜ ମେହେର, ସନ୍ତୋଷ ସିଂ ସାଲୁଜା, ମୁକେଶ ମହାଲିଙ୍ଗ, ଓଟିଡିସିର ଅଧ୍ୟକ୍ଷା ଶ୍ରମତୀ ଶ୍ରୀମୟୀ ମିଶ୍ର ଏବଂ ଅନେକ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

### ୨୪ରେ ସୃଷ୍ଟି ହେବ...

ଆଶଙ୍କା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ନଦୀଗୁଡ଼ିକରେ ଜଳସ୍ତର ହ୍ରାସ ପାଇ ନ ଥିବା ବେଳେ ପୁଣି ଏକ ଲଘୁଚାପ ବନ୍ୟା ଆଶଙ୍କା ବଢ଼ାଇବ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ଥିବା ଲଘୁଚାପ ଝାଡ଼ଖଣ୍ଡକୁ ଚାଲିଯାଇଥିବାରୁ ଗୁରୁବାର ଓ ଶୁକ୍ରବାର ପାଇଁ ରାଜ୍ୟର କୌଣସି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇ ନାହିଁ। କିନ୍ତୁ ୨୪ ତାରିଖ ଲଘୁଚାପ ଯୋଗୁଁ ପୁଣି ବର୍ଷା ଥିବାରୁ ୨୫ ତାରିଖଠାରୁ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି ଯେ ମ୍ୟାଁମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ଏହା ପ୍ରଭାବରେ ଉତ୍ତରପୂର୍ବ ତତସଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରେ ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହେବ। ୪୮ ଘଣ୍ଟା ମଧ୍ୟରେ ଏହା ଓଡ଼ିଶା ଉପକୂଳକୁ ଗତି କରିବାର ସମ୍ଭାବନା ଥିବାରୁ ରାଜ୍ୟରେ ଏହାର ପ୍ରଭାବ ବଢ଼ିବ।

୨୫ ତାରିଖଠାରୁ ଏହାର ପ୍ରଭାବ ଓଡ଼ିଶା ଉପରେ ଥିବା ବେଳେ ସେହିଦିନ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ସେହିପରି ଏହି ଜିଲ୍ଲାଗୁଡ଼ିକ ସମେତ କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବ। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୪୭ ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୩୬ ମିମି ବର୍ଷା ରେକର୍ଡ କରାଯାଇଛି। ବାରିପଦାରେ ମଧ୍ୟ ୧୭ ମିମି ବର୍ଷା ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ବଲାଙ୍ଗିର ଗସ୍ତ ଅବସରରେ ଶ୍ରୀ ସାଲୁଜା କହିଛନ୍ତି ଯେ ଆୟୁଷ୍ମାନ ଯୋଜନା ପରିବର୍ତ୍ତେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେଉଁ ସ୍ମାର୍ଟ କାର୍ଡ଼ ବାଣ୍ଟୁଛନ୍ତି ତାହା ସାଧାରଣ ଲୋକଙ୍କ କାମରେ ଆସିବ। ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରାଯିବାର କୌଣସି ଆବଶ୍ୟକତା ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ଅବସରରେ ଶ୍ରୀ ସାଲୁଜା ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷରେ ଅନ୍ୟତମ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା ନିମନ୍ତେ ସରକାର ଯେଉଁ ରୂପରେଖ ପ୍ରସ୍ତୁତ କରିଛନ୍ତି ତାହା ଠିକ୍ ବାଟରେ ଚାଲିଲେ ଯୋଜନା ସଫଳ ହେବ। ମୁଖ୍ୟମନ୍ତ୍ରୀ ଆମ ଅଞ୍ଚଳର ବିକାଶ ପାଇଁ ଆସିଛନ୍ତି ବୋଲି ଉଲ୍ଲେଖ କରି ନରସିଂହ ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଦାବି କରିଛନ୍ତି।

### ମଉଳିଯିବ କି ଶୀତଳାପଲ୍ଲୀ...

ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏଠାରେ କହିଛନ୍ତି। ତେଣୁ ଦୀର୍ଘଦିନ ଧରି ଏହି ଯାଗା ଖାଲିରେ ପଡ଼ିରହିଛି। ବର୍ତ୍ତମାନ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଏହି ସ୍ଥାନରେ ବିକଳ୍ପ କିଛି କରିବା ପାଇଁ ଚିନ୍ତା କରାଯାଉଛି। ମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବାରୁ ରାଜ୍ୟର ବିକାଶକୁ ସେ ପ୍ରାଥମିକତା ଦେଇଛନ୍ତି ବୋଲି ମହାପ୍ରବନ୍ଧକ କହିଛନ୍ତି। ବର୍ତ୍ତମାନ ଏଠାକୁ ଆସି ପରିଦର୍ଶନ କରିବା ପରେ ଶୀତଳାପଲ୍ଲୀରେ କ'ଣ ସୁବିଧା କରାଯାଇପାରିବ ସେ ଉପରେ ପରବର୍ତ୍ତୀ ସମୟରେ ଚିନ୍ତା କରାଯିବ। ରେଳ ବିଭାଗର କିଛି ଯଦି ଫେକ୍ଟ୍ରି ହେଉ ଅଥବା ଯେଉଁ ସାମଗ୍ରୀ ଗୁଡ଼ିକ ରେଳ ବିଭାଗ ବିଭିନ୍ନ ଘରୋଇ କମ୍ପାନୀ ମାନଙ୍କଠାରୁ କ୍ରୟ କରୁଛି ସେଗୁଡ଼ିକ ଉପରେ ପ୍ରାଧାନ୍ୟ ଦିଆଯିବ। ଏଠାକୁ ଯେ କୌଣସି କମ୍ପାନୀକୁ ଆମନ୍ତ୍ରଣ କରି ଫେକ୍ଟ୍ରି ବସାଇବାକୁ ଚେଷ୍ଟା କରାଯିବ ଓ ସେଥିରୁ ତିଆରି ସାମଗ୍ରୀ ରେଳ ବିଭାଗ କ୍ରୟ କରିବ। ବର୍ତ୍ତମାନ ଏଠାରେ କ'ଣ କରାଗଲେ ସ୍ଥାନୀୟ ବାସିନ୍ଦାକୁ ଜୀବିକା ମିଳିପାରିବ ସେ ଉପରେ ଗୁରୁତ୍ୱ ଦିଆଯିବ। ଏଠାରେ ଫେକ୍ଟ୍ରି ହେଲେ ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରିବେ। ଏହି ଇଲାକାରେ କୃଷିକୁ ଅଧିକା ପ୍ରାଧାନ୍ୟ ଦିଆଯାଉଛି। ଉଦ୍ୟୋଗ ଗଢିଉଠିଲେ ଗାଁ ଲୋକେ ନିକଟରେ ଜୀବିକା ପାଇପାରିବେ। ବର୍ତ୍ତମାନ ଏଠାରେ ୯୯ ଏକର ଯାଗା ସରକାରଙ୍କ ଅଧୀନରେ ରହିଛି। ଏଥିପାଇଁ ଲ୍ୟାଣ୍ଡମାର୍କ ପ୍ରକ୍ରିୟା ସରିବା ସହ ରେଳ ବିଭାଗକୁ ଦିଆଯାଇଛି। ଏଥିନିମନ୍ତେ ପେପର ୱାର୍କ ବାକି ରହିଛି। ୱାଗନ୍ ଫେକ୍ଟ୍ରି ହେବାର ସମ୍ଭାବନା କମ୍ ରହିଥିବା ବେଳେ ମେଣ୍ଟେନାନ୍ସ ଫେକ୍ଟ୍ରି ଅଥବା ଗୁଡ୍‌ସ୍ କାରଖାନା ତିଆରି ପାଇଁ ଯୋଜନା କରାଯାଉଛି ବୋଲି ବିଦ୍ୟାଭୂଷଣ କହିଛନ୍ତି। ରେଳ ବିଭାଗର କମ୍ପନେଣ୍ଟ ପାଇଁ ମଧ୍ୟ ଚିନ୍ତା କରାଯିବା ସହ ଏଠାରେ କେଉଁ କାରଖାନା ହେବ ଆସନ୍ତା ୬ମାସ ମଧ୍ୟରେ ଜଣାପଡ଼ିବ ବୋଲି ମହାପ୍ରବନ୍ଧକ କହିଛନ୍ତି। ଏହି ଇଲାକା ଉପରେ ରେଳମନ୍ତ୍ରୀଙ୍କ ସ୍ୱତନ୍ତ୍ର ଧ୍ୟାନ ରହିଛି। ଏଠାରେ ଭଲ ପ୍ରକଳ୍ପ କରିବାକୁ ଯୋଜନା ମଧ୍ୟ ରହିଛି। ଜଗନ୍ନାଥପୁର ଷ୍ଟେସନଠାରୁ ଏହା ୪ କିମି ଦୂରରେ ଅଛି। ରେଳଧାରଣା ଏଠାକୁ ସଂଯୋଗ କରିବାରେ କିଛି ଅସୁବିଧା ହେବ ନାହିଁ। ବିକାଶକୁ ଲକ୍ଷ୍ୟ ରଖି ରାଜ୍ୟ ସରକାର ଭଲ ଜାଗା ଚିହ୍ନଟ କରିଛନ୍ତି। ଯେ କୌଣସି ପ୍ରକଳ୍ପ ଏଠାରେ ହେବ ପ୍ରଥମେ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ସେ କହିଛନ୍ତି। ଆସନ୍ତା ୨୦୨୪ ମସିହା ମାର୍ଚ୍ଚ ମାସ ଭିତରେ ଏଠାରେ ଯେ କୌଣସି ପ୍ରକଳ୍ପ ହେବାର ଥୟ ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏଠାରେ କହିଥିଲେ। ତେବେ ଏଠାରେ କେଉଁ ପ୍ରକଳ୍ପ ତାହା ଆଗାମୀ ୬ମାସ ମଧ୍ୟରେ ଜଣାପଡ଼ିବାକୁ ଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଛି। ଟାଟା ବିସ୍ଥାପିତଙ୍କୁ ଶୀତଳାପଲ୍ଲୀ ଇଲାକାରେ ଥଇଥାନ୍ କରାଯାଇଛି। ବହୁଦିନରୁ ଏହି ଜାଗା ପଡ଼ିଥିବା ବେଳେ ସ୍ଥାନୀୟ ଯେ କୌଣସି ପ୍ରକଳ୍ପ ହେଲେ ସ୍ଥାନୀୟ ଲୋକଙ୍କ ରୋଜଗାର ଉପରେ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦୀର୍ଘଦିନ ହେବ ଏହି ଜମି ସରକାରଙ୍କ ଅଧିନରେ ପତିତ କିସମରେ ରହିଛ। ମହାପ୍ରବନ୍ଧଙ୍କ ଏହି ଗସ୍ତରେ ଖୋର୍ଦ୍ଧାରୋଡ ଡିଭିଜିନାଲ୍ ରେଳ ପ୍ରବନ୍ଧକ ରିଙ୍କେଶ ରାୟ, ପିସିଓଏମ୍ ପିକେ ଜେନା, ପିସିଇ ଏନ୍‌ଏସ୍ ଉକେଙ୍କ ସହବହୁ ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସହ ରାଜସ୍ୱ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।


**AFFIDAVIT**

By virtue of an affidavit sworn before the Notary Public, Bhubaneswar, in consequence upon my marriage with Binay Charan Dixit, I, Urmila Debi, has changed my surname from Debi to Dixit. Henceforth, I shall be known as **Urmila Dixit** for all purposes.

**AFFIDAVIT**

By an affidavit before Notary Public, BBSR dt. 21.09.2021, **I Pratham Priyadarshan Mohapatra,** S/o: Bishnu Charan Mohapatra, At- Darakhapatna, Po- Kalyani Nagar, Ps.- Madhupatna, Dist.- Cuttack declared that first name of my son has changed **Debansu Mohapatra to Debanshu Mohapatra** for all purposes.

**DISTRICT EDUCATION OFFICE, MALKANGIRI**

**Notification**

Applications are invited for procurement of materials for Girls' Hostel of Odisha Adarsh Vidyalayas Four Nos. of Odisha Adarsh Vidyalayas i.e. 1. Julunibahal of Mathili Block, 2. Gunduriguda of Kudumulugumma Block and 3. Podaghat of Khairput Block and 4. Gandhipally of Malkangiri Block of Malkangiri district. The application forms and guidelines are available in the district website **"www.malkangiri.nic.in.**

Sd/-
District Education Officer,
Malkangiri

OIPR-15016/11/0003/2122 F-145

**ତହସିଲ କାର୍ଯ୍ୟାଳୟ, ବୋଡେନ, ଜିଲ୍ଲା: ନୂଆପଡା**

F-146 ଇସ୍ତାହାର ସଂଖ୍ୟା ୨୫୮୪ / ତାରିଖ ୨୧.୦୯.୨୦୨୧

**ଲଘୁଖଣିଜ ଉତ୍ସ (ପଥରଖାଦାନ) ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ଜମମୁଦ ଟେଣ୍ଡର ଆହ୍ୱାନ**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବୋଡେନ ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ (ପଥରଖାଦାନ) ଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦ ସୂତ୍ରରେ ୫ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି। ଏଥି ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିପାରିବେ। ଟେଣ୍ଡର ଫର୍ମ (ସମସ୍ତ ବିବରଣୀ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ଅନୁଯାୟୀ ନିର୍ଦ୍ଦିଷ୍ଟ ଫର୍ମରେ "M" ଟ. ୨୦୦୦ଙ୍କା ମୂଲ୍ୟରେ ତହସିଲ କାର୍ଯ୍ୟାଳୟ ରୁ ତା.୨୩.୦୯.୨୦୨୧ରିଖ ଠାରୁ ତା.୦୭.୧୦.୨୦୨୧ରିଖ ଘ. ୫.୩୦ଘଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ସମୟରେ ଉପଲବ୍ଧ ହେବ। ଉକ୍ତ ରାଶି ଫେରସ୍ତ ହେବ ନାହିଁ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, ବୋଡେନ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡା ଜିଲ୍ଲା ୱେବସାଇଟ (www.nuapada.nic.in)ରେ ମଧ୍ୟ ଉପଲବ୍ଧ ଅଟେ।

OIPR-24214/11/0002/2122 ସା/- ତହସିଲଦାର, ବୋଡେନ

**JAN SHIKSHAN SANSTHAN-MAYURBHANJ**
(MINISTRY OF SKILL DEVELOPMENT & ENTREPRENEURSHIP, GOVT. OF INDIA)
Skill India

**ADVERTISEMENT**

We are working in the field of Literacy linked vocational skill development training to non/neo literates & rudimentary level education. We are looking for dynamic staff.

| Post | Eligible | Minimum Experience | Openings |
|---|---|---|---|
| Director | Graduate & desirable vocational degree/diploma/experience in skill development sector | 7 years | 1 |
| Programme Officer | Graduate & desirable vocational degree/diploma with experience in skill development sector | 5years | 1 |
| Assistant Project Officer | Graduation or Post graduate (NSQF Level-7) with Experience | 3years | 1 |
| Accountant-Cum-Manager | | 3years | 1 |
| Computer Operator | Intermediate/ Diploma/Graduation | 3Years | 1 |
| Field Assistant-Cum-Clerk | Post Graduation course in information Technology/Computer Science (NSQF Level-5) with Experience | 3years | 1 |
| Driver-Cum-Attendance | School Level Education (NSQF Level-2) | 3years | 1 |

Term and condition: the position shall be filled on contract basis for period of ordinarily not exceeding five years out of which the first year of the first term will be the probation period. Applicant exceeding 55 years may not apply. The board of Management may consider renewal of the contract/extension of the contract period of Director for a further period of five years on expiry of each five year tenure or termination of the scheme whichever is earlier. Outstanding candidates call for interview. Interested candidate apply online by Dt. 27.09.2021 and the shortlisted candidate walk an interview on Dt. 29.09.2021 at 11AM at JSS-Mayurbhanj office.

(*) Trainer required in following sector on contractual basis:

| Sl. No. | Name of Sector | Opening |
|---|---|---|
| 1 | Self Employed Tailor | 2 |
| 2 | Taxi Driver | 1 |
| 3 | Assistant Beauty Therapist | 1 |
| 4 | Beekeeper | 1 |
| 5 | Mushroom Grower (small entrepreneur) | 1 |
| 6 | Electrical Technician | 1 |
| 7 | Jam, Jelly and ketchup Processing Technician | 1 |
| 8 | Bamboo Basket Maker | 1 |
| 9 | Frontline health Worker | 1 |
| 9 | Domestic data entry operator | 1 |
| 10 | Hand Spinning Operator (Traditional Charkha/New Model Charkha/Solar Operated New Model Charkha) | 1 |
| 11 | Field Technician-(Home Appliance) | 1 |

- Candidates have experience on skill development sector.
- Candidates have communication skill on writing and oral.
- Interested candidates have send your Bio-Data form in our Mail Id- jssmayurbhanj@gmail.com and also submit your bio-data in our office Jan Shikshan Sansthan-Mayurbhanj, At Raghunathpur (Near-Tulasi Mandap) , Baripada, Mayurbhanj-757001 (Odisha)

Chairman
Jan Shikshan Sansthan
Mayurbhanj

## ଖବର ଅଳ୍ପରେ

### ମୋବାଇଲ ଛଡ଼ାଇନେଲେ ଦୁର୍ବୃତ୍ତ

**ବିରିଡ଼ି, ୨୨।୯ (ସମିସ):** ବୁଧବାର ଅପରାହ୍ନ ପ୍ରାୟ ୩.୩୦ ମିନିଟ ସମୟରେ ଜାତୀୟ ରାଜପଥ ୫୫ ଥାନା ଛକ ନିକଟରୁ ଜଣେ ସାଇକଲ ଆରୋହୀଙ୍କଠାରୁ ମୋବାଇଲ ଫୋନ ଛଡ଼ାଇ ନେଇ ଦୁର୍ବୃତ୍ତ ଚମ୍ପଟ ମାରିଥିବା ନେଇ ବିରିଡ଼ି ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, କୂଳକଇଜଙ୍ଗା ନୂଆପାରୀ ଗ୍ରାମର ପ୍ରଫୁଲ୍ଲ ଭୋଇ (୨୮) କଟକରୁ କାମ ସାରି ସାଇକଲ ଯୋଗେ ଘରକୁ ଫୋନ୍‌ରେ କଥା ହୋଇ ଆସୁଥିବା ସମୟରେ ହାଜିପୁରଠାରେ ୨ ଜଣ ଯୁବକ କଟକ ଆଡୁ ଏକ ବୁଲେଟରେ ଆସି ମୋବାଇଲକୁ ଛଡ଼ାଇ ନେଇ ଜଗତସିଂହପୁର ଅଭିମୁଖେ ଫେରାର ହୋଇଯାଇଥିଲେ। ପ୍ରଫୁଲ୍ଲ ପରିବାର ଲୋକଙ୍କୁ ଜଣାଇବା ପରେ ବିରିଡ଼ି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ପାଇ ବିରିଡ଼ି ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ଶ୍ରମିକ ସର୍ଦ୍ଦାରଙ୍କ ଅକାଳ ବିୟୋଗ

**ବିରିଡ଼ି, ୨୨।୯ (ସମିସ)** ହାଜିପୁର ଅଞ୍ଚଳରେ ପ୍ରଥମେ ରାଜମିସ୍ତ୍ରୀ କାମ କରି ଶ୍ରମିକ ସର୍ଦ୍ଦାର ପାଲଟିଥିବା ସାଇଲୋ ନୂଆଗାଁ ଗ୍ରାମର ରାକେଶ ମୁଦୁଲି (ଅନାଦି) ଭଡ଼ା ଘରେ ମୃତ୍ୟୁବରଣ କରିଛନ୍ତି। ତାଙ୍କୁ ହୃଦଘାତ ହୋଇଥିଲା ଓ ସଙ୍ଗେ ସଙ୍ଗେ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ସର୍ଚ୍ଚୋଟ, କର୍ମଜୀବୀ ଯୁବକ ଥିଲେ। ସ୍ଥାନୀୟ ଆଖପାଖ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ ରାଜମିସ୍ତ୍ରୀଙ୍କୁ ଦୈନିକ କାମ ଯୋଗାଇ ଦେଉଥିଲେ। ହାଜିପୁର ଅଞ୍ଚଳର ବିଭିନ୍ନ ଧର୍ମାନୁଷ୍ଠାନରେ ସାମିଲ ଥିବାବେଳେ ହାଜିପୁର ବଜାର କମିଟିର ଜଣେ ସକ୍ରିୟ ସଭ୍ୟ ଥିଲେ। ତାଙ୍କ ମୃତ୍ୟୁରେ ହାଜିପୁର ବଜାର କମିଟି ପକ୍ଷରୁ ଗୁରୁବାର ବଜାର ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି।

### ୬ କରୋନା ଆକ୍ରାନ୍ତ ଚିହ୍ନଟ

**କେନ୍ଦ୍ରାପଡ଼ା,୨୨।୯ (ସମିସ):** ବୁଧବାର କେନ୍ଦ୍ରାପଡ଼ା ଜିଲ୍ଲାରେ ୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ କେନ୍ଦ୍ରାପଡ଼ା ବ୍ଲକରେ ୪ଜଣ ଥିବାବେଳେ ମହାକାଳପଡ଼ା ବ୍ଲକରେ ଜଣେ, ମାର୍ଶାଘାଇ ବ୍ଲକରେ ଜଣେ ଥିବା ସୂଚନା ଦିଆଯାଇଛି।

### ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

**କେନ୍ଦ୍ରାପଡ଼ା,୨୨।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟରେ ଯୋଗଦେଇଛନ୍ତି। ଶ୍ରୀ ପଣ୍ଡା ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ଭାବେ କାର୍ଯ୍ୟରତ ଥିଲେ। ଏଠାରେ ଥିବା ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପରିଡ଼ାଙ୍କର ଏଠାରୁ ବଦଳି ହୋଇଯାଇଛି।

### ବିଭୁପ୍ରସାଦ ବ୍ଲକ କଂଗ୍ରେସ ସଭାପତି

**ଡେରାବିଶ,୨୨।୯ (ସମିସ):** ଡେରାବିଶ ବ୍ଲକ କଂଗ୍ରେସର ନୂତନ ସଭାପତି ଭାବେ ବିଭୁପ୍ରସାଦ ଷଡ଼ଙ୍ଗୀଙ୍କୁ ନିଯୁକ୍ତ କରାଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ବିଭୁପ୍ରସାଦଙ୍କ ନିଯୁକ୍ତି ଫଳରେ ବ୍ଲକ ଅଧୀନସ୍ଥ ୨୬ଟି ପଞ୍ଚାୟତର ଯୁବ କଂଗ୍ରେସ୍ କର୍ମୀଙ୍କ ମହଲରେ ଉତ୍ସାହ ଦେଖାଦେଇଛି। ଶ୍ରୀ ଷଡ଼ଙ୍ଗୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ବ୍ଲକର ଯୁବ କଂଗ୍ରେସ ମଜବୁତ୍ ହେବାକୁ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଅବିଭକ୍ତ କଟକ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଜୟନ୍ତ କୁମାର ମହାନ୍ତିଙ୍କ ସମେତ ପ୍ରଶାନ୍ତ ଦାସ, ଅନନ୍ତ ଚରଣ ପାତ୍ର, କୈଳାସ ଚନ୍ଦ୍ର କର, ରଶ୍ମୀରଞ୍ଜନ ପଣ୍ଡା, ରିତାଞ୍ଜଳି ବେହେରା ପ୍ରମୁଖ ବିଭୁପ୍ରସାଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଭୂତମୁଣ୍ଡାଇରେ ଡେଙ୍ଗୁ ଆତଙ୍କ

**କୁଜଙ୍ଗ,୨୨।୯ (ସମିସ):** କୁଜଙ୍ଗ ବ୍ଲକରେ ଗତବର୍ଷ ଭଳି ଚଳିତବର୍ଷ ଡେଙ୍ଗୁ ଆତଙ୍କ ଦେଖାଦେଲାଣି। ଚଳିତ ବର୍ଷ ଉଦ୍‌ବୃତ୍ତବର୍ଷାଜଳ ବ୍ଲକ୍‌ର ବହୁ ଅଞ୍ଚଳରେ ଜମି ରହିଥିବାବେଳେ ଏବେ ଭୂତମୁଣ୍ଡାଇ ପଞ୍ଚାୟତରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ପଞ୍ଚାୟତରେ ବିଭିନ୍ନ ସାହିରେ ପାଣି ଜମି ରହିଥିବାରୁ ମଶା ବଂଶ ବୃଦ୍ଧିରେ ସହାୟକ ହେଉଛି ବୋଲି ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ନାଥ ସ୍ୱାଇଁ, ଭୂତମୁଣ୍ଡାଇ ବଜାରର ପ୍ରାକ୍ତନ ସଭାପତି ସୁରେଶ ଖଟାଇ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତର ବହୁ ଗ୍ରାମରେ ଲୋକେ ଜ୍ୱରରେ ପୀଡ଼ିତ ହେଉଥିବାବେଳେ ସଂଖ୍ୟାଧିକ ଲୋକଙ୍କୁ ଡେଙ୍ଗୁ ହୋଇଥିବା ଅଭିଯୋଗ ହୋଇଛି। ତେବେ ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣେ ମାତ୍ର ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା କୁହାଯାଉଛି। ବାସ୍ତବରେ ବହୁ ରୋଗୀ କଟକ-ଭୁବନେଶ୍ୱରର ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୁରେଶ ଖଟାଇ ଅଭିଯୋଗ କରିଛନ୍ତି। ଏ ବିଷୟରେ ସ୍ୱାସ୍ଥ୍ୟ ବିଭାଗ ଆଗୁଆ ପଦକ୍ଷେପ ସ୍ୱରୂପ ମଶା ବଂଶ ନଷ୍ଟ ପାଇଁ ମଶାଧୂଆଁ, ନାଳରେ ପ୍ରତିଶେଧକ ବ୍ୟବସ୍ଥା ସହ ସଚେତନତା କାର୍ଯ୍ୟକ୍ରମ କଲେ ରୋଗ ଉପରେ ଅଙ୍କୁଶ ଆସିବ ବୋଲି ସାଧାରଣରେ ଦାବି ହୋଇଛି।

### ପଣ୍ଡୁଆରେ ଧାନଜମି ଜଳମଗ୍ନ

**କୁଜଙ୍ଗ,୨୨।୯ (ସମିସ):** କୁଜଙ୍ଗ ବ୍ଲକ ପଣ୍ଡୁଆ, ଗୋରଡ, ବଣିତୋ, ପୋତାନଈ ଆଦି ପଞ୍ଚାୟତରେ ଉଦ୍‌ବୃତ୍ତବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଏଠାରେ ଧାନ ଫସଲ ପଚିଯିବାକୁ ବସିଛି। ବିଶେଷକରି ପଣ୍ଡୁଆ ପଞ୍ଚାୟତର ପରୁଡି ଗ୍ରାମର ଗହିର, ଉପରବିଲ, ଖରିପଡ଼ିଆରେ ପ୍ରାୟ ୧୦୦ ଏକରୁ ଊର୍ଦ୍ଧ୍ୱ ଜମିରେ ଧାନ ଫସଲ ନଷ୍ଟ ହୋଇଯାଇଛି ବୋଲି ସୁଶାନ୍ତ କୁମାର ପରିଡ଼ା, ନିମାଇଁ ଚରଣ ସ୍ୱାଇଁ, ଚିତ୍ତରଞ୍ଜନ ପରିଡ଼ା, ସମାଜସେବୀ ମନୋରଞ୍ଜନ ପରିଡ଼ା ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳର ଜଳ ନିଷ୍କାସନ ପଥ ପୋତି ହୋଇଯାଉଥିବା, ବେଆଇନ ଭାବେ କୋଠାବାଡି ନିର୍ମାଣ, ଜଳ ନିଷ୍କାସନ ପଥ ଜବରଦଖଲ ଯୋଗୁ ଏହି ସମସ୍ୟା ଗୁରୁତର ହେଉଥିବା ଅଭିଯୋଗ ହୋଇଛି।

## ଗହଗାପଟରୁ ହୋଇପାରୁନି ଜଳ ନିଷ୍କାସନ

# ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ

**ମାର୍ଶାଘାଇ,୨୨।୯ (ସମିସ):** ମାର୍ଶାଘାଇ ବ୍ଲକ ପରକୁଳା-ନାରଣପୁର ତ୍ରିକୋଣଭୂମି ଅଞ୍ଚଳରେ ଲୁଣା-ଚିତ୍ରୋତ୍ପଳା ନଦୀବନ୍ଧ ଯୋଜନା ପରେ ଚାଷଜମିରୁ ଜଳନିଷ୍କାସନ ସମସ୍ୟା ଗମ୍ଭୀର ହୋଇଛି। ଫଳରେ ଗହଗାପାଟର ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହେଉଛି। ଏପରିକି ଚାଷଜମିରେ ଜଳଭଣ୍ଡାରର ଭ୍ରମ ସୃଷ୍ଟି କରୁଛି। ଫଳରେ ଗହଗାପାଟରେ ଫସଲହାନୀ ଘଟୁଛି। ମାସ ମାସ ଧରି ଗହଗାପାଟରୁ ଜଳ ନିଷ୍କାସନ ନ ହେବା ଯୋଗୁଁ ହଜାର ହଜାର ହେକ୍ଟର ଚାଷଜମିରୁ ଧାନଫସଲ ବ୍ୟାପକ କ୍ଷତିଗ୍ରସ୍ତ ହେଉଛି। ଫଳରେ ୫ଟି ପଞ୍ଚାୟତ ଚାଷୀଙ୍କ ଭାତହାଣ୍ଡି ଉଜୁଡ଼ିଯାଇଥିବା ଅଭିଯୋଗ ହେଉଛି।



୧୯୭୦ ମସିହା ପୂର୍ବରୁ ଲୁଣା-ଚିତ୍ରୋତ୍ପଳା ତ୍ରିକୋଣଭୂମି ଅଞ୍ଚଳରେ ବନ୍ଧବାଡ଼ ନ ଥିବାରୁ ସାଧାରଣ ଲୋକଙ୍କ ଧନଜୀବନ ନଷ୍ଟ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ନଦୀ ଅବବାହିକାରେ ବସବାସ କରୁଥିବା ଲୋକଙ୍କ ଧନଜୀବନ ସୁରକ୍ଷା ନିମନ୍ତେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ପ୍ରହ୍ଲାଦ ମଲ୍ଲିକଙ୍କ ଉଦ୍ୟମରେ ୧୯୭୨ ମସିହାରେ ନଦୀବନ୍ଧ ଯୋଜନା ହାତକୁ ନିଆଯାଇଥିଲା। ଏହି ନଦୀବନ୍ଧ ହେବା ପରେ ଗହଗାପାଟର ହଜାର ହଜାର ହେକ୍ଟର ଖାଲୁଆ ଚାଷଜମିର ଜଳ ନିଷ୍କାସନ ପ୍ରତି ଦୃଷ୍ଟି ଦିଆଗଲାନାହିଁ। ବାଘୁଣୀନଦୀ ଦେଇ ପାଟଜମିରୁ ଉପରମୁଣ୍ଡର ୪୦କି.ମି ଦୂରରୁ ଆସୁଥିବା ଉଦ୍‌ବୃତ୍ତ ଜଳ ନିଷ୍କାସନ ନିମନ୍ତେ ତ୍ରୁଟିପୂର୍ଣ୍ଣ ଭାବେ ସୁଇସ୍‌ଗେଟ ନିର୍ମାଣ କରାଯାଇଥିବା ଅଭିଯୋଗ ହେଉଛି। ଯଦ୍ୱାରା ଖାଲୁଆ ଚାଷଜମିରୁ ଜଳ ନିଷ୍କାସନ ଲାଗି ରହିବା ଫଳରେ ୫ଟି ପଞ୍ଚାୟତ ପରକୁଳା, ରାଘବପୁର, ବଛରାଇ, ବନ୍ଧକଟା ଓ ଆଖୁଆଦକ୍ଷିଣୀର ଚାଷୀଭାଇଙ୍କ ଗହଗାପାଟରେ ଥିବା ହଜାର ହଜାର ହେକ୍ଟର ଧାନ ଫସଲ ବୁଡ଼ିରହିବାରୁ ବର୍ଷକର ଆହର ଉଜୁଡ଼ିଯାଉଛି।

ଗହଗାପାଟ ଜମିରେ ଚାଷୀଭାଇ ଧାରକରଜ କରି ଅମଳକ୍ଷମ ପୂଜା, ସ୍ୱର୍ଣ୍ଣ, ୧୦୦୯, ୧୦୧୮ ଧାନଚାଷ କରି ସାର, ଔଷଧ ପ୍ରୟୋଗ କରି ଅମଳକୁ ଅପେକ୍ଷା କରିଥିଲେ। ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ପାଟଜମିରୁ ଜଳ ନିଷ୍କାସନ ନିମନ୍ତେ ବାଘୁଣୀ ଉପରେ ଥିବା ସୁଇସ୍‌ଗେଟ କବାଟ ବନ୍ଦ ରହିଛି। ଫଳରେ ଗହଗାପାଟରୁ ଜଳ ନିଷ୍କାସନ ହୋଇପାରୁନି। ୨ ସପ୍ତାହ ଧରି ଚାଷଜମିରେ ଜଳ ନିଷ୍କାସନ ନ ହେବାରୁ ଚାଷଜମି ଜଳମଗ୍ନ ରହିଛି। ହଜାର ହଜାର ହେକ୍ଟର ଜମିରୁ ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଆଶଙ୍କା ରହିଥିବା ଚାଷୀ ବୈରାଗୀ ପ୍ରଧାନ, ନନ୍ଦକିଶୋର ନାୟକ ଅଭିଯୋଗ କରିଛନ୍ତି। ଗହଗାପାଟ ଜମିରୁ ଜଳ ନିଷ୍କାସନ ନିମନ୍ତେ ସ୍ଥାୟୀ ଯୋଜନା ପ୍ରତି ଅଞ୍ଚଳବାସୀ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଅଦ୍ୟାବଧି ବୃହତ ପ୍ରକଳ୍ପ କରାଯାଇ ଜଳ ନିଷ୍କାସନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବାବେଳେ ଯୋଜନାର କୌଣସି ଅଗ୍ରଗତି ହେଉନାହିଁ।

ଗହଗାପାଟ ଜମିରୁ ଜଳ ନିଷ୍କାସନ ନିମନ୍ତେ ନାରଣପୁର ଓ ମାଛମରା ନିକଟରେ ଦୁଇଟି ସୁଇସ୍ ଗେଟ୍ କରାଯାଇଛି। କିନ୍ତୁ ଲୁଣା ଓ ଚିତ୍ରୋତ୍ପଳାରେ ବନ୍ୟାଜଳ ପ୍ରବାହିତ ସମୟରେ ନଦୀର ଜଳପତ୍ତନ ଅଧିକ ରହିବାରୁ ଖାଲୁଆ ଥିବା ପହଗାପାଟ ଜମିରୁ ସୁଇସ୍‌ଗେଟ୍ ଦେଇ ଜଳ ନିଷ୍କାସନ ହେବାରେ ସମସ୍ୟା ଦେଖାଯାଇଥାଏ। ଦୀର୍ଘବର୍ଷ ଧରି ଏଭଳି ସମସ୍ୟା ଲାଗିରହିଥିବାବେଳେ ଚାଷଜମିରୁ ଜଳ ନିଷ୍କାସନ ପ୍ରତି କୌଣସି ଗୁରୁତ୍ୱ ପ୍ରଦାନ କରାଯାଉ ନ ଥିବା ଚାଷୀ ବୈରାଗୀ ପ୍ରଧାନ, ବଂଶୀଧର ଦାସ, ଅନୀଲ ସାମନ୍ତରାୟ, ନନ୍ଦକିଶୋର ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ପରକୂଳା, ପିକରାଳି, ନାରଣପୁର, ରାଘବପୁର, ପୋଦନା, ନରସିଂହପୁର ବଉଲାଙ୍ଗ ସମେତ ଅନେକ ଗ୍ରାମର ଚାଷଜମି ଅଧିକ କ୍ଷତିଗ୍ରସ୍ତ ହେଉଛି। ଗହଗାପାଟରୁ ଜଳ ନିଷ୍କାସନ ପାଇଁ କେବେ ଯୋଜନା ପ୍ରସ୍ତୁତ ହେବ, ତାହାକୁ ଚାଷୀକୁଳ ଚାହିଁ ରହିଛନ୍ତି।

## ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କୁ ଗୁହାରିକଲେ ମହିଳା

**କେନ୍ଦ୍ରାପଡ଼ା,୨୨।୯ସମିସ):** ଜଣେ ସ୍ୱାମୀ ପରିତ୍ୟକ୍ତା ଅସହାୟ ଭୂମିହୀନ ମହିଳା ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ଜଣେ ଶିକ୍ଷକ ବାସଗୃହ ଭାଙ୍ଗିଦେଇଥିବା ନେଇ ମହିଳା ଜଣକ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ସେ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।



ସୂଚନା ମୁତାବକ, ରାଜନଗର ଥାନା ଅନ୍ତର୍ଗତ ସାନବଡଗୋପାଳପୁର ଗ୍ରାମର ସ୍ୱାମୀ ପରିତ୍ୟକ୍ତା ମହିଳା ସୁଲୋଚନା ମହାନ୍ତି ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ସହିତ ଦୀର୍ଘଦିନ ଧରି ରାଜନଗର ତହସିଲ ଅଧୀନ ଗର୍ଜନପୁର ମୌଜାର ଖାତା ନମ୍ବର ୨୦୭ ଓ ପ୍ଲଟ ନମ୍ବର ୪୩୮ ରକବା ଏ୦.୦୧ ଡିସିମିଲ ସରକାରୀ ଜମି (ପାଣିନାଳ ପାଖରେ) ଉପରେ ଚାଳଛପର ଘର କରି ରହିଆସୁଥିଲେ। ସେହି ପ୍ଲଟ ପଛରେ ଶିକ୍ଷକ ନଳିନୀରଞ୍ଜନ ରାଉତ ଜମି କିଣିଥିଲେ। ଶିକ୍ଷକ ଶ୍ରୀ ରାଉତ ସୁଲୋଚନାଙ୍କ ଅସହାୟତାର ସୁଯୋଗ ନେଇ ସେ ରହୁଥିବା ଘରଟିକୁ ରାତିରେ ଭାଙ୍ଗି ଦେଇ ସରକାରୀ ପାଣିନାଳକୁ ମଡାଇ ତାଙ୍କ କିଣାଜମି ଚର୍ତୁପାଶ୍ୱର୍ରେ ପାଚେରୀ ନିର୍ମାଣ କରିଥିଲେ। ଏ ସମ୍ପର୍କରେ ସୁଲୋଚନା ରାଜନଗର ତହସିଲଦାର ଓ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ ବି ସେମାନଙ୍କଠାରୁ କୌଣସି ନ୍ୟାୟ ପାଇ ନ ଥିଲେ। ତେଣୁ ସୁଲୋଚନା ବୁଧବାର ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଭେଟି ତାଙ୍କ ଭଳି ବାସହୀନ ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ବେହେରା ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## କରୋନାରେ ମୃତ ବ୍ୟକ୍ତିଙ୍କ ଆତ୍ମାର ଶାନ୍ତି ପାଇଁ ଅଖଣ୍ଡ ନାମଯଜ୍ଞ

**କେନ୍ଦ୍ରାପଡ଼ା,୨୨।୯ (ସମିସ):** ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଅବସରରେ ସମଗ୍ର ବିଶ୍ୱର ଶାନ୍ତି ଓ କରୋନାରେ ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ଶାନ୍ତି ନିମନ୍ତେ ଏକ ତ୍ରିଦିବସୀୟ ଅଖଣ୍ଡ ମହାମନ୍ତ୍ର କୀର୍ତ୍ତନ ଓ ନାମଯଜ୍ଞ କରିବା ପାଇଁ ଗରାପୁର ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତ୍ରୀ ସ୍ୱାମୀ ଦିବ୍ୟ ସୁରୂପାନନ୍ଦ ସରସ୍ୱତୀ ସଙ୍କଳ୍ପବଦ୍ଧ। କରୋନା ମହାମାରୀ ଦୂର ପାଇଁ ଆଶ୍ରମ ପରିସରରେ ଅଖଣ୍ଡ ନାମ ସଂକୀର୍ତ୍ତନ କରାଯିବ। ଏହି କାର୍ଯ୍ୟକ୍ରମରେ ଡାକ୍ତର, ଶିକ୍ଷକ, ନର୍ସ ପୁଲିସ ବାହିନୀ, ପ୍ରଶାସନ, ସରକାରୀ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ସ୍ୱେଚ୍ଛାସେବୀଙ୍କ ରୋଗମୁକ୍ତ ଦୀର୍ଘ ଜୀବନ ଓ ଉତ୍ତରୋତ୍ତର ଉନ୍ନତି କାମନା କରାଯିବ। ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଉପଲକ୍ଷେ ଆସନ୍ତା ୨୪ ତାରିଖରେ କେନ୍ଦ୍ରାପଡ଼ା ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ ଓ ଆଶ୍ରମ ପରିସରରେ ରୁଦ୍ରାଭିଷେକ, ବୃକ୍ଷରୋପଣ, ସ୍ୱାସ୍ଥ୍ୟସେବା ଓ ନଗର ପରିକ୍ରମା ଆଦି କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମ ପରେ ସମସ୍ତ ଭକ୍ତ ଆଶ୍ରମରେ ପ୍ରସାଦ ସେବନ କରିବାର ବ୍ୟବସ୍ଥା ରହିଛି। ଏଥିସହିତ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ସ୍ମୃତି କମିଟି ଆନୁକୂଲ୍ୟରେ ସାଧୁସେବା, ଭଜନ କୀର୍ତ୍ତନ, ସ୍ୱାମୀ ଚିଦାନନ୍ଦଙ୍କ ଶ୍ରଦ୍ଧାଞ୍ଜଳି ସଭା କରାଯିବ।

## ଚାଷୀଙ୍କ ସମସ୍ୟା ବୁଝିଲେ ଜଳସମ୍ପଦ ମନ୍ତ୍ରୀ



**ବାଲିକୁଦା, ୨୨।୯ (ସମିସ):** ବାଲିକୁଦା ବ୍ଲକରେ ଗତ ଲଘୁଚାପ ବର୍ଷାରେ ସର୍ବାଧିକ କ୍ଷୟକ୍ଷତି ଘଟିଛି। ଏହି ବର୍ଷାରେ ହେକ୍ଟର ହେକ୍ଟର ଚାଷଜମି ଜଳମଗ୍ନ ଥିବାବେଳେ କେତେକ ଜମିରୁ ପାଣି ଖସିଯିବା ପରେ ଧାନଗଛ ପଚି ଯାଇଥିବା ଦେଖିବାକୁ ମିଳିଛି। ଚାଷୀ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷ କରିଥିବା ଧାନ ଫସଲ ସହ ପନିପରିବା ନଷ୍ଟ ହୋଇଯାଇଛି। ଆଜି ବା ଲି କୁ ଦା - ଏ ର ସ ମ। ବିଧାୟକ ତଥା ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ବାଲିକୁଦା ବ୍ଲକ ବାଲିକୁଦା ପଞ୍ଚାୟତର ବାଲିସାହି, ହନୁସାହି, ଭାରିଓଦା, ନାଳିଓର ଜଳପ୍ଲାବିତ ଗ୍ରାମ ଓ ସାହି ବୁଲି ଦେଖିବା ସହିତ ଚାଷୀଙ୍କ ସହିତ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ମହିଳା ସାଧାରଣ ସମ୍ପାଦିକା ଶ୍ରୀମତୀ ସୁଚିସ୍ମିତା ମହାନ୍ତି, ବ୍ଲକ ବିଜେଡି ଯୁବ ସଂଗଠକ ଶ୍ରୀକାନ୍ତ ଦାସ, ନାଏବ ସରପଞ୍ଚ ବୁଧିନାଥ ବିଶ୍ୱାଳ, ବିଷ୍ଣୁ ବିଶ୍ୱାଳ, ଅକ୍ଷୟ କୁମାର ବିଶ୍ୱାଳ, ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସିଡିପିଓ, ସୁପରଭାଜରଙ୍କ ବିରୁଦ୍ଧରେ ଭୁଲ୍ ମନ୍ତବ୍ୟ ଦେବାକୁ ଅଙ୍ଗନବାଡ଼ି କର୍ମୀଙ୍କ ଉପରେ ଚାପ

**ବାଲିକୁଦା, ୨୨।୯ (ସମିସ):** ବାଲିକୁଦା ବ୍ଲକ ସମ୍ବନ୍ଧିତ ଶିଶୁ ବିକାଶ ଯୋଜନାରେ ସମସ୍ତ କାର୍ଯ୍ୟ ଠିକ୍ ଭାବେ ଚାଲିଥିବାବେଳେ ବ୍ଲକର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ କେତେକ ଅସାଧୁ ବ୍ୟକ୍ତି ସାମ୍ବାଦିକ ନାଁ କହି କର୍ମୀଙ୍କୁ ବ୍ଲାକମେଲିଂ କରୁଥିବା ଅଙ୍ଗନବାଡ଼ି କର୍ମୀ ପ୍ରକାଶ କରିଛନ୍ତି। ସୂଚନା ମୁତାବକ, କେତେକ ବ୍ୟକ୍ତି ସାମ୍ବାଦିକର ପରିଚୟ ଦେଇ ବ୍ଲକର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ସିଡିପିଓ ଓ ସୁପରଭାଇଜରଙ୍କ ବିରୁଦ୍ଧରେ ଅଭିଯୋଗ କରିବା ପାଇଁ ବାଧ କରୁଛନ୍ତି। ଏଥିସହ ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିବା ଅର୍ଥରୁ ଆମକୁ କିଛି ଦିଅ, ନଚେତ୍ ଆମେ ତୁମ ବିରୁଦ୍ଧରେ ଖବର ପ୍ରସାରଣ କରିବୁ ବୋଲି ଧମକ ଦେଉଛନ୍ତି। ବାଲିକୁଦା ବ୍ଲକର ୨୫୨ଟି ଅଙ୍ଗନବାଡି କେନ୍ଦ୍ରକୁ ଚଳିତ ବର୍ଷ ଆସିଥିବା ଖେଳଣା କିଣା ବାବଦରେ ୨୫୦୦ ଅର୍ଥ ରାଶି ପ୍ରଦାନ କରାଯାଇଛି। ସମ୍ପୃକ୍ତ କର୍ମଚାରୀ ସେହି ଅର୍ଥରେ ନିଜ ମନମୁତାବକ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ଖେଳଣା କିଣିଥା'ନ୍ତି। ଏପରିକି ଖେଳଣା କିଣା ହେଲା କି ନାହିଁ ସିଡିପିଓ ଓ ସୁପରଭାଇଜର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ବୁଲି ତଦାରଖ କରିଥା'ନ୍ତି। ଏହି ଖେଳଣା କିଣାରେ ବ୍ଲକର ସିଡିପିଓ କିମ୍ବା ସୁପରଭାଇଜରଙ୍କର କୌଣସି ଭୂମିକା ନଥାଏ ବୋଲି ଅଙ୍ଗନବାଡ଼ି କର୍ମୀମାନେ ପ୍ରକାଶ କରିଛନ୍ତି। କେତେକ ଅଣ ସାମ୍ବାଦିକ ଖେଳଣା କିଣାରେ ସିଡିପିଓ ଓ ସୁପରଭାଇଜରଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ଅଙ୍ଗନବାଡ଼ି କର୍ମଚାରୀଙ୍କୁ ଭୟଭୀତ କରାଉଥିବା ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର କର୍ମୀ ସିଡିପିଓଙ୍କୁ ଜଣାଇଛନ୍ତି।

## ସମାଜସେବୀଙ୍କ ଦ୍ୱାଦଶାହରେ ସ୍ମୃତିସଭା



**କେନ୍ଦ୍ରାପଡ଼ା,୨୨।୯ (ସମିସ):** ସମାଜସେବୀ ତଥା ବରିଷ୍ଠ ରାଜନୀତିଜ୍ଞ ସ୍ୱର୍ଗତ ଅଜୟ କୁମାର ଦାଶଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ଖମାରକେଶପୁରସ୍ଥ ବାସଭବନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପୂର୍ବତନ କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ପ୍ରାକ୍ତନ ବିଧାୟିକା ସିପ୍ରା ମଲ୍ଲିକ, ପୂର୍ବତନ ନଗରପାଳ ବିଜୟକୃଷ୍ଣ ସାହୁ, ପ୍ରଦୀପ୍ତ ମହାନ୍ତି, କପାଳେଶ୍ୱର ପଞ୍ଚାୟତ ସରପଞ୍ଚ ଗାୟତ୍ରୀ ମହାନ୍ତି, ବରିଷ୍ଠ ସ୍ତମ୍ଭକାର ଶ୍ରୀରାମ ଦାଶ, ବିଶ୍ୱହିନ୍ଦୁ ପରିଷଦ ସଭାପତି ବାନାମ୍ବର ସାହୁ, ଗୋପୀନାଥ ତ୍ରିପାଠୀ, ମନୋଜ ଶତପଥୀ, ଆଇନଜୀବୀ ପ୍ରଦୀପ କୁମାର ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବି ସାମଲ, ଜ୍ଞାନରଞ୍ଜନ ମହାନ୍ତି, ତ୍ରିଲୋଚନ ଦାସ, ଗଙ୍ଗାଧର ପାତ୍ର, ବାବାଜୀ ଚରଣ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ତାଙ୍କପୁତ୍ର ଅକ୍ଷୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ରୋଗରେ ଆକ୍ରାନ୍ତ ଯୁବକ

# ଚିକିତ୍ସା ପାଇଁ ପ୍ରଶାସନକୁ ଆକୁଳ ନିବେଦନ

**ବାଲିକୁଦା,୨୨।୯ (ସମିସ):** ବାଲିକୁଦା ବ୍ଲକ କୁସୁପୁର ପଞ୍ଚାୟତ ଖଡ଼ିକାଦଣ୍ଡା ଗ୍ରାମର ଜଣେ ଯୁବକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ଯନ୍ତ୍ରଣାରେ ଜୀବନ କାଟୁଛନ୍ତି। ତାଙ୍କ ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି।

ବାଲିକୁଦା ବ୍ଲକ ଖଡ଼ିକାଦଣ୍ଡା ଗ୍ରାମର ଯୁଗଳ ମହାନ୍ତିଙ୍କ ପୁଅ ଲକୁ ମହାନ୍ତି। ଛୋଟ ଥିବା ସମୟରେ ମାଆ ଅଞ୍ଜଳି ମହାନ୍ତି ମାନସିକ ଭାରସାମ୍ୟ ହରାଇ ପାଗଳ ଭଳି ବ୍ୟବହାର କରିବାରୁ ପିତା ଯୁଗଳ ମହାନ୍ତି ତାଙ୍କୁ ଘରୁ ବାହାର କରିଦେବା ସହ ଅନ୍ୟତ୍ର ବିବାହ କଲେ। ଏଣେ ଅଞ୍ଜଳି ପୁଅକୁ ବାପଘରେ ଛାଡ଼ି ଏଣେତେଣେ ବୁଲିବାକୁ ଲାଗିଲେ। ବହୁ କଷ୍ଟରେ ମାମୁଁଘରେ ରହି ଏକ କଲେଜରେ ନାମ ଲେଖାଇଥିଲା ଲକୁ। ଅର୍ଥ ଅଭାବ ହେବାରୁ ଲିକୁ ଅଧାରୁ ପାଠ ଛାଡ଼ି ଚେନ୍ନାଇର ଏକ ଘରୋଇ



ସଂସ୍ଥାରେ କାମ କରୁଥିଲା। ଏହି ସମୟରେ କୋଭିଡ କାରଣରୁ ଲକଡାଉନ ଆରମ୍ଭ ହେବାରୁ ଜୁନ ମାସରେ ନିଜ ମାଉସୀ ଘରକୁ ଫେରି ଆସିଥିଲା। ହଠାତ ଛାତିରେ ଯନ୍ତ୍ରଣା ଦେଖାଦେବାରୁ ପ୍ରଥମେ ବାଲିକୁଦା ମେଡିକାଲ ଯାଇ ଚିକିତ୍ସା କରିବା ପରେ ଦଣ୍ଡିସ ହୋଇଥିବା ଡାକ୍ତର କହି ଔଷଧ ଦେଇଥିଲେ। କିଛିଦିନ ଔଷଧ ଖାଇବା ପରେ ଯନ୍ତ୍ରଣା କମିବା ବଦଳରେ ବଢ଼ିଯାଇଥିଲା। ମାଉସୀ ପୁଅ ସହାୟତାରେ ଜଗତସିଂହପୁର ଓ ପରେ କଟକ ଯାଇ ଚିକିତ୍ସା ହେବା ପରେ ମଧ୍ୟ ସୁସ୍ଥ ହେଉନାହିଁ। ୪ ମାସ ବିତିଯାଇଥିଲେ ସୁଦ୍ଧା ଶରୀର ସୁସ୍ଥ ହେବା ପରିବର୍ତ୍ତେ ଦିନକୁ ଦିନ ଯନ୍ତ୍ରଣା ଅଧିକ ହେବାକୁ ଲାଗିଛି। ଶରୀର ଦୁର୍ବଳ ହୋଇଯାଇଥିବାରୁ ଚାଲିବା ସମୟରେ ମୁଣ୍ଡ ବୁଲାଉଥିବା ପ୍ରକାଶ କରିଛନ୍ତି ଲକୁ। ପ୍ରଶାସନ ନିକଟରେ ନିଜ ଜୀବନ ଭିକ୍ଷା କରିବା ସହ ତାଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ଆକୁଳ ନିବେଦନ କରି ଗୁହାରି କରିଛନ୍ତି ଲକୁ। ଯଦି କୌଣସି ସହୃଦୟ ବ୍ୟକ୍ତି କିମ୍ବା କୌଣସି ଅନୁଷ୍ଠାନ ଲକୁର ଚିକିତ୍ସା ପାଇଁ ଆଗେଇ ଆସିବାକୁ ଚାହାନ୍ତି, ତେବେ ମୋବାଇଲ ନମ୍ବର ୮୯୮୪୪ ୯୯୫୫୨ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଦିବ୍ୟାଙ୍ଗ ଦମ୍ପତିଙ୍କୁ ଆର୍ଥିକ ସହାୟତା



**କୁଜଙ୍ଗ,୨୨।୯ (ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ବଣିକୁନ୍ଦ ଗ୍ରାମର ଦିବ୍ୟାଙ୍ଗ ଦମ୍ପତି ରୋଗ ପୀଡ଼ିତ ହୋଇ ଜୀବନ ସହ ସଂଗ୍ରାମ କରୁଥିବାବେଳେ ସେମାନଙ୍କୁ ସହାୟତାର ହାତ ବଢ଼ାଇଛି ପହଣାସ୍ଥ ଦାତବ୍ୟ ଅନୁଷ୍ଠାନ 'ଆଇନା ହେଲପିଂ ଫାଉଣ୍ଡେସନ୍'। ବଣିକୁନ୍ଦ ଗ୍ରାମର ଦୃଷ୍ଟିଶକ୍ତି ହରାଇଥିବା ନିରଞ୍ଜନ ପାତ୍ର, ତାଙ୍କ ପତ୍ନୀ ସୁମିତ୍ରା ପାତ୍ର ଏବେ ପକ୍ଷାଘାତ ରୋଗର ଶିକାର ହୋଇ ଓଲଟପୁରରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ଅଭାବି ଦମ୍ପତିଙ୍କ ଚିକିତ୍ସାରେ ଅର୍ଥ ଅଭାବ ଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆଇନା ପ୍ରତିଷ୍ଠାନ ପକ୍ଷରୁ ସଭାପତି ହିମାଂଶୁ ପଟ୍ଟନାୟକ, ଅମର ପଟ୍ଟନାୟକ, ବଳଦେବ ମହାପାତ୍ର, ରମେଶ ପଟ୍ଟନାୟକ ପ୍ରମୁଖ ଏହି ଦମ୍ପତିଙ୍କ ଏକମାତ୍ର ପୁଅ ସୌରାଷ୍ଟ୍ରଙ୍କୁ ଚିକିତ୍ସା ପାଇଁ ୫୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସମିତି ପକ୍ଷରୁ ତୁଷାର ପଟ୍ଟନାୟକ, ବିଶ୍ୱରଞ୍ଜନ ସାହାଣୀ, ବିମଳ ପଟ୍ଟନାୟକ, ରମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିନା ଡାକ୍ତରରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର

**ପବିତ୍ରନଗର, ୨୨।୯ (ସମିସ) :** କଣିହାଁ ବ୍ଲକ ଅନ୍ତର୍ଗତ ପବିତ୍ରନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଞ୍ଚମାସ ହେଲା ଡାକ୍ତର ନ ଥିବାରୁ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶପାଉଛି। ସୂଚନାଯୋଗ୍ୟ, ପବିତ୍ରନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିଲେ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରି ବର୍ଷ ତମାମ ଦୈନିକ ୨୫୦ ରୁ ୩୦୦ ରୋଗୀ ଆସିଥାନ୍ତି। ପବିତ୍ରନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଣିହାଁ ବ୍ଲକ ଅନ୍ତର୍ଗତ ୧୦ ନମ୍ବର ଜୋନ୍‌ର ୧୦ଟି ପଞ୍ଚାୟତ ଓ ପାଲଲହଡା ବ୍ଲକର ରଜଡଙ୍ଗ, ପରାଛାଟ ଆଦି ପଞ୍ଚାୟତ ଓ ପରଜଙ୍ଗ ବ୍ଲକ ଅଞ୍ଚଳରୁ ପ୍ରାୟ ଶତାଧିକ ଲୋକ ନିର୍ଭର କରିଥାନ୍ତି। ଏଠାରେ ଏନ୍‌ଏଚ୍‌ଏମ୍ ଯୋଜନାରେ ଜଣେ ଆୟୁଷ ଡାକ୍ତର ଯୋଗଦେଇଥିବା ବେଳେ ଜିଲ୍ଲା ଖଣିଜ ପାଣ୍ଠି ତରଫରୁ ଅନେକ ପାରା ମେଡିକାଲ ଷ୍ଟାଫ୍ ନିଯୁକ୍ତି ଦିଆଯାଇଛି। ନିୟମିତ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରାଶାସନିକ ପରିଚାଳନା ଦୁର୍ବଳ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଭୌଗଳିକ ଗଠନ, ଗମନାଗମନ ଓ ଜନସଂଖ୍ୟା ଦୃଷ୍ଟିକୋଣରୁ ପବିତ୍ରନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସୁନ୍ଦରୀ ପ୍ରତିଯୋଗିତାରେ ଅନନ୍ୟାଙ୍କ ସଫଳତା




**ଆଠମଲ୍ଲିକ/ବଇଣ୍ଡା, ୨୨।୯ (ସମିସ):** ଅନୁଗୋଳ ଜିଲ୍ଲା ରାଜକିଶୋରନଗର ବ୍ଲକ ଡେବେରାପାଲି ଗ୍ରାମର ଅନନ୍ୟା ମିଶ୍ର ସୁନ୍ଦରୀ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ଅନନ୍ୟା ସମ୍ବଲପୁରର ଏକ ଅନୁଷ୍ଠାନରେ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିରେ ସେ ଦ୍ୱିତୀୟସ୍ଥାନ ଅଧିକାର କରିଛନ୍ତି। ସେ ଆଇନଜୀବୀ ସ୍ୱର୍ଗତ ବିଜୟ ମିଶ୍ର ଓ ସହକାରୀ ଶିକ୍ଷୟିତ୍ରୀ ଅଞ୍ଜନା ସାହୁଙ୍କ ଜ୍ୟୋଷ୍ଠ କନ୍ୟା।

## ବିଶ୍ୱ ଗଣ୍ଡା ଦିବସ ପାଳିତ




**ଅନୁଗୋଳ, ୨୨।୯ (ସମିସ) :** ଜୀବଜନ୍ତୁ କଲ୍ୟାଣ ପ୍ରତିଷ୍ଠାନ, ଅନୁଗୋଳ/ଓଡ଼ିଶା କୃଷକ ସମନ୍ୱୟ ସମିତି ତରଫରୁ ବିଶ୍ୱ ଗଣ୍ଡା ଦିବସ ଉଭୟ ସଂସ୍ଥାର ଅଧ୍ୟକ୍ଷ ରବୀନ୍ଦ୍ରନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ଗଣ୍ଡା ଦିବସ ଉପରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଜନସାଧାରଣଙ୍କୁ ଏହି ଦିବସର ଉଦ୍ଦେଶ୍ୟ ଓ ବିଶ୍ୱରେ ଥିବା ୫ ପ୍ରଜାତିର ଗଣ୍ଡା ଯଥା- କଳା, ଧଳା, ବଡ ଏକ ସିଙ୍ଗିଆ, ସୁମାତ୍ରା ଓ ଜାଭା ଜାତୀୟ ଗଣ୍ଡାଙ୍କର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଅଧିକ କଡାକଡି କରିବା ପାଇଁ ୱାର୍ଲ୍ଡ ବ୍ୟାଙ୍କ ତରଫରୁ ଏକ ୱାଇଲଡ୍ ଲାଇଫ୍ ବଣ୍ଡ ପ୍ରଚଳନ କରାଯାଇଛି। ଏହି ବଣ୍ଡରେ ବିନିଯୋଗ କରୁଥିବା ଟଙ୍କା ଗଣ୍ଡାମାନଙ୍କ ସଂରକ୍ଷଣରେ ଖର୍ଚ୍ଚ କରାଯିବ ଏବଂ ୫ବର୍ଷ ପରେ ଗଣ୍ଡାଙ୍କ ସଂଖ୍ୟାବୃଦ୍ଧି ଅନୁଯାୟୀ ଅନୁପାତରେ ଟଙ୍କା ଫେରସ୍ତ କରାଯିବ ବୋଲି ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଭୟ ସଂସ୍ଥାର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଟିକାଦାନରେ ଅନିୟମିତତା

# ଟିକା ନ ନେଇ ମିଳୁଛି ପ୍ରମାଣପତ୍ର

**ତାଳଚେର ସହର, ୨୨।୯ (ସମିସ)**

କରୋନା ତୃତୀୟ ଲହରକୁ ଦୃଷ୍ଟିରେ ରଖି ସରକାର ଟିକାକରଣକୁ ପ୍ରାଧାନ୍ୟ ଦେଉଛନ୍ତି; ମାତ୍ର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଯୋଗୁଁ ଏଥିରେ ବ୍ୟତିକ୍ରମ ଦେଖାଯାଉଛି। କେଉଁଠି ଟିକାଦାନ କେନ୍ଦ୍ରରେ ଟିକା ନ ପାଇ ଲୋକେ ଫେରୁଛନ୍ତି ତ କେଉଁଠି ବିନା ଟିକାକରଣରେ ପ୍ରମାଣପତ୍ର ମିଳିଯାଉଛି। ଏଭଳି ଏକ ଅଭିଯୋଗ ଆସିଛି ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ସମଲ ବ୍ୟାରେଜ୍ ଅଞ୍ଚଳରେ

ଉକ୍ତ ଅଞ୍ଚଳର ଚିନ୍ମୟ ପ୍ରଧାନ ୧୭ ସେପ୍ଟେମ୍ବରରେ ଟିକାକରଣ ପାଇଁ ସ୍ଲଟ୍‌ବୁକ୍ କରିଥିଲେ। ତାଙ୍କୁ ୧୮ ତାରିଖରେ ଟିକାକରଣ ପାଇଁ ସମୟ ଦିଆଯାଇଥିଲା। ଟିକାକରଣ ସ୍ଥାନ ଅର୍କିଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ବେଳେ କୌଣସି କାରଣରୁ ଚିନ୍ମୟ ଟିକାକରଣ କେନ୍ଦ୍ରରେ ପହଞ୍ଚି ପାରି ନ ଥିଲେ। ପରେ ସନ୍ଧ୍ୟା ସମୟରେ ତାଙ୍କ ମୋବାଇଲକୁ ଟିକା ନେଇଥିବାର ଏକ ବାର୍ତ୍ତା ଆସିଲା। ଯାହାକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯିବା ସହ ଟିକା ନ ନେଇ କିପରି ଟିକାକରଣ ପ୍ରମାଣପତ୍ର ମିଳିଲା ବୋଲି ସେ ଗଣମାଧ୍ୟମ ଜରିଆରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ତାଙ୍କ ପାଇଁ ଥିବା ଟିକା ଅନ୍ୟ


Ministry of Health & Family Welfare
Government of India
Final Certificate for COVID-19 Vaccination
Beneficiary Details
Beneficiary Name — Chinmaya Pradhan
Age — 25
Gender — Male
ID Verified — Aadhaar # XXXXXXXX3331
Unique Health ID (UHID)
Beneficiary Reference ID — 83443521609020
Vaccination Details
Vaccine Name — COVISHIELD
Date of 1st Dose — 21 Jun 2021 (Batch no. 4121Z096)
Date of 2nd Dose — 18 Sep 2021 (Batch no. 4121Z223)
Vaccinated by — Sanjukta Dei
Vaccination at — Arkil GP Office, Angul, Odisha
Together, India will defeat COVID-19
COWIN

କାହାକୁ ବିକ୍ରି କରିଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ବିନା ଟିକାକରଣରେ ତାଙ୍କୁ ଦ୍ୱିତୀୟ ଡୋଜ୍ ଟିକାକରଣ ପ୍ରମାଣପତ୍ର ମିଳିଯାଇଥିବାରୁ ବର୍ତ୍ତମାନ ସେ ଟିକା ନେବା ପାଇଁ ସ୍ଲଟ୍‌ବୁକିଂ କରିବାକୁ ଅସମର୍ଥ ହେଉଛନ୍ତି। ଫଳରେ ଏବେ ଯାଏ ସେ ଟିକା ନେବାରୁ ବଞ୍ଚିତ ରହିଛନ୍ତି। ଏହି ଘଟଣା କେବଳ ଚିନ୍ମୟଙ୍କ କ୍ଷେତ୍ରରେ ନୁହେଁ ଆହୁରି ବହୁତ ଲୋକଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଘଟୁଥିବା ନଜରକୁ ଆସୁଛି। ତେଣୁ ଏହି ବିଷୟକୁ ତଦନ୍ତ ପରିସରକୁ ନେଇ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ୨ବର୍ଷ ନ ପୂରୁଣୁ ଫାଟିଲା ରାସ୍ତା



**ତାଳଚେର ସଦର, ୨୨।୯ (ସମିସ) :** ଖୋଦ୍ ପୌରପରିଷଦ ଅଞ୍ଚଳ ନବମିଶ୍ର କଲୋନୀ ମଧ୍ୟରେ ୯ ଲକ୍ଷ ଟଙ୍କାର କଂକ୍ରିଟ୍ ରାସ୍ତା ନିର୍ମାଣର ମାତ୍ର ୨ ବର୍ଷ ପରେ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ 'ଉନ୍ନତି' ଯୋଜନାରେ ତାଳଚେର ପୌର ପରିଷଦ ୧୩ ନମ୍ବର ୱାର୍ଡ ନବମିଶ୍ର କଲୋନୀର ଶଙ୍କରସେବା ମୋଦିଙ୍କ ଘରଠାରୁ ଲାଲଟୁ ସିହ୍ନାଙ୍କ ଘର ପର୍ଯ୍ୟନ୍ତ ୩ ଶହ ମିଟର କଂକ୍ରିଟ୍ ରାସ୍ତା ୯ ଲକ୍ଷ ୯୪ହଜାର ୭ଶହ ଟଙ୍କା ବ୍ୟୟରେ ୨୦୧୮ ଜୁଲାଇ ୧୩ ତାରିଖରେ ନିର୍ମିତ ହୋଇଥିଲା; ମାତ୍ର ଏହି ରାସ୍ତା କାମ ଏତେ ନିମ୍ନମାନର ହୋଇଛି ଯେ, କାର୍ଯ୍ୟ ଶେଷହେବାର ୨ବର୍ଷ ନ ପୂରୁଣୁ ଫାଟି ନଷ୍ଟ ହୋଇଯାଇଛି। ଫଳରେ ଉକ୍ତ କଲୋନୀବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସମ୍ପୃକ୍ତ ଠିକାଦାର ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## 'ସ୍ଲିପ୍ ଫର୍ ପିସ୍' କାର୍ଯ୍ୟକ୍ରମ



**ଅନୁଗୋଳ, ୨୨।୯ (ସମିସ) :** ୟୁଥ୍ ହଷ୍ଟେଲ୍ ଆସୋସିଏସନ ଅଫ ଇଣ୍ଡିଆ ତାର ସାର ବିଶ୍ୱରେ ଥିବା ୪୦୦୦ ହଜାରରୁ ଅଧିକ ଶାଖା ତରଫରୁ 'ସ୍ଲିପ୍ ଫର୍ ପିସ୍' କାର୍ଯ୍ୟକ୍ରମ ପାଳନ କରାଯାଇଛି। ଅନୁଗୋଳ ୟୁଥ୍ ହଷ୍ଟେଲ୍ ଆସୋସିଏସନ୍ ନାଲ୍‌କୋ ୟୁନିଟ୍ ତରଫରୁ ଏହି କାର୍ଯ୍ୟକ୍ରମକୁ ବାଜିରାଉତ ଛାତ୍ରାବାସରେ ପାଳନ କରିଯାଇଛି। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମସ୍ତେ ଶାନ୍ତିରେ ବସବାସ କରିବା ସହିତ ସାମାଜିକ ବା ସାମୂହିକ ବିକାଶରେ ସହଭାଗିତା ଭୂମିକା ଗ୍ରହଣ କରିବା ବୋଲି ରାଜ୍ୟ ୟୁଥ୍ ହଷ୍ଟେଲ ଆସୋସିଏସନ୍ ସମ୍ପାଦକ ପ୍ରହ୍ଲାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆସୋସିଏସନ୍‌ର ଜିଲ୍ଲା ସମ୍ପାଦକ ଦିଲ୍ଲୀପ ଦାସ ଅଧ୍ୟକ୍ଷତା କରିଥିବା ବେଳେ ସଦସ୍ୟ ସନ୍ତୋଷ ତ୍ରିପାଠୀ, ମନୋରଞ୍ଜନ ପ୍ରଧାନ, ଶତ୍ରୁଘ୍ନ ସାହୁ, ପର୍ଶୁରାମ ଦାଶ, ମନୋଜ ପଣ୍ଡା, ଲିଟୁ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ନାଥ ଓ ବାଜିରାଉତ ଛାତ୍ରାବାସ ସମ୍ପାଦକ ଭାବଗ୍ରାହୀ ନାଏକ ଉପସ୍ଥିତ ଥିଲେ।

## ବିଭିନ୍ନ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର




**ତାଳଚେର ସଦର, ୨୨।୯ (ସମିସ) :** ତାଳଚେର ବ୍ଲକ ହେଁସମୂଳ ଗ୍ରାମ ସହରସାହିର ବିଭିନ୍ନ ସମସ୍ୟା ନେଇ ବୁଧବାର ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ହେଁସମୂଳ ସହରସାହିଟି ଭୁବନେଶ୍ୱରୀ କୋଇଲା ଖଣିର ଅତି ନିକଟରେ ଥିବାରୁ ଗ୍ରାମର ବହୁ ଅଧିବାସୀଙ୍କ ଜମି ଖଣି ଦ୍ୱାରା ଅଧିଗ୍ରହଣ କରାଯାଇଛି। ଏଥିପାଇଁ ଗ୍ରାମର କ୍ଷତିଗ୍ରସ୍ତ ପ୍ରଜାଙ୍କର ନିଯୁକ୍ତି ଓ ଥଇଥାନ ଏପର୍ଯ୍ୟନ୍ତ ସମାଧାନ କରାଯାଇ ନାହିଁ। ସହରସାହି ତରଫରୁ ସ୍ଥାନୀୟ ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷଙ୍କୁ ନିଯୁକ୍ତି ଓ ଥଇଥାନ ନେଇ ବହୁବାର ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ। ଆଜି ହଠାତ୍ ସକାଳ ୧୧ ଘଟିକା ସମୟରେ ଭୁବନେଶ୍ୱରୀ କୋଇଲା ଖଣିର ଭୂଅର୍ଜନ ଅଧିକାରୀ ଫୋନ୍ ଯୋଗେ ବୈଠକ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଗ୍ରାମର ସଭାପତି ଓ ସମ୍ପାଦକଙ୍କୁ ଡାକିଥିଲେ; କିନ୍ତୁ ଗ୍ରାମବାସୀ ଏତେ କମ୍ ସମୟ ମଧ୍ୟରେ ଆଲୋଚନା ପାଇଁ ରାଜି ହୋଇ ନ ଥିଲେ। ଗ୍ରାମର ଅଧିକାଂଶ ଗ୍ରାମବାସୀ ଦିନ ମଜୁରିଆ ହୋଇଥିବାରୁ ବୈଠକରେ ଉପସ୍ଥିତ ହେବା ସମ୍ଭବପର ହୋଇ ନ ଥିଲା। ପ୍ରଶାସନ ତରଫରୁ ଚିଠି ଦେବାର ଅବଧି ୧୦ଦିନ ପରେ ବୈଠକ ଆଲୋଚନା କରାଯାଉ ଏବଂ ଏହି ବୈଠକରେ ବିଧାୟକ ଓ ସାଂସଦଙ୍କ ଉପସ୍ଥିତିରେ ଆଲୋଚନା କରାଯିବା ପାଇଁ ଗ୍ରାମବାସୀ ପ୍ରସ୍ତାବ ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ଗ୍ରାମ ସଭାପତି ପ୍ରାଣବନ୍ଧୁ ବେହେରା, ସମାଜସେବୀ ସଞ୍ଜୟ ଜାଲ, ସରପଞ୍ଚ ଦିଲ୍ଲିପ ଦେହୁରୀ, ଦୁଃଶାସନ ଦେହୁରୀ, ଚତୁର୍ଭୁଜ ବେହେରା, ଶୋଭାଗିନୀ ବେହେରା, ସୁଷମା ଦେହୁରୀ, ଟିକି ବେହେରା, ଡଲି ବେହେରା, ବନିତା ନାହାକ, ରୀତା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପିବି ରେଡ୍ଡି ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ

**ତାଳଚେର ସଦର, ୨୨।୯ (ସମିସ) :** ତାଳଚେର ଜଗନ୍ନାଥ କୋଇଲା କ୍ଷେତ୍ରର ନୂତନ ମହାପ୍ରବନ୍ଧକ ପିବି ରେଡ୍ଡୀଙ୍କୁ ନିଯୁକ୍ତି ମିଳିଛି। ସେ ଏହା ପୂର୍ବରୁ ହିଙ୍ଗୁଳା କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଭାବେ ଅବସ୍ଥାପିତ ଥିଲେ। ସେହିପରି ଜଗନ୍ନାଥ କ୍ଷେତ୍ରର ଥିବା ଅରୁଣ ସ୍ୱର୍ଣ୍ଣକାରଙ୍କ ହିଙ୍ଗୁଳା କ୍ଷେତ୍ରକୁ ବଦଳି ହୋଇଛି। ତାଳଚେର କୋଇଲା କ୍ଷେତ୍ରର ନୋଡାଲ ଏରିଆ ମହାପ୍ରବନ୍ଧକ ଭାବେ ଶ୍ରୀ ରେଡ୍ଡୀ କାର୍ଯ୍ୟ କରିବେ ବୋଲି ଏସମ୍ପର୍କରେ ଏମସିଏଲର ମୁଖ୍ୟ କାର୍ଯ୍ୟାଳୟରୁ ପ୍ରକାଶ ପାଇଛି।

## ୫୦ ଲିଟର ମଦସହ ସ୍କୁଟି ଜବତ; ୨ଗିରଫ

**ତାଳଚେର ସଦର, ୨୨।୯ (ସମିସ) :** ତାଳଚେର ଅବକାରୀ ବିଭାଗ ବୁଧବାର ଚଢ଼ଉକରି ୫୦ ଲିଟର ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି। ତାଳଚେର ଟାଉନ୍ ମୁଚିସାହି ଅଞ୍ଚଳର ମଞ୍ଜୁରୀ ମେହେରଙ୍କଠାରୁ ୨୦ଲିଟର୍ ଓ କଙ୍କିଳି ଗ୍ରାମର ସୁରେଶ ଗଡ଼ନାୟକଙ୍କ ନିକଟରୁ ୩୦ଲିଟର ମହୁଲିମଦ ସହ ସ୍କୁଟି ଜବତ କରାଯାଇଥିବା ଜଣାପଡ଼ିଛି। ଏହି ଚଢ଼ଉରେ ପିକେ ଦାସ, ହରିହର ପରିଡ଼ା, ସନ୍ତୋଷ ସେନାପତି, ରଶ୍ମିତା ଦେହୁରୀ, ମନୋଜ ବେହେରା, ମାନସ ପ୍ରଧାନ ଉପସ୍ଥିତ ଥିଲେ।

## ଜରାଜୀର୍ଣ୍ଣ ଅବସ୍ଥାରେ ଗୋପବନ୍ଧୁ ସ୍ୱାସ୍ଥ୍ୟକେନ୍ଦ୍ର




**ତାଳଚେର ସଦର, ୨୨।୯ (ସମିସ):** ଜରାଜୀର୍ଣ୍ଣ ଅବସ୍ଥାରେ ତାଳଚେର ହାଟତୋଟାସ୍ଥିତ ଗୋପବନ୍ଧୁ ସ୍ୱାସ୍ଥକେନ୍ଦ୍ର। ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଆଖପାଖ ଅଞ୍ଚଳ ଲୋକେ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ତାଳଚେରର ପୂର୍ବତନ ନଗରପାଳ ପୌରବାସୀଙ୍କ ହିତପାଇଁ ସହରର ହାଟତୋଟାଠାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଥିଲେ। ଏହା ପୌର ପରିଷଦ ଦ୍ୱାରା ସୁପରିଚାଳିତ ହେଉଥିବା ବେଳେ ପୌରବାସୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାସେବା ପାଇ ଆସୁଥିଲେ। ମାତ୍ର ବର୍ତ୍ତମାନ ଉକ୍ତ ଚିକିତ୍ସାକେନ୍ଦ୍ର ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ପୌର ପ୍ରଶାସନ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥି। ଏଠାରେ ଡାକ୍ତର ନ ଥିବା ବେଳେ ଜଣେ ପୌର କର୍ମଚାରୀ ରୋଗୀ ଦେଖିଥିବା ଅଭିଯୋଗ ହେଉଛି। ଦୀର୍ଘବର୍ଷ ଧରି ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଶୋଚନୀୟ ଅବସ୍ଥାକୁ ସୁଧାରିବା ପାଇଁ ନିର୍ବାହୀ ଅଧିକାରିଣୀ ଦୃଷ୍ଟି ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏଣୁ ସ୍ଥାନୀୟ ପ୍ରଶାସନ ଏହା ଉପରେ ତୁରନ୍ତ ଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବିଜୁ ସେତୁ ନିର୍ମାଣ ଦାବି

**ତାଳଚେର ସହର, ୨୨।୯ (ସମିସ) :** ତାଳଚେର ଉପଖଣ୍ଡ କଣିହାଁ ବ୍ଲକ ଅନ୍ତର୍ଗତ ପରାବିଲଠାରୁ ବୀରୁ ବାମୁଁଦେଇ ଘାଟ ପର୍ଯ୍ୟନ୍ତ ସମାକୋଇ ନଦୀ ଉପରେ ସେତୁ ନିର୍ମାଣ ପାଇଁ ଦାବି ହେଉଛି। ବିଜୁ ସେତୁ ଯୋଜନାରେ ୧୦୦ ମିଟର ଦୀର୍ଘ ସେତୁ ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣ ୧୯୯୦ ମସିହାରୁ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ କୌଣସି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ପ୍ରସ୍ତାବିତ ସ୍ଥାନରେ ବିଜୁ ସେତୁ ନିର୍ମାଣ ହେଲେ, କଣିହାଁ କଙ୍କଡ଼ାହାଡ଼ ଓ ପରଜଙ୍ଗ ବ୍ଲକ ମଧ୍ୟରେ ସିଧାସଳଖ ସଂଯୋଗ ସ୍ଥାପନ ହେବ ବୋଲି ଗ୍ରାମବାସୀ ମତ ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳଟି ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବେଳେ ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ପାଲଲହଡ଼ା, ୨୨।୯ (ସମିସ) :** ଭାଲୁ ଆକ୍ରମଣରେ ବୁଧବାର ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ସକାଳେ ନିଜିଗଡ଼ ପଞ୍ଚାୟତ ବଧମୁଣ୍ଡା ଗ୍ରାମର ସନ୍ତୋଷ ମହାନ୍ତ(୩୬) ଶୌଚ ପାଇଁ ନିକଟସ୍ଥ ନାଳକୁ ଯାଇଥିଲେ। ସେହି ସମୟରେ ହଠାତ୍ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଭାଲୁକୁ ଘଉଡ଼ାଇ ସନ୍ତୋଷଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତରୀ ରିପୋର୍ଟ ମିଳିବା ପରେ ଆହତଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପାଲଲହଡ଼ା ବନପାଳ ଭୀମସେନ ଶତପଥୀ ସୂଚନା ଦେଇଛନ୍ତି।

## ବାଳିକା ବିଦ୍ୟାଳୟ ଫାଟକ ସମ୍ମୁଖରେ ଉଠା ଦୋକାନୀଙ୍କ ଭିଡ଼

**ଅନୁଗୋଳ ସଦର, ୨୨।୯ (ସମିସ) :** କୋଭିଡ୍ କଟକଣାକୁ ଫୁଁକରି ଅନୁଗୋଳ ସହରର ଜେଲ ଛକଠାରୁ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତାର ଉଭୟ ପାର୍ଶ୍ୱରେ ସକାଳୁ ରାତି ପର୍ଯ୍ୟନ୍ତ ଉଠା ଦୋକାନୀ ମାନେ ପସରା ମେଲାଇ ବେପାର କରୁଛନ୍ତି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ବଜାର ରହି ଥିବାରୁ ରାସ୍ତାଟି ବ୍ୟସ୍ତ ବହୁଳ ରହୁଛି। ରାସ୍ତା ଉପରେ ଗାଡି ମଟର ରଖି ,ଭିଡ ଜମେଇ କିଣା ବିକା କରୁଥିବାରୁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ବିଦ୍ୟାଳୟକୁ ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯିବା ଆସିବା ପାଇଁ ହଇରାଣ ହେଉଥିବାର ଦେଖାଯାଉଛି। ବିଦ୍ୟାଳୟ ସମ୍ମୁଖରେ ଥିବା ଦୋକନମାନଙ୍କରେ ଅସାମଜିକ ଯୁବକମାନେ ଖଟି କରୁଥିବାର ଦେଖାଯାଉଛ। ଏହି ବ୍ୟସ୍ତବହୁଳ ରାସ୍ତାର ଉଭୟ ପଶ୍ୱର୍ରେ ଦୋକାନୀମାନେ ଆବର୍ଜନା

### ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ

ପକାଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଷ ସୃଷ୍ଟିହେଉଛି। ପୌର କର୍ତ୍ତୃପକ୍ଷ ଦୋକାନୀମାନଙ୍କୁ ତାଗିଦ କରି ଉଠାଇବା ପରିବର୍ତ୍ତେ ଟାକ୍ସ ଅସୁଲ କରି ଚୁପ୍ ହୋଇ ରହିଯାଉଛନ୍ତି। ସ୍କୁଲ ଓ ଟ୍ରାଫିକ୍ ସମସ୍ୟାକୁ ଗୁରୁତ୍ୱ ଦେଇ ଏହି ଉଠା ଦେକାନୀଙ୍କୁ ଉଠାଇବା ପାଇଁ ସ୍ଥାନୀୟ ବୁଦ୍ଧୀଜୀବୀମାନେ ଦାବି କରିଛନ୍ତି।

## ସଫା ହେଉନି ଡ୍ରେନ୍; ଦୁର୍ଗନ୍ଧରେ ଲୋକେ ଅତିଷ୍ଠ



**ଖମାର, ୨୨।୯ (ସମିସ) :** ଖମାର ବଜାର ଏକ ବସ୍ତବହୁଳ ବଜାର। ଆଖପାଖ ଅଞ୍ଚଳର ଲୋକେ ନିଜ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଏହି ବଜାର ଉପରେ ନିର୍ଭର କରିଥାନ୍ତି। ଖମାର ପଞ୍ଚାୟତ ଅଧୀନରେ ଥିବା ଏହି ବଜାରେ ଲକ୍ଷାଧିକ ଟଙ୍କାରେ ଡ୍ରେନ୍ ନିର୍ମାଣ ହୋଇଛି; କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏଥିରେ ଅଳିଆ ଆବର୍ଜନା ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିକରୁଛି। ଯାହାର ପ୍ରଭାବ ବ୍ୟବସାୟୀ ଓ ଗ୍ରାହକଙ୍କ ଉପରେ ପଡୁଛି। ଦୂଷିତ ପାଣିର ଦୁର୍ଗନ୍ଧରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ବର୍ତ୍ତମାନ ସୁଦ୍ଧା ପଞ୍ଚାୟତ କର୍ତ୍ତୃପକ୍ଷ ଏହି ଡ୍ରେନେଜ୍ ସଫା କରିବାରେ ମନ ବଳାଉନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ସରପଞ୍ଚ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି କି, ପଞ୍ଚାୟତରେ ଏବେ ଡ୍ରେନ୍ ସଫାପାଇଁ ଅର୍ଥ ନାହିଁ ଯଦି ଅର୍ଥ ଆସେ ତେବେ ଡ୍ରେନ ସଫା ହୋଇପାରିବ। ତେଣୁ ସ୍ଥାନୀୟ ପ୍ରଶାସନ ଶୀଘ୍ର ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

# ମିଟର ରିଡର୍ ଓ ବିଦ୍ୟୁତ୍ ବିଲ୍ କଲେକ୍ଟରଙ୍କ ବିକ୍ଷୋଭ ପ୍ରଦର୍ଶନ

**ଅନୁଗୋଳ, ୨୨।୯ (ସମିସ)**

ଏଆଇୟୁଟିୟୁସି ସହବନ୍ଧିତ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଗୋଳ ଟିପିସିଓଡିଏଲ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଅଫିସ୍ ସମ୍ମୁଖରେ ଠିକା ଶ୍ରମିକଙ୍କ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମ ଇଣ୍ଡସ୍ ପାୱାର ସଲ୍ୟୁସନ୍ ଅଧୀନରେ ଟିପିସିଓଡିଏଲ୍‌ରେ କାର୍ଯ୍ୟରତ ମିଟର ରିଡର୍ ଓ ବିଦ୍ୟୁତ୍ ବିଲ୍ କଲେକ୍ଟରଙ୍କ ଜୁଲାଇ ଓ ଅଗଷ୍ଟ ମାସର ବକେୟା ଦରମା ପ୍ରଦାନ କରିବା, ପ୍ରତି ମାସରେ ୭ ତାରିଖ ମଧ୍ୟରେ ଦରମା ପ୍ରଦାନ କରିବା, ପରିଚୟପତ୍ର ଓ ୟୁନିଫର୍ମ ଡ୍ରେସ୍ ପ୍ରଦାନ କରିବା ଏବଂ ମିଟର ରିଡିଂ ଓ ବିଲ୍ କଲେକସନ୍ କାର୍ଯ୍ୟକୁ ଅନ୍ୟ କୌଣସି ସଂସ୍ଥାକୁ ହସ୍ତାନ୍ତର ନ କରିବା ଆଦି ଦାବିରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ସଂଗଠିତ ହୋଇଯାଇଛି। ଶତାଧିକ ମିଟର ରିଡର ଓ ବିଦ୍ୟୁତ୍ ବିଲ୍ କଲେକ୍ଟରମାନେ ଅମଲାପଡ଼ାସ୍ଥ ଦୁର୍ଗାମଣ୍ଡପ ନିକଟରୁ ଏକ ଶୋଭାଯାତ୍ରାରେ ଯାଇ ଟିପିସିଓଡିଏଲ୍ କାର୍ଯ୍ୟନିର୍ବାହୀ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ସଂଘର କାର୍ଯ୍ୟକାରୀ ସଭାପତି ମାନସପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ୟୁନିୟନ୍‌ର ସଭାପତି ତଥା ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ଜୟସେନ ମେହେର, ସାଧାରଣ ସମ୍ପାଦକ ଦୀପକ ସିଂହ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଶ୍ରମିକ କର୍ମଚାରୀ ବିରୋଧୀ ନୀତିର ଦୃଢ଼ ସମାଲୋଚନା କରିଥିଲେ। ସଂଘର ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଟିପିସିଓଡିଏଲ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଶ୍ୟାମ ଇଣ୍ଡସ ପାୱାର ସଲ୍ୟୁସନ୍‌ର ଅଧିକାରୀ ଏବଂ ଟିପିସିଓଡିଏଲ୍‌ର ନିର୍ବାହୀ ଯନ୍ତ୍ରୀ ଓ ଏମ୍‌ବିସିଙ୍କ ସହ ଆଲୋଚନା କରିଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ୨୭ ସେପ୍ଟେମ୍ବର ଭାରତ ବନ୍ଦରେ ଏଆଇୟୁଟିୟୁସି ସହବନ୍ଧିତ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ଅଂଶଗ୍ରହଣ କରିବାକୁ ଘୋଷଣା କରାଯାଇଥିଲା। ବିକ୍ଷୋଭରେ ସୁକାନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ରଜତ ମହାନ୍ତି, ଦିଲ୍ଲୀପ ସାସମଲ, ଦୀନେଶ ସାହୁଙ୍କ ସମେତ ଶତାଧିକ ଶ୍ରମିକ ସାମିଲ ହୋଇଥିଲେ।




## ରକ୍ତଦାନ ଶିବିର ଆୟୋଜନ କରିବ 'ସତ୍ୟ ସନାତନୀ ସଂଗଠନ'

**ତାଳଚେର ସଦର, ୨୨।୯ (ସମିସ):** ସତ୍ୟ ସନାତନୀ ସଂଘ ତରଫରୁ ବୁଧବାର ତାଳଚେର ଦେଉଳବେଡ଼ାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଆଗାମୀ ଦିନର କାର୍ଯ୍ୟକଳାପ ବିଷୟରେ ଆଲୋଚନା କରାଯାଇଥିଲା। ସର୍ବ ସମ୍ମତିକ୍ରମେ ଆଗାମୀ ଅକ୍ଟୋବର ୨ ତାରିଖ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ତାଳଚେରସ୍ଥିତ ରାଜବାଟୀ ପାଖ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରାହ୍ମଣୀବିହାରଠାରେ ଆୟୋଜନ କରାଯିବ। ଏହି ଶିବିରରେ ୨୦୦ ୟୁନିଟ୍ ରକ୍ତ ସଂଗ୍ରହ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଏହାସହିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ସମାଜରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉକ୍ତ ବୈଠକରେ ସଂଗଠନର ସଭାପତି ପଦ୍ମନ ଜେନା, ସମ୍ପାଦକ ପ୍ରିୟବ୍ରତ ମହାପାତ୍ର, ଉପଦେଷ୍ଟା ପର୍ଶୁରାମ ବାରିକ, ଗୁରୁଜୀ ମାୟାଧର ସାହୁ, ବାବୁଲି ସାମଲ ଓ ଚୈତନ୍ୟ ପ୍ରଧାନ ବରିଷ୍ଠ ସାମ୍ବାଦିକ ହିମାଂଶୁ ଗଡ଼ନାୟ, ସରୋଜ ମହାପାତ୍ର ଓ ପ୍ରଦୀପ ମହାରଣାଙ୍କ ସହ ସଂଗଠନର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

## ଜିଲ୍ଲା ପରିଷଦର ଅଷ୍ଟମ ସାଧାରଣ ବୈଠକ

# ସାମଗ୍ରିକ ଦ୍ରୁତ ବିକାଶ ଉପରେ ଗୁରୁତ୍ୱାରୋପ

ଢେଙ୍କାନାଳ, ୨୨।୯ (ସମିସ)



ଢେଙ୍କାନାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମିନତୀ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ଅଷ୍ଟମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ ମହେଶ ସାହୁ ଯୋଗଦେଇ ଜିଲ୍ଲାର ସାମଗ୍ରିକ ଦ୍ରୁତ ବିକାଶ ନିମନ୍ତେ ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟାମାନେ ଯୋଜନାଗୁଡ଼ିକର କାର୍ଯ୍ୟକାରିତାରେ ନିଜକୁ ଅଧିକ ସାମିଲ କରିବା ସହିତ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ କାର୍ଯ୍ୟକରିବାକୁ କହିଥିଲେ। ବିଧାୟକ ସୁଧୀର ସାମଲ କୃଷିର ଅଧିକ ବିକାଶ ପାଇଁ ଜଳ ସେଚନକୁ ବ୍ୟବସ୍ଥିତ କରିବା ନିମନ୍ତେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ପରଜଙ୍ଗ ବିଧାୟକ ଡା.ନୃସିଂହ ଚରଣ ସାହୁ ଜିଲ୍ଲାର ସମସ୍ତ ବାସହୀନ ଓ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଗୃହ ଯୋଗାଇ ଦେବା ନିମନ୍ତେ ବିହିତ ବ୍ୟବସ୍ଥା କରିବାକୁ କହିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲାର ବିକାଶ ନିମନ୍ତେ ସମସ୍ତ ଜନପ୍ରତିନିଧି, ସରକାରୀ କର୍ମକର୍ତ୍ତାମାନେ ଜନହିତକର କାର୍ଯ୍ୟ ଗୁଡିକରୁ ସୁଫଳ ପାଇବା ନିମନ୍ତେ ଅଧିକ ଧ୍ୟାନ ଦେବାକୁ କହିଛନ୍ତି। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ।

ଏହି ବୈଠକରେ ମୋ ସ୍କୁଲ କାର୍ଯ୍ୟକ୍ରମ ଅଧୀନରେ ବିଦ୍ୟାଳୟ ଗୁଡିକରେ ହେଉଥିବା ଆଧୁନିକୀକରଣ, ସୌନ୍ଦର୍ଯ୍ୟକରଣ, ପରିବେଶ ନିର୍ମଳ ନିମନ୍ତେ ବିଦ୍ୟାଳୟ ପରିସର ମଧ୍ୟରେ କମ୍ପୋଷ୍ଟ ପିଟ୍ ନିର୍ମାଣ ବିଷୟରେ ଆଲୋଚନା ହୋଇଥିଲା। କୋଭିଡରୁ ରକ୍ଷା ପାଇବା ପାଇଁ ଧାର୍ଯ୍ୟ ସଂଖ୍ୟକ ଟେଷ୍ଟିଂ, ଟିକାକରଣ ଓ ସ୍ୱାସ୍ଥ୍ୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିବାକୁ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ସେବାକୁ ଅଧିକ ବ୍ୟବସ୍ଥିତ କରିବା ନିମନ୍ତେ ଡାକ୍ତର, ଫାର୍ମାସିଷ୍ଟ ଆଦି ନିଯୁକ୍ତି ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ କୃଷିର ଉନ୍ନତି ନିମନ୍ତେ ଜଳ ସେଚନ, ଗ୍ରାମାଞ୍ଚଳରେ ପାଇପ ଯୋଗେ ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ସେବାରେ ଉନ୍ନତି ବିଧାନ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ନିର୍ମାଣ, ମାଛ ଚାଷ, ଜିଲ୍ଲାରେ ହାତୀର ଗମନାଗମନ ପଥ ନିର୍ଦ୍ଧାରଣ, ହାତୀମାନଙ୍କ ଉପଦ୍ରବ, ଏହାର ପ୍ରତିକାର ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା।

ଜିଲ୍ଲାପାଳ ସରୋଜ ସେଠୀ ଜିଲ୍ଲାରେ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବୈଠକକୁ ଅବଗତ କରାଇଥିଲେ। ଢେଙ୍କାନାଳ ଜିଲ୍ଲାକୁ ଏକ ସମୃଦ୍ଧ ଜିଲ୍ଲାରେ ପରିଣତ କରିବାକୁ ହେଲେ ସମସ୍ତ ଯୋଜନାର ସଫଳତା ନିମନ୍ତେ ଗୁରୁ ଦାୟିତ୍ୱ ବହନ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସାଙ୍ଗ୍ରାମ ମଣ୍ଡିତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦର ସମସ୍ତ ସଭ୍ୟ, ସଭ୍ୟା, ପଞ୍ଚାୟତ ସମିତିର ଅଧ୍ୟକ୍ଷ/ ଅଧ୍ୟକ୍ଷା ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନବନିର୍ମାଣ କୃଷକ ସଂଗଠନର ଚାଷୀ ଜାଗରଣ ସଭା



**ଢେଙ୍କାନାଳ, ୨୨।୯ (ସମିସ) :** ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲରେ ବିପ୍ରବର ସାହୁଙ୍କ ସଭାପତିତ୍ୱରେ ସମଗ୍ର ଜିଲ୍ଲାର ୮ଟି ବ୍ଲକରୁ ୨୫୦ରୁ ଅଧିକ ଚାଷୀ ପ୍ରତିନିଧିଙ୍କ ଚାଷୀ ଜାଗରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏବଂ ରାଜ୍ୟ ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ରଥ ଉଦ୍‌ଘାଟକ ଭାବେ ଏବଂ ରାଜୀବ ଲୋଚନ ଫିଙ୍ଗଡେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଚାଷୀମାନଙ୍କ ସମସ୍ୟା ନେଇ ଚଳିତ ମାସ ୨୭ ତାରିଖରେ ସାରା ଭାରତବର୍ଷରେ ବନ୍ଦ ପାଳନ କରାଯାଉଛି। ଜାତୀୟ କଂଗ୍ରେସ ଦଳ ଦୃଢ ସମର୍ଥନ ଜଣାଇଛି। ସେଥିପାଇଁ ଜିଲ୍ଲାରେ ପ୍ରତ୍ୟେକ ବ୍ଲକରେ ଏହା ପାଳନ କରାଯିବ ବୋଲି ଅତିଥିମାନେ କହିଥିଲେ। ବୈଠକରେ ସଂଗଠନର ସମ୍ମାନିତ ଅତିଥି ଆଇନ୍‌ଜୀବୀ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ବରିଷ୍ଠ କଂଗ୍ରେସ ନେତା ରବିନାରାୟଣ ମହାନ୍ତି, ଡମ୍ବରୁଧର ସେଠୀ ସ୍ଥାନୀୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ଉପଦେଷ୍ଟା କୈଳାସ ଚନ୍ଦ୍ର ରାଉତ, ସହସଂଯୋଜକ ପ୍ରହ୍ଲାଦ ସାହୁ, ସୁଶାନ୍ତ ସ୍ୱାଇଁ, ଗୋପାଳ ଚନ୍ଦ୍ର ରାଉତ, ଅରବିନ୍ଦ ବରାଳ, ନକୁଳ ରାଉତ, ରଥ ସେଠୀ, ଶ୍ରୀନିବାସ ସାହୁ, ତ୍ରିନାଥ ପଣ୍ଡା, ବିମ୍ବାଧର ମାଝି ପ୍ରମୁଖ ଆଲୋଚନା କରିଥିଲେ।

## ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଶ୍ରମିକ ଗୁରୁତର

**ତାଳଚେର ସଦର, ୨୨।୯ (ସମିସ) :** ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଜିଓଫାଇବର ତାର ଝୁଲାଉଥିବା ଅବସ୍ଥାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ତଳକୁ ଖସିପଡ଼ି ଗୁରୁତର ହୋଇଛନ୍ତି ଠିକା ଶ୍ରମିକ। ତାଳଚେର ପୌର ପରିଷଦ ବଡ଼ବଜାର ନିକଟରେ ଉକ୍ତ ଠିକା କମ୍ପାନୀର ଜଣେ ଶ୍ରମିକ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଜିଓଫାଇବର ତାର ସଂଯୋଗ କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳକୁ ଖସିପଡ଼ିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଶ୍ରମିକମାନେ ତାଙ୍କୁ ନିକଟସ୍ଥ ମଣ୍ଡାପାଳ ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଅଳ୍ପକେ ଶ୍ରମିକ ଜଣକ ମୃତ୍ୟୁମୁଖରୁ ବର୍ତ୍ତିର୍ ଯାଇଛନ୍ତି। ଏହାକୁ ନେଇ ତାଳଚେର ଉପଜିଲ୍ଲାପାଳ, ପୌର ପରିଷଦ, ପୂର୍ତ୍ତବିଭାଗ ଏସ୍‌ଡିଓ, ଇଲେକ୍ଟ୍ରିକାଲ ଏସଡିଓ ପ୍ରମୁଖଙ୍କୁ ପଚାରିବାରୁ ସେମାନେ ଆମଠାରୁ କୌଣସି ଅନୁମତି ନେଇ ନାହାନ୍ତି ବୋଲି ପ୍ରକାଶ କରିଥିଲେ। ତେବେ ସମ୍ପୃକ୍ତ ଠିକାଦାର ଓ କମ୍ପାନୀ କିପରିଭାବେ ଏପରି ମନମୁଖି କାର୍ଯ୍ୟକରୁଥଲେ ସେ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବିଜେଡି ଆଇଟି ସଂଯୋଜକଙ୍କ କର୍ମଶାଳା

ପାଲଲହଡ଼ା, ୨୨।୯ (ସମିସ) : ପାଲଲହଡ଼ା ବ୍ଲକ ବିଜେଡି ଆଇଟି ସଂଯୋଜକଙ୍କ କର୍ମଶାଳା ବୁଧବାର ପାଲଲହଡ଼ା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭ଟି ପଞ୍ଚାୟତର ଆଇଟି ସଂଯୋଜକ ସମେତ ସାମାଜିକ ଗଣମାଧ୍ୟମରେ ବିଧାୟକ ତଥା ଦଳର ପ୍ରଚାର କରୁଥିବା କର୍ମୀମାନେ ଯୋଗଦେଇଥିଲେ। ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ ପାଲ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ବିଧାୟକ ପ୍ରତିନିଧି ନରେନ୍ଦ୍ର ଭୁକ୍ତା, ଯୁବ ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ ସାମଲ, ଛାତ୍ର ବିଜେଡି ସଭାପତି ସବ୍ୟସାଚୀ କପର୍ଦ୍ଦାର, ବ୍ଲକ ଆଇଟି ସଂଯୋଜକ ଶିବଦତ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସରକାରଙ୍କ ପ୍ରତ୍ୟେକ ଲୋକାଭିମୁଖୀ କାର୍ଯ୍ୟକୁ ସାମାଜିକ ଗଣମାଧ୍ୟମରେ ପ୍ରଚାର କରିବା ସହିତ ନିଜ ଅଞ୍ଚଳରେ ଚାଲିଥିବା ବିକାଶ କାର୍ଯ୍ୟକୁ ପ୍ରଚାର ପ୍ରସାର କରିବା ପାଇଁ ମୁଖ୍ୟଅତିଥି ଉପଦେଶ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ କର୍ମଶାଳା ପରିଚାଳନା କରିଥିଲେ।

## ନବଜାତ ଶିଶୁ କନ୍ୟା ଉଦ୍ଧାର

**ଗଁଦିଆ, ୨୨।୯ (ସମିସ) :** ଗଁଦିଆ ଥାନା ଅନ୍ତର୍ଗତ କୋପ ସାହିର କିଛି ମହିଳା ବୁଦା ମୂଳରୁ ଏକ ନବଜାତ ଶିଶୁ କନ୍ୟାକୁ ଉଦ୍ଧାର କରିଥିବା ଜଣାପଡ଼ିଛି। ମହିଳାମାନେ ତାଙ୍କର ପିଲାମାନଙ୍କୁ ବଣିଆପଡ଼ା ପ୍ରାଥମିକ ବିଦ୍ୟାଳୟକୁ ପୋଲିଓ ଟିକା ଦେବାକୁ ଯାଉଥଲେ। ବିଦ୍ୟାଳୟ ପଛପଟେ ଥିବା ପାଣି ଟାଙ୍କିର ପଥର ଖାଦାନଠାରେ ଥିବା ବୁଦାମୂଳରେ ଏକ ନବଜାତ ଶିଶୁ କନ୍ୟା କାନ୍ଦୁଥିବାର ଶୁଣିବାକୁ ପାଇଥିଲେ। ବୁଦାମୂଳରେ ଗୋଟିଏ ଗାମୁଛାପାରି ଉକ୍ତ ନବଜାତ ଶିଶୁ କନ୍ୟାକୁ କିଏ ଶୋଇଦେଇଥିବା ମହିଳାମାନେ ଦେଖିଥିଲେ। ନବଜାତକଟିକୁ ଉଦ୍ଧାର କରାଯାଇ ଗ୍ରାମକୁ ନିଆଯାଇଥିବା ଜଣାପଡ଼ିଛି।

## ଦୋକାନରୁ ଚୋରି

**ତାଳଚେର ସଦର, ୨୨।୯ (ସମିସ) :** ତାଳବେଢ଼ା ସୌଭାଗ୍ୟ ନଗର ଛକଠାରୁ ବାଲୁଙ୍ଗ ଦେଇଯାଇଥିବା ରାସ୍ତା କଡ଼ରେ ଥିବା ଏକ ତେଜରାତି ଦୋକାନରୁ ଗତକାଲି ରାତିରେ ଚୋରି ହୋଇଛି। ମାଲିକ ଦିଲ୍ଲୀପ ପ୍ରଧାନ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ଦୋକାନ ତାଲାଭାଙ୍ଗି ଲକ୍ଷାଧିକ ଟଙ୍କାର ଜିନିଷ ସହିତ ଡ୍ରୟାରରେ ଥିବା ସମସ୍ତ ଟଙ୍କା ନେଇ ଚମ୍ପଟ ମାରିଥିଲେ। ଦିନକୁ ଦିନ ଚୋରି ସଂଖ୍ୟା ବୃଦ୍ଧି ପାଉଥିବାରୁ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

## ଚଉରା ନିର୍ମାଣକୁ ନେଇ ଆକ୍ରମଣ

**ଭୁବନ, ୨୨।୯ (ସମିସ) :** ଘର ଅଗଣାରେ ତୁଳସୀ ଚଉରା ନିର୍ମାଣ ବେଳେ ପଡୋଶୀଙ୍କ ଆକ୍ରମଣର ଶିକାର ହୋଇ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଭୁବନ ଥାନା ମୃଦଙ୍ଗା ପଞ୍ଚାୟତର କୁଣ୍ଡା ଗ୍ରାମର ଚହନା ଦାସଙ୍କ ପୁଅ ସେମନାଥ ଦାସ ନିଜ ଘର ଅଗଣାରେ ତୁଳସୀ ଚଉରା ନିର୍ମାଣ କରୁଥିଲେ। ସେହି ସମୟରେ ପଡୋଶୀ ନାରଣ ଦାସ, ଗଣେଶ ଦାସ, କାଳିଆ ଦାସ, ବଳିଆ ଦାସ, ଜଗା ଦାସ ମିଳିତ ଭାବେ ବିଭିନ୍ନ ମାରଣାସ୍ତ୍ରରେ ସୋମନାଥଙ୍କୁ ଆକ୍ରମଣ କରିଥିଲେ। ସୋମନାଥଙ୍କ ମୁହଁ ଆଖି ମୁଣ୍ଡ ପେଟ ଓ ଗୋଡକୁ ହଣା ହୋଇଥିବା ଜଣାପଡ଼ିଛି। ତାଙ୍କ ସ୍ତ୍ରୀ ବନସ୍ମିତା ଓ ବାପା ଚହନା ଦାସ ମଧ୍ୟ ଆକ୍ରମଣରେ ଆହାତ ହୋଇଛନ୍ତି। ଏନେଇ ଭୁବନ ଥାନାରେ ଅଭିଯୋଗ ହୋଇଛି। ତେବେ ପଡୋଶୀଙ୍କ ପକ୍ଷରୁ ମଧ୍ୟ ପ୍ରତି ଅଭିଯୋଗ ହୋଇଥିବା ଥାନା ପକ୍ଷରୁ ଜଣାପଡ଼ିଛି।

## ବିଦ୍ୟୁତ୍ ଖୁଣ୍ଟ ପଡ଼ି ବୃଦ୍ଧା ଗୁରୁତର

**କାମାକ୍ଷାନଗର, ୨୨।୯ (ସମିସ) :** ବର୍ଷା ପବନ ସମୟରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିବାରୁ କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ସୋଗର ଗ୍ରାମ ତଳ ସାହିର ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସୋଗର ତଳ ସାହିର ବାସନ୍ତୀ ଦେହୁରୀ(୫୫) ନିଜଘରୁ ଦୋକାନକୁ ଯାଉଥିବା ସମୟରେ ହଠାତ୍ ପବନ ହେବାରୁ ରାସ୍ତା ଉପରେ ଥିବା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା। ସେଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ଅର୍ଥ ଅଭାବରୁ ପରିବାର ଲୋକେ ବାସନ୍ତୀଙ୍କୁ ଘରକୁ ଫେରାଇ ଆଣିଛନ୍ତି। ଏହି ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

## ଯୁବତୀଙ୍କଠୁ ୨ଲକ୍ଷ ଟଙ୍କା ଲୁଟ୍

**ଆଠମଲ୍ଲିକ, ୨୨।୯ (ସମିସ) :** ଆଠମଲ୍ଲିକ ବ୍ଲକ ବୌଦ୍ଧ-ରେଢ଼ାଖୋଲ ରାସ୍ତା ତ୍ରିବେଣୀ ଛକଠାରେ ବୁଧବାର ଜଣେ ଯୁବତୀଙ୍କଠାରୁ ଦୁର୍ବୃତ୍ତମାନେ ୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ହଟୁଆପଡ଼ା ଗ୍ରାମର ମାଁ ଭଗବତୀ ସ୍ୱୟଂ ସହାୟକ ଦଳର ଦୁଇ ସଦସ୍ୟ ରେବତୀ ମହକୁଡ଼, ପୁଷ୍ପାଞ୍ଜଳୀ ସାହୁ ନିକଟସ୍ଥ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଦୁଇ ଲକ୍ଷ ଟଙ୍କା ଉଠାଣ କରି ବାଇକ ଯୋଗେ ଯାଉଥିଲେ। ଏହି ସମୟରେ ହଠାତ୍ ଦୁଇ ଜଣ ଯୁବକ ବାଇକ୍‌ରେ ଆସି ଯୁବତୀଙ୍କଠାରୁ ଟଙ୍କା ବ୍ୟାଗ୍ ଛଡ଼େଇ ଦ୍ରୁତ ଗତିରେ ପଳାଇଯାଇଥିଲେ। କିଆକଟା ପୁଲିସ ଘଟଣାସ୍ଥଳକୁ ଆସି ଖୋଜାଖୋଜି କରିଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କ କୌଣସି ପତ୍ତା ପାଇନାହାଁନ୍ତି।

## ପ୍ଲାଣ୍ଟ ସମ୍ମୁଖରେ ଶ୍ରମିକଙ୍କ ଧାରଣା

**ତାଳଚେର ସଦର, ୨୨।୯ (ସମିସ) :** ତାଳଚେର ଥର୍ମାଲ ପାୱର ପ୍ଲାଣ୍ଟ ବନ୍ଦ ହୋଇଯିବା ପରେ ବୁଧବାର ପ୍ଲାଣ୍ଟ ପରିସରରୁ ଲୁହା ସାମଗ୍ରୀ ଓ ଯନ୍ତ୍ରାଂଶ ବାହାରକୁ ପଠାଉଥିଲା। ଏହି ଖବରପାଇ ଶ୍ରମିକମାନେ ପ୍ଲାଣ୍ଟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏକ ଟ୍ରଲର ଯୋଗେ ଆଜି ପୂର୍ବାହ୍ଣ ୧୦ ବେଳେ ଟିଟିପିଏସ୍ ପ୍ଲାଣ୍ଟ ଯନ୍ତ୍ରାଂଶ ଅନ୍ୟ ପ୍ଲାଣ୍ଟକୁ ସ୍ଥାନାନ୍ତର କରାଯାଉଥିଲା। ଖବର ପାଇ ଶ୍ରମିକ ଏକତା ମଞ୍ଚ ଥର୍ମାଲ ୱାର୍କର୍ସ ୟୁନିୟନ୍ ଓ ବିଜେଡି କର୍ମକର୍ତ୍ତା ପ୍ଲାଣ୍ଟ ସମ୍ମୁଖରେ ହୋ ହାଲ୍ଲା କରିଥିଲେ। ପରେ ପୁଲିସ ଓ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ସହ ନୂଆ ପ୍ଲାଣ୍ଟର ଭିତ୍ତିଭୂମି ପୂଜା ନ ହେବା ଯାଏ ପୁରୁଣା ପ୍ଲାଣ୍ଟରୁ ଖଣ୍ଡିଏ ଜିନିଷ ବାହାରକୁ ଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ମହିଳାଙ୍କୁ ଆକ୍ରମଣ; ଯୁବକ ଗିରଫ

**କଣିହାଁ, ୨୨।୯ (ସମିସ):** କଣିହାଁ ଥାନା କଣିହାଁ ଗ୍ରାମରେ ଜମ୍ଭୁ ନାଏକ(୬୦) ନାମକ ଜଣେ ମହିଳାଙ୍କୁ ଗାଳିଗୁଲଜ ସହ କାଠ ଫାଳିଆରେ ଆକ୍ରମଣ କରିବା ଅଭିଯୋଗରେ ସେହି ଗ୍ରାମର ଅଶ୍ୱିନୀ ନାଏକ(୨୫)କୁ ପୁଲିସ ବୁଧବାର ଗିରଫ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ଜମ୍ଭୁ ନିଜ ଘର ସମ୍ମୁଖରେ ବସିଥିବାବେଳେ ହଠାତ ଅଶ୍ୱିନୀ ସେଠାରେ ପହଞ୍ଚି ଗାଳିଗୁଲଜ କରିବାସହ ଧରିଥିବା ଏକ କାଠ ଫାଳିଆରେ ଜମ୍ଭୁଙ୍କ ଗୋଡ଼କୁ ଆକ୍ରମଣ କରିଥିଲା। ଫଳରେ ଜମ୍ଭୁର ଗୋଡ଼ ଫ୍ୟାକ୍‌ଚର ହୋଇଯାଇଥିଲା।

## ପୋଲ ତଳକୁ ଖସିଲା ଟ୍ରକ୍

**ତାଳଚେର ସହର, ୨୨।୯ (ସମିସ) :** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ ସମାକୋଇ ପୋଲରୁ ଭାରସାମ୍ୟ ହରାଇ ଏକ ଟ୍ରକ୍ ନଦୀକୁ ଖସି ପଡ଼ିଥିବା ଜଣାପଡ଼ିଛି। ସମାକୋଇ ନଦୀ ଉପରେ ଥିବା ପୋଲଟି ଅଧାରୁ ଅଧିକ ଭାଙ୍ଗି ଯାଇଥିବା ବେଳେ ହଠାତ ବୁଲାଣୀ ଯୋଗୁଁ ଟ୍ରକ୍‌ଟି ଭାରସାମ୍ୟ ହରାଇଥିବା ଅନୁମାନ କରାଯାଉଛି। ସମଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି। ତେବେ ଚାଳକ କିମ୍ବା ଗାଡି ଭିତରେ ଥିବା ଅନ୍ୟ କର୍ମଚାରୀଙ୍କ ସନ୍ଧାନ ରାତି ୧୦ ପର୍ଯ୍ୟନ୍ତ ମିଳପାରି ନ ଥିଲା।

## ଧରାପଡ଼ିଲେ ୬ ଚୋରା ମୋବାଇଲ ଗ୍ରାହକ

**ବଅଁରପାଳ, ୨୨।୯ (ଇମିସ) :** ବଅଁରପାଳ ଥାନା ନିକଟରେ ଥିବା ମୋବାଇଲ ଦୋକାନରୁ ଚୋରି ଘଟଣାରେ ପୁଲିସ ୬ଟି ମୋବାଇଲ ଜବତ କରିବା ସହ ୬ଜଣ ଗ୍ରାହକଙ୍କୁ ଗିରଫ କରିଛି। ସମସ୍ତ ଗ୍ରାହକ ବରଗଡ଼ର ବୋଲି ଜଣାପଡ଼ିଛି। ସେମାନେ ହେଲେ ଅନନ୍ତ ଚରଣ ଲେଙ୍କା, ବିକାଶ ମଲିକ, ହରି ସେଠୀ, ରାଜୁ ପଣ୍ଡା, ମୁକେଶ ଓ ପୃଥ୍ୱୀରାଜ ନାଏକ। ୧୯ ତାରିଖ ରାତିରେ ଗଣେଶ ଇଲେକ୍ଟ୍ରୋନିକ୍ସ ନାମକ ମୋବାଇଲ ଦୋକାନରୁ ଏହି ମୋବାଇଲ ଚୋରି ହୋଇଥିଲା। ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ବଅଁରପାଳ ପୁଲିସ ସଫଳ ହୋଇପାରିନାହିଁ।

## ହାତୀ ଉପଦ୍ରବ ବନ୍ଦ ଦାବିରେ ରେଞ୍ଜ୍ ଅଫିସ୍ ଘେରଉ

**କିଶୋରନଗର, ୨୨।୯ (ସମିସ) :** ବାମୁର ବନାଞ୍ଚଳରେ ଦେଖାଦେଇ ଥିବା ବନ୍ୟଜନ୍ତୁ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ୭ ଦିନ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରିବା, ବନ୍ୟଜନ୍ତୁ, ଜଙ୍ଗଲ ସୁରକ୍ଷାପାଇଁ ସ୍ଥାନୀୟ ବେକାର ଯୁବକମାନଙ୍କୁ ନିଯୁକ୍ତି ଦେବା ଦାବିରେ ବୁଧବାର ଜୀବନ ଜୀବିକା କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ବାମୁର ରେଞ୍ଜ୍ ଅଫିସ ଘେରଉ କରାଯାଇଛି। ବିକ୍ଷୋଭକାରୀମାନେ ଏକ ଶୋଭାଯାତ୍ରାରେ ବାମୁର ଶିବ ମନ୍ଦିରଠାରୁ ବାହାରି ରେଞ୍ଜ୍ ଅଫିସରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ କମିଟିର ସଭାପତି ଦୀନ ବନ୍ଧୁ ପ୍ରଧାନ, ସମ୍ପାଦକ ଅନନ୍ତ ଚରଣ ପ୍ରଧାନ, ନିରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ ପୀତାମ୍ବର ପ୍ରଧାନ, କୈଳାସ ପ୍ରଧାନ, ମକରଧ୍ୱଜ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ଗୌରଚନ୍ଦ୍ର ପ୍ରଧାନ, ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେରେ ୩ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ଜଙ୍ଗଲ ପରିବେଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାମୁର ରେଞ୍ଜ୍ ଅଧିକାରୀ କୁଳେଶଚନ୍ଦ୍ର ସାହୁଙ୍କୁ ପ୍ରଦାନ କରାଯାଇଥିଲା।

## କାଜୁ ପ୍ରକଳ୍ପ ପ୍ରତ୍ୟାହାର ପାଇଁ ଜିଲ୍ଲାପାଳଙ୍କୁ ନିବେଦନ

**ଢେଙ୍କାନାଳ/ଇନ୍ଦିପୁର, ୨୨।୯ (ସମିସ) :** ସଦର ଥାନା ଅନ୍ତର୍ଗତ ଉଅଁଳଗଡ଼ର କାଜୁ ପ୍ରକଳ୍ପକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଜିଲ୍ଲାପାଳଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି। ବେଆଇନ ଜବରଦଖଲ କରାଯାଇ ଏହା ନିର୍ମାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ ଉଅଁଳାଗଡ଼ ଗ୍ରାମର ନିଜସ୍ୱ ଜମିରେ ଜୋର ଜବରଦସ୍ତ କାଜୁ ଗଛ ଲଗାଯାଇଛି ବୋଲି ଉକ୍ତ ଗ୍ରାମର ସମସ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଏଠାରେ ଚାରା ରୋପଣ କରି ଦୀର୍ଘ ୨୫ରୁ ୩୦ବର୍ଷ ଧରି ଜଙ୍ଗଲର ରକ୍ଷଣାବେକ୍ଷଣ କରିଆସୁଛନ୍ତି। ଉକ୍ତ ବେଆଇନ୍ ଜବରଦଖଲ ପ୍ରକଳ୍ପକୁ ସମ୍ପୂର୍ଣ୍ଣଭାବେ ରଦ୍ଦ କରିବା ପାଇଁ ଚାଷୀମାନେ ଲିଖିତ ଅଭିଯୋଗ କରିଛନ୍ତି।

## ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ



**ଢେଙ୍କାନାଳ, ୨୨।୯ (ସମିସ) :** ସ୍ଥାନୀୟ ଭାନୀରାମ୍ ମଡେଲ୍ ହାଇସ୍କୁଲ୍‌ରେ ଇନର ହୁଇଲ କ୍ଲବ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା ଓ ଦାନ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଦନ୍ତ ଚିକିତ୍ସକ ଡା.ରାୟମନ ମିଶ୍ର ଏବଂ ତାଙ୍କ ଟିମ୍ ଯୋଗଦାନ କରି ଦାନ୍ତ ଉପରେ ସଚେତନ କରିବା ସହିତ ଆସିଥିବା ରୋଗୀମାନଙ୍କର ଚିକିତ୍ସା କରିଥିଲେ। ଏହି ଶିବିରରେ ବଳଭଦ୍ରପୁର ଗ୍ରାମ୍ୟ କମିଟି ପୂର୍ଣ୍ଣ ସହଯୋଗ କରିଥିବା ବେଳେ ସାଗରମଲ ଅଗ୍ରୱାଲ, ସରିତା ଅଗ୍ରୱାଲ ଓ ଇନରହୁଇଲ୍ କ୍ଲବ୍‌ର ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଓ ପ୍ରୀତି ଉପହାର ଦେଇ ସମ୍ବୋଧିତ କରିଥିଲେ। ଏହି ଶିବିରରେ ୭୨ଜଣ ବ୍ୟକ୍ତିଙ୍କ ଦନ୍ତ ଚିକିତ୍ସା କରାଯାଇଥିବାବେଳେ ୧୦୦ ଜଣଙ୍କୁ ଟୁଥ୍‌ପେଷ୍ଟ, ଟୁଥ୍‌ବ୍ରସ୍, ମାଉଥ୍ ସ୍ୱାସ୍, ମାସ୍କ, ସାବୁନ ଇତ୍ୟାଦି ପ୍ରଦାନ କରାଯାଇଥିଲା। ଇନରହୁଇଲ୍ କ୍ଲବ୍ ଢେଙ୍କାନାଳର ସଭାପତି ଅପର୍ଣ୍ଣା ରଥ, ସାମ୍ବାଦିକା ଶ୍ୱେତା ଡାଲମିଆ, ସରିତା ଅଗ୍ରୱାଲ, ଅମିତା ଜୟସୁଆଲ୍, ଅର୍ଚ୍ଚନା ମହାପାତ୍ର, ରିତିକା ଅନୁଭୁତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଢେଙ୍କାନାଳକୁ ଶାନ୍ତିର ସହର ମାନ୍ୟତା ଦାବି

**ଢେଙ୍କାନାଳ, ୨୨।୯ (ସମିସ) :** ବିଶ୍ୱ ଶାନ୍ତି ଦିବସ ଉପଲକ୍ଷେ ଢେଙ୍କାନାଳ ସହରକୁ ଶାନ୍ତିର ସହର ମାନ୍ୟତା ଦେବା ପାଇଁ ଜିଲ୍ଲାପାଳ ସରୋଜ ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସହରଟି ପ୍ରାକୃତି ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହୋଇଥିବାବେଳେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏହାକୁ ଦେଖି ଆନନ୍ଦିତ ହେବା ସହିତ ମାନସିକ ଶାନ୍ତିଲାଭ କରିଥାନ୍ତି। ଏଠିକାର ଲୋକମାନେ ଖୁବ୍ ସରଳ ଓ ଅମାୟିକ ଅଟନ୍ତି। ସେଥିପାଇଁ ଏହାର ସଂସ୍କୃତି, ପରମ୍ପରା ଯାହାକି ପ୍ରାଚୀନକାଳରୁ ରହିଆସିଛି ଆଜି ପର୍ଯ୍ୟନ୍ତ ଏହାର ମୂଲ୍ୟବୋଧକୁ ବଞ୍ଚାଇବା ପାଇଁ ସହରବାସୀ ସର୍ବଦା ଚେଷ୍ଟିତ। ଏଠାରେ ସାମାଜିକ ଅପରାଧର ହାର ଖୁବ୍‌କମ୍ ହୋଇଥିବାବେଳେ ଏହାକୁ ଭାଇଚାରାର ସହର ବୋଲ ସହରବାସୀ ବିଶ୍ୱାସ କରନ୍ତି। ଏହାକୁ ନାମକରଣ କରାଗଲେ ସାରା ଦେଶରୁ ବହୁ ପର୍ଯ୍ୟଟକ ଆସିବା ସହିତ ଢେଙ୍କାନାଳର ବିକାଶ ହୋଇପାରିବ। ମିଳିତ ପୂଜା କମିଟିର ସଭାପତି ବିଶ୍ୱନାଥ ବେହେରା, ସମାଜସେବୀ ରାଜକିଶୋର ବେହେରା, ସାମ୍ବାଦିକ ଗଙ୍ଗାଧର ରାଉତ, ସୌମ୍ୟ ମିଶ୍ର, ଅନନ୍ୟା ଦାସ, ମୋହିନୀ ମୋନାଲିସା ଓ ଇଂ. ସୌମ୍ୟବ୍ରତ ସାହୁ ଦାବିପତ୍ର ପ୍ରଦାନ କରିଛନ୍ତି।



## ଷ୍ଟେସନର ଆଧୁନିକୀକରଣ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

**ଅନୁଗୋଳ, ୨୨।୯ (ସମିସ) :** ଅନୁଗୋଳ ରେଳ ଷ୍ଟେସନର ଅତ୍ୟାଧୁନିକରଣ ନିମନ୍ତେ ବିଜେପି ଓଡ଼ିଶା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ଭେଟି ୯ ଦଫା ସମ୍ବଳିତ କାର୍ଯ୍ୟକ୍ରମ ନିମନ୍ତେ ଏକ ପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରଟି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଅନୁଗୋଳ ରେଳ ଷ୍ଟେସନକୁ ବି-ଗ୍ରେଡ ଷ୍ଟେସନ ହିସାବରେ ଘୋଷଣା କରିବା, ସମ୍ବଲପୁର ଓ ହାୱଡ଼ା ଭାୟା ଅନୁଗୋଳ ଦେଇ ସାପ୍ତାହିକ ୨ଥର ଓ ଭିଶାଖାପାଟନାମ ଓ ଅମୃତସର ମଧ୍ୟରେ ଦୈନିକ ରେଳ ଚଳାଚଳର ବ୍ୟବସ୍ଥା କରିବା , ଷ୍ଟେସନର ସବୁ ପ୍ଲାଟଫର୍ମରେ ୱେଷ୍ଟର୍ଟର୍ନ ଛତା ସେଡ୍‌ର ବ୍ୟବସ୍ଥା କରିବା, ଷ୍ଟେସନର ପ୍ଲାଟଫର୍ମ -୧ରୁ ପ୍ଲାଟଫର୍ମ–୩ ପର୍ଯ୍ୟନ୍ତ ପାଦଚଲା ଓଭର ବ୍ରିଜ ନିର୍ମାଣ କରିବା, ଷ୍ଟେସନର ପ୍ଲାଟଫର୍ମ ଗୁଡିକରେ ପାନୀୟ ଜଳର ସୁବିଧା କରିବା, ରେଳ କର୍ମଚାରୀ, ସେମାନଙ୍କ ପରିବାର ଓ ଯାତ୍ରୀଙ୍କ ଆଶୁ ଚିକିତ୍ସା ନିମନ୍ତେ ଷ୍ଟେସନ ଭିତରେ ଡିସ୍‌ପେନ୍‌ସରୀ ସୁବିଧାକରାଯିବା, ଷ୍ଟେସନ ରାସ୍ତାକୁ ସହରର ପିଡବ୍ଲ୍ୟୁଡି ରାସ୍ତା ସହ ସଂଯୋଗ କରିବା, ଅନୁଗୋଳ ରେଳ ଷ୍ଟେସନରେ ପାର୍ସଲ ବୁକିଂର ସୁବିଧା କରିବା, ଅନୁଗୋଳ ଷ୍ଟେସନରେ କୋଚ୍ ଡିସପ୍ଲେ ସୁବିଧା କରାଯିବା ଆଦି ଦାବିନେଇ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର ପ୍ରଦାନ କରିଥିଲେ।

# କଟକଣା ସତ୍ତ୍ୱେ ସହରରେ ଗଡ଼ୁଛି ଭାରୀଯାନ

କାମାକ୍ଷାନଗର, ୨୨।୯ (ସମିସ)



କାମାକ୍ଷାନଗର ଏନ୍‌ଏସି ଏକ ଛୋଟ ସହର ହୋଇଥିଲେ ମଧ୍ୟ ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ସହର ମଧ୍ୟରେ ଶହ ଶହ ଯାନବାହାନ ଏବେ ଚଳାଚଳ କରୁଛି। ଏଥି ସହିତ

### ବେଗ ଉପରେ ନାହିଁ ନିୟନ୍ତ୍ରଣ

ଦୈନିକ ଦୁର୍ଘଟଣାମାନ ମଧ୍ୟ ଘଟିବାରେ ଲାଗିଛି। ସହର ମଧ୍ୟରେ ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ଏଭଳି ସମସ୍ୟା ଦେଖାଦେଇଛି।

ସେହିପରି ସହର ମଧ୍ୟରେ ଭାରୀଯାନ ଚଳାଚଳ ସହିତ ବେଗର ନିୟନ୍ତ୍ରଣ ନ ରହିବା କାରଣରୁ ଏବେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟିବାରେ ଲାଗିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଘଟଣା ରୋକିବା ନିମନ୍ତେ ଭାରୀଯାନ ଯାତାୟାତପାଇଁ କଟକଣା ଜାରି କରାଯାଇଛି। ଏହି କଟକଣା ସକାଳ ୮ଟାରୁ ରାତି ୯ଟା ପର୍ଯ୍ୟନ୍ତ ଜାରି କରାଯାଇଛି। ସହରର ଆଲୁତୁମା ଛକଠାରୁ ଭାୟା ବସ୍‌ଷ୍ଟାଣ୍ଡ, ମୁଣ୍ଡିଦେଉଳି ଛକ, ହନୁମାନ ବଜାର, ଜଗନ୍ନାଥ ବଜାର, ତରୁଣ ବଜାର, ଲକ୍ଷ୍ମୀ ବଜାର ମୁଖ୍ୟ ରାସ୍ତା ଓ ଜିରିଡାମାଳି ପର୍ଯ୍ୟନ୍ତ ସମସ୍ତ ରାସ୍ତାରେ ଭାରୀଯାନ ଚଳାଚଳକୁ ନେଇ କଟକଣା ଜାରି କରାଯାଇଛି। ଭାରୀଯାନକୁ ସହର ମଧ୍ୟକୁ ପ୍ରବେଶ ନ କରିବା ପାଇଁ ଭୁବନରୁ ଆସୁଥିବା ଗାଡିକୁ ବାଲିଗୋରଡଠାରେ, ପରଜଙ୍ଗ ଆଡୁ ଆସୁଥିବା ଗାଡିକୁ ବାଉଁଶପାଳ ଛକଠାରେ ଓ ଢେଙ୍କାନାଳଠାରୁ ଆସୁଥିବା ଗାଡିକୁ ଜଡାପାଳଠାରେ ଅଟକାଇବା ପାଇଁ ପୁଲିସ ମୁତୟନ କରାଯାଇଛି। ଏହାପରେ ମଧ୍ୟ ସହର ମଧ୍ୟକୁ ନିୟମକୁ ଉଲ୍ଲଂଘନ କରି ନିଧଡକ ଭାବେ ଅନବରତ ସହର ମଧ୍ୟରେ ଗାଡି ଚଳାଚଳ କରୁଛି। ଏହାକୁ ବ୍ୟବସାୟୀ ସଂଘ, ବରିଷ୍ଠ ନାଗରିକ ନାପସନ୍ଦ କରିଛନ୍ତି। ଗାଡି ଚଳାଚଳକୁ ନେଇ ବୁଧବାର କେତେକ ବ୍ୟବସାୟୀ ଭାରୀଯାନକୁ ଅଟକାଇ ଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁବାରଠାରୁ କୌଣସି ଭାରୀଯାନ ଚଳାଚଳ କରିବ ନାହିଁ ବୋଲି ପ୍ରତିଶ୍ରୁତିଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ଅନ୍ତର୍ଜାତୀୟ କ୍ରିକେଟ୍

# ବିରାଟଙ୍କଠାରୁ ଅଧିକ ବେତନ ପାଉଥିବା କ୍ରିକେଟର୍

ଯେତେବେଳେ ଆମେ ବିଶ୍ୱରେ ସର୍ବାଧିକ ରୋଜଗାର କରୁଥିବା କ୍ରିକେଟର୍ କିମ୍ବା ଅନ୍ୟ ଆଥ୍‌ଲେଟ୍‌ଙ୍କ ବିଷୟରେ ଆଲୋଚନା କରୁ ସେତେବେଳେ ଏହି ତାଲିକାରେ ବିରାଟ କୋହଲି ନିଶ୍ଚୟ ରହିଥାନ୍ତି। ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରହିଥିବା କୋହଲି ଦେଶର ଏକମାତ୍ର କ୍ରୀଡ଼ାବିତ୍ ଭାବେ ଫୋବର୍ସ ପକ୍ଷରୁ ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ-୧୦୦ ଧନୀ କ୍ରୀଡ଼ାବିତ୍ (୨୦୨୦) ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ସେ ୬୬ତମ ସ୍ଥାନରେ ରହିଛନ୍ତି। ସେହିଭଳି ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ବାର୍ଷିକ ଚୁକ୍ତି ତାଲିକାରେ ମଧ୍ୟ ତାଙ୍କୁ ଏ+ ଗ୍ରେଡ୍ ମିଳିଛି। ଅର୍ଥାତ୍ ବିସିସିଆଇ ନିକଟରୁ ସେ ବାର୍ଷିକ ୭ କୋଟି ଟଙ୍କା ବେତନ ପାଇଥାନ୍ତି।

ସେହିଭଳି ବିଶ୍ୱର ସବୁଠାରୁ ବ୍ୟୟବହୁଳ କ୍ରିକେଟ୍ ଲିଗ୍ ଆଇପିଏଲ୍‌ରେ ମଧ୍ୟ କୋହଲି ସର୍ବାଧିକ ବେତନ ପାଉଥିବା କ୍ରିକେଟର୍। ୨୦୧୮ରୁ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ତାଙ୍କୁ ବାର୍ଷିକ ୧୭ କୋଟି ଟଙ୍କା ପ୍ରଦାନ କରୁଛି। ଏତଦ୍ ବ୍ୟତୀତ ଅପାର ଲୋକପ୍ରିୟତା ତଥା ଯୁବଗୋଷ୍ଠୀଙ୍କ ପ୍ରିୟ କ୍ରିକେଟର୍ ହୋଇଥିବାରୁ ବିରାଟ ମଧ୍ୟ ଅନେକ ବ୍ରାଣ୍ଡ ସହ ଡିଲ୍ କରିଛନ୍ତି। ତେବେ ଅନେକ ହୁଏତ ଜାଣି ନ ଥିବେ ବିଶ୍ୱରେ ଏମିତି ୫ଜଣ କ୍ରିକେଟର୍ ରହିଛନ୍ତି ଯେଉଁମାନେ ବିରାଟଙ୍କଠାରୁ ଅଧିକ ବେତନ ସେମାନଙ୍କ ବୋର୍ଡ ନିକଟରୁ ପାଇଥାନ୍ତି। ଆଇପିଏଲ୍ ଓ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ କାରଣରୁ ଭାରତୀୟ ଦଳର ଅଧିନାୟକ ଅଧିକ ରୋଜଗାର କରିପାରନ୍ତି, କିନ୍ତୁ ଏମିତି କିଛି କ୍ରିକେଟର୍ କେବଳ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି କୋହଲିଙ୍କଠାରୁ ଅଧିକ ବେତନ ପାଉଛନ୍ତି। ସେହି ୫ ଜଣ କ୍ରିକେଟର୍‌ଙ୍କ ଉପରେ ସଂକ୍ଷେପରେ।



### ଜୋସ୍ ବଟଲର୍ (ଇଂଲଣ୍ଡ):

ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚରଙ୍କ ପରି ଜୋସ୍ ବଟଲର୍ ମଧ୍ୟ ୩ଟି ଯାକ ଫର୍ମାଟ୍‌ରେ ଇଂଲଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ଗତ ୨ ବର୍ଷ ହେବ ସେ ଟେଷ୍ଟ ଦଳକୁ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିପୋର୍ଟ ମୁତାବକ ବଟଲର୍ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ନିକଟରୁ ବାର୍ଷିକ ବେତନ ଆକାରରେ ୧୯ କୋଟି ଟଙ୍କା ପାଉଛନ୍ତି। ଆଇପିଏଲ୍ ଖେଳି ମଧ୍ୟ ସେ ବିପୁଳ ପରିମାଣର ରୋଜଗାର କରିଥାନ୍ତି।



### ବେନ୍ ଷ୍ଟୋକ୍ସ (ଇଂଲଣ୍ଡ):

ତୃତୀୟ ଇଂଲଣ୍ଡର କ୍ରିକେଟର୍ ଭାବେ ଷ୍ଟାର୍ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଆର୍ଚରଙ୍କ ପରି ଷ୍ଟୋକ୍ସ ମଧ୍ୟ ଜାତୀୟ ଦଳ ପକ୍ଷରୁ ସମସ୍ତ ଫର୍ମାଟ୍‌ରେ ପ୍ରତିନିଧିତ୍ୱ କରନ୍ତି। ଯେଉଁଥି ପାଇଁ ସେ ଇଂଲଣ୍ଡ ବୋଲର୍ହ ନିକଟରୁ ବିପୁଳ ରୋଜଗାର କରିଥାନ୍ତି। ୨୦୧୩ରୁ ଇଂଲଣ୍ଡ ଦଳର ନିୟମିତ ସଦସ୍ୟ ପାଲଟିଥିବା ୩୦ ବର୍ଷୀୟ ଷ୍ଟୋକ୍ସ ଭାରତୀୟ ମୁଦ୍ରାରେ ବାର୍ଷିକ ପ୍ରାୟ ୮.୭୫ କୋଟି ଟଙ୍କା ବେତନ ଆକାରରେ ଇସିବି ନିକଟରୁ ପାଉଛନ୍ତି। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଷ୍ଟୋକ୍ସ ଗତ ୩ ବର୍ଷ ମଧ୍ୟରେ ବେତନରେ ୪୦ ପ୍ରତିଶତ ବୃଦ୍ଧି କରିପାରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଇସିବି ବେତନ ପ୍ରଣାଳୀରେ ପରିବର୍ତ୍ତନ କରିବାକୁ ଥିବାରୁ ଷ୍ଟୋକ୍ସଙ୍କ ବାର୍ଷିକ ବେତନ ବୃଦ୍ଧି ପାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

### ଷ୍ଟିଭ ସ୍ମିଥ୍ (ଅଷ୍ଟ୍ରେଲିଆ)

ଅଷ୍ଟ୍ରେଲିଆର ପ୍ରାକ୍ତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପରି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ମଧ୍ୟ ଟେଷ୍ଟ କ୍ରିକେଟ୍‌କୁ ବେଶ୍ ଗୁରୁତ୍ୱ ପ୍ରଦାନ କରିଥାଏ। ସ୍ମିଥ୍ ଅଷ୍ଟ୍ରେଲିଆର ଶୀର୍ଷ ମାନ୍ୟତାପ୍ରାପ୍ତ ଟେଷ୍ଟ ବ୍ୟାଟ୍ସମ୍ୟାନ। ସେହିଭଳି ବର୍ତ୍ତମାନ ଖେଳୁଥିବା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ରନ୍ ସଂଗ୍ରହକାରୀ ଖେଳାଳି। ରିପୋର୍ଟ ମୁତାବକ, ସିଏ ବାର୍ଷିକ ୪ ମିଲିଅନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୨୯ କୋଟି ୫୪ ଲକ୍ଷ ଟଙ୍କା) ସ୍ମିଥ୍‌ଙ୍କୁ ପ୍ରଦାନ କରିଥାଏ। ସ୍ମିଥ୍ ୩ଟି ଯାକ ଫର୍ମାଟ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ବେତନ ବ୍ୟତୀତ ସ୍ମିଥ୍ ମଧ୍ୟ କୋହଲିଙ୍କ ପରି ବିଭିନ୍ନ ବିଜ୍ଞାପନରୁ ଆଖିଦୃଷ୍ଟିଆ ରୋଜଗାର କରିଥାନ୍ତି। ୨୦୧୮ରେ ବଲ୍ ଟ୍ୟାମ୍ପରିଂ ଘଟଣାରେ ବିବାଦୀୟ ହେବାପରେ ସ୍ମିଥ ତାଙ୍କ ପ୍ରଦର୍ଶନରେ ଆହୁରି ଉନ୍ନତ କରିପାରିଛନ୍ତି।




### ଜୋ ରୁଟ୍ (ଇଂଲଣ୍ଡ):

ଇଂଲଣ୍ଡ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ଜୋ ରୁଟ୍ ଏହି ତାଲିକାରେ ଶୀର୍ଷରେ ରହିଛନ୍ତି। ତାଲିକାର ସର୍ବାଗ୍ରେ ରୁଟ୍‌ଙ୍କ ନାମକୁ ଦେଖି ଅନେକ ହୁଏତ ଚକିତ ହୋଇପାରନ୍ତି। କିନ୍ତୁ ଯେଉଁମାନେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ଘରୋଇ ଖେଳାଳି ଚୁକ୍ତି ପ୍ରଣାଳୀ ଅନୁସରଣ କରନ୍ତି ତେବେ ବେତନ ପ୍ରସଙ୍ଗରେ ସେମାନେ ବିଭିନ୍ନ ଚୁକ୍ତିନାମା ବ୍ୟବସ୍ଥା ରଖିଛନ୍ତି। ଟେଷ୍ଟ କ୍ରିକେଟ୍‌କୁ ଗୁରୁତ୍ୱ ଦେଉଥିବା ଇସିବି ଅଧିନାୟକ ରୁଟ୍‌ଙ୍କୁ ବାର୍ଷିକ ବେତନ ଆକାରରେ ପାଖାପାଖି ୭.୨୨ କୋଟି ଟଙ୍କା ପ୍ରଦାନ କରିଥାଏ। ଯାହାକି ବିରାଟ କୋହଲି (୭ କୋଟି)ଙ୍କ ବାର୍ଷିକ ପାଉଣାଠାରୁ ଅଧିକ। ଏହି ବେତନ ରୁଟ୍‌ଙ୍କୁ ବିଶ୍ୱର ସର୍ବାଧିକ ବେତନ ପାଉଥିବା ଟେଷ୍ଟ ଅଧିନାୟକ ମାନ୍ୟତା ପ୍ରଦାନ କରିଛି। କୋହଲି ବିଜ୍ଞାପନ ଆଦିରୁ ଅଧିକ ରୋଜଗାର କରୁଥିଲେ ମଧ୍ୟ ବେତନ ଦୃଷ୍ଟିରୁ ରୁଟ୍ ତାଙ୍କୁ ପଛରେ ପକାଇ ଦେଇଛନ୍ତି।




### ଜୋଫ୍ରା ଆର୍ଚର (ଇଂଲଣ୍ଡ):

ଇଂଲଣ୍ଡ ଦଳର ତାରକର ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏହି ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ୨୦୧୯-୨୦ ସିଜନ ଆର୍ଚରଙ୍କ ପାଇଁ ବେଶ୍ ସଫଳମୟ ରହିଥିଲା। ଯେଉଁଥି ପାଇଁ ସେ ଇଂଲଣ୍ଡର ୩ଟି ଯାକ ଫର୍ମାଟ୍‌ରେ ଜଣେ ନିୟମିତ ସଦସ୍ୟ ହୋଇପାରିଥିଲେ। ସଂକ୍ଷିପ୍ତ କ୍ୟାରିୟର ମଧ୍ୟରେ ଆର୍ଚର ଅଧିନାୟକଙ୍କ ବେଶ୍ ଭରସାଯୋଗ୍ୟ ହୋଇପାରିଛନ୍ତି। ଯେଉଁଥି ପାଇଁ ୨୦୧୯ ଆଇସିସି ଏକଦିବସୀୟ ବିଶ୍ୱକପ୍ ଫାଇନାଲ ସୁପର୍ ଓଭରରେ ମଧ୍ୟ ଅଧିନାୟକ ତାଙ୍କୁ ବୋଲିଂ ଭାର ପ୍ରଦାନ କରିଥିଲେ ଏବଂ ସେ ୧୫ ରନକୁ ରୋକିପାରିଥିଲେ। ଗତ ଆସେସ୍ ସିରିଜରେ ପ୍ରଭାବୀ ବୋଲିଂ କରିବା ପରେ ଆର୍ଚରଙ୍କ ବାର୍ଷିକ ବେତନ ରୁଟ୍‌ଙ୍କ ସହିତ ସମାନ କରିଦିଆଯାଇଥିଲା। କିନ୍ତୁ ସେ ୩ଟି ଯାକ ଫର୍ମାଟ୍ ଖେଳୁଥିବାରୁ ବାର୍ଷିକ ସେ ଇସିବି ନିକଟରୁ ୯.୩୯ କୋଟି ଟଙ୍କା ବେତନ ପାଉଥିବା ରିପୋର୍ଟରୁ ଜଣାପଡ଼ିଛି। ରୁଟ୍ ଟେଷ୍ଟ ଓ ଏକଦିବସୀୟ କ୍ରିକେଟ୍ ଖେଳୁଥିବାବେଳେ ୱେଷ୍ଟଇଣ୍ଡିଜ ଜନ୍ମିତ ଆର୍ଚର ୩ଟି ଯାକ ଫର୍ମାଟ୍‌ରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥାନ୍ତି।



# ଜାତୀୟ ସଫ୍ଟ ଟେନିସରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୨।୯ (ସମିସ): ଚଳିତ ମାସ ୨୬ରୁ ମଧ୍ୟପ୍ରଦେଶର ଦେୱାସଠାରେ ଜାତୀୟ ସିନିଅର ସଫ୍ଟ ଟେନିସ ପ୍ରତିଯୋଗିତା ଆରମ୍ଭ ହେବ। ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦଳ ବୁଧବାର ମଧ୍ୟପ୍ରଦେଶ ଅଭିମୁଖେ ଗସ୍ତ କରିଛି। ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଆୟୋଜିତ ରାଜ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ଗଠନ କରାଯାଇଛି ବୋଲି ଓଡ଼ିଶା ସଫ୍ଟ ଟେନିସ ସଂଘର ସମ୍ପାଦକ ମହମ୍ମଦ ଆଜାମ ସୂଚନା ଦେଇଛନ୍ତି। ରାଜ୍ୟ ସଂଘର ନିର୍ଦ୍ଦେଶକ ଶଶାଙ୍କ ଚୂଡ଼ାମଣି, ଅଧ୍ୟକ୍ଷ ରଞ୍ଜନ କୁମାର ନନ୍ଦ, ସଭାପତି ବିକାଶଚନ୍ଦ୍ର ପଟ୍ଟନାୟକ, ମୋନାଲିସା ରାଜଗୁରୁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିଭଳି କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ, ମୁଖ୍ୟ ଉପଦେଷ୍ଟା ମନୋରଞ୍ଜନ ମହାନ୍ତି, କୃଷ୍ଣଚରଣ ପଣ୍ଡା, ନୀମାଧବ ଦେଓ, ଶକ୍ତିରଞ୍ଜନ ମହାନ୍ତି, ବିଶ୍ୱଜିତ୍ ସ୍ୱାଇଁ, ଅଜୟ ନିସାନ ପ୍ରମୁଖ ମଧ୍ୟ ଓଡ଼ିଶା ଦଳର ସଫଳତା କାମନା କରିଛନ୍ତି।



**ଓଡ଼ିଶା ଦଳ:**

**ପୁରୁଷ:** ମାନସ ରଞ୍ଜନ ସିଂହ (ଅଧିନାୟକ), ମହମ୍ମଦ ଅନମ (ଉପ-ଅଧିନାୟକ), ଅଜିତ୍ ସବାର, ରଜତ କୁମାର ରଇତା, ବିକାଶ କୁମାର ମହାପାତ୍ର, ଦାସରଥୀ ମୁଦୁଲି, ମହମ୍ମଦ ଆଜାମ (ପ୍ରଶିକ୍ଷକ) ଓ ଭଗବାନ ସେଠୀ (ମ୍ୟାନେଜର)।

**ମହିଳା:** ଅନୁସୟା ବାରିକ (ଅଧିନାୟିକା), ପୁପରନ୍ ଓରାମ (ଉପ-ଅଧିନାୟିକା), ମନୀଷା ଓରାମ, ହେମନ୍ତି ବିଲୁଙ୍ଗ।

# ଡୁରାଣ୍ଡ କପ୍: ଆଜିଠୁ କ୍ୱାର୍ଟର ଫାଇନାଲ

କୋଲକାତା, ୨୨।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ପ୍ରତିଯୋଗିତା ଡୁରାଣ୍ଡ କପ୍‌ର ୧୩୦ତମ ସଂସ୍କରଣର କ୍ୱାର୍ଟରଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ମହମ୍ମଦାନ ଓ ଗୋକୁଲମ୍ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଗୁରୁବାର ଖେଳାଯିବ। ସେହିଭଳି ଶୁକ୍ରବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଆର୍ମି ରେଡ୍ ଓ ବେଙ୍ଗାଲୁରୁ ୟୁନାଇଟେଡ୍ ମଧ୍ୟରେ ୨ୟ ଏବଂ ଗୋଆ ଓ ଦିଲ୍ଲୀ ଏଫ୍‌ସି ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଶନିବାର ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଆର୍ମି ଗ୍ରୀନ୍ ଓ ବେଙ୍ଗାଲୁରୁ ଏଫ୍‌ସି ପରସ୍ପରକୁ ଭେଟିବେ। ବୁଧବାର ଖେଳାଯାଇଥିବା ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଦିଲ୍ଲୀ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ବିଜୟୀ ହୋଇଥିଲେ।

ୱିଲିସ୍ ପ୍ଲାଜାଙ୍କ ଗୋଲ୍ ବଳରେ ଦିଲ୍ଲୀ ଏଫ୍‌ସି ଦଳ ପ୍ରଥମଥର ଲାଗି ସମ୍ମାନଜନକ ଡୁରାଣ୍ଡ କପ୍ ଫୁଟ୍‌ବଲ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କଲ୍ୟାଣୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଦିଲ୍ଲୀ ଏଫ୍‌ସି ୧-୦ ଗୋଲରେ କେରଳା ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୫-୩ ଗୋଲରେ ଇଣ୍ଡିଆନ୍ ନେଭିକୁ ହରାଇ ଅନ୍ତିମ-୮ରେ ସ୍ଥାନ ପକ୍କା କରିଛି। ବେଙ୍ଗାଲୁରୁ ପକ୍ଷରୁ ମଧ୍ୟ ହର୍‌ମନପ୍ରୀତ୍ ୨ଟି ଗୋଲ୍ ଦେଇଥିଲେ।

# ରାଜସ୍ଥାନ-ଛତିଶଗଡ଼, ମଧ୍ୟପ୍ରଦେଶ-ତେଲଙ୍ଗାନା ଫାଇନାଲ

## ଜାତୀୟ ସଫ୍ଟବଲ

**କଟକ,୨୨।୯ (ସମିସ)**
ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୩୩ତମ ସବ୍‌ଜୁନିୟର ଜାତୀୟ ସଫ୍ଟବଲ ଚାମ୍ପିଅନସିପ ୩ୟ ଦିନର ଖେଳ ଶେଷ ହୋଇଛି। ବୁଧବାର ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ବାଳକ ବିଭାଗରେ ରାଜସ୍ଥାନ ଓ ଛତିଶଗଡ଼, ବାଳିକା ବିଭାଗରେ ମଧ୍ୟପ୍ରଦେଶ ଓ ତେଲଙ୍ଗାନା ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଫାଇନାଲ ମୁକାବିଲା ହେବା ସହିତ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ।

ବାଳକ ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ରାଜସ୍ଥାନ ୮-୦ ପଏଣ୍ଟରେ ପଞ୍ଜାବକୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଛତିଶଗଡ଼ ୫-୦ ପଏଣ୍ଟରେ ଉତ୍ତରାଖଣ୍ଡକୁ ହରାଇଥିଲା। ସେହିଭଳି ବାଳିକା ବର୍ଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୫-୨ ପଏଣ୍ଟରେ ଆନ୍ଧ୍ରପ୍ରଦେଶକୁ ଓ ତେଲଙ୍ଗାନା ୫-୦ ପଏଣ୍ଟରେ ରାଜସ୍ଥାନକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ଖେଳାଯାଇଥିବା ବାଳକ ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚଗୁଡ଼ିକରେ ରାଜସ୍ଥାନ ୭-୦ ପଏଣ୍ଟରେ ତେଲଙ୍ଗାନାକୁ, ପଞ୍ଜାବ ୧-୦ ପଏଣ୍ଟରେ ମଧ୍ୟପ୍ରଦେଶକୁ, ଛତିଶଗଡ଼ ୮-୧ ପଏଣ୍ଟରେ ମହାରାଷ୍ଟ୍ରକୁ, ଉତ୍ତରାଖଣ୍ଡ ୩-୧ ପଏଣ୍ଟରେ କେରଳକୁ ପରାସ୍ତ କରିଥିଲା। ବାଳିକା ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୪-୨ ପଏଣ୍ଟରେ ଉତ୍ତରାଖଣ୍ଡକୁ, ଆନ୍ଧ୍ରପ୍ରଦେଶ ୫-୪ରେ ଛତିଶଗଡ଼କୁ, ତେଲଙ୍ଗାନା ୧-୦ରେ ଦିଲ୍ଲୀକୁ ଓ ରାଜସ୍ଥାନ ୯-୧ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇଥିଲା।



# କୋକନଟ୍ ଗ୍ରେଭି ପନିର୍



ମୋ ହାଣ୍ଡିଶାଳରୁ...

## ଆବଶ୍ୟକ ସାମଗ୍ରୀ


ପନିର୍: ୫୦୦ ଗ୍ରାମ୍, ନଡ଼ିଆ ରସ: ଏକ କପ୍, ପିଆଜ: ୨ଟା, ଟମାଟୋ ପ୍ୟୁରି: ଅଧା କପ୍, ଗରମ ମସଲା: ଏକ ଚାମଚ, ଜିରା: ଅଧା ଚାମଚ, ଲଙ୍କା ଗୁଣ୍ଡ: ଏକ ଚାମଚ, ହଳଦୀ ଗୁଣ୍ଡ: ଏକ ଚାମଚ, ଅଦା ଓ ରସୁଣ ପେଷ୍ଟ: ୨ ଚାମଚ, ଧନିଆ ଗୁଣ୍ଡ: ଏକ ଚାମଚ, ଲୁଣ: ସ୍ୱାଦ ଅନୁସାରେ, ଧନିଆ ପତ୍ର: ସଜାଇବା ପାଇଁ, ତେଲ: ଆବଶ୍ୟକତା ଅନୁସାରେ।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚୁଲା ଲଗେଇ କଡ଼େଇ ବସାନ୍ତୁ। କଡ଼େଇ ଗରମ ହେବା ପରେ ଅଳ୍ପ ତେଲ ଦିଅନ୍ତୁ। ଏହାପରେ ଜିରା ଓ ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ୍ ହୋଇଯିବା ପରେ ଅଦା ରସୁଣ ପେଷ୍ଟ୍ ପକାନ୍ତୁ। ଏହାକୁ କିଛି ସମୟ କଷିବା ପରେ ଟମାଟୋ ପ୍ୟୁରି ପକାନ୍ତୁ। ସେଥିରେ ଲୁଣ, ଗରମ ମସଲା, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ପକାଇ ଭଲ ଭବେ କଷନ୍ତୁ। ମସଲା କଷି ହୋଇଯିବା ପରେ ନଡ଼ିଆ ରସ ଓ ଅଳ୍ପ ପାଣି ଦେଇ ଢ଼ାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ପନିର୍ ଓ ଗରମ ମସଲା ପକାଇ ଦୁଇ ତିନି ମିନିଟ୍ ଫୁଟାନ୍ତୁ। ଏକ ପାତ୍ରକୁ କାଢ଼ି ଧନିଆ ପତ୍ରରେ ସଜାନ୍ତୁ କୋକନଟ୍ ଗ୍ରେଭି ପନିର୍। ଏହାକୁ ଭାତ କିମ୍ବା ରୁଟି ସହ ଗରମ ଗରମ ପରଷନ୍ତୁ।

## କେଶ ସଫାର ନୂଆ ଟ୍ରେଣ୍ଡ

# ରିଭର୍ସ ହେୟାର୍ ୱାସ୍



**କେଶ ସଫା କରିବାର ନୂଆ ଏକ ଟ୍ରେଣ୍ଡ ହେଉଛି 'ରିଭର୍ସ ହେୟାର୍ ୱାସ୍'। ଯାହା ସାଧାରଣ କେଶ ଧୋଇବା ପ୍ରକ୍ରିୟାଠାରୁ ସମ୍ପୂର୍ଣ୍ଣ ଭିନ୍ନ।**

### କ'ଣ ଏହା

ସାଧାରଣତଃ କେଶ ସଫା ସମୟରେ ପ୍ରଥମେ ସାମ୍ପୁ ଓ ପରେ କଣ୍ଡିସନର ବ୍ୟବହାର କରାଯାଏ। କିନ୍ତୁ ଏହାର ପ୍ରକ୍ରିୟା ଓଲଟା। ଅର୍ଥାତ୍ ଏଥିରେ ପ୍ରଥମେ କଣ୍ଡିସନର ଓ ପରେ ସାମ୍ପୁ କରାଯାଉଥିବାରୁ ଏହାକୁ କୁହାଯାଉଛି 'ରିଭର୍ସ ହେୟାର୍ ୱାସ୍'।

### କିଭଳି କରିବେ

- ପ୍ରଥମେ କେଶ ଓଦା କରି କଣ୍ଡିସନର ବ୍ୟବହାର କରନ୍ତୁ।
- କଣ୍ଡିସନର ଲଗାଇବାର ୧୦ ମିନିଟ୍ ପରେ କେଶ ଧୋଇ ଦିଅନ୍ତୁ।
- ଏହା ପରେ ସାମ୍ପୁ ଲଗାଇ କେଶ ଧୁଅନ୍ତୁ। ଅବଶ୍ୟ ଏଥିରେ ସାମ୍ପୁ ଥରେ ବ୍ୟବହାର କରାଯାଏ।
- ପରେ କେଶରେ ସିରମ୍ ବ୍ୟବହାର କରନ୍ତୁ।

### ଉପକାରିତା

ଏହା ଦ୍ୱାରା କେଶ ମୂଳରୁ ମଇଳା ଭଲ ଭାବେ ସଫା ହୋଇଥାଏ। କେଶ ଭଲ ବଢ଼େ ଓ ସୁସ୍ଥ ରହେ। ଏହା ସହ କେଶରେ ଚମକ ଆସିଥାଏ। ତୈଳାକ୍ତ, ପତଳା ତଥା ଶୁଷ୍କ କେଶ ଲାଗି ଉପଯୋଗୀ ରିଭର୍ସ ହେୟାର ୱାସ୍। ଅନ୍ୟପଟେ ବାହାରେ ଅଧିକ ବୁଲାବୁଲି ବା ଜଗିଂ କରୁଥିଲେ ଏହି ପ୍ରକ୍ରିୟାକୁ ଆପଣାଇବା ଦରକାର। ଅବଶ୍ୟ ସପ୍ତାହକୁ ଥରେ ଏହାକୁ କରିବା ଉଚିତ।

# ଏପାଖେ ଯନ୍ତ୍ରଣା, ସେପାଖେ ହସ





**ମୁହଁ ହେଉଛି ମନର ଆଇନା। ଆମ ମନ ମଧ୍ୟରେ ଚାଲୁଥିବା ପ୍ରତିଟି ଭାବନା ତଥା ବ୍ୟକ୍ତିତ୍ୱକୁ ଏହା ସମସ୍ତଙ୍କ ସାମ୍ନାରେ ଆଣି ରଖି ଦିଏ। ସେଥିପାଇଁ ଘରୁ ବାହାରିବା ମାତ୍ରେ ଦୁଃଖକୁ ହସର ମୁଖା ଭିତରେ ଚୁଲାଇବାକୁ ପଡ଼ିଥାଏ। ତେବେ ପ୍ରଫେସନାଲ ଜୀବନରେ ମନୋଭାବକୁ ଲୁଚାଇ ମାହୋଲକୁ ଖୁସି ରଖିବା କ'ଣ ସହଜ କଥା ! ଏ ନେଇ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା କେତେକ ମହିଳା କି ପ୍ରକାର ପ୍ରଚେଷ୍ଟା କରନ୍ତି, ତାହାକୁ ନେଇ ଏ ଉପସ୍ଥାପନା...**

ସାଧାରଣତଃ ହସୁଥିବା ତଥା ହସାଉଥିବା ଲୋକଙ୍କୁ ସମସ୍ତେ ଭଲପାଆନ୍ତି। ଏହା ସହ ସାମାଜିକ ଜୀବନରେ ମଧ୍ୟ ଏମାନଙ୍କର ଏକ ସୁନ୍ଦର ଛବି ବଜାୟ ରହିଥାଏ। ସେଥିପାଇଁ କିଛି ଜୀବିକା ଏଭଳି ଅଛି, ମନରେ ଯେତେ ଚିନ୍ତା କି ଦୁଃଖ ଥିଲେ ସେସବୁର ଝଲକ ସେମାନଙ୍କ ବ୍ୟକ୍ତିତ୍ୱରେ କେବେ ବି ଦେଖିବାକୁ ମିଳି ନ ଥାଏ। ମୁଖ୍ୟତଃ ଲୋକସମ୍ପର୍କ ସହ ଜଡ଼ିତ ଲୋକଙ୍କ ପାଇଁ ଖୁସି ଦେଖାଯିବା ନିହାତି ଜରୁରୀ। ଅର୍ଥାତ୍ ଅଜଣା, ଅଚିହ୍ନା ଲୋକଙ୍କ ସହ କଥାବାର୍ତ୍ତା ବେଳେ ବ୍ୟକ୍ତିତ୍ୱରେ ଆତ୍ମୀୟତା ପ୍ରତିଫଳିତ ହେବା ଉଚିତ୍। ପ୍ରତିକୂଳ ପରିସ୍ଥିତିରେ ଶାଳୀନତା ସହ ହସିବାରେ ଏମାନେ ଥାନ୍ତି ବେଶ ପାରଙ୍ଗମ।

କୌଣସି କମ୍ପାନିରେ ଫ୍ରଣ୍ଟ ଅଫିସରେ ବସିଥିବା ରିସେପନିଷ୍ଟ, ଡାକ୍ତର, ନର୍ସ, ଏୟାର ହୋଷ୍ଟେସ୍, ଶିକ୍ଷୟିତ୍ରୀ, କଳାକାର ଆଦି ବହୁ ଲୋକ ଏମିତି ଅଛନ୍ତି, ଯେଉଁମାନଙ୍କ ପ୍ରଫେସନାଲ କାମ ହେଉଛି ନିଜେ ହସି ଅନ୍ୟର ଯତ୍ନ ତଥା ସେମାନଙ୍କୁ ଭଲ ସେବା ପ୍ରଦାନ କରିବା। ସେମାନଙ୍କ ସୌମ୍ୟ ହସ ପଛରେ ବି ବହୁ କଷ୍ଟ, ଯନ୍ତ୍ରଣା ଲୁଚି ରହିଥାଏ। କହିବାକୁ ଗଲେ ହସୁଥିବା ପ୍ରତ୍ୟେକ ମଣିଷ ପଛରେ କଷ୍ଟର ଅନେକ ଅକୁହା କାହାଣୀ ଥାଏ। ମାତ୍ର ଜିଇବା ଲାଗି ଏମାନଙ୍କୁ ହସିବାକୁ ପଡ଼ିଥାଏ।

### ନକଲି ହସ ଲାଗେ ସତ

ଜରୁରୀ ନୁହେଁ ସବୁବେଳେ ହସୁଥିବା ମଣିଷର ବ୍ୟକ୍ତିଗତ ଜୀବନ ସୁଖମୟ ହୋଇଥିବ। ନକଲି ହସ କାରଣରୁ ମିଳୁଥିବା ପ୍ରଶଂସା ମଣିଷକୁ ସତ ଖୁସି ଦେଇଥାଏ ବୋଲି କହନ୍ତି ଭୁବନେଶ୍ୱରର ମମତା ମହାନ୍ତି। ସେ ଏକ ଘରୋଇ କମ୍ପାନିରେ ରିସେପନିଷ୍ଟ ଭାବେ କାର୍ଯ୍ୟରତ। ଶାଶୂ ଘର ଲୋକେ କି ସ୍ୱାମୀ ତାଙ୍କୁ ଭଲ ପାଆନ୍ତି ନାହିଁ। ସେ ତିନି ବର୍ଷ ବୟସ ଝିଅ ସହ ବାପ ଘରେ ରହୁଛନ୍ତି। ସୁବବେଳେ କିଛି ନା କିଛି ଚିନ୍ତା ତଥା ଦୁଃଖ ତାଙ୍କ ଜୀବନରେ ଲାଗି ରହିଥାଏ। ମାତ୍ର ସେସବୁକୁ ଆଡ଼ କରି ତାଙ୍କୁ ଅଫିସରେ ବସିବାକୁ ହୋଇଥାଏ। ଅଜଣା ଲୋକଙ୍କ ସହ ପଦୁଟିଏ ହସି କଥା ହେବାକୁ ପଡ଼ିଥାଏ। ଅନେକ ସମୟରେ ନିଜକୁ ଏଭଳି ଉପସ୍ଥାପନା କରିବା ସହଜ ହୋଇ ନ ଥାଏ, ତଥାପି ଜୀବିକା ଓ ଜୀବନ ପାଇଁ କିଛି ସମୟ ଖୁସି ରହିବା ଅଭ୍ୟାସରେ ପରିଣତ ହୋଇଯାଏ।

### କଳାକାରଠାରୁ ଦୁଃଖୀ ଆଉ କେହି ନୁହନ୍ତି



କଳାକାର ଜୀବନରେ ବହୁତ ଦୁଃଖ ଓ କଷ୍ଟ ଥାଏ। ଏହା ସତ୍ତ୍ୱେ ମଧ୍ୟ ସେ ଅଭିନୟ କରେ। ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଚେଷ୍ଟା କରେ। ସେଥିପାଇଁ କଳାକାର ସବୁବେଳେ ହସୁଥାଏ। ଏପରିକି ସେ କେବେ ବି ତା' କଷ୍ଟ କାହା ପାଖରେ ଦେଖାଇବାକୁ ଚାହେଁ ନାହିଁ କି କେହି ତା' ଦୁଃଖ ବୁଝି ପାରନ୍ତି ନାହିଁ। ଦର୍ଶକଙ୍କୁ ହସାଇବା, କନ୍ଦାଇବା ତଥା ରଗାଇବା ସବୁ ଆମ ଉପରେ ନିର୍ଭର କରେ। ଆଉ ସେଥିରୁ ମଲୁଥିବା ପ୍ରଶଂସା ଆମ ପାଇଁ ଗୁରୁତ୍ୱ ରଖେ। ଯେଉଁଥିପାଇଁ କଷ୍ଟ ଲାଗିଲେ ବି କାହା ସାମ୍ନାରେ ସେସବୁ ଦେଖାଇ ନ ଥାଉ। ଅନ୍ୟପଟେ ଷ୍ଟାଇଲିସ୍ ଦେଖାଯାଉଥିବା କାରଣରୁ ଅଭିନେତା କି ଅଭିନେତ୍ରୀ ଦୁଃଖ କଷ୍ଟରେ ରହୁଥିବେ ବୋଲି ସାଧାରଣରେ କେହି ଭାବନ୍ତି ନାହିଁ। ସେ ବି ସଂଘର୍ଷ କରି ଆଗକୁ ବଢ଼େ। ହସ ହସ ମୁହଁରେ ନଜର ଆସୁଥିବା କଳାକାରଠାରୁ ଦୁଃଖୀ ଆଉ କେହି ନୁହେଁ।

- ସବିତା ସାହୁ, ଅଭିନେତ୍ରୀ

### ସବୁବେଳେ ଖୁସି ରହିବା ସହଜ ନୁହେଁ



ରୋଗୀଟିଏ ଯେଭଳି ଉପଯୁକ୍ତ ସେବା ପାଇ ଖୁସି ମନରେ ଘରକୁ ଫେରିବ ତାହା ଉପରେ ଗୁରୁତ୍ୱ ଦେଇଥାଉ। ତେଣୁ ସବୁବେଳେ ନିଜକୁ ଖୁସି ଦେଖାଇ ସେମାନଙ୍କ ସେବା କରିବାକୁ ହୋଇଥାଏ। ଅବଶ୍ୟ ସର୍ବଦା ନିଜକୁ ଏଭଳି ଉପସ୍ଥାପନା କରିବା ସେତେଟା ସହଜ ହୋଇ ନ ଥାଏ। କଷ୍ଟ ହେବା ତ ସ୍ୱାଭାବିକ କଥା। ମୋର କୋଭିଡ୍ ଡ୍ୟୁଟି ସମୟରେ ଜଣେ ୮୩ ବର୍ଷ ବୟସର ରୋଗୀ ସୁସ୍ଥ ହୋଇ ଘରକୁ ଯାଇଥିଲେ। ସେ ସେବାରେ ଖୁସି ହୋଇ ଆଶୀର୍ବାଦ କରିଥିଲେ। ବହୁତ ଖୁସି ଲାଗିଥିଲା। ରୋଗୀ ତଥା ହସପିଟାଲ ପ୍ରତି ଆମ ଦାୟିତ୍ୱକୁ ସାମ୍ନା ଲୋକ ବୁଝି ନ ପାରିଲେ ବିରକ୍ତ ଲାଗେ। ସେହିପରି ନିଜେ ଟ୍ରେନିଂ ନେବା ସହ ଜୁନିଅରମାନଙ୍କୁ ଖୁସିରେ ଟ୍ରେନିଂ ଦେବାକୁ ପଡ଼ିଥାଏ। ପିଲାମାନେ ନ ବୁଝିପାରିଲେ ବି ଚିଡ଼ା ଲାଗେ। କିନ୍ତୁ ହସି ହସି ସେମାନଙ୍କୁ ସବୁ କିଛି ବାରମ୍ବାର ବୁଝେଇବାକୁ ପଡ଼ିଥାଏ।

- ଶତରୂପା ପଟ୍ଟଯୋଶୀ, ଇନଫେକସନ କଣ୍ଟ୍ରୋଲ ନର୍ସ, ସମ୍ ହସପିଟାଲ

ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ

# ଫେବ୍ରିକ୍ ହେଡ୍‌ବ୍ୟାଣ୍ଡ

ହେୟାର୍ ଷ୍ଟାଇଲକୁ ନୂଆ ଲୁକ୍ ଦେଉଛି ଏବେ ହେୟାର୍ ବ୍ୟାଣ୍ଡ। ତେବେ ଏବେ ଫେବ୍ରିକ୍ ବା କପଡ଼ା ହେୟାର ବ୍ୟାଣ୍ଡର ଚାହିଦା ଟିକେ ବେଶି। ବିଭିନ୍ନ ଡିଜାଇନ ତଥା ଷ୍ଟାଇଲ୍‌ରେ ଏହା ଉପଲବ୍ଧ। ବିଶେଷକରି କାଜୁଆଲ ଲୁକ୍‌କୁ ଭଲ ମାନିଥାଏ ଏହି ବ୍ୟାଣ୍ଡ। ସେହିପରି ଡେନିମ୍ ତଥା ହ୍ୱାଇଟ୍ ସାର୍ଟ ଲାଗି ଫେବ୍ରିକ୍ ନଟ୍ ଷ୍ଟାଇଲ ବ୍ୟାଣ୍ଡ ଖୁବ୍ ଆକର୍ଷଣୀୟ ଲାଗେ।



ନାଇଟ୍ ପାର୍ଟି ତଥା ଫଙ୍କି ଲୁକ୍ ପାଇଁ ବୋ-ହେୟାର ବ୍ୟାଣ୍ଡ ପିନ୍ଧି ପାରିବେ। ଯେକୌଣସି ଉତ୍ସବରେ ଷ୍ଟାଇପ୍ ପ୍ରିଣ୍ଟେଡ୍ ତଥା ୱାନପିସ୍ ଡ୍ରେସ୍‌କୁ ଦୁଇ ରଙ୍ଗ ବିଶିଷ୍ଟ ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ସୁନ୍ଦର ଲାଗିଥାଏ। ଅନ୍ୟପଟେ ଜଗିଂ ସମୟରେ କେଶକୁ ଭଲ ଭାବେ କଭର୍ କରିଥାଏ ହେଡ୍ ଗିୟର୍। ଫଳରେ କେଶ ଧୂଳି ତଥା ମଇଳା ସଂସ୍ପର୍ଶରେ ଆସି ନ ଥାଏ। ଅନେକ ସେଲିବ୍ରିଟିଙ୍କର ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ଏବେ ଷ୍ଟାଇଲ ଷ୍ଟେଟମେଣ୍ଟ ସାଜିଛି।

## ସେଲିବ୍ରିଟି ସିକ୍ରେଟ୍



**ଲୋକପ୍ରିୟ କଣ୍ଠଶିଳ୍ପୀ ସୋହିନୀ ମିଶ୍ର ସୁନ୍ଦର ତ୍ୱଚା ଓ ଫିଟ୍ ରହିବା ପାଇଁ କ'ଣ କରନ୍ତି ଜାଣନ୍ତୁ ତାଙ୍କ ମୁହଁରୁ...**

# ଡାଏଟ୍ ଉପରେ ଗୁରୁତ୍ୱ ଦିଏ

**• ତ୍ୱଚାର ଯତ୍ନ ଲାଗି କ'ଣ କରନ୍ତି?**

ମୁଖ୍ୟତଃ ନାଚୁରାଲ ଜିନିଷ ବ୍ୟବହାର କରିବାକୁ ଭଲପାଏ। ଫେସ୍ ୱାସ୍ ଖୁବ୍ କମ୍ ବ୍ୟବହାର କରେ। ବେସନ, ହଳଦୀ, କ୍ଷୀର ଲଗାଏ।

**• ଆପଣଙ୍କ ବିୟୁଟି ସିକ୍ରେଟ୍ କ'ଣ?**

ଯଦିଓ ସେମିତି କିଛି ନାହିଁ, ତଥାପି ପ୍ରଚୁର ପାଣି ପିଏ।

**• ପ୍ରିୟ ଖାଦ୍ୟ?**

ଷ୍ଟ୍ରିଟ୍ ଫୁଡ୍। ଅର୍ଥାତ୍ ଗୁପ୍‌ଚୁପ୍, ଦହିବରା ଆଳୁଦମ୍ ପସନ୍ଦ।

**• ମେକ୍‌ଅପ୍ ନେବାକୁ ଭଲ ଲାଗେ?**

ମେକ୍‌ଅପ୍ ନେବା ସେତେଟା ପସନ୍ଦ ନୁହେଁ। କମ ମେକ୍‌ଅପ୍ ନିଏ।

**• ଫିଟ୍ ରହିବା ପାଇଁ କ'ଣ କରନ୍ତି?**

ଏକ୍ସରସାଇଜ୍ କରେ। କିନ୍ତୁ ସବୁଦିନ କରିପାରେ ନାହିଁ। ଡାଏଟ୍ ଉପରେ ବେଶି ଗୁରୁତ୍ୱ ଦିଏ। ତେଲ ତଥା ମସଲାଯୁକ୍ତ ଖାଦ୍ୟ ପଦାର୍ଥ ଖାଏ ନାହିଁ। ଖାଦ୍ୟରେ ସବୁଦିନ ସାଲାଡ୍ ସାମିଲ କରିଥାଏ।

**ସେ କୌଣସି ସଂସ୍ଥା ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର ମଧ୍ୟ ସଂଗଠନ ନାହିଁ। ନିଜସ୍ୱ ଉଦ୍ୟମରେ ପାଣ୍ଠି ସଂଗ୍ରହ କରି କନ୍ୟା ସନ୍ତାନଙ୍କୁ ଶିକ୍ଷିତ କରାଉଛନ୍ତି ଗୁଜରାଟର ନିଶିତା ରାଜପୁତ୍।**



## ଶିକ୍ଷାର ଆଲୋକବର୍ତ୍ତିକା

# ନିଶିତା






ମଧ୍ୟବିତ୍ତ ପରିବାରର ହୋଇଥିବାରୁ ନାରୀ ଜୀବନରେ ଶିକ୍ଷାର ଗୁରୁତ୍ୱକୁ ବୁଝନ୍ତି ନିଶିତା। ଏପରିକି ସେ ଶିକ୍ଷିତ ବୋଲି ୩୪,୫୦୦ କନ୍ୟା ସନ୍ତାନଙ୍କ ଲାଗି ତିନି କୋଟିରୁ ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିଛନ୍ତି। ସାଧାରଣତଃ ଝିଅଙ୍କୁ ସରକାରୀ ସ୍କୁଲ ଓ ପୁଅଙ୍କୁ ଘରୋଇ ସ୍କୁଲରେ ପଢ଼ାଯାଉଥିବା ସେ ପିଲା ବେଳୁ ଦେଖି ଆସୁଥିଲେ। ମାତ୍ର ସେ ଝିଅମାନଙ୍କ ସହ ହେଉଥିବା ଏ ପ୍ରକାର ବାଛବିଚାରରେ ସନ୍ତୁଷ୍ଟ ନ ଥିଲେ। ସେଥିପାଇଁ ନିଜ ଉଦ୍ୟମରେ ସେମାନଙ୍କୁ ସ୍କୁଲରେ ପଢ଼ାଇବାକୁ ଚାହିଁଲେ। ତା'ସହ ସ୍କୁଲ ଫି' ଲାଗି ପାଣ୍ଠି ସଂଗ୍ରହ ଆରମ୍ଭ କଲେ ନିଶିତା।

ନିଶିତା ଏ ନେଇ କୌଣସି ସଂଗଠନ ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର କିଛି ସଂସ୍ଥା ବି ନାହିଁ। ତେବେ ତାଙ୍କ ଉଦ୍ଦେଶ୍ୟ ହେଉଛି ନାରୀମାନଙ୍କୁ ଶିକ୍ଷିତ କରାଇବା। ଅନ୍ୟପଟେ ସେ ଚଳିତ ଜାନୁଆରୀ ମାସରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କିନ୍ତୁ ସେ ବାହାଘରରେ ଅଯଥା ଖର୍ଚ୍ଚ ନ କରି ସେହି ଟଙ୍କାକୁ ୨୫୧ ଝିଅଙ୍କ ସ୍କୁଲ ଫି' ପାଇଁ ଜମା କରିଛନ୍ତି। କେବଳ ଏତିକି ନୁହେଁ, ୨୧ ଝିଅଙ୍କ ନାଁରେ ୫ ହଜାର ଟଙ୍କାର ସ୍ଥାୟୀ ଜମା ମଧ୍ୟ କରିଛନ୍ତି।

ନିଶିତା ଏ କାମ ୧୧ ବର୍ଷ ତଳେ ୧୫୧ ପିଲାଙ୍କଠାରୁ ଆରମ୍ଭ କରିଥିଲେ। ଅବଶ୍ୟ ଏନେଇ ସେ ଘର ଘର ବୁଲି ପାଣ୍ଠି ସଂଗ୍ରହ କରନ୍ତି। ଆଉ ସେବେଠୁ ଏଯାବତ୍ ୩୪,୫୦୦ କନ୍ୟାଙ୍କ ଲାଗି ୩ କୋଟି ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିସାରିଛନ୍ତି। ଏ କ୍ଷେତ୍ରରେ କିଏ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି ତ ଆଉ କିଏ ମୁହଁକୁ ଚାହିଁ ନ ଥାନ୍ତି। ତେବେ ଯେଉଁମାନେ ବି ସାହାଯ୍ୟ କରିଛନ୍ତି, ସେମାନେ ଏଯାବତ୍ ତାଙ୍କ ସହ ଯୋଡ଼ି ହୋଇ ରହିଥିବା କହିଛନ୍ତି ନିଶିତା। ସେ ତାଙ୍କ ବାପା ଓ ମା'ଙ୍କୁ ନେଇ ଏ କାମ କରୁଛନ୍ତି। ତାଙ୍କ ମତରେ ମଣିଷ ନିଜ ପାଇଁ ସବୁକିଛି କରିପାରେ। କିନ୍ତୁ ଅନ୍ୟପାଇଁ କିଛି କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ।



## କୋଚ୍‌ଙ୍କୁ ଛାଡ଼ିଲେ ହାଲେପ



ବୁଚାରେଷ୍ଟ, ୨୨।୯ (ଏଜେନ୍ସି): ବିଶ୍ୱ ମାନ୍ୟତାର ପୂର୍ବତନ ଏକନମ୍ବର ଖେଳାଳି ରୋମାନିଆର ସିମୋନା ହାଲେପ ତାଙ୍କ କୋଚ୍ ଡାରେନ କାହିଲଙ୍କଠାରୁ ଅଲଗା ହୋଇଛନ୍ତି। ଡାରେନ ୬ ବର୍ଷ ଧରି ହାଲେପ୍‌ଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ଏହି ସମୟରେ ୨୯ ବର୍ଷୀୟା ହାଲେପ ୨୦୧୮ ଫ୍ରେଞ୍ଚ ଓପନ ଟାଇଟଲ ଜିତି ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ସଫଳତା ପାଇଥିଲେ। ତେବେ ଏହି ସିଜନ ଶେଷରେ କାହିଲ ନିଜ ପରିବାର ସହ ଅଧିକ ସମୟ ଦେବାକୁ ଅଷ୍ଟ୍ରେଲିଆନ୍ କୋଚ୍ କାହିଲ ହାଲେପଙ୍କ ହାତ ଛାଡ଼ିଥିଲେ। ପରେ ୨୦୧୯ ଡବ୍ଲ୍ୟୁଟିଏ ଫାଇନାଲ୍ସ ପୂର୍ବରୁ ଉଭୟ ଏକତ୍ର ହୋଇଥିଲେ। କାହିଲଙ୍କ ପ୍ରଶିକ୍ଷଣରେ ହାଲେପ ପ୍ରଥମ ତିନିବର୍ଷର ଦୁଇଟି ସିଜିନରେ ବିଶ୍ୱ ମାନ୍ୟତାର ଏକନମ୍ବର ଓ ୨୦୧୮ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ମାସ ପ୍ରାରମ୍ଭରେ ଆୟୋଜିତ ୟୁଏସ ଓପନ ଚତୁର୍ଥ ରାଉଣ୍ଡରେ ଏଲିନା ଭିଟୋଲିନାଙ୍କ ନିକଟରୁ ହାରି ବିଦାୟ ନେଇଥିଲେ। ଗତ ସପ୍ତାହରେ ହାଲେପ ମାସେଡୋନିଆନ ବ୍ୟବସାୟୀ ଟୋନି ଇରୁକଙ୍କୁ ବିବାହ କରିଥିଲେ।

## ସୁଧିରମାନ କପ୍‌ରୁ ଓହରିଲେ ଚିରାଗ-ସାତ୍ୱିକ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଭାରତର ପୁରୁଷ ଡବଲ୍ସ ଯୋଡ଼ି ଚିରାଗଲ ସେଟ୍ଟୀ ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଆଗାମୀ ସୁଧିରମାନ କପ୍ ମିକ୍ସଡ ଟିମ୍ ଚାମ୍ପିଅନସିପ୍ ଖେଳିବେନି। ଉଭୟ ଖେଳାଳି ସ୍ୱାସ୍ଥ୍ୟଗତ କାରଣରୁ ଓହରିଯାଇଛନ୍ତି। ଆସନ୍ତା ୨୬ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଫିନଲାଣ୍ଡରେ ଆୟୋଜିତ ହେବାକୁ ଯାଉଥିବା ସମ୍ମାନଜନକ ସୁଧିରମାନ କପ୍ ପାଇଁ ବ୍ୟାଡ଼ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ ପକ୍ଷରୁ ଘୋଷିତ ୧୨ଜଣିଆ ଭାରତୀୟ ଦଳରେ ବିଶ୍ୱ ମାନ୍ୟତାର ୧୦ ନମ୍ବର ଯୋଡ଼ି ଚିରାଗ ଓ ସାତ୍ୱିକ ସ୍ଥାନ ପାଇଥିଲେ। ଅସୁସ୍ଥ ଥିବା ଚିରାଗ ଏବେ ଆରୋଗ୍ୟ ଲାଭ କରିଛନ୍ତି। ଚିରାଗ ଓ ସାତ୍ୱିକଙ୍କର ମଧ୍ୟ ଥୋମାସ କପ୍‌ରେ ଖେଳିବା ନେଇ ସନ୍ଦେହ ରହିଛି। ସୁଧିରମାନ କପ୍ ପରେ ଥୋମାସ କପ୍ ଅକ୍ଟୋବର ୯ରୁ ଡେନମାର୍କରେ ଖେଳାଯିବ।

# ଶୀର୍ଷକୁ ଉଠିଲା ଦିଲ୍ଲୀ କ୍ୟାପିଟାଲ୍ସ

**ଦୁବାଇ, ୨୨।୯ (ଏଜେନ୍ସି)**

ଆଇପିଏଲ୍ ୧୪ତମ ସଂସ୍କରଣ ୩୩ତମ ମୁକାବିଲାରେ ବୁଧବାର ଗତଥରର ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ହାଇଦରାବାଦ୍ ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୩୪ ରନ କରିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଦକ୍ଷିଣ ଆଫ୍ରିକାର ଦୁଇ ଡାହାଣହାତୀ ଦ୍ରୁତ ବୋଲର କାଗିସୋ ରବାଡା ଓ ଏନ୍‌ରିଚ ନୋର୍ଜେ ପ୍ରଭାବୀ ବୋଲିଂ କରିଥିଲେ। ସେହିଭଳି ସ୍ପିନର ଅକ୍ଷର ପଟେଲ ମଧ୍ୟ ୨ଟି ୱିକେଟ୍ ନେଇ ହାଇଦରାବାଦ୍‌କୁ ବଡ଼ ସ୍କୋର କରିବାରେ ଅଟକାଇଥିଲେ। ଜବାବରେ ୧୩୫ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ରଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ୧୭.୫ ଓଭରରେ ଦୁଇଟି ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ଶ୍ରେୟସ ଆୟାର ୪୭ ଓ ପନ୍ତ ୩୫ ରନ୍‌ର ଅପରାଜିତ ଇନିଂସ ଖେଳି ଦିଲ୍ଲୀକୁ ସହଜ ବିଜୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର ପୃଥ୍ୱୀ ସ ୧୧ ଓ ଶିଖର ଧାୱନ ୪୨ ରନ କରି ଆଉଟ୍ ହୋଇଥିଲେ। ହାଇଦରାବାଦ ପକ୍ଷରୁ ଖଲିଲ ଅହମ୍ମଦ ଓ ରଦିଦ ଖାନ୍ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଏଥିସହ ୯ ମ୍ୟାଚ୍‌ରୁ ସପ୍ତମ ବିଜୟ ହାସଲ କରି ୧୪ ପଏଣ୍ଟ ସହ ଦିଲ୍ଲୀ ଟେବ୍‌ଲ ତାଲିକାର ଶୀର୍ଷକୁ ଉଠିଛି। ହାଇଦରାବାଦ ଅଷ୍ଟମ ମ୍ୟାଚ୍‌ରୁ ସପ୍ତମ ପରାଜୟ ସହ ସର୍ବନିମ୍ନ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ଅଧିନାୟକ କେନ୍ ୱିଲିୟମସନ୍‌ଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହୋଇଥିଲା। ଦଳ ଖାତା ଖୋଲିବା ପୂର୍ବରୁ ଡେଭିଡ୍ ୱାର୍ଣ୍ଣରଙ୍କ ୱିକେଟ୍ ହରାଇଥିଲା। ଏନ୍‌ରିଚ୍ ନୋର୍ଜେ ଏହି ୱିକେଟ୍ ନେଇ ଦିଲ୍ଲୀକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ୱିକେଟ୍‌କିପର ରିଦ୍ଧିମାନ ଶାହ (୧୮ ରନ) ମଧ୍ୟ କ୍ରିଜରେ ସେଟ୍ ନେଇ ଆସୁଥିବାବେଳେ ରବାଦାଙ୍କ ବଲରେ ଶିଖର ଧାୱନଙ୍କ ହାତରେ କ୍ୟାଚ ହୋଇ ପ୍ୟାଭିଲିୟନ ଫେରିଥିଲେ। ମଧ୍ୟକ୍ରମରେ ଅଧିନାୟକ ୱିଲିୟମସନ୍ ଓ ମନୀଷ ପାଣ୍ଡେ ମଧ୍ୟ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇ ନେବାକୁ ପ୍ରଚେଷ୍ଟା କରିଥିଲେ। ଉଭୟ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋରରେ ପରିଣତ କରାଇବାରେ ବିଫଳ ହୋଇଥିଲେ। ମାତ୍ର ୨ଟି ବଲ୍ ଅନ୍ତରରେ ୱିଲିୟମସନ୍ (୧୮ ରନ) ଓ ପାଣ୍ଡେ (୧୭)ଙ୍କୁ ଆଉଟ୍ କରି ଦିଲ୍ଲୀ ବଡ଼ ସଫଳତା ପାଇଥିଲା। ତେବେ ମଧ୍ୟ-ନିମ୍ନକ୍ରମରେ ଅବଦୁଲ ସାମାଦ୍ ଓ ଆଫଗାନିସ୍ତାନ ଷ୍ଟାର୍ ଅଲ୍‌ରାଉଣ୍ଡର ରସିଦ୍ ଖାନ୍ କିଛିଟା ଉଲ୍ଲେଖନୀୟ ପାଳି ଖେଳିବାରୁ ହାଇଦରାବାଦ୍ ୯ ୱିକେଟ୍‌ରେ ୧୩୪ ରନର ଏକ ସମ୍ମାନଜନକ ସ୍କୋର ଠିଆ କରାଇପାରିଥିଲା। ଜମ୍ମୁ ଓ କଶ୍ମୀର ସାମାଦ୍ ୨୮ ଓ ରସିଦ୍ ୨୨ ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ରବାଡା ୩ଟି ଏବଂ ନୋର୍ଜେ ଓ ଅକ୍ଷର ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ହାଇଦରାବାଦ୍: ୧୩୪/୯,** ୨୦ ଓଭର (ସାମାଦ୍-୨୮, ରସିଦ୍-୨୨, ୱିଲିୟମସନ୍-୧୮, ରିଦ୍ଧିମାନ-୧୮, ପାଣ୍ଡେ-୧୭, ରବାଡା-୩/୩୭, ନୋର୍ଜେ- ୨/୧୨)।

**ଦିଲ୍ଲୀ କ୍ୟାପିଟାଲ୍ସ: ୧୩୯/୨,** ୧୭.୫ ଓଭର (ଶିଖର-୪୨, ଶ୍ରେୟାସ ଆୟାର- ୪୭*, ପନ୍ତ-୩୫*, ପୃଥ୍ୱୀ ସ-୧୧, ଖଲିଲ ଅହମ୍ମଦ-୧/୩୩, ରସିଦ ଖାନ୍-୧/୨୬)।



### ଆଜିର ମ୍ୟାଚ୍

ଆଇପିଏଲ ୨୦୨୧

**ମୁମ୍ବଇ**
ବନାମ
**କୋଲକାତା**

ଭେନ୍ୟୁ-ଆବୁଧାବି
ଖେଳ ଆରମ୍ଭ-**ରାତି ୭ଟା ୩୦**
ପ୍ରସାରଣ- **ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
ଷ୍ଟ୍ରିମିଂ- **ଡିସ୍‌ନୀ ହଟ୍‌ଷ୍ଟାର**

### ସଞ୍ଜୁ ସାମ୍‌ସନଙ୍କୁ ୧୨ ଲକ୍ଷ ଜରିମାନା

ଦୁବାଇ, ୨୨।୯ (ଏଜେନ୍ସି): ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନଙ୍କୁ ଜରିମାନା କରାଯାଇଛି। ମଙ୍ଗଳବାର ଖେଳାଯାଇଥିବା ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ଦଳ ମନ୍ଥର ବୋଲିଂ କରିଥିବାରୁ ସାମସନଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ହୋଇଛି। ସାମସନଙ୍କ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୨୦ ଓଭର ପୂରଣ କରିପାରି ନ ଥିଲା। ତେବେ ଉକ୍ତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୨ ରନ୍‌ର ଚିତ୍ତାକର୍ଷକ ବିଜୟ ହାସଲ କରିଥିଲା। ଶେଷ ଓଭରରେ ପଞ୍ଜାବକୁ ବିଜୟୀ ହେବାକୁ ମାତ୍ର ୪ ରନ୍ ଆବଶ୍ୟକ ହେଉଥିବାବେଳେ ଫାଷ୍ଟ ବୋଲର କାର୍ତ୍ତିକ ତ୍ୟାଗୀ ବୋଲିଂ କରିବାକୁ ଆସି ନିକୋଲାସ ପୁରନ ଓ ଦୀପକ ହୁଦାଙ୍କୁ ଆଉଟ୍ କରିବା ସହ ମାତ୍ର ଗୋଟିଏ ରନ୍ ଦେଇଥିଲେ। ଫଳରେ ପଞ୍ଜାବ ହାତରୁ ନିଶ୍ଚିତ ବିଜୟ ଛଡ଼ାଇ ଆଣିଥିଲା ରାଜସ୍ଥାନ।

## ଟି. ନଟରାଜନ୍ କରୋନା ଆକ୍ରାନ୍ତ



ଦୁବାଇ, ୨୨।୯ (ଏଜେନ୍ସି): ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ସନରାଇଜର୍ସ ହାଇଦରାବାଦ୍ ପେସ୍ ବୋଲର ଟି. ନଟରାଜନ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କର କୋଭିଡ୍ ଟେଷ୍ଟ ପଜିଟିଭ ଆସିଥିବା ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ନଟରାଜନଙ୍କ ଆରଟି-ପିସିଆର ଟେଷ୍ଟ କରାଯାଇଥିଲା। ତାହା ପଜିଟିଭ ଆସିଛି। ସେ ଏବେ ପୃଥକବାସରେ ଅଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ୫ଜଣ ସଦସ୍ୟ ମଧ୍ୟ ଆଇସୋଲେସନରେ ରହିଛନ୍ତି। ସେମାନେ ହେଲେ ବିଜୟ କୁମାର (ଟିମ୍ ମ୍ୟାନେଜର), ଜେ. ଶ୍ୟାମସୁନ୍ଦର (ଫିଜିଓଥେରାପିଷ୍ଟ), ଅଞ୍ଜନ ଭାନ୍ନନ (ଡାକ୍ତର), ତୁଷାର ଖେଦକର (ଲଜିଷ୍ଟିକ୍ସ ମ୍ୟାନେଜର) ଓ ପେରିୟାସାମି ଗଣେଶନ (ନେଟ୍ ବୋଲର)ଙ୍କ ବୁଧବାର କୋଭିଡ୍ ଟେଷ୍ଟ କରାଯାଇଥିଲେ ହେଁ ଏହା ନେଗେଟିଭ ଆସିଛି। ପୂର୍ବରୁ କରୋନାଜନିତ ମାମଲା ଲାଗି ଚଳିତ ୧୪ତମ ସଂସ୍କରଣ ମେ ମାସରେ ଅଧାରୁ ସ୍ଥଗିତ କରିଦିଆଯାଇଥିଲା।

### ଜାତୀୟ ଜୁନିଅର ଖୋ ଖୋ ଉଦ୍‌ଘାଟିତ

# ଓଡ଼ିଶା ବାଳକ ଦଳର ବିଜୟ ଅଭିଯାନ

**ଭୁବନେଶ୍ୱର, ୨୨।୯ (ସମିସ)**

ଓଡ଼ିଶା ଖୋ ଖୋ ଆସୋସିଏସନ୍ ଆସୋସିଏସନ୍, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ବୁଧବାର ୪୦ତମ ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହକି ପ୍ରମୋସନ କାଉନସିଲର ଅଧ୍ୟକ୍ଷ ତଥା ଅଲିମ୍ପିଆନ୍ ଦିଲ୍ଲୀପ୍ ତିର୍କୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରିଷ୍ଣା ଅତିଥିଭାବେ ଯୋଗ ଦେଇ କିଟ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର କମ୍ପ୍ଲେକ୍ସରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଖୋ ଖୋ ମହାସଂଘର ସାଧାରଣ ସମ୍ପାଦକ ଏମ୍.ଏସ୍. ତ୍ୟାଗୀ, ଓଡ଼ିଶା ଖୋ ଖୋ ଆସୋସିଏସନ୍‌ର ସଭାପତି ନାରାୟଣ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

ଉଦ୍‌ଘାଟନୀ ଦିବସରେ ଓଡ଼ିଶା ବାଳକ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା (୨୮) ୨୨ ପଏଣ୍ଟରେ ମଧ୍ୟପ୍ରଦେଶ (୬)କୁ ପରାସ୍ତ କରିଛି। ବାଳକ ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ପୁଡୁଚେରୀ ୯ ପଏଣ୍ଟରେ ହିମାଚଳପ୍ରଦେଶକୁ, ମହାରାଷ୍ଟ୍ର ୨୬ ପଏଣ୍ଟରେ ନାଗାଲାଣ୍ଡକୁ, ଆନ୍ଧ୍ରପ୍ରଦେଶ ୧୨ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ରାଜସ୍ଥାନ ୭ ପଏଣ୍ଟରେ ଉତ୍ତରାଖଣ୍ଡକୁ, କେରଳ ୨୧ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଝାଡ଼ଖଣ୍ଡ ୨୬ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ ପରାସ୍ତ କରିଛି। ଅପରପକ୍ଷରେ ମହିଳା ବିଭାଗରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ ୨୩ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ପଞ୍ଜାବ ୩୪ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଉତ୍ତରାଖଣ୍ଡ ୭ ପଏଣ୍ଟରେ ବିହାରକୁ, ତେଲେଙ୍ଗାନା ୨ ପଏଣ୍ଟରେ ଆସାମକୁ ମାତ୍ ଦେଇଛି। ଏହି ୫ ଦିନିଆ ପ୍ରତିଯୋଗିତାରେ ୫୩ ଟିମ୍ (ବାଳକ ଓ ବାଳିକା)ର ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ବାଳକ ଦଳ ଗ୍ରୁପ୍-ଡି'ରେ କର୍ଣ୍ଣାଟକ, ବିହାର, ମଧ୍ୟପ୍ରଦେଶ ଓ ମେଘାଳୟ ସହ ସ୍ଥାନ ପାଇଛି। ସେହିଭଳି ଆନ୍ଧ୍ରପ୍ରଦେଶ, ମଣିପୁର, ଜାମ୍ମୁ ଆଣ୍ଡ କଶ୍ମୀର ସହ ଓଡ଼ିଶା ବାଳିକା ଦଳ ଗ୍ରୁପ୍-ଇ'ରେ ରହିଛି। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ଆସନ୍ତାବର୍ଷ ହରିୟାଣାର ପଞ୍ଚକୁଳାରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ଜଣାପଡ଼ିଛି।






ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ। ବାଳିକା ବିଭାଗର ଏକ ମ୍ୟାଚ୍‌ର ରୋମାଞ୍ଚକ ଦୃଶ୍ୟ

## ଅଡୁଆରେ ମାର୍ଲନ ସାମୁଏଲ୍ସ



ଦୁବାଇ, ୨୨।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ପ୍ରାକ୍ତନ ଅଲ୍‌ରାଉଣ୍ଡର ମାର୍ଲନ ସାମୁଏଲ୍ସଙ୍କ ଉପରେ ଗମ୍ଭୀର ଆରୋପ ଲାଗିଛି। ରିପୋର୍ଟ ମୁତାବକ ଏକ ଟି-୧୦ ଲିଗ୍ ସମୟରେ ସାମୁଏଲ୍ସ କେତେକ ଅଜ୍ଞାତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ଯାହାର ସୂଚନା ସେ ସଠିକ୍ ସମୟରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିକୁ ଅବଗତ କରି ନ ଥିଲେ। ଯେଉଁଥି ପାଇଁ ସେ ଆଇସିସିର ଦୁର୍ନିତୀ ନିବାରଣ ନିୟମର ଧାରା ୨.୪.୨, ୨.୪.୩, ୨.୪.୬ ଉଲ୍ଲଂଘନ କରିଛନ୍ତି। ଅଭିଯୋଗର ଜବାବ ଦେବା ଲାଗି ଆଇସିସି ତାଙ୍କୁ ୧୪ ଦିନର ସମୟ ଦେଇଛି। ଉଲ୍ଲେଖଯୋଗ୍ୟ, ୨୦୦୦ରୁ ୨୦୧୮ ମଧ୍ୟରେ ସାମୁଏଲ୍ସ ୱେଷ୍ଟଇଣ୍ଡିଜ ପକ୍ଷରୁ ୭୧ ଟେଷ୍ଟ, ୨୦୭ ଏକଦିବସୀୟ ଓ ୬୭ ଟି-୨୦ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ମୋଟ୍ ଉପରେ ୧୧ ହଜାର ୧୩୪ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ତାଙ୍କ ନାମରେ ୧୫୨ ୱିକେଟ୍ ଲିପିବଦ୍ଧ ରହିଛି। ୨୦୧୮ରେ ସାମୁଏଲ୍ସ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।


MAHAVIR COLLEGE OF NURSING
Recognised by: Health & Family welfare Department, Govt of Odisha, Odisha Nursing Council, Directorate of Medical Education & Training, Odisha
ADMISSION OPEN 2021-22
COURSES OFFERED:
1. ANM- 2 Yrs (+2 any Stream), 2. GNM- 3 Yrs. (+2 any Stream)
3. DMLT- 2 Yrs. (+2 Science), 4. B.Sc Nursing- 4 Yrs. (+2 Science-PCB)
5. Diabetes Assistant- 1 Yr. (+2 Any Stream)
6. Dental Assistant- 1 Yr. (+2 any Stream)
100% Placement | Spot Admission | Hostel Facility Available
Address & Contact
Campus1: Mahapatra Complex, Gobindpali Chowk, Bargarh
Campus2: Near Fly Over Bridge, Bhatli Chowk, Bargarh
Contact No.: 9937292549 I 9937578179 I 898491095 I 9692675005
Mail: mahavircollegeofnursing@gmail.com I mahavirschoolofnursing@gmail.com
Website: www.mahavircollegeofnursing.org


# ରୌପ୍ୟ ବିଜୟୀ ଭାରତୀୟ ରଗ୍‌ବୀ ଦଳକୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୨।୯ (ସମିସ)**

ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଶେଷ ହୋଇଥିବା ୧୮ ବର୍ଷରୁ କମ୍ ମହିଳା ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ପଦକ ବିଜୟିନୀ ଭାରତୀୟ ମହିଳା ରଗ୍‌ବୀ ଦଳକୁ ବୁଧବାର ଓଡ଼ିଶା ସରକାର ସମ୍ବର୍ଦ୍ଧିତ କରିଛନ୍ତି। ଭାରତୀୟ ରଗ୍‌ବୀର ପ୍ରାୟୋଜକ ରହିଥିବା ଓଡ଼ିଶା ସରକାରଙ୍କ ସମେତ ରଗ୍‌ବୀ ଇଣ୍ଡିଆ ଓ ଅନ୍ୟ ଅଂଶୀଦାର ବ୍ଲେଡ୍ ଅର୍ବାନ ଏୟାର ମୋବିଲିଟୀ (ଭାରତ) ପକ୍ଷରୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା। ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଭାରତୀୟ ମହିଳା ରଗ୍‌ବୀ ଦଳର ଖେଳାଳିଙ୍କ ସମେତ ସହାୟକ ଷ୍ଟାଫ୍‌ଙ୍କୁ ମୋଟ୍ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏହି ଅବସରରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜରିଆରେ ଭାରତୀୟ ଦଳର ସଫଳତାକୁ ନେଇ ପ୍ରଶଂସା କରିଛନ୍ତି।

ଲୋକସେବା ଭବନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସାଂସଦ ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରୀଷ୍ଣା, ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନର ସଭାପତି ବିକ୍ରମ ଆହୁଜା, ଅଭିନେତା ତଥା ରଗ୍‌ବୀ ଇଣ୍ଡିଆର ସଦସ୍ୟ ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏସନର ସଭାପତି ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। 'ଭାରତୀୟ ଦଳ ପ୍ରଦର୍ଶନ ଆମ ସମସ୍ତଙ୍କୁ ଗର୍ବିତ କରିଛି। ଏତେ କମ୍ ବୟସରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିବା ପ୍ରତ୍ୟେକ ଖେଳାଳିଙ୍କୁ ପ୍ରଶଂସା କରୁଛି। ଏହି ପ୍ରଦର୍ଶନ ସେମାନଙ୍କୁ ପରବର୍ତ୍ତୀ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସହାୟକ କରିବା ଲାଗି ଏକ ସୁଯୋଗ। ସବୁଥର ଭଳି ଓଡ଼ିଶା ରଗ୍‌ବୀ ଦଳର ଯାତ୍ରାରେ ସମର୍ଥନ ଜାରି ରଖିବ' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରରେ କହିଛନ୍ତି।

ପ୍ରକାଶଯୋଗ୍ୟ, ଭାରତୀୟ ୧୮ ବର୍ଷରୁ କମ୍ ମହିଳା ଦଳ ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାର ଫାଇନାଲରେ ୧୭-୨୧ରେ ୟୁଏଇ ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ଜଣ ଖେଳାଳି ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ ସାମିଲ ରହିଥିଲେ। ଫାଇନାଲରେ ତରୁଲତା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।





ସକାଳ THE SAKALA
SAKALA MEDIA PVT. LTD.
Plot No.- N-3/441,IRC Village, Nayapalli, Bhubaneswar-15
ପ୍ରିୟ ପାଠକ / ପାଠିକା,
'ସକାଳ' ଖବରକାଗଜ ପାଇବାରେ ଅସୁବିଧା ହେଉଥିଲେ ଆପଣ ନିମ୍ନ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରିପାରିବେ।
BHUABNESWAR
Ashoka Market
Prabodha - 9776355222
Chandrasekharpur
Rajesh - 9090490990
Old Town
Dinabandhu - 9937615111
C.R.P.
Bijaya - 9040246520
Khandagiri
Ashok - 8114773314
KHURDA, NAYAGARH, PURI
Sudhanshu - 6371694142
BERHAMPUR, GANJAM GAJAPATI, KANDHAMALA
Kanhei- 9777127070
JEYPORE
SUDHIR- 9777005500
CUTTACK
Prasanta - 8249018397
SAMBALPUR
Sudam - 7008081464
Sibu - 9337050279
UPAKULA
Gyana - 7438865336
BALASORE
Kalinga - 9348955071
ପ୍ରସାର ବିଭାଗ, ସକାଳ



PUBLISHED BY AMIT KUMAR MALLICK FOR SAKALA MEDIA PVT. LTD., PLOT NO. N-3/441, IRC VILLAGE, NAYAPALLI, BHUBANESWAR-15, PH: 0674-2954342/ 2955342
PRINTED AT ASHIRBAD PRAKASHAN PVT. LTD., PLOT- 45, SEC.-A, ZONE-D, M.I. ESTATE, P.O-RASULGARH, BHUBANESWAR-10
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର